# ଧରିତ୍ରୀ
DHARITRI

ଢେଙ୍କାନାଳ, ମଙ୍ଗଳବାର, ଜୁନ୍ ୧/୨୦୨୧ (୧୨ ପୃଷ୍ଠା) | Dhenkanal, Tuesday, June 1/2021 | ★★★★★

୧୭ଶ ଭାଗ ୧୦୪ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹୭/-




**ଦାନ ପାଇଁ ଚାପ ପଡ଼ୁଛି**

କୋଭିଡ୍ କାଳରେ ଅନେକ ସେଲିବ୍ରିଟି ଲୋକଙ୍କୁ ସହାୟତା କରୁଥିବା ସତ୍ତ୍ୱେ ଦାନ ପାଇଁ ସେମାନଙ୍କ ଉପରେ ଚାପ ପଡ଼ୁଛି ବୋଲି କହିଛନ୍ତି ଅଭିନେତ୍ରୀ ତମନ୍ନା ଭାଟିଆ। ୧୦

୧୨ **ଦ୍ୱିତୀୟ ରାଉଣ୍ଡରେ ସ୍ୱିଟେକ୍**

ସ୍ଲୋଭାକିଆର କାଜା ଜୁଭାନଙ୍କୁ ହରାଇ ଫ୍ରେଞ୍ଚ୍ ଓପନ ଗ୍ରାଣ୍ଡସ୍ଲାମ ଟେନିସ ଦ୍ୱିତୀୟ ରାଉଣ୍ଡରେ ପ୍ରବେଶ କରିଛନ୍ତି ପୋଲାଣ୍ଡର ଇଗା ସ୍ୱିଟେକ୍।



# ବାସ୍ତବତାକୁ ଦୃଷ୍ଟି ଦିଅ

## କେନ୍ଦ୍ରର ଟିକା ନୀତିକୁ ନେଇ ପ୍ରଶ୍ନ ଉଠାଇଲେ ସର୍ବୋଚ୍ଚ ଅଦାଲତ

**ନୂଆଦିଲ୍ଲୀ, ୩୧ା୫**

କରୋନା ସଂକ୍ରମଣରୁ ବର୍ତ୍ତିବା ଲାଗି ଜନସାଧାରଣ ଟିକା ଉପରେ ଭରସା କରୁଥିବାବେଳେ ଯୋଗାଣ ଅଭାବରୁ ଟିକାକରଣ ଅଭିଯାନ ଆଗେଇ ପାରୁନାହିଁ। ଲୋକେ ଅନ୍‌ଲାଇନରେ ସ୍ଲଟ୍ ବୁକ୍ କରିବା ସତ୍ତ୍ୱେ ଟିକା ପାଇପାରୁନାହାନ୍ତି। ଅନେକ କୋୱିନ୍ ଆପ୍‌ରେ ନାମ ପଞ୍ଜୀକରଣ କରି ନ ପାରି ନିରାଶ ହେଉଛନ୍ତି। ଫଳରେ ସରକାରଙ୍କ ଟିକାକରଣ ନୀତି ସମ୍ପୂର୍ଣ୍ଣ ବିଫଳ ହୋଇଥିବା ସ୍ପଷ୍ଟ ହୋଇଛି। କେନ୍ଦ୍ର ସରକାରଙ୍କ ଟିକା ସଂଗ୍ରହ ନୀତି ଏବଂ ଲୋକମାନେ ଟିକା ନେବା ପାଇଁ କୋୱିନ୍ ଆପ୍‌ରେ ନାମ ପଞ୍ଜୀକରଣ ବାଧ୍ୟତାମୂଳକ କରାଯିବାର ଆବଶ୍ୟକତାକୁ ନେଇ ସୁପ୍ରିମକୋର୍ଟ ସୋମବାର ପ୍ରଶ୍ନ ଉଠାଇଛନ୍ତି। ବାସ୍ତବ ଡିଜିଟାଲ ଇଣ୍ଡିଆ ସ୍ଥିତିକୁ ନଜରରେ ନ ରଖି ଏଭଳି ନୀତି



ପ୍ରଣୟନ ହୋଇଛି। ନୀତି ନିର୍ଦ୍ଧାରକମାନେ ସତ୍ୟତାକୁ ହୃଦୟଙ୍ଗମ କରିବା ଆବଶ୍ୟକ ବୋଲି ସର୍ବୋଚ୍ଚ ଅଦାଲତ ମତ ଦେଇଛନ୍ତି।

ଟିକାକରଣରେ ଅବ୍ୟବସ୍ଥାକୁ ନେଇ ସର୍ବୋଚ୍ଚ ଅଦାଲତ ନିଜଆଡ଼ୁ ମାମଲା ବିଚାର ପାଇଁ ନେଇଥିଲେ। କୋୱିନ ରେଜିଷ୍ଟ୍ରେଶନକୁ ବାଧ୍ୟତାମୂଳକ କରାଯାଇଥିବାବେଳେ ଡିଜିଟାଲଠାରୁ ଦୂରରେ ଥିବା ଲୋକମାନଙ୍କ ଟିକାକରଣ ପାଇଁ କ'ଣ ପଦକ୍ଷେପ ନିଆଯାଇଛି ବୋଲି ଜଷ୍ଟିସ୍ ଡି.ୱାଇ. ଚନ୍ଦ୍ରଚୂଡ଼, ଏଲ୍.ଏନ୍. ରାଓ ଏବଂ ଏସ୍. ରବୀନ୍ଦ୍ର ଭଟ୍ଟଙ୍କୁ ନେଇ ସ୍ୱତନ୍ତ୍ର ପୀଠ କେନ୍ଦ୍ରକୁ ପ୍ରଶ୍ନ କରିଛନ୍ତି। ଗ୍ରାମାଞ୍ଚଳରେ କେତେଜଣଙ୍କୁ ଡିଜିଟାଲ ସୁବିଧା ମିଳୁଛି। ଝାଡ଼ଖଣ୍ଡର ଜଣେ ଅଶିକ୍ଷିତ ଶ୍ରମିକ ରାଜସ୍ଥାନରେ କିପରି ନାମ ପଞ୍ଜୀକରଣ କରିବ ବୋଲି ଖଣ୍ଡପୀଠ ସଲିସିଟର ଜେନେରାଲ ତୁଷାର ମେହେଟ୍ଟାଙ୍କୁ ପ୍ରଶ୍ନ କରିଥିଲେ। ବାସ୍ତବ ସ୍ଥିତିକୁ ହୃଦୟଙ୍ଗମ କରି ସେହି ଅନୁଯାୟୀ ନୀତିରେ ପରିବର୍ତ୍ତନ କରିବାକୁ ହେବ। ଅଦାଲତଙ୍କୁ ଏହା କରିବାକୁ ହୋଇଥିଲେ ୧୫-୨୦ ଦିନ ପୂର୍ବରୁ କରିସାରିଥାନ୍ତୁ ବୋଲି ଖଣ୍ଡପୀଠ କହିଛନ୍ତି।

ସେହିପରି ଟିକା ସଂଗ୍ରହକୁ ନେଇ ରାଜ୍ୟ ରାଜ୍ୟ ମଧ୍ୟରେ ପ୍ରତିଦ୍ୱନ୍ଦ୍ୱିତା ସୃଷ୍ଟି ହୋଇଛି। ବିଭିନ୍ନ ରାଜ୍ୟ ବିଦେଶରୁ ଟିକା ଆଣିବା ଲାଗି ଗ୍ଲୋବାଲ ଟେଣ୍ଡର ଆହ୍ୱାନ କରିଛନ୍ତି। ଏହା କ'ଣ ଟିକା ସଂଗ୍ରହ କରିବାର କେନ୍ଦ୍ରୀୟ ନୀତି କି ବୋଲି ସର୍ବୋଚ୍ଚ ଅଦାଲତ ପ୍ରଶ୍ନ କରିଛନ୍ତି। କୋଭିଡ୍ ଭାକ୍ସିନ ଉପରେ ଏକ ଜାତୀୟ ନୀତି ଦସ୍ତାବିଜ୍ ଦାଖଲ କରିବାରେ କେନ୍ଦ୍ର ବିଫଳ ହୋଇଥିବା ଖଣ୍ଡପୀଠ କହିଛନ୍ତି। ଦ୍ୱିତୀୟ ଲହରରେ ୧୮ରୁ ୪୪ ବର୍ଷ ବୟସ ବର୍ଗର ଲୋକେ ବେଶି ସଂକ୍ରମିତ ହେଉଛନ୍ତି। କେବଳ ୪୫ ବର୍ଷରୁ ଊର୍ଦ୍ଧ୍ୱଙ୍କୁ ମାଗଣା ଟିକା ଦିଆଯାଉଥିଲାବେଳେ ସେମାନଙ୍କ ପାଇଁ କାହିଁକି ନୁହେଁ ବୋଲି ଅଦାଲତ ପ୍ରଶ୍ନ କରିଥିଲେ। ଅନ୍ୟପକ୍ଷରେ ବର୍ଷ ଶେଷ ସୁଦ୍ଧା ଦେଶରେ ଟିକାକରଣ ସମ୍ପୂର୍ଣ୍ଣ ହେବା ଆଶା ରହିଛି ବୋଲି ସରକାର ଅଦାଲତଙ୍କୁ ଜଣାଇଛନ୍ତି। ଦେଶର ଟିକା ନୀତିକୁ ନେଇ ଶୁଣାଣି ବେଳେ ଏକାଧିକ ପ୍ରଶ୍ନ ଉଠିବାରୁ ସରକାର ଦୁଇ ସପ୍ତାହ ମଧ୍ୟରେ ସତ୍ୟପାଠ ଜରିଆରେ ଏହାର ଜବାବ ରଖିବାକୁ ଖଣ୍ଡପୀଠ ନିର୍ଦ୍ଦେଶ ଦେବା ସହ ମାମଲାର ଶୁଣାଣିକୁ ସ୍ଥଗିତ ରଖିଛନ୍ତି।

# କୋଭିଡ୍ ମୂଳକୁ ଖୋଜ

**ନଚେତ୍ ଏକାଧିକ ମହାମାରୀ ଭୋଗିବାକୁ ପଡ଼ିବ: ଆମେରିକା ବିଶେଷଜ୍ଞ**

**ୱାଶିଂଟନ, ୩୧ା୫**

କୋଭିଡ୍-୧୯ର ମୂଳ ଖୋଜି ବାହାର କରିବା ସହ ଭବିଷ୍ୟତ ମହାମାରୀ ଆଶଙ୍କାକୁ ରୋକିବାକୁ ହେବ। ଏଥିପାଇଁ ସାରା ବିଶ୍ୱ ଚାଇନା ସରକାରଙ୍କ ସହଯୋଗ ଚାହେଁ ବୋଲି ଆମେରିକାର ପ୍ରମୁଖ ରୋଗ ବିଶେଷଜ୍ଞ କହିଛନ୍ତି। ଚାଇନାର ଉହାନ୍ ଗବେଷଣାଗାରରୁ ସାର୍ସ-କୋଭ-୨ ଭୂତାଣୁ ବାହାରିଥିବା ସୂତ୍ର ପ୍ରତି ସମର୍ଥନ ବଢ଼ୁଥିବା ଆମେରିକାର ଖାଦ୍ୟ ଓ ଡ୍ରଗ୍ ପ୍ରଶାସନର ପୂର୍ବତନ କମିଶନର ସ୍କଟ୍ ଗୋଟ୍ଲିଏବ୍ କହିଛନ୍ତି। ତେବେ ଏହାକୁ ଭୁଲ୍ ପ୍ରମାଣିତ କରିବା ଲାଗି ଚାଇନା ଏପର୍ଯ୍ୟନ୍ତ ଯଥେଷ୍ଟ ତଥ୍ୟ ପ୍ରମାଣ ଦେଇନାହିଁ। ବନ୍ୟପ୍ରାଣୀଠାରୁ କୋଭିଡ୍ ଭୂତାଣୁ ସୃଷ୍ଟି ସମ୍ପର୍କରେ ମଧ୍ୟ ପ୍ରମାଣ ମିଳିପାରି ନ ଥିବା ଗୋଟ୍ଲିଏବ୍ ସିବିଏସ୍ ନ୍ୟୁଜ୍‌ର 'ଫେସ୍ ଦି ନେଶନ'କୁ କହିଛନ୍ତି।

ଅନ୍ୟପକ୍ଷରେ ମହାମାରୀ କିପରି ଆରମ୍ଭ ହେଲା ଏବଂ ଏହା ଜଣା ନ ପଡ଼ିଲେ, ଭବିଷ୍ୟତରେ ଏଭଳି ମହାମାରୀର ଭୟ ରହିବ ବୋଲି ଟେକ୍ସାସ୍ ଚିଲ୍ଡ୍ରେନ୍ସ ହସ୍ପିଟାଲ ସେଣ୍ଟର ଫର୍ ଭାକ୍ସିନ ଡେଭେଲପମେଣ୍ଟର ସହନିର୍ଦ୍ଦେଶକ ପିଟର ହୋଟେଜ୍ କହିଛନ୍ତି। କୋଭିଡ୍-୧୯ର ମୂଳ ସମ୍ପର୍କରେ ସମ୍ପୂର୍ଣ୍ଣ ବୁଝି ନ ପାରିଲେ ଆମକୁ କୋଭିଡ୍-୨୬ ଏବଂ କୋଭିଡ୍-୩୨ ଭଳି ମହାମାରୀର ସମ୍ମୁଖୀନ ହେବାକୁ ପଡ଼ିପାରେ ବୋଲି ସେ ଏନ୍‌ବିସିର 'ମିଟ୍ ଦି ପ୍ରେସ୍' କାର୍ଯ୍ୟକ୍ରମରେ କହିଛନ୍ତି।

ଦେଢ଼ ବର୍ଷ ପୂର୍ବେ ଚାଇନାର ଉହାନସ୍ଥିତ ସାମୁଦ୍ରିକ ଖାଦ୍ୟ ବଜାରରେ କରୋନା ଭୂତାଣୁ ପ୍ରଥମେ ଚିହ୍ନଟ ହୋଇଥିଲା, ଯାହାର ମୂଳ ଉତ୍ସ ଏପର୍ଯ୍ୟନ୍ତ ଅସ୍ପଷ୍ଟ ରହିଛି। ଏହା ବନ୍ୟପ୍ରାଣୀଠାରୁ ମାନବ ଶରୀରକୁ ଆସିଥିବାର ସର୍ବାଧିକ ସମ୍ଭାବନା ରହିଥିବା ବୈଜ୍ଞାନିକମାନେ ପରିକଳ୍ପନା କରୁଛନ୍ତି। ତେବେ ଗବେଷଣା ଲାବ୍‌ରୁ ଭୁଲ୍‌ବଶତଃ ଉକ୍ତ ଭୂତାଣୁ ବାହାରକୁ ଆସିଥିବା ନେଇ ଆମେରିକା ଅଭିଯୋଗ କରିଆସୁଛି। ତୁରନ୍ତ ଭୂତାଣୁର ମୂଳ ଖୋଜି ବାହାର କରି ୯୦ ଦିନ ମଧ୍ୟରେ ରିପୋର୍ଟ ଦେବା ଲାଗି ଗତ ବୁଧବାର ଆମେରିକା ରାଷ୍ଟ୍ରପତି ଜୋ ବାଇଡେନ୍ ଗୋଇନ୍ଦା ସଂସ୍ଥାକୁ ନିର୍ଦ୍ଦେଶ ଦେଇଥିଲେ।

# ମାସକରେ ୭୧୧ ମୃତ

## ୩.୨୦ ଲକ୍ଷରୁ ଊର୍ଦ୍ଧ୍ୱ ସଂକ୍ରମିତ

**ଘାତକ ସାଜିଲା ମେ'**

- ଏପ୍ରିଲଠାରୁ ୩ ଗୁଣ ଅଧିକ ସଂକ୍ରମଣ
- ମୃତ୍ୟୁ ବଢ଼ିଗଲା ୬ ଗୁଣା



**ଭୁବନେଶ୍ୱର, ୩୧ା୫(ବ୍ୟୁରୋ)**

କରୋନା ଦ୍ୱିତୀୟ ଲହର ନିଦ ହଜାଇ ଦେଇଛି। ବିଶେଷଜ୍ଞମାନେ ଯାହା ଆଶଙ୍କା କରୁଥିଲେ ତାହା ହିଁ ହୋଇଛି। ରାଜ୍ୟ ପାଇଁ ମେ' ମାସ ଘାତକ ପ୍ରମାଣ ହୋଇଛି। ଏପ୍ରିଲଠାରୁ ମେ'ରେ ସଂକ୍ରମଣ ୩ ଗୁଣା ହୋଇଥିବାବେଳେ ମୃତ୍ୟୁ ପାଖାପାଖି ୬ ଗୁଣା ବଢ଼ିଛି। ଏପ୍ରିଲରେ ୧,୦୩,୨୭୭ ଆକ୍ରାନ୍ତ ଚିହ୍ନଟ ହୋଇଥିଲେ। କିନ୍ତୁ ମେ'ରେ ୩,୨୦,୮୦୩ ଆକ୍ରାନ୍ତ ହୋଇଛନ୍ତି। କେବଳ ସଂକ୍ରମଣ ନୁହେଁ, ମୃତ୍ୟୁରେ ମଧ୍ୟ ବାରମ୍ବାର ସର୍ବକାଳୀନ ରେକର୍ଡ ଭାଙ୍ଗିଥିଲା କରୋନା। ଯଦିଓ ସଂକ୍ରମଣ ଶୀର୍ଷରେ ଛୁଇଁ ସାରିଛି ବୋଲି କୁହାଯାଉଛି, କିନ୍ତୁ ମୃତ୍ୟୁ ପାଇଁ ଚିନ୍ତା ବଢ଼ୁଛି। ଦ୍ୱିତୀୟ ଲହର ଏତେ ଘାତକ ହେଉଛି ଯେ, କେହି ସଂକ୍ରମିତ ହେଲେ ଜୀବନକୁ ନେଇ ଚିନ୍ତା ଘାରୁଛି। ସ୍ଥିତି ଏପରି ହୋଇଛି, କେବଳ ମେ'ରେ ୭ଶହରୁ ଊର୍ଦ୍ଧ୍ୱ ଜୀବନ ଯାଇଛି। ଏପ୍ରିଲରେ ୧୨୨ଜଣଙ୍କ ମୃତ୍ୟୁ ହୋଇଥିଲା। ହେଲେ ମେ' ୩୦ ଦିନରେ ୭୧୧ଜଣ ଆଖି ବୁଜିଥିବା ସ୍ୱାସ୍ଥ୍ୟ ବିଭାଗର ତଥ୍ୟରୁ ଜଣାପଡିଛି। କିନ୍ତୁ ରାଜ୍ୟର ବିଭିନ୍ନ ଶ୍ମଶାନର ବାସ୍ତବ ଚିତ୍ର ଓ ଗଣମାଧ୍ୟମ ତଥ୍ୟକୁ ଦେଖିଲେ କରୋନା ମୃତ୍ୟୁ ଏହାଠାରୁ ଢେର୍ ଅଧିକ ବୋଲି ଜଣାପଡୁଛି।

ପ୍ରତିଦିନ କରୋନାରେ ୩୦ରୁ ଊର୍ଦ୍ଧ୍ୱ ଲୋକଙ୍କ ମୃତ୍ୟୁ ଘଟୁଥିବାବେଳେ ଗତ ୨୪ ଘଣ୍ଟାରେ ଆଉ ୩୫ଜଣଙ୍କ ☞ପୃଷ୍ଠା-୪

# ୭.୩% ଖସିଲା ଜିଡିପି

## ୪ ଦଶନ୍ଧିର ସବୁଠୁ ଖରାପ ସ୍ଥିତିରେ ଅର୍ଥ ବ୍ୟବସ୍ଥା

- ୨୦୨୦-୨୧ରେ ଭାରତର ରିୟଲ୍ ଜିଡିପି ୧୩୫ ଲକ୍ଷ କୋଟି
- ୨୦୧୯-୨୦ରେ ଥିଲା ୧୪୫ ଲକ୍ଷ କୋଟି




**ନୂଆଦିଲ୍ଲୀ,୩୧ା୫**

କରୋନା ମହାମାରୀ ସଂକ୍ରମଣ ଭାରତୀୟ ଅର୍ଥ ବ୍ୟବସ୍ଥାକୁ ଗଭୀର ଆଘାତ ଦେଇଛି। ଫଳରେ ଆର୍ଥିକ ବର୍ଷ ୨୦୨୦-୨୧ରେ ଦେଶର ମୋଟ ଘରୋଇ ଉତ୍ପାଦ (ଜିଡିପି) ୭.୩% ଖସିଛି। ଏହା ୪ ଦଶନ୍ଧିର ସବୁଠାରୁ ଖରାପ ସ୍ଥିତି ବୋଲି ଜଣାପଡିଛି। ଜିଡିପି ଏହାଠାରୁ ଅଧିକ ଖସିବ ବୋଲି ମଧ୍ୟ ଆକଳନ କରାଯାଇଥିଲା। ହେଲେ ଏ କ୍ଷେତ୍ରରେ ସ୍ଥିତିରେ କିଛିଟା ଉନ୍ନତି ପରିଲକ୍ଷିତ ହେଉଛି। ଚତୁର୍ଥ ତ୍ରୈମାସରେ ଅର୍ଥ ବ୍ୟବସ୍ଥା ଟ୍ରାକ୍‌କୁ ଫେରୁଥିବା ଦେଖାଯାଇଛି। ଜାନୁୟାରୀ-ମାର୍ଚ୍ଚ ତ୍ରୈମାସ ଅବଧିରେ ଏସିଆର ତୃତୀୟ ବୃହତ୍ ଅର୍ଥ ବ୍ୟବସ୍ଥା ୧.୬% ବଢ଼ିଛି। ଏହାର ପୂର୍ବ ତ୍ରୈମାସରେ ଅଭିବୃଦ୍ଧି ୦.୫% ସ୍ତରରେ ରହିଥିଲା। ଭାରତ ଗତ ଆର୍ଥିକ ☞ପୃଷ୍ଠା-୪

## କାଳିମେଳାରେ ପେଟ୍ରୋଲ ଲିଟର ୧୦୧ ଟଙ୍କା

**ମେ'ରେ ପେଟ୍ରୋଲ ୩.୮୪, ଡିଜେଲ ୪.୮୦ଟଙ୍କା ବଢ଼ିଛି**

**ନୂଆଦିଲ୍ଲୀ/ଭୁବନେଶ୍ୱର,୩୧ା୫:** କରୋନା ମହାମାରୀ ସମୟରେ ଦେଶରେ ତୈଳ ଦର କ୍ରମାଗତ ଭାବେ ବୃଦ୍ଧି ପାଇ ଚାଲିଛି। ମେ' ମାସରେ ଦିନେ ପରେ ଦିନେ ଏପରି ୧୬ ଥର ତେଲ ଦର ପରିବର୍ତ୍ତନ ହୋଇଛି। ଦିନକର ବିରତି ପରେ ସୋମବାର ପୁଣି ଥରେ ପେଟ୍ରୋଲ ୩୦ ପଇସା ଏବଂ ଡିଜେଲ ୨୯ ପଇସା ବଢ଼ିଛି। ଫଳରେ ଭୁବନେଶ୍ୱରରେ ପେଟ୍ରୋଲ ଲିଟର ପିଛା ୯୪.୯୬ ଟଙ୍କା ଏବଂ ଡିଜେଲ ୯୨.୭୮ ଟଙ୍କାରେ ବିକ୍ରି ହେଉଛି। ଫଳରେ ମେ' ମାସରେ ରାଜ୍ୟରେ ଡିଜେଲ ଲିଟର ପିଛା ୪.୮୦ ଟଙ୍କା ଏବଂ ପେଟ୍ରୋଲ ୩.୮୪ ଟଙ୍କା ବଢ଼ିଥିବା ଉତ୍କଳ ପେଟ୍ରୋଲିୟମ ଡିଲର ଆସୋସିଏଶନ ପକ୍ଷରୁ ସୂଚନା ଦିଆଯାଇଛି। ତେବେ ମାଲକାନଗିରିର କାଳିମେଳାରେ ପେଟ୍ରୋଲ ୧୦୧ ଟଙ୍କାରେ ପହଞ୍ଚିବା ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଛି। ସେହିଭଳି ଏହି ସମୟ ମଧ୍ୟରେ ନୂଆଦିଲ୍ଲୀରେ ପେଟ୍ରୋଲ ଲିଟର ପିଛା ୩.୮୩ ଟଙ୍କା ଏବଂ ଡିଜେଲ ୪.୪୨ ଟଙ୍କା ବୃଦ୍ଧି ଘଟିଥିବା ଆଇଓସିଏଲ୍ ପକ୍ଷରୁ କୁହାଯାଇଛି। ଦେଶର ପ୍ରମୁଖ ତୈଳ ବିପଣନ କମ୍ପାନୀ ☞ପୃଷ୍ଠା-୪

# ଆଜିଠୁ ୩ ଜିଲାରେ ଗାଡ଼ି ବିକ୍ରି, ପଞ୍ଜୀକରଣ

**ଭୁବନେଶ୍ୱର,୩୧ା୫(ବ୍ୟୁରୋ)**

ରାଜ୍ୟର ୩ ଜିଲା ସୁନ୍ଦରଗଡ଼, ନୂଆପଡ଼ା ଓ ଗଜପତିରେ ମଙ୍ଗଳବାରଠାରୁ ନୂଆ ଗାଡ଼ି ପଞ୍ଜୀକରଣ ଆରମ୍ଭ ହେବ। ଏସବୁ ଜିଲାରେ କରୋନା ସଂକ୍ରମଣ ନିୟନ୍ତ୍ରଣକୁ ଆସିବା ପରେ ଗାଡ଼ି ଶୋ'ରୁମ୍ ଖୋଲିବା ସହ ଗାଡ଼ି ପଞ୍ଜୀକରଣ ନିମନ୍ତେ ଅନୁମତି ଦିଆଯାଇଛି। ଏନେଇ ସୋମବାର ରାଜ୍ୟ ପରିବହନ ବିଭାଗ ପକ୍ଷରୁ ଟୁଇଟ୍ କରାଯାଇଛି। ଉକ୍ତ ୩ ଜିଲାରେ ସଂକ୍ରମଣ ହ୍ରାସକୁ ଦେଖି ରାଜ୍ୟ ସରକାର କଟକଣାକୁ ସାମାନ୍ୟ କୋହଳ କରିଛନ୍ତି। ସୋମବାରରୁ ଶୁକ୍ରବାର ଦିନ ୭ଟାରୁ ୧ଟା ଯାଏ ମଲ୍ ଓ ସେଲୁନ୍ ବ୍ୟତୀତ ଅନ୍ୟ ଦୋକାନ ଖୋଲା ଯାଇପାରିବ ବୋଲି ରବିବାର ମୁଖ୍ୟ ଶାସନ ସଚିବ ଘୋଷଣା କରିଛନ୍ତି। ତେବେ ଗାଡ଼ି ଶୋ'ରୁମ୍ ଖୋଲାଯିବା ନେଇ ଅନୁମତି ମିଳିବା ପରେ ପରିବହନ ବିଭାଗ ପକ୍ଷରୁ ବିକ୍ରି ସହ ପଞ୍ଜୀକରଣ ଅନୁମତି ପ୍ରଦାନ କରାଯାଇଛି। ଅନ୍ୟ ଜିଲାଗୁଡ଼ିକରେ କଟକଣା ରହିଥିବାରୁ ଗାଡ଼ି ଶୋ'ରୁମ୍ ବନ୍ଦ ରହିଥିବାବେଳେ ବିକ୍ରି ଓ ପଞ୍ଜୀକରଣ ହୋଇପାରୁନି।




## ସିବିଏସ୍‌ଇ, ସିଆଇଏସ୍‌ସିଇ ଦ୍ୱାଦଶ ବୋର୍ଡ ପରୀକ୍ଷା

**ଶୁଣାଣି ୩କୁ ଘୁଞ୍ଚିଲା**

**ଭୁବନେଶ୍ୱର,୩୧ା୫(ବ୍ୟୁରୋ):** ସେଣ୍ଟ୍ରାଲ ବୋର୍ଡ ଅଫ୍ ସେକେଣ୍ଡାରୀ ଏଜୁକେଶନ (ସିବିଏସ୍‌ଇ) ଏବଂ କାଉନ୍‌ସିଲ ଫର୍ ଦି ଇଣ୍ଡିଆନ ସ୍କୁଲ୍ ସାର୍ଟିଫିକେଟ୍ ଏଜୁକେଶନ (ସିଆଇଏସ୍‌ସିଇ)ର ଦ୍ୱାଦଶ ବୋର୍ଡ ପରୀକ୍ଷା ହେବ କି ନାହିଁ ତାହା ଆସନ୍ତା ୩ ତାରିଖରେ ସ୍ପଷ୍ଟ ହେବ। ସୋମବାର ପରୀକ୍ଷା ବାତିଲ ସଂକ୍ରାନ୍ତ ମାମଲାର ଶୁଣାଣି ସୁପ୍ରିମକୋର୍ଟରେ ହୋଇଥିଲା। ଶୁଣାଣିବେଳେ ଦୁଇଦିନ ମଧ୍ୟରେ ଦ୍ୱାଦଶ ଶ୍ରେଣୀ ବୋର୍ଡ ପରୀକ୍ଷା ବିଷୟରେ ସିଦ୍ଧାନ୍ତ ନିଆଯିବ ବୋଲି କେନ୍ଦ୍ର ସରକାର ସୁପ୍ରିମ୍‌କୋର୍ଟଙ୍କୁ ଅବଗତ କରାଇଥିଲେ। ଫଳରେ ସୁପ୍ରିମ୍‌କୋର୍ଟ ଶୁଣାଣିକୁ ଜୁନ୍ ୩କୁ ଘୁଞ୍ଚାଇ ଦେଇଛନ୍ତି। ସିବିଏସ୍‌ଇ ଏବଂ ସିଆଇଏସ୍‌ସିଇ ବୋର୍ଡର ଦ୍ୱାଦଶ ପରୀକ୍ଷା ରଦ୍ଦ କରିବାକୁ ସୁପ୍ରିମକୋର୍ଟ ଆଇନଜୀବୀ ମମତା ଶର୍ମା ସୁପ୍ରିମକୋର୍ଟରେ ଆବେଦନ କରିଥିଲେ। ଆଇନଜୀବୀଙ୍କ ସହ ପ୍ରାୟ ୭ଶହ ଅଭିଭାବକ ମଧ୍ୟ ପରୀକ୍ଷା ରଦ୍ଦ କରିବାକୁ ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ଏହାପୂର୍ବରୁ ☞ପୃଷ୍ଠା-୪

**ଆଜିର ସମ୍ପାଦକୀୟ**

**ସହନଶୀଳତା ଆବଶ୍ୟକ**

# ସବୁଜ ବଳୟ ଉଜାଡ଼ି ବିପର୍ଯ୍ୟୟକୁ ସାମ୍ନା

## ୪୮୬ ପ୍ରକଳ୍ପ ଲାଗି ୫୩ ହଜାର ହେକ୍ଟର ଜଙ୍ଗଲ ଜମି ନଷ୍ଟ

**ଭୁବନେଶ୍ୱର,୩୧ା୫(ବ୍ୟୁରୋ)**

ବିକାଶ ନାଁରେ ରାଜ୍ୟରେ ବୃକ୍ଷସମ୍ପଦକୁ କାଟି ପଦା କରି ଦିଆଯାଉଛି। ଫଳରେ ପରିବେଶ ସନ୍ତୁଳନ ବିଗିଡ଼ିବା ସହ ଜଳବାୟୁର ପ୍ରତିକୂଳ ପରିସ୍ଥିତି ଭୋଗିବାକୁ ପଡୁଛି। ବାତ୍ୟା, ବନ୍ୟା ଭଳି ପ୍ରାକୃତିକ ବିପର୍ଯ୍ୟୟ ରାଜ୍ୟ ପାଇଁ ବଡ଼ ବିପତ୍ତିରେ ପରିଣତ ହେଲାଣି। ଅସମୟରେ ଲଗାତାର ବାତ୍ୟା ଆଗମନ ଓଡ଼ିଶା ପାଇଁ ସତର୍କ ଘଣ୍ଟି ହୋଇଛି। ପ୍ରତ୍ୟେକ ବର୍ଷ ବିଭିନ୍ନ ପ୍ରକଳ୍ପ ଓ ରାସ୍ତା ପାଇଁ ଜଙ୍ଗଲ ଜମିକୁ ଅଣ ଜଙ୍ଗଲ କିସମରେ ପରିଣତ କରିବା କାର୍ଯ୍ୟ ଦ୍ରୁତଗତିରେ ଆଗେଇ ଚାଲିଛି। ବିଭିନ୍ନ ପ୍ରକଳ୍ପ ପାଇଁ ଗତ ୧୦ ବର୍ଷ ମଧ୍ୟରେ ରାଜ୍ୟରେ ପ୍ରାୟ ୫୫ ହଜାର ହେକ୍ଟର ଜଙ୍ଗଲ ଜମି ଅଣଜଙ୍ଗଲ



କିସମରେ ପରିଣତ କରାଯାଇଥିବାବେଳେ ରାସ୍ତା ନିର୍ମାଣ ପାଇଁ ୧.୮୫ କୋଟି ଗଛ କାଟି ପଦା କରାଯାଇଛି। ଏପରି ଧାରା ବଜାୟ ରହିଲେ ରାଜ୍ୟକୁ ଆଗାମୀ ଦିନରେ ଆହୁରି ଭୟଙ୍କରପ୍ରାକୃତିକ ବିପତ୍ତିର ସମ୍ମୁଖୀନ ହେବାକୁ ପଡ଼ିବ ବୋଲି ପରିବେଶବିତ୍ ଆଶଙ୍କା କରିଛନ୍ତି।

ଜଙ୍ଗଲ ଓ ପରିବେଶ ବିଭାଗ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ ରାଜ୍ୟରେ ରାସ୍ତା ନିର୍ମାଣ ଓ ସମ୍ପ୍ରସାରଣ ପାଇଁ ୨୦୧୧ରେ ୧,୧୮,୯୭୧ ଗଛ କଟାଯାଇଥିବାବେଳେ ୨୦୧୨ରେ ୬,୩୪,୮୨୩, ୨୦୧୩ରେ

**ରାସ୍ତା ପାଇଁ ୧.୮୫ କୋଟି ଗଛ ପଦା**

୧୭,୭୮,୭୩୪, ୨୦୧୪ରେ ୧୬,୯୯୦, ୨୦୧୫ରେ ୧୭,୩୩,୩୮୫, ୨୦୧୬ରେ ୬୨,୦୩,୯୩୬, ୨୦୧୭ରେ ୧୮,୦୭,୯୦୯, ୨୦୧୮ରେ ୧୩,୧୦,୩୧୪, ୨୦୧୯ରେ ୨୦,୪୪,୭୮୨, ୨୦୨୦ରେ ୨୬,୭୭,୬୮୬ ଏବଂ ୨୦୨୧ ମାର୍ଚ୍ଚ ୩୦ ଯାଏ ୧,୭୩,୨୧୮ ବୃକ୍ଷ ଛେଦନ କରାଯାଇଛି।

ସେହିପରି ଏହି ସମୟ ମଧ୍ୟରେ ୪୮୬ ପ୍ରକଳ୍ପ ପାଇଁ ରାଜ୍ୟର ୫୩,୩୯୫.୭୦ ହେକ୍ଟର ଜଙ୍ଗଲ ଜମିକୁ ଅଣଜଙ୍ଗଲ କିସମରେ ପରିଣତ ☞ପୃଷ୍ଠା-୪

# ଅବସର ନେଲେ ଅଲ୍‌ପନ୍

**କେନ୍ଦ୍ର-ରାଜ୍ୟ ଦ୍ୱନ୍ଦ୍ୱ**



ଅଲପନ ବନ୍ଦୋପାଧ୍ୟାୟ

- ମମତାଙ୍କ ମୁଖ୍ୟ ଉପଦେଷ୍ଟା ନିଯୁକ୍ତ
- ଏଚ୍.କେ. ଦ୍ୱିବେଦୀ ନୂଆ ମୁଖ୍ୟ ସଚିବ

**କୋଲକାତା, ୩୧ା୫**

କେନ୍ଦ୍ର ଓ ପଶ୍ଚିମବଙ୍ଗ ସରକାରଙ୍କ ମଧ୍ୟରେ ଦ୍ୱନ୍ଦ୍ୱରୁ ରାଜ୍ୟର ମୁଖ୍ୟ ଶାସନ ସଚିବ ଅଲପନ ବନ୍ଦୋପାଧ୍ୟାୟ ସୋମବାର ନିଜ ପଦରୁ ଅବସର ନେଇଛନ୍ତି। ଅବସର ଗ୍ରହଣ ପରେ ବନ୍ଦୋପାଧ୍ୟାୟଙ୍କୁ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ନିଜର ମୁଖ୍ୟ ଉପଦେଷ୍ଟା ଭାବେ ନିଯୁକ୍ତି ଦେଇଛନ୍ତି। ଏଚ୍.କେ. ଦ୍ୱିବେଦୀଙ୍କୁ ରାଜ୍ୟର ନୂତନ ମୁଖ୍ୟ ସଚିବ ଭାବେ ନିଯୁକ୍ତି ଦିଆଯାଇଛି।

ବାସ୍ତବରେ ବନ୍ଦୋପାଧ୍ୟାୟଙ୍କ କାର୍ଯ୍ୟକାଳ ସୋମବାର ଶେଷ ହେଉଥିଲା। ମମତା ବାନାର୍ଜୀଙ୍କ ଅନୁରୋଧକ୍ରମେ କେନ୍ଦ୍ର ସରକାର ଗତ ୨୪ ତାରିଖରେ ତାଙ୍କ କାର୍ଯ୍ୟକାଳକୁ ୩ ମାସ ବଢ଼ାଇଥିଲେ। ତେବେ ଗତ ଶୁକ୍ରବାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ବାତ୍ୟା ୟାସ୍ କ୍ଷୟକ୍ଷତି ସମୀକ୍ଷା ପାଇଁ ପଶ୍ଚିମବଙ୍ଗ ଯାଇଥିବାବେଳେ ଉକ୍ତ ବୈଠକକୁ ମୁଖ୍ୟମନ୍ତ୍ରୀ ମମତା ଏବଂ ମୁଖ୍ୟ ସଚିବ ବନ୍ଦୋପାଧ୍ୟାୟ ଅଧଘଣ୍ଟା ବିଳମ୍ବରେ ଯାଇଥିଲେ। ମାତ୍ର ୧୫ ମିନିଟ ରହି ମମତା ବୈଠକ ସ୍ଥଳ ଛାଡ଼ି ☞ପୃଷ୍ଠା-୪

**ମହାରାଷ୍ଟ୍ରରେ ବଢୁଛି ଶିଶୁ ସଂକ୍ରମଣ**

ମହାରାଷ୍ଟ୍ରର ଅହମ୍ମଦନଗରରେ କରୋନା ସଂକ୍ରମିତ ଶିଶୁଙ୍କ ସଂଖ୍ୟା ବୃଦ୍ଧିକୁ ନେଇ ରାଜ୍ୟ ସରକାରଙ୍କ ଚିନ୍ତା ବଢ଼ିଛି। କେବଳ ମେ' ମାସରେ ଏହି ଜିଲାରେ ୮ ହଜାରରୁ ଊର୍ଦ୍ଧ୍ୱ ଶିଶୁ କୋଭିଡ୍‌ରେ ଆକ୍ରାନ୍ତ ହୋଇଥିବା ଜଣାପଡ଼ିଛି। ତେଣୁ ଜୁଲାଇ ଶେଷ କିମ୍ବା ଅଗଷ୍ଟ ଆରମ୍ଭରେ ତୃତୀୟ ଲହର ଆସିପାରେ ବୋଲି ମହାରାଷ୍ଟ୍ର ସରକାର ଆଶଙ୍କା କରିଛନ୍ତି। ଶିଶୁଙ୍କୁ ସଂକ୍ରମଣରୁ ରୋକିବା ପାଇଁ ପ୍ରସ୍ତୁତି ଚାଲିଛି।



## ସଂକ୍ଷେପରେ

### ଆଇନର ଅନୁପାଳନ କରିବାକୁ ଟୁଇଟରକୁ ହାଇକୋର୍ଟଙ୍କ ନିର୍ଦ୍ଦେଶ

**ନୂଆଦିଲ୍ଲୀ, ୩୧।୫:** ଡିଜିଟାଲ ମିଡିଆ ପାଇଁ ସରକାର ଆଣିଥିବା ନୂତନ ସୂଚନା ପ୍ରଯୁକ୍ତି ନିୟମାବଳୀକୁ ସୋସିଆଲ ମିଡିଆ ପ୍ଲାଟ୍‌ଫର୍ମ ଟୁଇଟର ଅନୁପାଳନ କରିବାକୁ ବାଧ ବୋଲି ଦିଲ୍ଲୀ ହାଇକୋର୍ଟ ସୋମବାର କହିଛନ୍ତି। ଟୁଇଟର ନିୟମ ମାନୁ ନ ଥିବାରୁ ଆଇନଜୀବୀ ଅମିତ୍ ଆଚାର୍ଯ୍ୟ ଏହା ବିରୋଧରେ ହାଇକୋର୍ଟରେ ପିଟିଶନ ଦାଏର କରିଥିଲେ। ଏନେଇ ଜଷ୍ଟିସ୍ ରେଖା ପାଲି କେନ୍ଦ୍ର ସରକାର ଓ ଟୁଇଟରକୁ ନୋଟିସ ଜାରି କରି ସେମାନଙ୍କ ଆଭିମୁଖ୍ୟ ସମ୍ପର୍କରେ ଜଣାଇବାକୁ କହିଛନ୍ତି। ଟୁଇଟର ନୂଆ ନିୟମାବଳୀ ଅନୁପାଳନ କରିବା ସହ ଜଣେ ଆବାସିକ ଗ୍ରିଭାନ୍ସ ଅଫିସରଙ୍କୁ ନିଯୁକ୍ତି ଦେଇଥିବା ଖଣ୍ଡପୀଠଙ୍କୁ ଜଣାଇଥିଲା। ନିୟମାବଳୀ ଉପରେ ସ୍ଥଗିତାଦେଶ ଲାଗି ନ ଥିଲେ, ଏହାକୁ ଅନୁପାଳନ କରିବାକୁ ହେବ ବୋଲି ଖଣ୍ଡପୀଠ କହିଥିଲେ।

### କ୍ଷମତାରୁ ଯାଇପାରନ୍ତି ନେତାନ୍ୟାହୁ



**ଜେରୁଜେଲମ୍, ୩୧।୫:** ଇସ୍ରାଏଲ୍ ପ୍ରଧାନମନ୍ତ୍ରୀ ପଦ ହରାଇପାରନ୍ତି ବେଞ୍ଜାମିନ ନେତାନ୍ୟାହୁ। ବିରୋଧୀ ଦଳଗୁଡ଼ିକ ସହଯୋଗରେ ସରକାର ଗଢ଼ିବା ପାଇଁ ଦାବି ଉପସ୍ଥାପନ କରିବେ ବୋଲି ନେତାନ୍ୟାହୁଙ୍କ ପୂର୍ବତନ ସହଯୋଗୀ ନାଫଟାଲି ବେନେଟ୍ କହିଛନ୍ତି। ଫଳରେ ଦୀର୍ଘବର୍ଷ ଧରି ଦେଶକୁ ଶାସନ କରିଆସୁଥିବା ନେତାନ୍ୟାହୁ କ୍ଷମତାରୁ ଯାଇପାରନ୍ତି ବୋଲି ଚର୍ଚ୍ଚା ହେଉଛି। ତାଙ୍କ ଦଳ ଲିକୁଡ୍ ପାର୍ଟି ଆଗାମୀ ସପ୍ତାହରେ ବିରୋଧୀ ଦଳ ଭୂମିକା ନେଇପାରେ। ବେନେଟ ଓ ତାଙ୍କ ନୂଆ ସହଯୋଗୀମାନେ ବିରୋଧୀ ଦଳ ନେତା ୟାଇର ଲାପିଡ୍‌ଙ୍କ ନେତୃତ୍ୱରେ ଏକାଠି ହୋଇଛନ୍ତି। ଗତ ଦୁଇବର୍ଷରେ ଇସ୍ରାଏଲ୍‌ରେ ୪ ଥର ନିର୍ବାଚନ ହେଲାଣି, କିନ୍ତୁ କୌଣସି ଦଳକୁ ପୂର୍ଣ୍ଣ ସଂଖ୍ୟାଗରିଷ୍ଠତା ମିଳୁନାହିଁ। ତେଣୁ ୟାଇର ଲାପିଡ୍‌ଙ୍କ ସହ ମିଶି ଜାତୀୟ ଏକତା ସରକାର ଗଠନ ପାଇଁ ଉଦ୍ୟମ ହେଉଛି। ଭଗବାନ ଏହା ଚାହାନ୍ତି। ସମସ୍ତେ ମିଶି ଆମେ ଦେଶକୁ ସଙ୍କଟରୁ ରକ୍ଷା କରିପାରିବା ଓ ପୂର୍ବ ଅବସ୍ଥାକୁ ଫେରାଇ ପାରିବା ବୋଲି ବେନେଟ କହିଛନ୍ତି।

### ଟାର୍‌ଜନ୍ ଅଭିନେତା ଜୋ ଲାରାଙ୍କ ମୃତ୍ୟୁ

**ବିମାନ ଦୁର୍ଘଟଣାରେ ୭ ନିହତ**



**ୱାଶିଂଟନ୍, ୩୧।୫:** ୧୯୯୦ ଦଶକରେ ଟେଲିଭିଜନ ମୁଭି 'ଟାରଜନ୍' ମାଧ୍ୟମରେ ପ୍ରସିଦ୍ଧି ହାସଲ କରିଥିବା ଆମେରିକୀୟ ଅଭିନେତା ୱିଲିୟମ୍ ଜୋସେଫ୍ ଲାରା ଓରଫ୍ ଜୋ ଲାରାଙ୍କ ଶନିବାର ଏକ ବିମାନ ଦୁର୍ଘଟଣାରେ ମୃତ୍ୟୁ ଘଟିଛି। ତାଙ୍କୁ ୫୮ ବର୍ଷ ହୋଇଥିଲା। ବିମାନରେ ଥିବା ତାଙ୍କ ସ୍ତ୍ରୀ ଗ୍ୱେନ ଶାମ୍ବଲିନ୍ ଲାରାଙ୍କ ସମେତ ଅନ୍ୟ ୫ ଜଣଙ୍କ ମଧ୍ୟ ମୃତ୍ୟୁ ଘଟିଥିବା କୁହାଯାଉଛି। ଏହି ବିଜ୍‌ନେସ୍ ଜେଟ୍‌ଟି ଶନିବାର ସ୍ଥାନୀୟ ସମୟ ପୂର୍ବାହ୍ନ ପ୍ରାୟ ୧୧ଟାରେ ସ୍ମିର୍ନା, ଟେନିସି ବିମାନବନ୍ଦରରୁ ଉଡ଼ାଣ ଭରିବା ପରେ ଦୁର୍ଘଟଣାଗ୍ରସ୍ତ ହୋଇ ନାଶଭିଲେଠାରୁ ୧୯ କିମି ଦୂର ପର୍ସି ପ୍ରିଷ୍ଟ ହ୍ରଦରେ ଖସିପଡ଼ିଥିଲା। ଜୋ ଲାରା ୧୯୮୯ରେ 'ଟାରଜନ୍ ଇନ୍ ମ୍ୟାନ୍‌ହଟନ୍'ରେ ଅଭିନୟ କରିଥିଲେ। ୧୯୯୬ରୁ ୧୯୯୭ରେ ସେ 'ଟାରଜନ୍: ଦ ଏପିକ୍ ଆଡଭେଞ୍ଚର୍ସ'ରେ ନିଜ ଯାଦୁକରୀ ଅଭିନୟ ଦେଖାଇଥିଲେ। ଏହି ସିରିଜ୍ ଦର୍ଶକଙ୍କୁ ବେଶ୍ ପସନ୍ଦ ଆସିଥିଲା। ୨୦୧୮ରେ ସେ ଗ୍ୱେନଙ୍କୁ ବିବାହ କରିଥିଲେ। ଜୋ ଲାରା ସଙ୍ଗୀତ ଦୁନିଆରେ ମଧ୍ୟ କ୍ୟାରିୟର କରିବାକୁ ଚାହୁଁଥିଲେ। ତେଣୁ ସେ ୨୦୦୨ରେ ଅଭିନୟ ଜଗତକୁ ବିଦାୟ ଦେଇଥିଲେ। ସେ ଅନେକ ଆକ୍ସନ୍ ଫିଲ୍ମରେ ମଧ୍ୟ କାମ କରିଛନ୍ତି। ସେଥିମଧ୍ୟରେ 'ଆର୍ମିଷ୍ଟ୍ରଙ୍ଗ୍' ଏବଂ 'ୱାରହେଡ୍' ସର୍ବାଧିକ ପ୍ରଂଶସିତ ହୋଇଥିଲା।



## ୫-ଜି ବିରୋଧରେ ଜୁହି

ଟେଲିକମ୍ୟୁନିକେଶନ ଇଣ୍ଡଷ୍ଟ୍ରିଗୁଡ଼ିକ ୫-ଜି ଟେକ୍ନୋଲୋଜି ଆଣିବା ଦୌଡ଼ରେ ସାମିଲ ହୋଇଥିବାବେଳେ ଭାରତରେ ଏହି ନେଟ୍‌ୱର୍କ ବ୍ୟବସ୍ଥା ବିରୋଧରେ ବାହାରିଛନ୍ତି ବଲିଉଡ୍ ଅଭିନେତ୍ରୀ ତଥା ପରିବେଶ କର୍ମୀ ଜୁହି ଚାୱଲା। ଏ ନେଇ ସେ ଦିଲ୍ଲୀ ହାଇକୋର୍ଟରେ ଆବେଦନ କରିଛନ୍ତି। ସେ କହିଛନ୍ତି, ତାର ମୁକ୍ତ ଗ୍ୟାଜେଟ୍ ଏବଂ ନେଟ୍‌ୱର୍କ ସେଲ୍ ଟାୱାରରୁ ଆରଏଫ୍ ବିକିରଣ ସ୍ୱାସ୍ଥ୍ୟ ପାଇଁ ଅତ୍ୟନ୍ତ ହାନିକାରକ। ୫-ଜି ନେଟ୍‌ୱର୍କ ଦୌଡ଼ରେ ସାମିଲ ହୋଇଥିବା ଭାରତୀୟ କମ୍ପାନୀଗୁଡ଼ିକ ବର୍ତ୍ତମାନ ଓ ଭବିଷ୍ୟତ ପିଢ଼ିକୁ ବିପଦରେ ପକାଇବାକୁ ଥିବା କାରକକୁ ଅଣଦେଖା କରିପାରନ୍ତି ଯାହା କି ବେଶ୍ ଚିନ୍ତାଜନକ। ଟେକ୍ନୋଲୋଜିର ଅଗ୍ରଗତିରେ ବାଧା ସୃଷ୍ଟି କରିବା ତାଙ୍କର ଲକ୍ଷ୍ୟ ନୁହେଁ। କିନ୍ତୁ ବ୍ୟାପକ ମାତ୍ରାରେ ବିକିରଣ ଯୋଗୁ ପୃଥିବୀର ଜୈବ ବିବିଧତା ପ୍ରଭାବିତ ହେବ।

## ପୁନାୱାଲାଙ୍କ ନାଁରେ ଏତଲା



କରୋନା ଟିକା କୋଭିଶିଲ୍ଡ ପ୍ରସ୍ତୁତକାରୀ କମ୍ପାନୀ ସିରମ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଇଣ୍ଡିଆର ସିଇଓ ଅଦାର ପୁନାୱାଲାଙ୍କ ନାଁରେ ଉତ୍ତରପ୍ରଦେଶର ଲକ୍ଷ୍ନୌସ୍ଥିତ ଆସିଆନା ଥାନାରେ ଏକ ଏତଲା ଦାୟର ହୋଇଛି। କୋଭିଶିଲ୍ଡ ଭୂତାଣୁ ବିରୋଧରେ ଆଣ୍ଟିବଡି ତିଆରି କରୁ ନାହିଁ ବୋଲି ପ୍ରତାପ ଚନ୍ଦ୍ର ଅମନ ଏତଲାରେ ଦର୍ଶାଇଛନ୍ତି। ପ୍ରତାପ କହିଛନ୍ତି, ସେ ଏପ୍ରିଲ ୮ରେ କୋଭିଶିଲ୍ଡର ପ୍ରଥମ ଡୋଜ୍ ନେଇଥିଲେ। ଅସୁସ୍ଥ ଅନୁଭବ କରିବା ପରେ ଏକ ହସ୍ପିଟାଲରେ କୋଭିଡ୍ ଆଣ୍ଟିବଡି ଜିଟି ଟେଷ୍ଟ କରାଇଥିଲେ। ହେଲେ ତାଙ୍କ ଶରୀରରେ କୌଣସି ଆଣ୍ଟିବଡି ତିଆରି ହୋଇ ନ ଥିବା ଏବଂ ତାଙ୍କ ପ୍ଲେଟଲେଟ୍ ୩ ଲକ୍ଷରୁ ଦେଢ଼ ଲକ୍ଷକୁ ହ୍ରାସ ପାଇଥିବା ଟେଷ୍ଟ ରିପୋର୍ଟରୁ ଜଣାପଡ଼ିଥିଲା। ପୋଲିସ ମାମଲା ରୁଜୁ ନ କଲେ ସେ କୋର୍ଟର ଦ୍ୱାରସ୍ଥ ହେବେ ବୋଲି ପ୍ରତାପ କହିଛନ୍ତି।

# କୋହଳ ହେଉଛି କୋଭିଡ୍ କଟକଣା

## ଦୈନିକ ସଂକ୍ରମଣ ୧.୫୨ ଲକ୍ଷକୁ ହ୍ରାସ

**ନୂଆଦିଲ୍ଲୀ, ୩୧।୫**

କରୋନା ମହାମାରୀର ଦ୍ୱିତୀୟ ଲହର ଗତ କିଛି ସପ୍ତାହ ହେଲା ଉଦ୍‌ବେଗଜନକ ଭାବେ ବଢ଼ିଚାଲିବାରୁ ଦେଶର ସ୍ୱାସ୍ଥ୍ୟସେବା ବ୍ୟବସ୍ଥା ଏକପ୍ରକାର ସ୍ଥାଣୁ ପାଲଟିଯାଇଥିଲା। କୋଭିଡ୍ ରୋଗୀଙ୍କ ଚିକିତ୍ସା ପାଇଁ ବିଭିନ୍ନ ରାଜ୍ୟରେ ଅକ୍ସିଜେନ୍ ଓ ଔଷଧ ଅଭାବ ଗମ୍ଭୀର ସ୍ଥିତି ସୃଷ୍ଟି କରିଥିଲା। ସଂକ୍ରମଣ ହାର କମାଇବା ପାଇଁ ବିଭିନ୍ନ ରାଜ୍ୟ ଲକ୍‌ଡାଉନ୍, ଶଟ୍‌ଡାଉନ ଆଦି କଟକଣା ଲଗାଇଥିଲେ। କଠୋର କଟକଣା ଆପଣାଇବା ଫଳରେ କେତେକ ରାଜ୍ୟରେ ଏବେ ସଂକ୍ରମଣ ଯଥେଷ୍ଟ ହ୍ରାସ ପାଇଛି। ସୋମବାର ସକାଳ ସୁଦ୍ଧା ଗତ ୨୪ ଘଣ୍ଟା ମଧ୍ୟରେ ଦେଶରେ ୧,୫୨,୭୩୪ ନୂଆ ପଜିଟିଭ୍ ଚିହ୍ନଟ ହୋଇଛନ୍ତି, ଯାହାକି ଗତ ୫୦ ଦିନ ମଧ୍ୟରେ ସର୍ବନିମ୍ନ। ଆରୋଗ୍ୟ ହାର ବଢ଼ିବା ଫଳରେ ସକ୍ରିୟ ମାମଲା ସଂଖ୍ୟା ୨୦,୨୬,୦୯୨କୁ ହ୍ରାସ ପାଇଛି। ଦିନକରେ ୩,୧୨୮ ଜଣଙ୍କର କୋଭିଡ୍‌ରେ ମୃତ୍ୟୁ ଘଟିଥିବା ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ତଥ୍ୟରୁ ଜଣାପଡ଼ିଛି। ଦୈନିକ ପରୀକ୍ଷା ପଜିଟିଭିଟି ହାର କ୍ରମାଗତ ଭାବେ ହ୍ରାସ ପାଇଁ ୯.୦୭ ପ୍ରତିଶତରେ ପହଞ୍ଚିଛି।

ସଂକ୍ରମଣ କମିଥିବା ଦିଲ୍ଲୀ, ଉତ୍ତରପ୍ରଦେଶ, ବିହାର, ଜମ୍ମୁ-କଶ୍ମୀର, ହରିୟାଣା, ମଣିପୁର, ମେଘାଳୟ ହିମାଚଳପ୍ରଦେଶ, ତ୍ରିପୁରା, କେରଳ, ମିଜୋରାମ ଏବଂ ଅରୁଣାଚଳପ୍ରଦେଶରେ କୋଭିଡ୍ କଟକଣା କୋହଳ କରାଯାଇଛି। କେରଳ, ତାମିଲନାଡୁ, ମହାରାଷ୍ଟ୍ର ଏବଂ ଗୋଆ ଲକ୍‌ଡାଉନ ବଢ଼ାଇଥିଲେ ମଧ୍ୟ କେତେକ ଅଞ୍ଚଳରେ ଏହାକୁ କୋହଳ କରିଛନ୍ତି। ଦିଲ୍ଲୀରେ ସଂକ୍ରମଣ ଉଲ୍ଲେଖନୀୟ ଭାବେ ହ୍ରାସ ପାଇଥିବାରୁ ସେଠାରେ ନିର୍ମାଣ କାର୍ଯ୍ୟ ଆରମ୍ଭ ହେବା ସହ କଳକାରଖାନା ଖୋଲିଦିଆଯାଇଛି। ୬ ସପ୍ତାହ ଲକ୍‌ଡାଉନ ପରେ ସେଠାରେ ପର୍ଯ୍ୟାୟକ୍ରମେ ଅନ୍‌ଲକ୍ ପ୍ରକ୍ରିୟା ଆରମ୍ଭ ହୋଇଛି। ସେହିପରି ମହାରାଷ୍ଟ୍ର ସରକାର ଲକ୍‌ଡାଉନକୁ ଜୁନ୍ ୧୫ ଯାଏ ବଢ଼ାଇଥିଲେ ମଧ୍ୟ କୋଭିଡ୍ ପଜିଟିଭିଟି ହାର ଓ ଅକ୍ସିଜେନ୍ ବେଡ୍ ଉପଲବ୍ଧତାକୁ ଦୃଷ୍ଟିରେ ରଖି ବିଭିନ୍ନ ଅଞ୍ଚଳରେ କଟକଣା କୋହଳ କରିବାକୁ କହିଛନ୍ତି। ଅତ୍ୟାବଶ୍ୟକ ସାମଗ୍ରୀ ଦୋକାନ ସକାଳ ୭ରୁ ଅପରାହ୍ନ ୨ଟା ପର୍ଯ୍ୟନ୍ତ ଖୋଲିବାକୁ ଅନୁମତି ମିଳିଛି। ବିହାର ସରକାର ସୋମବାର ଲକ୍‌ଡାଉନକୁ ଆଉ ସପ୍ତାହେ ବଢ଼ାଇଛନ୍ତି। ତେବେ ବ୍ୟବସାୟ କାରବାର ବଢ଼ାଇବା ପାଇଁ କଟକଣା କୋହଳ କରାଯାଇଛି। ଜମ୍ମୁ-କଶ୍ମୀରରେ ମାସେ ବ୍ୟାପୀ ଲକ୍‌ଡାଉନ ପରେ ସୋମବାରଠାରୁ ଅନ୍‌ଲକ୍ ପ୍ରକ୍ରିୟା ଆରମ୍ଭ ହୋଇଛି। ଦୋକାନଗୁଡ଼ିକୁ ଦିନେ ଛଡ଼ା ଦିନେ ଖୋଲିବା ପାଇଁ କୁହାଯାଇଛି। ନାରଙ୍ଗୀ ବର୍ଗରେ ଥିବା ପୁଲ୍‌ୱାମା, ଅନନ୍ତନାଗ, ବାରମୁଲ୍ଲା, ବଡଗାମ୍ ଏବଂ କୁପ୍‌ୱାରା ଜିଲାରେ ୫୦ ପ୍ରତିଶତ ଯାତ୍ରୀରେ ପରିବହନ ସେବା ଆରମ୍ଭ କରିବାକୁ ଅନୁମତି ଦିଆଯାଇଛି।

ଉତ୍ତରପ୍ରଦେଶରେ କମ୍ ସକ୍ରିୟ ମାମଲା ଥିବା ଜିଲାଗୁଡ଼ିକରେ କଟକଣା କୋହଳ ହୋଇଛି। ତେବେ ରାତ୍ରିକାଳୀନ କର୍ଫ୍ୟୁ ଏବଂ ସପ୍ତାହାନ୍ତ ଶଟ୍‌ଡାଉନ ଜାରି ରଖିବାକୁ ରାଜ୍ୟ ସରକାର ନିଷ୍ପତ୍ତି ନେଇଛନ୍ତି। କଣ୍ଟେନମେଣ୍ଟ ଜୋନ୍ ବାହାରେ ଥିବା ଦୋକାନଗୁଡ଼ିକୁ ସପ୍ତାହକୁ ୫ ଦିନ ଖୋଲିବା ଲାଗି ଅନୁମତି ମିଳିଛି। ମଧ୍ୟପ୍ରଦେଶରେ ପର୍ଯ୍ୟାୟକ୍ରମେ ଅନ୍‌ଲକ୍ ପ୍ରକ୍ରିୟା ଆରମ୍ଭ କରିବାକୁ ସରକାର ନିଷ୍ପତ୍ତି ନେଇଛନ୍ତି। ତେବେ ସପ୍ତାହାନ୍ତ ଲକ୍‌ଡାଉନ ଜାରି ରହିବ ବୋଲି ମୁଖ୍ୟମନ୍ତ୍ରୀ ଶିବରାଜ ସିଂ ଚୌହାନ ରବିବାର ଘୋଷଣା କରିଥିଲେ।



ଲକ୍‌ଡାଉନ୍ କୋହଳ ପରେ ସୋମବାର ଦିଲ୍ଲୀରେ ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଛି।

### ୧୫୦ ଛାତ୍ରୀଛାତ୍ରଙ୍କୁ ଅପହରଣ

**ଆବୁଜା, ୩୧।୫:** କେତେଜଣ ବନ୍ଧୁକଧାରୀ ରବିବାର ନାଇଜେରିଆର ନାଇଜର୍ ପ୍ରଦେଶରେ ଥିବା ଏକ ଇସ୍‌ଲାମିକ୍ ସ୍କୁଲରୁ ପ୍ରାୟ ୧୫୦ରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ରଙ୍କୁ ଅପହରଣ କରିନେଇଛନ୍ତି। ଏ ନେଇ ନାଇଜର ରାଜ୍ୟ ସରକାରଙ୍କ ପକ୍ଷରୁ ଟୁଇଟ୍ ଯୋଗେ ସୂଚନା ଦିଆଯାଇଛି। ଉତ୍ତର-ପଶ୍ଚିମ ନାଇଜେରିଆର ଏକ ୟୁନିଭର୍ସିଟିରୁ ଅପହୃତ ହୋଇଥିବା ୧୪ ଛାତ୍ରୀଛାତ୍ରଙ୍କୁ ୪୦ ଦିନ ଧରି ବନ୍ଦୀ ରଖି ମୁକ୍ତ କରିବା ପରେ ଏହି ଘଟଣା ଘଟିଛି। ଅପହରଣକାରୀମାନେ ଅପରାହ୍ନ ପ୍ରାୟ ୩ଟାରେ ମୋଟରସାଇକେଲରେ ଆସି ଟେଗିନା ସହରରେ ଗୁଳି ଚଳାଇଥିଲେ। ଏଥିରେ ଜଣଙ୍କ ମୃତ୍ୟୁ ଘଟିଥିବାବେଳେ ଜଣେ ଆହତ ହୋଇଥିବା ସେଠାକାର ପ୍ରଶାସନ ପକ୍ଷରୁ କୁହାଯାଇଛି। ସେମାନେ ସାଲିହୁ ତାନ୍‌କୋ ଇସ୍‌ଲାମିକ୍ ସ୍କୁଲର ଛାତ୍ରୀଛାତ୍ରଙ୍କୁ ଅପହରଣ କରିବା ବେଳେ ଚାଲି ପାରୁ ନ ଥିବା ଛୋଟ ପିଲାଙ୍କୁ ଛାଡ଼ି ଦେଇଥିଲେ। ଉକ୍ତ ସ୍କୁଲରେ ପ୍ରାୟ ୩ ଶହ ଛାତ୍ରୀଛାତ୍ର ଥିଲେ।

ନାଇଜେରିଆରେ ବନ୍ଧୁକଧାରୀଙ୍କ ଆତଙ୍କ ଜାରି ରହିଛି। ଏହି ଘଟଣାକୁ ବାଦ୍ ଦେଲେ ୨୦୨୦ ଡିସେମ୍ବର ପରଠାରୁ ଏ ପର୍ଯ୍ୟନ୍ତ ପ୍ରାୟ ୭୩୦ ଛାତ୍ରୀଛାତ୍ରଙ୍କୁ ଅପହରଣ କରାଯାଇଛି। ମୁଖ୍ୟତଃ ଅର୍ଥ ସଂଗ୍ରହ ଉଦ୍ଦେଶ୍ୟରେ ସେମାନେ ଅପହରଣକୁ ମାଧ୍ୟମ କରୁଛନ୍ତି।



୧୮୪ ଅକ୍ସିଜେନ୍ କନ୍‌ସେଣ୍ଟ୍ରେଟର୍ ସହ ୟୁକ୍ରେନ୍ ବିମାନ ନୂଆଦିଲ୍ଲୀ ବିମାନବନ୍ଦରରେ ଅବତରଣ କରିଛି।

## ସରକାରଙ୍କୁ ସମାଲୋଚନା ଦେଶଦ୍ରୋହ ନୁହେଁ

- ସୁପ୍ରିମକୋର୍ଟଙ୍କ ଗୁରୁତ୍ୱପୂର୍ଣ୍ଣ ମତ
- ୨ ଟିଭି ଚ୍ୟାନେଲ ବିରୋଧରେ କାର୍ଯ୍ୟାନୁଷ୍ଠାନ ଉପରେ ସ୍ଥଗିତାଦେଶ



**ନୂଆଦିଲ୍ଲୀ, ୩୧।୫**

ଟିଭି ଚ୍ୟାନେଲରେ ପ୍ରସାରିତ କାର୍ଯ୍ୟକ୍ରମ ଏବଂ ଛାପା ଗଣମାଧ୍ୟମରେ ପ୍ରକାଶିତ ମତାମତ ସରକାରଙ୍କ ପାଇଁ ସମାଲୋଚନାତ୍ମକ ହୋଇପାରେ, କିନ୍ତୁ ଏହା ଦେଶଦ୍ରୋହାତ୍ମକ ନୁହେଁ ବୋଲି ସୁପ୍ରିମକୋର୍ଟ ଏକ ଗୁରୁତ୍ୱପୂର୍ଣ୍ଣ ମତ ଦେଇଛନ୍ତି। ଆନ୍ଧ୍ରପ୍ରଦେଶର ଜଗନମୋହନ ରେଡ୍ଡୀ ସରକାରଙ୍କ କୋଭିଡ୍ ପରିଚାଳନାରେ ବିଫଳତାକୁ ନେଇ ଦଳର ବିଦ୍ରୋହୀ ଏମ୍‌ପି କ୍ରିଷ୍ଣମ୍ ରାଜୁ କଡ଼ା ସମାଲୋଚନା କରିଥିଲେ। କ୍ରିଷ୍ଣମ୍‌ଙ୍କ ଉକ୍ତ ସମାଲୋଚନାକୁ ଦୁଇଟି ତେଲୁଗୁ ନ୍ୟୁଜ୍ ଚ୍ୟାନେଲ ପ୍ରସାରଣ କରିଥିଲେ। ଉକ୍ତ ଟିଭି ଚ୍ୟାନେଲ ବିରୋଧରେ ଦେଶଦ୍ରୋହ ଅଭିଯୋଗ ଅଣାଯାଇଛି। ଟିଭି୫ ଏବଂ ଏବିଏନ୍ ଆନ୍ଧ୍ରଜ୍ୟୋତି ନ୍ୟୁଜ୍ ଚ୍ୟାନେଲ ବିରୋଧରେ ଦେଶଦ୍ରୋହ ଅଭିଯୋଗରେ କୌଣସି କାର୍ଯ୍ୟାନୁଷ୍ଠାନ ନ ନେବାକୁ ସର୍ବୋଚ୍ଚ ଅଦାଲତ ରାଜ୍ୟ ପୋଲିସକୁ ନିର୍ଦ୍ଦେଶ ଦେଇଛନ୍ତି। ଗଣମାଧ୍ୟମ ବିରୋଧରେ ଏଭଳି ଅଭିଯୋଗ ଦାଏର କରିବା ପୂର୍ବରୁ ଦେଶଦ୍ରୋହର ସଂଜ୍ଞା ଜାଣିବା ପାଇଁ ପ୍ରଯତ୍ନ ହେବା ଆବଶ୍ୟକ ବୋଲି ସର୍ବୋଚ୍ଚ ଅଦାଲତ କହିଛନ୍ତି। ଏବେ ସେଡିଶନ ବା ଦେଶଦ୍ରୋହର ସୀମା ନିର୍ଦ୍ଧାରଣ କରାଯିବାର ସମୟ ଆସିଛି ବୋଲି ଜଷ୍ଟିସ୍ ଡି.ୱାଇ. ଚନ୍ଦ୍ରଚୂଡ଼ ଟିପ୍ପଣୀ ଦେଇଛନ୍ତି। ଗଣମାଧ୍ୟମ ବିରୋଧରେ ଦେଶଦ୍ରୋହର ବିଭିନ୍ନ ଗମ୍ଭୀର ଦଫା ଲଗାଇବା ଉପରେ ୪ ସପ୍ତାହ ମଧ୍ୟରେ ଜବାବ ଦେବାକୁ ଜଷ୍ଟିସ୍ ଚନ୍ଦ୍ରଚୂଡ଼ଙ୍କ ଅଧ୍ୟକ୍ଷତାରେ ଜଷ୍ଟିସ୍ ଏଲ୍. ନାଗେଶ୍ୱର ରାଓ ଏବଂ ଏସ୍. ରବୀନ୍ଦ୍ର ଭଟ୍ଟଙ୍କୁ ନେଇ ଗଠିତ ସ୍ୱତନ୍ତ୍ର ପୀଠ ଆନ୍ଧ୍ରପ୍ରଦେଶ ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଉକ୍ତ ଏତଲାକୁ ନେଇ ଉଭୟ ଟିଭି ଚ୍ୟାନେଲ୍‌ର କୌଣସି କର୍ମଚାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନ ନେବାକୁ ଅଦାଲତ କହିଛନ୍ତି।

## ବାୟୋମେଟ୍ରିକ୍ସକୁ ଲକ୍ କରିପାରିବେ କାର୍ଡଧାରୀ

**ନୂଆଦିଲ୍ଲୀ, ୩୧।୫**

ଆଧାର ନିୟମାବଳୀରେ କେତେକ ପରିବର୍ତ୍ତନ ହେବାକୁ ଯାଉଛି। ଏଥିପାଇଁ ଭାରତର ବିଶିଷ୍ଟ ପରିଚୟ ପ୍ରାଧିକରଣ (ୟୁଆଇଡିଏଆଇ) ଏକ ଚିଠା ନିୟମାବଳୀ ପ୍ରସ୍ତୁତ କରିଛନ୍ତି। ଏହି ଚିଠା ଆଧାର (ପ୍ରମାଣୀକରଣ ଓ ଅଫ୍‌ଲାଇନ ଯାଞ୍ଚ) ନିୟମାବଳୀ, ୨୦୨୧ ଅନୁଯାୟୀ ଜଣେ କାର୍ଡଧାରୀ ତାଙ୍କ ବାୟୋମେଟ୍ରିକ୍‌କୁ ସ୍ଥାୟୀ ଭାବେ ଲକ୍ କରିବାକୁ କର୍ତ୍ତୃପକ୍ଷ ଅନୁମତି ଦେଇପାରିବେ। ବାୟୋମେଟ୍ରିକ୍ ପ୍ରମାଣୀକରଣ ପାଇଁ ଆବଶ୍ୟକ ସମୟରେ ଏହାକୁ ଅସ୍ଥାୟୀ ଭାବେ ଅନ୍‌ଲକ୍ କରାଯାଇପାରିବ। ଲକ୍ ହୋଇଥିବା ବାୟୋମେଟ୍ରିକ୍ ରେକର୍ଡ କ୍ଷେତ୍ରରେ ପ୍ରମାଣୀକରଣ ହୋଇପାରିବ ନାହିଁ। ଆଧାର (ପ୍ରମାଣୀକରଣ) ନିୟମାବଳୀ, ୨୦୧୬ ପରିବର୍ତ୍ତେ ଏହି ଚିଠା ନିୟମାବଳୀ ଲାଗୁ ହେବାକୁ ଯାଉଛି। ଆଧାର ତଥ୍ୟ ଚୋରି ଏବଂ ବାୟୋମେଟ୍ରିକର ବେଆଇନ ବ୍ୟବହାର ହେଉଥିବାରୁ ଗୋପନୀୟତା ଉଲ୍ଲଂଘନ ନେଇ ଚିନ୍ତାବ୍ୟକ୍ତ କରାଯାଉଥିଲା। ନୂଆ ନିୟମରେ କାର୍ଡଧାରୀଙ୍କୁ ପ୍ରାମାଣୀକରଣ ପାଇଁ ଅସ୍ଥାୟୀ ଭାବେ ତାଙ୍କ ବାୟୋମେଟ୍ରିକ୍ସକୁ ଅନ୍‌ଲକ କରିବା ପାଇଁ ଅନୁମତି ଦିଆଯିବ। ଏଥିପାଇଁ କର୍ତ୍ତୃପକ୍ଷ ଯେତିକି ସମୟ ଦେଇଥିବେ, ତାହାଠାରୁ ଅଧିକ ସମୟ ଅନ୍‌ଲକ କରାଯାଇପାରିବ ନାହିଁ। ପ୍ରମାଣୀକରଣ କାର୍ଯ୍ୟ ଶେଷ ହେଲେ ଏହା ପୁନର୍ବାର ଲକ୍ ହୋଇଯିବ।

**ବଦଳିବ ଆଧାର ନିୟମ**



## ୩ ସନ୍ତାନକୁ ଚାଇନାର ଅନୁମତି

**୨୦୧୬ରୁ ପ୍ରଚଳିତ ଥିଲା ଦୁଇ ସନ୍ତାନ ନୀତି**

**ବେଜିଂ, ୩୧।୫**

ଚାଇନାରେ ୨୦୧୬ରୁ ଲାଗୁ ହୋଇଥିବା ୨ ସନ୍ତାନ ଆଇନକୁ ଶେଷ କରିଛନ୍ତି ଶି ଜିନ୍‌ପିଙ୍ଗଙ୍କ ସରକାର। ଏଣିକି ଚାଇନା ଦମ୍ପତି ୩ ସନ୍ତାନଙ୍କୁ ଜନ୍ମ ଦେଇପାରିବେ। ଜିନ୍‌ପିଙ୍ଗ୍‌ଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏକ ବୈଠକରେ ତିନି ସନ୍ତାନ ନୀତିକୁ ଅନୁମତି ମିଳିଥିବା ନେଇ ସୋମବାର ସେଠାକାର ସରକାରଙ୍କ ପକ୍ଷରୁ ଘୋଷଣା କରାଯାଇଛି। ନିକଟରେ ହୋଇଥିବା ଜନଗଣନାରେ ଚାଇନାର ଲୋକ ସଂଖ୍ୟା ବୃଦ୍ଧି ମନ୍ଥର ହୋଇଥିବା ଜଣାପଡ଼ିଥିଲା। ଏଥିସହ ଯୁବସଂଖ୍ୟାରେ ହ୍ରାସ ଓ ବୟସ୍କ ଲୋକସଂଖ୍ୟା ବୃଦ୍ଧିକୁ ନେଇ ୨ ସନ୍ତାନ ନୀତି ହଟାଇବାକୁ ଚାଇନା ସରକାରଙ୍କ ଉପରେ ଚାପ ବଢ଼ିଥିଲା। ଏ ସବୁକୁ ଦୃଷ୍ଟିରେ ରଖି ୩ ସନ୍ତାନ ପଲିସି ଅଣାଯାଇଥିବା ଜଣାଯାଇଛି।

ମେ' ଆରମ୍ଭରେ ହୋଇଥିବା ଜନଗଣନା ଅନୁସାରେ ଗତ ଦଶନ୍ଧିରେ ବିଶ୍ୱର ସର୍ବାଧିକ ଜନସଂଖ୍ୟା ବିଶିଷ୍ଟ ଦେଶ ଚାଇନାରେ ଜନସଂଖ୍ୟା ବୃଦ୍ଧି ଧିମେଇଛି। ୧୦ ବର୍ଷ ମଧ୍ୟରେ ଲୋକସଂଖ୍ୟା ୫.୩୮ ପ୍ରତିଶତ ବଢ଼ିଛି। ପ୍ରତିବର୍ଷ ହାରାହାରି ୦.୫୩ ପ୍ରତିଶତ ଜନ ସଂଖ୍ୟା ବୃଦ୍ଧି ହେଉଛି। ଗତ ବର୍ଷ ଚାଇନାରେ ୧.୨ କୋଟି ଶିଶୁ ଜନ୍ମ ହୋଇଥିଲେ ଯାହା କି, ୨୦୧୬ ପରେ ଜନସଂଖ୍ୟାରେ ଏକ ବଡ଼ଧରଣର ହ୍ରାସ। ୨୦୧୬ରେ ଏଠାରେ ୧.୮ କୋଟି ଶିଶୁ ଜନ୍ମ ହୋଇଥିଲେ। କାର୍ଯ୍ୟରତ ଲୋକଙ୍କ ସଂଖ୍ୟା କମିବା ସହ ବୃଦ୍ଧାବୃଦ୍ଧଙ୍କ ସଂଖ୍ୟା ବଢୁଥିବାରୁ ଏହା ଆଗକୁ ଦେଶର ଅର୍ଥନୀତି ଉପରେ ପ୍ରଭାବ ପକାଇବା ଆଶଙ୍କା ଏଡ଼ାଇବାକୁ ଯାଇ ଚାଇନା ସରକାର ୩ ସନ୍ତାନ ନୀତିକୁ ମଞ୍ଜୁରୀ ଦେଇଛନ୍ତି।

ଲୋକସଂଖ୍ୟା କମ୍ କରିବାକୁ ଚାଇନା ୧୯୭୯ରେ ବିବାଦୀୟ ଏକ ସନ୍ତାନ ନୀତି ଆଣିଥିଲା। ଯେଉଁ ଦମ୍ପତି ଏହି ନିୟମର ଉଲ୍ଲଂଘନ କରୁଥିଲେ ସେମାନଙ୍କୁ ଜରିମାନା ଭରିବା ସହ ଚାକିରି ହରାଇବା ଏପରିକି ଅନେକ ସମୟରେ ଜବରଦସ୍ତି ଗର୍ଭପାତ ମଧ୍ୟ କରିବାକୁ ପଡୁଥିଲା। ଏଥିଯୋଗୁ ଦେଶରେ ଲିଙ୍ଗଗତ ତାରତମ୍ୟ ବଢ଼ିବାରେ ଲାଗିଥିଲା।



**କରୋନା ସଂକ୍ରମଣ ସ୍ଥିତି**

| | ଆକ୍ରାନ୍ତ | ମୃତ୍ୟୁ | ଆରୋଗ୍ୟ |
|---|---|---|---|
| ବିଶ୍ୱ | ୧୭,୧୨,୩୩,୫୦୧ | ୩୫,୬୦,୯୭୪ | ୧୫,୩୫,୧୪,୪୮୦ |
| ଭାରତ | ୨,୮୧,୬୧,୬୬୮ | ୩,୩୧,୬୦୭ | ୨,୫୯,୧୭,୫୨୧ |
| ଓଡ଼ିଶା | ୭,୬୪,୯୯୭ | ୨୭୫୪(+୫୩) | ୬,୮୦,୯୩୨ |

ସୋମବାର ରାତି ୧୦ଟା ସୁଦ୍ଧା
(+ ଅନ୍ୟ ରୋଗରେ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ)
ତଥ୍ୟ: https://www.worldometers.info/coronavirus/ଏବଂ ଓଡ଼ିଶା ସରକାର

## ସଂକ୍ଷେପରେ

### ଅବସର ନେଲେ ସୂଚନା ଓ ଲୋକ ସମ୍ପର୍କ ବିଭାଗ ନିର୍ଦ୍ଦେଶକ କୃପାସିନ୍ଧୁ ମିଶ୍ର ନିରଞ୍ଜନ ସେଠୀଙ୍କୁ ନିର୍ଦ୍ଦେଶକ ଦାୟିତ୍ୱ



**ଭୁବନେଶ୍ୱର, ୩୧।୫(ବ୍ୟୁରୋ):** ସୂଚନା ଓ ଲୋକ ସମ୍ପର୍କ ବିଭାଗର ନିର୍ଦ୍ଦେଶକ କୃପାସିନ୍ଧୁ ମିଶ୍ର ସୋମବାର ଚାକିରିରୁ ଅବସର ଗ୍ରହଣ କରିଛନ୍ତି। ସେ ୧ବର୍ଷ ୧୦ମାସ ଧରି ବିଭାଗର ନିର୍ଦ୍ଦେଶକ ଦାୟିତ୍ୱ ତୁଲାଇଥିଲେ। ତାଙ୍କ କାର୍ଯ୍ୟକାଳ ସମୟରେ କୋଭିଡ୍ ପରିସ୍ଥିତିରେ ଗଣମାଧ୍ୟମ ସୁପରିଚାଳନା କରିବା ତାଙ୍କର ଉଲ୍ଲେଖନୀୟ କାର୍ଯ୍ୟ ରହିଥିଲା। ଏହା ପୂର୍ବରୁ ସେ ରାଜ୍ୟ ସରକାରଙ୍କ ବିଭିନ୍ନ ବିଭାଗରେ କାର୍ଯ୍ୟ କରିଥିଲେ। ତାଙ୍କ ଅବସର ପରେ ବିଭାଗୀୟ ନିର୍ଦ୍ଦେଶକ(ବୈଷୟିକ) ନିରଞ୍ଜନ ସେଠୀଙ୍କୁ ପରବର୍ତ୍ତୀ ନିର୍ଦ୍ଦେଶ ପର୍ଯ୍ୟନ୍ତ ନିର୍ଦ୍ଦେଶକ ଦାୟିତ୍ୱ ପ୍ରଦାନ କରାଯାଇଛି। ସୋମବାର ବିଭାଗ ପକ୍ଷରୁ ଏ ନେଇ ଏକ ଆଦେଶନାମା ପ୍ରକାଶ ପାଇଛି। ପ୍ରକାଶଥାଉକି, ନିରଞ୍ଜନ ସେଠୀଙ୍କର ଦୀର୍ଘବର୍ଷ ଧରି ଏହି ବିଭାଗୀୟ କାର୍ଯ୍ୟରେ ଅଭିଜ୍ଞତା ରହିଛି। ବିଦାୟୀ ନିର୍ଦ୍ଦେଶକ କୃପାସିନ୍ଧୁ ମିଶ୍ରଙ୍କୁ ଏହି ଅବସରରେ ବିଭାଗ ତରଫରୁ ବିଦାୟକାଳୀନ ସମ୍ବର୍ଦ୍ଧନା ଦିଆଯାଇଛି। କୋଭିଡ୍ କଟକଣା ମଧ୍ୟରେ ଲୋକ ସମ୍ପର୍କ ଭବନଠାରେ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ବିଭାଗୀୟ ଯୁଗ୍ମ ଶାସନ ସଚିବ, ଯୁଗ୍ମ ନିର୍ଦ୍ଦେଶକ, ଓଡ଼ିଶା ସୂଚନା ସେବା ସଂଘ କର୍ମକର୍ତ୍ତା ଉପସ୍ଥିତ ଥିଲେ।

### ୟାସ୍ ଯୋଗୁ ଜଳ ସମ୍ପଦ ବିଭାଗର ୮୭ କୋଟି କ୍ଷତି

**ଭୁବନେଶ୍ୱର,୩୧।୫(ବ୍ୟୁରୋ):** ବାତ୍ୟା ୟାସ୍ ଯୋଗୁ ଜଳ ସମ୍ପଦ ବିଭାଗର ୮୭ କୋଟି କ୍ଷୟକ୍ଷତି ହୋଇଛି। ବିଭାଗ ପକ୍ଷରୁ କରାଯାଇଥିବା ପ୍ରାଥମିକ ରିପୋର୍ଟ ଆକଳନ ଅନୁଯାୟୀ ବୃହତ୍ ଜଳ ସେଚନ ପ୍ରକଳ୍ପ ଏବଂ ଲୁଣାବନ୍ଧ ନଷ୍ଟ ହେବା ଯୋଗୁ ଯଥାକ୍ରମେ ୬୯.୧୮ କୋଟି ଟଙ୍କା ଏବଂ ଡ୍ରେନେଜ ପ୍ରକଳ୍ପ ପାଇଁ ୭.୬୬ କୋଟି ଟଙ୍କାର କ୍ଷତି ହୋଇଛି। ସେହିପରି ଉଠାଜଳସେଚନ ପ୍ରକଳ୍ପ ଏବଂ ମଧ୍ୟମ ଜଳସେଚନ ପ୍ରକଳ୍ପ ଯଥା କ୍ରମେ ୨.୬୩ କୋଟି ଏବଂ ୭.୦୮ କୋଟି ଟଙ୍କାର କ୍ଷତି ହୋଇଛି ବୋଲି ଜଳ ସମ୍ପଦ ବିଭାଗ ସର୍ବୋଚ୍ଚ ଯନ୍ତ୍ରୀ ଜ୍ୟୋତିର୍ମୟ ରଥ କହିଛନ୍ତି। ବର୍ଷା ଓ ସମୁଦ୍ର ଲହଡି ଯୋଗୁ ଏବେ ବି ବାଲେଶ୍ୱର ଜିଲାର କେତେକ ଅଞ୍ଚଳ ଜଳମଗ୍ନ ରହିଛି। ପାଣିଛାଡିବା ପରେ ଏ ନେଇ ଚୂଡ଼ାନ୍ତ ଆକଳନ କରାଯିବ ବୋଲି ସେ କହିଛନ୍ତି। ବିଭିନ୍ନ ବନ୍ଧରେ ୭୭ଟି ଘଳିଆ ହୋଇଥିଲା। ସେଗୁଡିକ ମଧ୍ୟରୁ ୩୫ଟିର ମରାମତି କରାଯାଇଛି।

### ବୟସ୍କ, ଦିବ୍ୟାଙ୍ଗଙ୍କ ପାଇଁ 'ନିଅର ଟୁ ହୋମ୍ ଟିକାକରଣ କେନ୍ଦ୍ର'

**ଭୁବନେଶ୍ୱର, ୩୧।୫(ବ୍ୟୁରୋ):** ବୟସ୍କ ଓ ଦିବ୍ୟାଙ୍ଗଙ୍କ ପାଇଁ ଘର ନିକଟରେ ଟିକାକରଣ କେନ୍ଦ୍ର ବା ନିଅର ଟୁ ହୋମ୍ ଟିକାକରଣ କେନ୍ଦ୍ର (ଏନ୍‌ଏଚ୍‌ସିଭିସି) କରିବାକୁ କେନ୍ଦ୍ର ସରକାର ପରାମର୍ଶ ଦେଇଛନ୍ତି। ଏହି ଆଧାରରେ ଟିକାକରଣ କରିବାକୁ ଓଡ଼ିଶା ପ୍ରସ୍ତୁତ ହେଉଛି। ଏଥିପାଇଁ ଶୀଘ୍ର ବ୍ୟବସ୍ଥା କରିବାକୁ ସ୍ୱାସ୍ଥ୍ୟ ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ପ୍ରଦୀପ୍ତ କୁମାର ମହାପାତ୍ର ସୋମବାର ସମସ୍ତ ଜିଲାପାଳ, ମହାନଗର ନିଗମ କମିଶନର, ଜଲା ଟିକସାଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। କୌଣସି କମ୍ୟୁନିଟି ସେଣ୍ଟର, ରେସିଡେଣ୍ଟ ୱେଲଫେୟାର ଆସୋସିଏଶନ ସେଣ୍ଟର, ଗ୍ରୁପ୍ ହାଉସିଂ ସୋସାଇଟି ସେଣ୍ଟର, ପଞ୍ଚାୟତ ବିଲ୍ଡିଂ, ସ୍କୁଲ ପରିସରରେ ଏନ୍‌ଏଚ୍‌ସିଭିସିର ଆୟୋଜନ କରାଯାଇପାରିବ।

# ଭୁଶୁଡ଼ିଲା ନିର୍ମାଣାଧୀନ ବ୍ରିଜ୍

**ଯାଜପୁର ଅଫିସ,୩୧।୫**



ଭୁଶୁଡ଼ି ପଡ଼ିଥିବା ନିର୍ମାଣାଧୀନ ପୋଲ।

■ ୧୬ ନଂ. ଜାତୀୟ ରାଜପଥରେ ଚାଲିଛି ସମ୍ପ୍ରସାରଣ କାର୍ଯ୍ୟ
■ କର୍ମଚାରୀ, ଶ୍ରମିକ ସୁରକ୍ଷିତ

ଯାଜପୁର ଜିଲା ପାଣିକୋଇଲି ଥାନା ଅଧୀନ ବ୍ରଜନଗର ପାଖରେ ୧୬ ନମ୍ବର ଜାତୀୟ ରାଜପଥରେ ନିର୍ମାଣାଧୀନ ବ୍ରିଜ୍ ସୋମବାର ଅପରାହ୍ନ ପ୍ରାୟ ସାଢ଼େ ୩ଟାରେ ଭୁଶୁଡ଼ିପଡ଼ିଛି। ପାଣିକୋଇଲିଠାରୁ ୬ କି.ମି. ଦୂର ଭଦ୍ରକ ରାସ୍ତାରେ ଠିକାସଂସ୍ଥା ଡିବିଏଲ୍ ଦ୍ୱାରା ନିର୍ମାଣାଧୀନ ଏହି ବ୍ରିଜ କାର୍ଯ୍ୟ ଅତି ନିମ୍ନମାନର ହେଉଥିବାରୁ ଭୁଶୁଡ଼ି ପଡ଼ିଥିବା ବିଭିନ୍ନ ମହଲରେ ମତପ୍ରକାଶ ପାଇଛି।

ଭାରତୀୟ ଜାତୀୟ ରାଜପଥ ପ୍ରାଧିକରଣ(ଏନ୍‌ଏଚ୍‌ଏଆଇ) ବାଲେଶ୍ୱର ଡିଭିଜନ ଅନ୍ତର୍ଗତ ୧୬ ନମ୍ବର ଜାତୀୟ ରାଜପଥର ୬ ଲେନ୍ ସମ୍ପ୍ରସାରଣ କାର୍ଯ୍ୟ ଚାଲିଛି। ଏହି କାର୍ଯ୍ୟ ଡିବିଏଲ ସଂସ୍ଥା ଦ୍ୱାରା ହେଉଥିଲେ ହେଁ କେତେଜଣ ପେଟି କଣ୍ଟ୍ରାକ୍ଟର ଏହାକୁ ସମ୍ପାଦନ କରୁଥିବା କୁହାଯାଉଛି। ଏହାସହ ବାଲେଶ୍ୱର ଏନ୍‌ଏଚ୍‌ଏଆଇ ଡିଭିଜନ କର୍ତ୍ତୃପକ୍ଷ ନିରୀକ୍ଷଣ କରିବାକୁ ଆସୁନାହାନ୍ତି। ଫଳରେ ଠିକାସଂସ୍ଥା ଆବଶ୍ୟକ ପରିମାଣ ଓ ଉଚ୍ଚମାନର ନିର୍ମାଣ ସାମଗ୍ରୀ ବ୍ୟବହାର କରୁ ନ ଥିବା ଅଭିଯୋଗ ହେଉଛି। ମିଳିଥିବା ସୂଚନା ଅନୁଯାୟୀ, ଗତ ୩ ମାସ ହେବ ଏହି ବ୍ରିଜ୍ କାର୍ଯ୍ୟ ଆରମ୍ଭ ହୋଇଥିଲା। ଦୁର୍ଘଟଣା ସମୟରେ ବ୍ରିଜ ତଳେ କେହି କର୍ମଚାରୀ କିମ୍ବା ଶ୍ରମିକ ନ ଥିଲେ। ସେମାନେ ଉପରେ ଛାତ କାର୍ଯ୍ୟ କରୁଥିଲେ। ବ୍ରିଜ ଭୁଶୁଡ଼ିବା ଜାଣିପାରି ସେମାନେ ଦୂରକୁ ପଳାଇ ଯାଇଥିଲେ ବୋଲି ସୂଚନା ମିଳିଛି। ଏନେଇ ବ୍ରଜନଗର ବାସିନ୍ଦା ଶରତ ଚନ୍ଦ୍ର ବିଶ୍ୱାଳ କୁହନ୍ତି, ବ୍ରିଜ ତଳେ ଦୀର୍ଘଦିନ ହେଲା ପାଣି ଜମା ହୋଇ ରହିଥିଲା। ଫଳରେ ପିଲରରେ ଲାଗିଥିବା ପାଇପଗୁଡିକ ନଷ୍ଟ ହୋଇଯାଇଥିଲା। ଛାତ ପଡ଼ିବାରୁ ଭାର ସମ୍ଭାଳି ନ ପାରି ଭୁଶୁଡ଼ିପଡ଼ିଛି। ଏନେଇ ବାଲେଶ୍ୱର ଏନ୍‌ଏଚ୍‌ଏଆଇର ପ୍ରକଳ୍ପ ନିର୍ଦ୍ଦେଶକଙ୍କୁ ଯୋଗାଯୋଗ କରାଯାଇଥିଲେ ହେଁ ସେ ଫୋନ କଲ୍ ଗ୍ରହଣ କରି ନ ଥିଲେ।

# ନବରଙ୍ଗପୁର, କୋରାପୁଟରେ ୩ ଅକ୍ସିଜେନ ପ୍ଲାଣ୍ଟ



ଜୟପୁର ଏୟାରଷ୍ଟ୍ରିପ୍‌ରେ ମୁଖ୍ୟ ଶାସନ ସଚିବ, ସ୍ୱାସ୍ଥ୍ୟବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ, କୋରାପୁଟ ଜିଲାପାଳ ଓ ଅନ୍ୟ ଅନ୍ୟମାନେ।

**ଭୁବନେଶ୍ୱର(ବ୍ୟୁରୋ)/ନବରଙ୍ଗପୁର/ଜୟପୁର, ୩୧।୫ (ବି.ପ୍ର./ନି.ପ୍ର.)**

**କୋଭିଡ୍ ସ୍ଥିତି ସମୀକ୍ଷା କଲେ ମୁଖ୍ୟ ଶାସନ ସଚିବ**
■ କୋରାପୁଟରେ ୨, ନବରଙ୍ଗପୁରରେ ୧ ଅକ୍ସିଜେନ ପ୍ଲାଣ୍ଟ ପ୍ରତିଷ୍ଠା ହେବ
■ ନବରଙ୍ଗପୁରରେ ଆର୍‌ଟି-ପିସିଆର୍ ଟେଷ୍ଟ ମେଶିନ ତୁରନ୍ତ କାର୍ଯ୍ୟକ୍ଷମ ନିର୍ଦ୍ଦେଶ
■ କୋରାପୁଟରେ ଆଉଏକ କୋଭିଡ୍ ହସ୍ପିଟାଲ, କୋଟିଆ ପଞ୍ଚାୟତର ବିକାଶକୁ ଗୁରୁତ୍ୱ

ରାଜ୍ୟର କୋଭିଡ୍ ମୁକାବିଲା କ୍ଷେତ୍ରରେ ନବରଙ୍ଗପୁର ଓ କୋରାପୁଟ ଜିଲା ପ୍ରମୁଖ ଭୂମିକା ନେବ। ଏଥିପାଇଁ ରାଜ୍ୟ ସରକାର ଗୁରୁତ୍ୱ ଦେଇଛନ୍ତି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶକ୍ରମେ ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ର ଓ ସ୍ୱାସ୍ଥ୍ୟ ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ପ୍ରଦୀପ୍ତ କୁମାର ମହାପାତ୍ର ସୋମବାର ଏହି ଦୁଇ ଜିଲା ଗସ୍ତ କରି କୋଭିଡ୍ ସ୍ଥିତିର ସମୀକ୍ଷା କରିଛନ୍ତି। ନବରଙ୍ଗପୁର ଓ କୋରାପୁଟରେ ୩ ଅକ୍ସିଜେନ୍ ପ୍ଲାଣ୍ଟ ପ୍ରତିଷ୍ଠା କରାଯିବ ବୋଲି ମୁଖ୍ୟ ଶାସନ ସଚିବ ସୂଚନା ଦେଇଛନ୍ତି। ସେମାନେ ପ୍ରଥମେ ନବରଙ୍ଗପୁର ସର୍କିଟ ହାଉସ୍‌ରେ ପହଞ୍ଚିବା ପରେ ଜିଲାପାଳ ଅଜିତ କୁମାର ମିଶ୍ର, ଏସ୍‌ପି ପ୍ରହ୍ଲାଦ ସହାଇ ମୀନା, ସିଡିଏମ୍‌ଓ ଚୌଧୁରୀ ଶୋଭାରାଣୀ ମିଶ୍ର, ଉପଜିଲାପାଳ ଭାସ୍କର ରଇତଙ୍କ ସହ ଜିଲାର କୋଭିଡ୍ ସ୍ଥିତି ସମୀକ୍ଷା କରିଥିଲେ। ପରେ ନବରଙ୍ଗପୁର କୋଭିଡ୍ ହସ୍ପିଟାଲକୁ ଯାଇ ସ୍ଥିତି ଅନୁଧ୍ୟାନ କରିଥିଲେ। ଜିଲାରେ ସଂକ୍ରମଣ ନିୟନ୍ତ୍ରଣାଧୀନ ରହିଛି। କୋଭିଡ୍ ହସ୍ପିଟାଲରେ ଚିକିତ୍ସା ସେବାକୁ ନେଇ ରୋଗୀମାନେ ସନ୍ତୁଷ୍ଟ ଅଛନ୍ତି ବୋଲି ମୁଖ୍ୟ ଶାସନ ସଚିବ କହିଥିଲେ। ଜିଲାକୁ ଯୋଗାଇ ଦିଆଯାଇଥିବା ନୂଆ ଆର୍‌ଟି-ପିସିଆର୍ ଟେଷ୍ଟ ମେଶିନ ଚଳିତ ସପ୍ତାହରେ କାର୍ଯ୍ୟକ୍ଷମ କରିବାକୁ ସେ ନିର୍ଦ୍ଦେଶ ଦେଇଛନ୍ତି। ସେହିପରି ୪ମାସ ମଧ୍ୟରେ ଜିଲା ମୁଖ୍ୟ ଚିକିତ୍ସାଳୟରେ ଅକ୍ସିଜେନ ପ୍ଲାଣ୍ଟ ଏବଂ ନିର୍ମାଣାଧୀନ ଥିବା ୨୦୦ଶଯ୍ୟା ବିଶିଷ୍ଟ ନୂଆ ହସ୍ପିଟାଲ ୱାର୍ଡର ପ୍ରକଳ୍ପକୁ ପୂର୍ଣ୍ଣାଙ୍ଗ କରିବା ପାଇଁ ମୁଖ୍ୟ ଶାସନ ସଚିବ ନିର୍ଦ୍ଦେଶ ଦେଇଛନ୍ତି। ଏଥିସହ ନବରଙ୍ଗପୁର ଜିଲାକୁ ୧୦ ହଜାର ଟିକା ଦିଆଯିବ ବୋଲି ସେ ସୂଚନା ଦେଇଛନ୍ତି। ଏହାପରେ ସେମାନେ କୋରାପୁଟ ଯାଇ ସ୍ଥିତିର ସମୀକ୍ଷା କରିଥିଲେ। ଜୟପୁର ଏୟାରଷ୍ଟ୍ରିପ୍‌ରେ ପହଞ୍ଚିବା ପରେ ଜିଲାପାଳ ଅବ୍‌ଦାଲ ଅଖତାର ଏବଂ ଜୟପୁର ବିଧାୟକ ତାରା ପ୍ରସାଦ ବାହିନୀପତି ତାଙ୍କୁ ସ୍ୱାଗତ କରିଥିଲେ। କୋରାପୁଟ ଶହୀଦ ଲକ୍ଷ୍ମଣ ନାୟକ ମେଡିକାଲ କଲେଜ ଓ ଜୟପୁରସ୍ଥିତ ଜିଲା ମୁଖ୍ୟ ଚିକିତ୍ସାଳୟରେ ଅକ୍ସିଜେନ ପ୍ଲାଣ୍ଟ ପ୍ରତିଷ୍ଠା ହେବ। ପ୍ଲାଣ୍ଟ ନିର୍ମାଣ କାର୍ଯ୍ୟ ତ୍ୱରାନ୍ୱିତ କରି ୨ରୁ ୩ମାସ ମଧ୍ୟରେ ଶେଷ କରିବା ପାଇଁ ସଚିବ ନିର୍ଦ୍ଦେଶ ଦେବା ସହ ଜୟପୁରସ୍ଥିତ ଏକ ଘରୋଇ ହସ୍ପିଟାଲକୁ କୋଭିଡ୍ ହସ୍ପିଟାଲ କରାଯିବ ବୋଲି ମୁଖ୍ୟ ଶାସନ ସଚିବ ସୂଚନା ଦେଇଛନ୍ତି। ଏଥିସହ କ୍ଷେତ୍ରସ୍ଥଳରେ ପହଞ୍ଚି ଭିତ୍ତିଭୂମି ତଦାରଖ କରିଥିଲେ। ପରେ କୋଟିଆ ପଞ୍ଚାୟତରେ ଉନ୍ନୟନମୂଳକ କାର୍ଯ୍ୟର ଅଗ୍ରଗତି ସମ୍ପର୍କରେ ବୈଠକ ହୋଇଥିଲା। ସ୍ଥାନୀୟ ପ୍ରାକୃତିକ, କୃଷି ଓ ମାନବ ସମ୍ବଳ ଆଦିକୁ ଭିତ୍ତିକରି ନୂତନ ଜୀବିକା ନିର୍ବାହ ଓ ରୋଜଗାର ସୃଷ୍ଟି ନିମନ୍ତେ ପ୍ରକଳ୍ପ ପ୍ରସ୍ତୁତ କରିବା ପାଇଁ ମୁଖ୍ୟ ଶାସନ ସଚିବ ଜିଲା ପ୍ରଶାସନକୁ ନିର୍ଦ୍ଦେଶ ଦେଇଛନ୍ତି। ବିଧାୟକଙ୍କ ପାଣ୍ଠିରୁ ୨ଟି ଲାଇଫ୍ ସପୋର୍ଟ ଆମ୍ବୁଲାନ୍ସକୁ ସ୍ୱୀକୃତି, ଜୟପୁରରେ ୧୮ ବର୍ଷରୁ ଊର୍ଦ୍ଧ୍ୱ ବ୍ୟକ୍ତିଙ୍କୁ ଟିକା ଦେବା, ବୋରିଗୁମ୍ମା ଓ ଜୟପୁରରେ ଡାକ୍ତର ନିଯୁକ୍ତି, ଜୟପୁର ଏୟାରପୋର୍ଟକୁ ୧୫ଶହ ମିଟର ବୃଦ୍ଧି କରିବାକୁ ବିଧାୟକ ବାହିନୀପତି ଦାବି ଜଣାଇଥିଲେ। ଏଡିଏମ୍ ଦେବେନ କୁମାର ପ୍ରଧାନ, ଜୟପୁର ଉପଜିଲାପାଳ ହେମକାନ୍ତ ସାଏ, ସିଡିଏମ୍‌ଓ ମକରନ୍ଦ ବେଉରା ପ୍ରମୁଖ ଉପସ୍ଥିତ ଥିଲେ।

# ଯବାନଙ୍କ ଗୁଳିରେ ମହିଳା ମାଓବାଦୀ ମୃତ

**ମାଲକାନଗିରି,୩୧।୫(ଡି.ଏନ୍.ଏ.)**

**ଦନ୍ତେୱାଡାରେ ମାଓବାଦୀ ବିରୋଧୀ ଅପରେଶନ**

ମାଲକାନଗିରି ଜିଲା ସୀମାନ୍ତ ଛତିଶଗଡ଼ର ଦାନ୍ତେୱାଡା ଜିଲାର ଗୁମେଲନାଡ ଜଙ୍ଗଲରେ ମାଓବାଦୀ ଦମନ ଅପରେଶନ ବେଳେ ଯବାନଙ୍କ ଗୁଳିରେ ଜଣେ ଦୁର୍ଦ୍ଧାନ୍ତ ମାଓବାଦୀଙ୍କ ମୃତ୍ୟୁ ଘଟିଛି। ସେ ହେଲେ ପାୟୋକେ ବେକୋ।

ସୂଚନା ଅନୁଯାୟୀ, ମାଓବାଦୀମାନେ ଏକ କ୍ୟାମ୍ପରେ ରହିଥିବା ଗୋଇନ୍ଦା ସୂତ୍ରରୁ ସୂଚନା ମିଳିବା ପରେ ଯବାନଙ୍କ ପକ୍ଷରୁ ରବିବାର ରାତିରେ ମାଓବାଦୀ ବିରୋଧୀ ଅପରେଶନ ଚାଲିଥିଲା। ଏହି ସମୟରେ ଉଭୟ ଯବାନ ଏବଂ ମାଓବାଦୀଙ୍କ ମଧ୍ୟରେ ଗୁଳି ବିନିମୟ ଘଟିଥିଲା। ତେବେ ଜଙ୍ଗଲିଆ ଅଞ୍ଚଳ ହୋଇଥିବାରୁ ମାଓବାଦୀମାନେ ଛତ୍ରଭଙ୍ଗ ଦେବାରେ ସଫଳ ହୋଇଥିଲେ। ସକାଳେ ସୁରକ୍ଷା କର୍ମୀଙ୍କ ପକ୍ଷରୁ ସର୍ଚ୍ଚ ଅପରେଶନ ବେଳେ ଉକ୍ତ ମହିଳା ମାଓବାଦୀଙ୍କ ମୃତଦେହ ଠାବ ହୋଇଥିଲା। ସେହିପରି ଘଟଣାସ୍ଥଳରୁ ବନ୍ଧୁକ, ବିସ୍ଫୋରକ, ଔଷଧ ଏବଂ ମାଓବାଦୀ ସାମଗ୍ରୀ ଜବତ ହୋଇଛି। ମୃତ ମାଓବାଦୀଙ୍କ ନାମରେ ଛତିଶଗଡ଼ ସରକାରଙ୍କ ପକ୍ଷରୁ ୨ ଲକ୍ଷ ଟଙ୍କାର ପୁରସ୍କାର ରହିଥିଲା ବୋଲି ଦାନ୍ତେୱାଡା ଏସ୍‌ପି ଅଭିଷେକ ପଲ୍ଲଭ ସୂଚନା ଦେଇଛନ୍ତି।

# ମହିଳା ରୋଗୀଙ୍କୁ ବଳାତ୍କାର ଅଭିଯୋଗ

**ଆଳି,୩୧।୫(ଡି.ଏନ.ଏ.)**

**ଆଳି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର**
■ ଯୁବକ ଗିରଫ, ନକଲି ଡାକ୍ତର ସାଜି କରିଥିଲେ କାରନାମା
■ ଭାଜପା ନେତାମାନଙ୍କ ସହ ଥିବା ଫଟୋ ଭାଇରାଲ

ଆଳି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଜଣେ ମହିଳା ରୋଗୀଙ୍କୁ ଜଣେ ଯୁବକ ନିଜକୁ ଡାକ୍ତର ପରିଚୟ ଦେଇ ରବିବାର ରାତିରେ ଚିକିତ୍ସା ନାଁରେ ବଳାତ୍କାର କରିଥିବା ଅଭିଯୋଗ ହୋଇଛି। ମେଡିକାଲ ସିସିଟିଭି କ୍ୟାମେରା ଫୁଟେଜ୍‌ରୁ ଅଭିଯୁକ୍ତଙ୍କୁ ଚିହ୍ନଟ କରାଯିବା ପରେ ତାଙ୍କୁ ବିଳମ୍ବିତ ରାତିରେ ଗିରଫ କରାଯାଇଛି। ସେ ହେଲେ ବଡାମ୍ବିଳା ଗ୍ରାମର ଦୀପକ ମହାନ୍ତି। ଏନେଇ ପୋଲିସ ସୋମବାର ଆଇପିସି ଦଫା ୧୭୦/୪୧୯/୪୨୦/୩୭୬/୨୯୪/୫୦୬ ଅନୁଯାୟୀ ୧୬୫/୨୦୨୧ ନମ୍ବରରେ ଏକ ମାମଲା ରୁଜୁ କରି ଦୀପକଙ୍କୁ କୋର୍ଟଚାଲାଣ କରିଛି। ଦୀପକ ଭାଜପା ସମର୍ଥକ ଭାବେ ଆଳି ଅଞ୍ଚଳରେ ଜଣାଶୁଣା। ବର୍ତ୍ତମାନ ସେ କେନ୍ଦ୍ରାପଡ଼ା ଜନସଂଖ୍ୟା ସମାଧାନ ଫାଉଣ୍ଡେଶନର ଜିଲା ଯୁବମୋର୍ଚ୍ଚା ଉପସଭାପତି ଭାବେ କାର୍ଯ୍ୟ କରୁଛନ୍ତି। ସେ ଗିରଫ ହେବା ପରେ ଭାଜପା ନେତାମାନଙ୍କ ସହ ଥିବା ତାଙ୍କ ଫଟୋ ଭାଇରାଲ ହୋଇଛି।

ଘଟଣାରୁ ପ୍ରକାଶ ଯେ, ମହିଳା ଜଣକ ଝାଡ଼ାବାନ୍ତି ଯୋଗୁ ରବିବାର ସକାଳେ ଆଳି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି ହୋଇଥିଲେ। ତାଙ୍କୁ ସାଲାଇନ, ଔଷଧ ଆଦି ଯୋଗାଇ ଦିଆଯାଇଥିଲା। ରାତି ପ୍ରାୟ ସାଢ଼େ ୧୧ଟାରେ ଦୀପକ ତାଙ୍କ ପାଖରେ ପହଞ୍ଚିଥିଲେ। ସେହି ସମୟରେ ମହିଳାଙ୍କ ସ୍ୱାମୀ ନିକଟରେ ଉପସ୍ଥିତ ଥିଲେ। ଦୀପକ ନିଜକୁ ଗୋବିନ୍ଦପୁର ସ୍ୱାସ୍ଥ୍ୟକେନ୍ଦ୍ରର ଡାକ୍ତର ବୋଲି ପରିଚୟ ଦେଇ ମହିଳାଙ୍କୁ ଚେକ୍‌ଅପ୍ କରିବେ ବୋଲି କହିଥିଲେ। ଏହାପରେ ସେ ମହିଳାଙ୍କ ସମ୍ବେଦନଶୀଳ ଅଙ୍ଗରେ ହାତ ପୂରାଇଥିଲେ। ମହିଳା ଜଣକ ବିରୋଧ କରି ସ୍ୱାମୀଙ୍କୁ ଜଣାଇଥିଲେ। ତାଙ୍କ ସ୍ୱାମୀ ଦୀପକଙ୍କୁ ସେଠାରେ ବସିବାକୁ କହି ନର୍ସଙ୍କୁ ଡାକିବାକୁ ଯାଇଥିଲେ। ଏହି ସମୟରେ ଦୀପକ ସେଠାରୁ ଖସି ପଳାଇ ଯାଇଥିଲେ। ଏନେଇ ଖବର ପାଇ ଆଳି ଥାନା ଆଇଆଇସି ସଲିଲ କୁମାର ପ୍ରଧାନ ମେଡିକାଲରେ ପହଞ୍ଚି ସିସିଟିଭି ଫୁଟେଜକୁ ଯାଞ୍ଚ କରି ଦୀପକଙ୍କୁ ଚିହ୍ନଟ କରିଥିଲେ। ରାତି ପ୍ରାୟ ୨ଟାରେ ପୋଲିସ ବଡ଼ାମ୍ବିଳାସ୍ଥିତ ଘରୁ ଦୀପକଙ୍କୁ ଧରି ମେଡିକାଲକୁ ଆଣିବା ପରେ ତାଙ୍କୁ ମହିଳା ଓ ତାଙ୍କ ସ୍ୱାମୀ ଚିହ୍ନଟ କରିଥିଲେ।

# ଧସିଲା ବୈତରଣୀ ନଦୀବନ୍ଧ



ଧସିଯାଇଥିବା ବନ୍ଧ।

**ଭଦ୍ରକ ଅଫିସ, ୩୧।୫**

ଭଦ୍ରକ ଜିଲା ଧାମନଗର ବ୍ଲକ ଅଧୀନ ହସିନାବାଦ ପଞ୍ଚାୟତ ଉପର ଅସ୍ତକ ଗ୍ରାମ ନିକଟରେ ରବିବାର ରାତିରେ ବୈତରଣୀ ନଦୀବନ୍ଧ ପ୍ରାୟ ୩୦ଫୁଟ ଲମ୍ବର ଧସିଯାଇଛି। ଏହାର ଉତ୍ତରପାର୍ଶ୍ୱ ବନ୍ଧକୂଳରେ ଥିବା ଧରଣୀଧର ଜେନାଙ୍କ ଘର ପାଖରେ ନଦୀବନ୍ଧ ଧସିଥିବା ବେଳେ ସ୍ଥାନୀୟ ଲୋକେ ଆତଙ୍କିତ ହୋଇପଡ଼ିଛନ୍ତି। ବାତ୍ୟା 'ୟାସ୍' ପରେ ନଦୀରେ ବନ୍ୟା ଆସିଥିଲା। ବନ୍ୟା ଛାଡ଼ିଯିବା ପରେ ଏଭଳି ଘଟଣା ଘଟିଛି। ସ୍ଥାନୀୟ ଜଳସେଚନ ବିଭାଗ ଯନ୍ତ୍ରୀ ରମେଶ ଚନ୍ଦ୍ର ଦାସ ସୋମବାର ମଧ୍ୟାହ୍ନରେ ସ୍ଥିତି ଅନୁଧ୍ୟାନ କରି ଫେରିଛନ୍ତି। ଉପରିସ୍ଥ ଅଧିକାରୀଙ୍କ ନିର୍ଦ୍ଦେଶକ୍ରମେ ପଦକ୍ଷେପ ନିଆଯିବ ବୋଲି କହିଛନ୍ତି। ଗତବର୍ଷ ଏହି ସ୍ଥାନରେ ପ୍ରାୟ ୫୦ ଫୁଟ୍ ଭଳି ନଦୀବନ୍ଧ ଧସିଥିଲା। ଜଳସେଚନ ବିଭାଗ ପକ୍ଷରୁ କେବଳ ବଲ୍ଲା ପୋତାଯାଇ ଧସିବା ସ୍ଥାନକୁ ଅଟକାଯାଇଥିଲା। ସ୍ଥାନୀୟ ବିଧାୟକ ବିଷ୍ଣୁ ସେଠୀ, ପୂର୍ବତନ ବିଧାୟକ ମୁକ୍ତିକାନ୍ତ ମଣ୍ଡଳଙ୍କ ସମେତ ରାଜନେତାମାନେ ଉକ୍ତ ସ୍ଥାନ ପରିଦର୍ଶନ କରି ତୁରନ୍ତ ପଥରପ୍ୟାଙ୍କିଂ ପାଇଁ ପ୍ରତିଶ୍ରୁତି ଦେଇଥିଲେ। କିନ୍ତୁ ଏପର୍ଯ୍ୟନ୍ତ ସେଠାରେ ପଥରପ୍ୟାଙ୍କିଂ ହୋଇ ନ ଥିବାରୁ ଅସନ୍ତୋଷ ପ୍ରକାଶ ପାଇଛି।

# ବିନା ଭକ୍ତରେ ହୋଇପାରେ ସ୍ନାନଯାତ୍ରା

**ପୁରୀ ଅଫିସ,୩୧।୫**

କୋଭିଡ୍ କଟକଣା ମଧ୍ୟରେ ବିନା ଭକ୍ତରେ ଚଳିତ ବର୍ଷର ସ୍ନାନଯାତ୍ରା ହୋଇପାରେ। ତେବେ ଏ ନେଇ କୌଣସି ଚୂଡ଼ାନ୍ତ ନିଷ୍ପତ୍ତି ନିଆଯାଇନାହିଁ। କେବଳ ଆଲୋଚନା ଚାଲିଛି। ସ୍ନାନଯାତ୍ରା ସହ ସଂଶ୍ଳିଷ୍ଟ ସମସ୍ତ ବ୍ୟକ୍ତିବିଶେଷଙ୍କ ସହିତ ବିଚାର ବିମର୍ଶ କରାଯିବା ପରେ ଚୂଡ଼ାନ୍ତ ନିଷ୍ପତ୍ତି ନିଆଯିବ ବୋଲି ଶ୍ରୀମନ୍ଦିର ଉପମୁଖ୍ୟ ପ୍ରଶାସକ ତଥା ପୁରୀ ଜିଲାପାଳ ସମର୍ଥ ବର୍ମା ସୋମବାର ଗଣମାଧ୍ୟମକୁ ସୂଚନା ଦେଇଛନ୍ତି। ଜିଲାପାଳ ବର୍ମା କହିଛନ୍ତି, ପୁରୀ ଜିଲାରେ ଏବେ ଦୈନିକ କୋଭିଡ୍ ସଂକ୍ରମଣ ୩ଶହରୁ ୪ଶହ ରହୁଛି। ସଂକ୍ରମଣକୁ ଦୃଷ୍ଟିରେ ରଖି ଚଳିତବର୍ଷର ଚନ୍ଦନଯାତ୍ରାକୁ ବିନା ଭକ୍ତରେ କରାଯାଉଛି। ଯଦି ଏଭଳି କୋଭିଡ୍ ସ୍ଥିତି ଜାରି ରହେ ତେବେ ଆଗକୁ ମଧ୍ୟ ବିନା ଭକ୍ତରେ ସ୍ନାନଯାତ୍ରା ହେବାର ସମ୍ଭାବନା ରହିଛି। ତେବେ ଏ ନେଇ ବିଧିବଦ୍ଧ ଭାବେ କିଛି ନିଷ୍ପତ୍ତି ନିଆଯାଇନାହିଁ କି ସ୍ନାନଯାତ୍ରା ସଂକ୍ରାନ୍ତ କୌଣସି ବୈଠକ ଏପର୍ଯ୍ୟନ୍ତ ହୋଇନାହିଁ। ବୈଠକ ନ ହେବା ପୂର୍ବରୁ ସ୍ନାନଯାତ୍ରା ସମ୍ପର୍କରେ ସ୍ପଷ୍ଟ ଭାବେ କୁହାଯାଇପାରିବ ନାହିଁ। ସ୍ନାନଯାତ୍ରା ସହ ସମ୍ପୃକ୍ତ ସେବାୟତ ଏବଂ ଅନ୍ୟ ପକ୍ଷଙ୍କ ସହ ପ୍ରଶାସନ ଆଲୋଚନା କରିବ। ଏହାପରେ ସହମତି ଭିତ୍ତିରେ ଚୂଡ଼ାନ୍ତ ନିଷ୍ପତ୍ତି ନିଆଯିବ। ଶ୍ରୀମନ୍ଦିର ପ୍ରଶାସନ ଏନେଇ ବିଧିବଦ୍ଧ ଭାବେ ସୂଚନା ଦେବେ ବୋଲି ଜିଲାପାଳ ପ୍ରକାଶ କରିଛନ୍ତି। ଚଳିତବର୍ଷ ଜୁନ୍ ୨୪ରେ ଦେବସ୍ନାନ ପୂର୍ଣ୍ଣିମା ତଥା ସ୍ନାନଯାତ୍ରା ପଡୁଛି। ଗତବର୍ଷ କରୋନା ଯୋଗୁ ବିନା ଭକ୍ତରେ ସ୍ନାନଯାତ୍ରା ସମ୍ପନ୍ନ ହୋଇଥିଲା।

# ଶୌଚାଳୟ, ଚଟାଣରେ ଶୋଉଛନ୍ତି ଆକ୍ରାନ୍ତ

**ବାରିପଦା ଅଫିସ,୩୧।୫**



ବାଙ୍କିଶୋଳ କୋଭିଡ୍ ହସ୍ପିଟାଲରେ ଜିଲାପାଳ ଓ ଅନ୍ୟ ଅଧିକାରୀମାନେ।

■ ବାରିପଦା କୋଭିଡ୍ ହସ୍ପିଟାଲ୍‌ରେ ଅବ୍ୟବସ୍ଥା
■ ଭିଡିଓ ଭାଇରାଲ୍ ପରେ ପ୍ରତିକ୍ରିୟା
■ ପିପିଇ କିଟ୍ ପିନ୍ଧି ଅନୁଧ୍ୟାନ କଲେ ଜିଲାପାଳ

ମୟୂରଭଞ୍ଜ ଜିଲା ବାରିପଦା ବାଙ୍କିଶୋଳରେ ଥିବା କୋଭିଡ୍ ହସ୍ପିଟାଲ୍‌ରେ ଅବ୍ୟବସ୍ଥା ଦେଖାଦେଇଥିବା ଅଭିଯୋଗ ହୋଇଛି। ଏ ସମ୍ପର୍କିତ ଫଟୋ ଓ ଭିଡିଓ ଭାଇରାଲ ହେବା ପରେ ଜିଲାବ୍ୟାପୀ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ଏହି ହସ୍ପିଟାଲ୍‌ରେ ଚିକିତ୍ସାଧିନ ଆକ୍ରାନ୍ତମାନଙ୍କ ମଧ୍ୟରୁ କେତେଜଣ ଉଲଗ୍ନ ହୋଇ ତଳେ, ଶୌଚାଳୟ ଓ ଚଟାଣରେ ଶୋଇଥିବା ଭାଇରାଲ ଭିଡିଓରେ ଦେଖିବାକୁ ମିଳିଛି। ଏନେଇ ସୋମବାର ଆକ୍ରାନ୍ତଙ୍କ ସମ୍ପର୍କୀୟଙ୍କ ସମେତ ଜିଲାବାସୀ ଜିଲାପାଳ ବିନୀତ ଭରଦ୍ୱାଜଙ୍କ ନିକଟରେ ଅଭିଯୋଗ କରିଥିଲେ। ଜିଲାପାଳ ସୋମବାର ପିପିଇ କିଟ୍ ପିନ୍ଧି ହସ୍ପିଟାଲକୁ ଯାଇ ବ୍ୟବସ୍ଥାର ଅନୁଧ୍ୟାନ କରିଥିଲେ। ଏଭଳି ସମ୍ବେଦନଶୀଳ ଘଟଣାକୁ ନେଇ ଭଞ୍ଜସେନାର କାର୍ଯ୍ୟକାରୀ ଉପାଧ୍ୟକ୍ଷ ରାକେଶ ସିଂ, ଆଇନଜୀବୀ ବିପ୍ଳବ ବାରିକ, ଅନ୍ନଦା ପ୍ରସାଦ ଦାସ, ବିବେକାନନ୍ଦ ଦାଶ ଓ ଗଣମାଧ୍ୟମ ପ୍ରତିନିଧିମାନେ ଜିଲାପାଳଙ୍କୁ ଭେଟି ଅଭିଯୋଗ କରିବା ସହିତ ତଦନ୍ତ ଦାବି କରିଛନ୍ତି। ତେବେ ଡାକ୍ତରଖାନା ଭଲରେ ଚାଲିଛି। ବହୁତ ଡାକ୍ତର ଓ କର୍ମଚାରୀଙ୍କୁ ଏଥିରେ ନିଯୁକ୍ତ କରାଯାଇଛି। ଜିଲା ପ୍ରଶାସନ ପକ୍ଷରୁ ଏକ ଟିମ୍ ସେଠାରେ ରହି ସ୍ଥିତିର ଅନୁଧ୍ୟାନ କରୁଛନ୍ତି। କୌଣସି ଅଭିଯୋଗ ଆସିଲେ ତା'ର ତଦନ୍ତ ପୂର୍ବକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉଛି ବୋଲି ଜିଲାପାଳ ଭରଦ୍ୱାଜ କହିଛନ୍ତି। ଭାଇରାଲ ହୋଇଥିବା ଫଟୋ ତଥା ଭିଡିଓ ସମ୍ପର୍କରେ ଜିଲାପାଳ କୁହନ୍ତି, ସମ୍ପୃକ୍ତ ଆକ୍ରାନ୍ତ ଜଣକ ମଦ୍ୟପାନ କରି ହସ୍ପିଟାଲ ଆସିଥିଲେ। ଡାକ୍ତର ଓ ନର୍ସ ତାଙ୍କୁ ଯେତେ ବୁଝାଇଲେ ମଧ୍ୟ ସେ କିଛି ନ ଶୁଣି ତଳେ ଶୋଇଥିଲେ। ଏନେଇ ହସ୍ପିଟାଲ ପକ୍ଷରୁ ତାଙ୍କ ପରିବାର ଲୋକଙ୍କୁ ଅବଗତ କରାଯାଇଥିଲା। ଜିଲାପାଳଙ୍କ ସମେତ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ, ପିଏ ଆଇଟିଡିଏ ଓ ଉପ ଜିଲାପାଳ ପ୍ରମୁଖ ହସ୍ପିଟାଲ୍ ଯାଇ ଚିକିତ୍ସିତ ଆକ୍ରାନ୍ତଙ୍କ ସହ ଆଲୋଚନା କରିଥିବା ଥିବା ଜିଲାପାଳ ସୂଚନା ଦେଇଛନ୍ତି ।

**UTKAL UNIVERSITY**
UTKAL UNIVERSITY NAAC-A+ Accreditation
**M.TECH. (IT)**
**ADMISSION 2021-22**
Applications are invited for admission for the 2 Year Full time Program on M.Tech in Information Technology in the department for the academic session **2021-22** under PPP mode.
**ELIGIBILITY FOR ADMISSION**
(I) Master's degree in Computer Science / information Technology / Computer Applications / Statistics / Mathematics / Physics / Electronic Sciences or any other qualification considered equivalent.
(ii) Bachelor's degree in Engineering / Technology or any other qualification considered equivalent (such as AMIEE or DOEACC 'B' Level). Candidates waiting for final result can also apply.
**Last date of issue and submission of application form 31.07.2021**
**Date of Entrance : 07.08.2021 (01:00 P.M. - 02:30 P.M.)**
For more details visit the website : **www.citeutkal.com**
**Course Director, Centre for IT Education, M.TECH.(IT)**
**P.G. Department of Statistics, Utkal University,**
**Vani Vihar, Bhubaneswar-751004,**
**Tel : 0674-2567711 / 9438014469 / 6371615706.**
**e-mail : admission@citeutkal.com / centreforiteducation@gmail.com**
**Chairman, P.G. Council**

**ଆଜିର ମନ୍ତବ୍ୟ**

"ବର୍ତ୍ତମାନ ରାଜ୍ୟ ସରକାରଙ୍କ ସହ ନୁହେଁ, ବରଂ କରୋନା ସହ ଲଢ଼େଇ କରିବାର ବେଳ।
—ଅରବିନ୍ଦ କେଜ୍‌ରିୱାଲ, ଦିଲ୍ଲୀ ମୁଖ୍ୟମନ୍ତ୍ରୀ




## ଜନ୍ମଦିନର ଶୁଭେଚ୍ଛା

ନାମ: ..................................
ବୟସ:..................................
ଜନ୍ମ ତାରିଖ: ..........................



ରାନୀ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ବିଧାୟକ ପ୍ରଦୀପ ପାଣିଗ୍ରାହୀଙ୍କୁ ଜାମିନ | ଟାଟା କମ୍ପାନୀରେ ଚାକିରି ପାଇଁ ଟଙ୍କା ନେବା ମାମଲା

**କଟକ ଅଫିସ, ୩୧।୫:** ଗଞ୍ଜାମ ଜିଲା ଗୋଳନ୍ଥରା ଥାନାରେ ବିଧାୟକ ପ୍ରଦୀପ ପାଣିଗ୍ରାହୀଙ୍କ ବିରୋଧରେ ଥିବା ୩ଟି ମାମଲାରେ ତାଙ୍କୁ ସୋମବାର ହାଇକୋର୍ଟରୁ ଜାମିନ ମିଳିଛି। ୧୪ ଲକ୍ଷ ଟଙ୍କା ଜମାକରି ଜାମିନରେ ଯିବେ ବୋଲି ହାଇକୋର୍ଟ ସର୍ତ୍ତ ରଖିଛନ୍ତି। ହାଇକୋର୍ଟର ଅବକାଶକାଳୀନ ବିଚାରପତି ସଙ୍ଗମ କୁମାର ସାହୁ ଏହି ମାମଲାର ଶୁଣାଣି କରି ଉପରୋକ୍ତ ନିର୍ଦ୍ଦେଶ ଦେଇଛନ୍ତି। ତେବେ ଜାମିନ ମିଳିବା ସତ୍ତ୍ୱେ ସେ ଜେଲ୍‌ରୁ ବର୍ତ୍ତମାନ ବାହାରି ପାରିବେନାହିଁ। ସେ ଟାଟା କମ୍ପାନୀରେ ଚାକିରି କରାଇଦେବା ନାଁରେ ୩ ଜଣଙ୍କଠାରୁ ୧୪ ଲକ୍ଷ ଟଙ୍କା ନେଇଥିଲେ। ଏ ନେଇ ଗୋଳନ୍ଥରା ଥାନାରେ ତିନୋଟି ପୃଥକ ମାମଲା ରୁଜୁ ହୋଇଥିଲା। ଏହି ମାମଲାରେ ସେ ଜାମିନ ଆବେଦନ କରି ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ହାଇକୋର୍ଟ ତାଙ୍କୁ ଏଥିରେ ଜାମିନ ପ୍ରଦାନ କରିଛନ୍ତି। ପୂର୍ବରୁ ସେ ଗୋଟିଏ ମାମଲାରେ ଜାମିନ ପାଇଛନ୍ତି। ତେବେ ତାଙ୍କ ନାଁରେ ଆଉ ୨ଟି ମାମଲା ରହିଛି।

# ୧୭ ଯାଏ ଓଏଚ୍ଆର୍‌ସିକୁ ସର୍ବସାଧାରଣ ପ୍ରବେଶ ମନା

**ଭୁବନେଶ୍ୱର,୩୧।୫(ବ୍ୟୁରୋ)**

କରୋନା ସଂକ୍ରମଣକୁ ଦୃଷ୍ଟିରେ ରଖି ଆସନ୍ତା ୧୭ ତାରିଖ ପର୍ଯ୍ୟନ୍ତ ଓଡିଶା ମାନବାଧିକାର କମିଶନ(ଓଏଚ୍ଆର୍‌ସି)ଙ୍କ କାର୍ଯ୍ୟାଳୟରେ ସାଧାରଣ ଲୋକଙ୍କ ପ୍ରବେଶକୁ ବନ୍ଦ କରାଯାଇଛି। ପୂର୍ବରୁ ମେ ୩୧ ପର୍ଯ୍ୟନ୍ତ ପ୍ରବେଶ ବନ୍ଦ ରହିଥିବାବେଳେ ଏବେ ପୁଣି ଅବଧି ବଢାଇ ଦିଆଯାଇଛି। ଏହାସହ କର୍ମଚାରୀମାନେ ସାମାଜିକ ଦୂରତା ମାନିବା ସହ ମାସ୍କ ପିନ୍ଧିବା ଆଦି ନିୟମକୁ କଡ଼ାକଡ଼ି ପାଳନ କରିବେ। ଲୋକଙ୍କ ଅଭିଯୋଗର ପଞ୍ଜୀକରଣ ଏବଂ ଯାଞ୍ଚ ନିୟମିତ ଭାବରେ ଜାରି ରହିବ। ଏହି ସମୟ ମଧ୍ୟରେ ଶୁଣାଣି ପାଇଁ କେବଳ ଜରୁରୀ ମାମଲା ଗ୍ରହଣ କରାଯିବା ସହ ଅନ୍‌ଲାଇନ୍ (ohrc@nic.in) ମାଧ୍ୟମରେ ଅଭିଯୋଗ ଆବେଦନ କରିହେବ। ସେହିପରି ଆବେଦନକାରୀ ଓଏଚ୍ଆର୍‌ସି ସେଲ୍ ନଂ.୮୭୬୩୬୪୨୦୮୦ରେ ଆସିଷ୍ଟାଣ୍ଟ ରେଜିଷ୍ଟ୍ରାରଙ୍କୁ ଯୋଗାଯୋଗ କରିପାରିବେ। ଏହାସହ କମିଶନ ଅଧ୍ୟକ୍ଷଙ୍କ ଅନୁମତି ମିଳିବା ପରେ ଅତିଜରୁରୀ ମାମଲାଗୁଡିକୁ ଗ୍ରହଣ କରାଯାଇ ଭର୍ଚୁଆଲ୍ ମୋଡ୍‌ରେ ଶୁଣାଣି କରାଯିବ ବୋଲି କମିଶନଙ୍କ ସଚିବ ଜଣାଇଛନ୍ତି। ସୂଚନାଯୋଗ୍ୟ, ତୋଷାଳୀ ଭବନରେ କାର୍ଯ୍ୟ କରୁଥିବା ଓଏଚ୍ଆର୍‌ସିଙ୍କ କାର୍ଯ୍ୟାଳୟରେ ସଂକ୍ରମଣ ବ୍ୟାପିବା ସହ ଜଣେ କର୍ମଚାରୀଙ୍କର ଗତ କିଛିଦିନ ତଳେ ମୃତ୍ୟୁ ଘଟିବା ପରେ ପ୍ରବେଶ ଉପରେ କଟକଣା ଲଗାଯାଇଛି।

# ୪ ଜିଲାରେ ହେବ ଅଣଧାନ ଫସଲ

**ଭୁବନେଶ୍ୱର,୩୧।୫(ବ୍ୟୁରୋ):** ଚଳିତ ଖରିଫ୍‌ରେ ରାଜ୍ୟର ମୋଟ ୧୨ ହଜାର ୨୦୭ ହେକ୍ଟର ଚାଷଜମିରେ ଫସଲର ବିବିଧୀକରଣର ଏକ ପାଇଲଟ୍ ପ୍ରକଳ୍ପ କାର୍ଯ୍ୟକାରୀ କରାଯିବ। ଏହାକୁ କୃଷି ଓ କୃଷକ ସଶକ୍ତୀକରଣ, ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିକାଶ, ଉଚ୍ଚଶିକ୍ଷା ମନ୍ତ୍ରୀ ଅରୁଣ କୁମାର ସାହୁ ସୋମବାର ଅନୁମୋଦନ କରିଛନ୍ତି। ରାଜ୍ୟର ୪ଟି ଜିଲା କଳାହାଣ୍ଡି, ମାଲକାନଗିରି, ନବରଙ୍ଗପୁର ଏବଂ କୋରାପୁଟ ଜିଲାର ୧୮ଟି ମେଗା ଉଠାଜଳସେଚନ ପ୍ରକଳ୍ପ ଅନ୍ତର୍ଗତ ୧୦୧ଟି ଗ୍ରାମର ୧୨ ହଜାର ୨୦୭ ହେକ୍ଟର ଜମିକୁ ଏଥିରେ ଅନ୍ତର୍ଭୁକ୍ତ କରାଯାଇଛି। ୧୨ଟି କ୍ଲଷ୍ଟରରେ ଏହି ଚାଷ କରାଯିବ। ପ୍ରତି କ୍ଲଷ୍ଟରରେ ୧୦୦୦ ହେକ୍ଟର ଚାଷ ଜମିରେ ଫସଲର ବିବିଧୀକରଣ କରାଯାଇ ଚାଷ କରାଯିବ। ମୃତ୍ତିକା ଓ ସ୍ଥାନୀୟ ଜଳବାୟୁ ଅନୁସାରେ ଚଳିତ ଖରିଫ୍ ଋତୁରେ ଫସଲର ବିବିଧୀକରଣ କରାଯାଇ ଅଣଧାନ ଅର୍ଥକରୀ ଫସଲ ଚାଷ ପାଇଁ ପଦକ୍ଷେପ ନିଆଯାଇଛି। ରାଜ୍ୟ ସରକାର କୃଷକଙ୍କ ଆୟ ବହୁଗୁଣିତ କରିବା ଲକ୍ଷ୍ୟରେ ଫସଲର ବିବିଧୀକରଣ ଉପରେ ଗୁରୁତ୍ୱ ପ୍ରଦାନ କରୁଛନ୍ତି। ଅଣଧାନ ଚାଷ ଯଥା ଡାଲି, ତୈଳବୀଜ, କପା, ମକା ଆଦି ଅର୍ଥକରୀ ଫସଲ ଚାଷ କରୁଥିବା ଚାଷୀଙ୍କୁ ପ୍ରୋତ୍ସାହନ ରାଶି ଯୋଗାଇ ଦେବାର ବ୍ୟବସ୍ଥା ମଧ୍ୟ କରାଯାଇଛି।

# ୪ ଅତିରିକ୍ତ ଏସ୍‌ପିଙ୍କୁ ନୂଆ ନିଯୁକ୍ତି

**ଭୁବନେଶ୍ୱର,୩୧।୫(ବ୍ୟୁରୋ):** ଓଡ଼ିଶା ପୋଲିସର ୪ଜଣ ଅତିରିକ୍ତ ଏସ୍‌ପି ପାହ୍ୟାର ଅଫିସରଙ୍କୁ ନୂଆ ନିଯୁକ୍ତି ପ୍ରଦାନ କରାଯାଇଛି। ଗତ ୭ ତାରିଖରେ ଗୃହ ବିଭାଗ ପକ୍ଷରୁ ସେମାନଙ୍କୁ ଡିଏସ୍‌ପି ପାହ୍ୟାରୁ ଅତିରିକ୍ତ ଏସ୍‌ପି ପାହ୍ୟାକୁ ପଦୋନ୍ନତି ଦିଆଯାଇଥିଲା। ସୋମବାର ସେମାନଙ୍କୁ ନୂଆ ଦାୟିତ୍ୱରେ ଅବସ୍ଥାପିତ କରାଯାଇଛି। ପ୍ରକାଶିତ ବିଜ୍ଞପ୍ତି ଅନୁସାରେ, ଦିଲୀପ କୁମାର ତ୍ରିପାଠୀଙ୍କୁ ଅତିରିକ୍ତ ଏସ୍‌ପି ସିଏଡବ୍ଲ୍ୟୁ ଓ ସିଡବ୍ଲ୍ୟୁ ସମେତ ଇଓଡବ୍ଲ୍ୟୁ ଏବଂ ଶ୍ରୀହର୍ଷ ମିଶ୍ରଙ୍କୁ ଅତିରିକ୍ତ ଏସ୍‌ପି ଇଣ୍ଟେଲିଜେନ୍ସ ଓ ଏଥିସହିତ ପୋଲିସ ମୁଖ୍ୟାଳୟରେ କାର୍ଯ୍ୟ କରିବେ। ସେହିପରି ଉମେଶ କୁମାର ପଣ୍ଡାଙ୍କୁ ଆଇୟୁସିଏଡବ୍ଲ୍ୟୁ ଜଗତ୍‌ସିଂପୁର ଏବଂ ସୁବୋଧ କୁମାର ମଲ୍ଲିକଙ୍କୁ ଅତିରିକ୍ତ ଏସ୍‌ପି ଏସ୍‌ଓଜି ଓ ଏଥିସହିତ ରାଜ୍ୟ ପୋଲିସକୁ ବଦଳି କରାଯାଇଛି। ସେହିପରି ୪ଜଣ ଇନ୍ସପେକ୍ଟରଙ୍କୁ ବଦଳି କରାଯାଇଛି। କଟକ ସିଆଇଡି(ସିବି)ରେ କାର୍ଯ୍ୟ କରୁଥିବା ରୀନା ବେହେରାଙ୍କୁ ଇଓଡବ୍ଲ୍ୟୁ, କମିଶନରେଟ୍ ପୋଲିସରେ କାର୍ଯ୍ୟ କରୁଥିବା ଅର୍ପିତା ଖଟୁଆଙ୍କୁ ସୁନ୍ଦରଗଡ଼, ଅଞ୍ଜଳି ଛୋଟରାୟଙ୍କୁ ରାଉରକେଲା ଓ ବାଲେଶ୍ୱରରେ କାର୍ଯ୍ୟ କରୁଥିବା ଅନୁପ କୁମାର କାନୁନ୍‌ଗୋଙ୍କୁ ସ୍ପେଶାଲ ବ୍ରାଞ୍ଚ ଭୁବନେଶ୍ୱରକୁ ବଦଳି କରାଯାଇଛି।

# ଟାଙ୍କିରେ ଶ୍ୱାସରୁଦ୍ଧ ହୋଇ ୨ ମୃତ

**ଫୁଲବାଣୀ ଅଫିସ, ୩୧।୫**

କନ୍ଧମାଳ ଜିଲା ଫୁଲବାଣୀ ବ୍ଲକ ଆଲାମୀ ପଞ୍ଚାୟତ ପିଟବାରୀ ଗ୍ରାମରେ ସୋମବାର ଏକ ଅଭାବନୀୟ ଘଟଣା ଘଟିଛି। ନିର୍ମାଣାଧୀନ ପାଇଖାନା ଟାଙ୍କିରେ ପଶି ଛାତ ତଳୁ କାଠ କାଢୁଥିବା ବେଳେ ଶ୍ୱାସରୁଦ୍ଧ ହୋଇ ୨ ଜଣଙ୍କ ମୃତ୍ୟୁ ଘଟିଛି। ସେମାନେ ହେଲେ ଘର ମାଲିକ ତଥା ଅବସରପ୍ରାପ୍ତ ସେନା କର୍ମଚାରୀ ସଞ୍ଜୟ ପ୍ରଧାନ ଓ ଶ୍ରମିକ ସନ୍ତୋଷ କହଁର।

ସଞ୍ଜୟଙ୍କର ନୂଆ ଘର ନିର୍ମାଣ ଚାଲିଛି। କିଛି ଦିନ ହେଲା ପାଇଖାନା ଟାଙ୍କିର ଛାତ ପଡିଥିଲା। ଛାତ ତଳେ ଦିଆଯାଇଥିବା କାଠ କାଢ଼ିବାକୁ ସନ୍ତୋଷ ପ୍ରଥମେ ଟାଙ୍କିରେ ପଶିଥିଲେ। ସେ ବାହାରିବାରେ ବିଳମ୍ବ ହେବାରୁ ଘର ମାଲିକ ସଞ୍ଜୟ ମଧ୍ୟ ଭିତରକୁ ଯାଇଥିଲେ। ସେ ମଧ୍ୟ ନ ବାହାରିବାରୁ ସେଠାରେ କାମ କରୁଥିବା ଅନ୍ୟମାନେ ଟାଙ୍କିକୁ ଯାଇ ଉଭୟେ ଅଚେତ ହୋଇପଡିଥିବା ଦେଖିଥିଲେ। ଏ ସମ୍ପର୍କରେ ତୁରନ୍ତ ଅଗ୍ନିଶମ ବାହିନୀକୁ ଖବର ଦିଆଯାଇଥିଲା। ଅଗ୍ନିଶମ କର୍ମଚାରୀମାନେ ପହଞ୍ଚି ସନ୍ତୋଷ ଓ ସଞ୍ଜୟଙ୍କୁ ଉଦ୍ଧାର କରି ଫୁଲବାଣୀ ମେଡିକାଲକୁ ଆଣିଥିଲେ। ସେଠାରେ ଉଭୟଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ।

## ଢଗଢମାଳି



(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**କୁହନ୍ତି ଯେଡ଼େ**
**ନୁହନ୍ତି ତେଡ଼େ।**

ଫମ୍ପା ଆଶ୍ୱାସନା କାହାରି ଦୁଃଖ ଲାଘବ କରି ନ ଥାଏ। କିଛି ବ୍ୟକ୍ତି ତୁମ୍ବି ତୋଫାନ କରି କଥା କହିଥାନ୍ତି। ପରନ୍ତୁ ତାଙ୍କ କଥା କହିବା ଓ କରିବା ଭିତରେ ଅନେକ ଫରକ ରହିଥାଏ। ଏପରି ବ୍ୟକ୍ତିଙ୍କ କଥାକୁ ସେତେଟା ଗୁରୁତ୍ୱ ଦେବା ଅନୁଚିତ ହୋଇଥିବା ସ୍ଥଳେ କଥା ସହିତ କାମ ଖାପ ନ ଖାଇବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

**କପା ଖାଇ ହେଲା କଟର କଟର**
**ଢୋଲ ବାଜେ ଢାଉଁ ଢାଉଁ**
**ବାବାଜୀଙ୍କ ଗୋଡ଼େ ଜଟା ବାଜୁଅଛି**
**ପିଲା କାନ୍ଦେ କାଉଁ କାଉଁ**

ଯେଖା କୁ ଯେଖା ପ୍ରଯୁଜ୍ୟ। କପା ଖାଇ କଟର କଟର ଶବ୍ଦ କରେ। ଢୋଲ ବଜେଇଲେ ଢାଉଁ ଢାଉଁ ଶବ୍ଦ ସୃଷ୍ଟି କରିଥାଏ। ବାବାଜୀଙ୍କର ଲମ୍ବ ଜଟା ଓହଳିବା ପରି ଛୋଟ ପିଲା କଇଁ କଇଁ ହୋଇ କାନ୍ଦିବା ସ୍ୱାଭାବିକ ଅର୍ଥରେ ଏଭଳି ଉକ୍ତି ବର୍ଣ୍ଣନା କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୁଢ଼ି ପ୍ରୟୋଗ – ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରାଃ ଲିଃ


classifieds Everyday 0674-2580101, 2549302




**SALE**

Residential Plots at Nakhara (Anantapur) Dadhichi, Madanpur (Opp.) GEC, Sundarpada (Balabhadrapur), Rangabazar, Pahala. 7978209813. D-70848




Monalisa massage club : All types body massage with hiprofile smart lady rooms service available 9708545108. D-20791

**ପାଠକଙ୍କ ପାଇଁ ସୂଚନା**
କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।


## ପ୍ରଥମ ପୃଷ୍ଠାରୁ...

### ମାସକରେ ୭୧୧...

ଜୀବନ ନେଇଛି କରୋନା। ଅନୁଗୋଳ ଜିଲାରୁ ସର୍ବାଧିକ ୫ଜଣ ଥିବାବେଳେ କଟକ, ନବରଙ୍ଗପୁର, ସୁବର୍ଣ୍ଣପୁର, କଳାହାଣ୍ଡି, କେନ୍ଦ୍ରାପଡ଼ା ଓ ଖୋର୍ଦ୍ଧାରୁ ୩ଜଣ ଲେଖାଏ, ଦେବଗଡ଼, ଗଜପତି, ଗଞ୍ଜାମ, ଝାରସୁଗୁଡ଼ା ଓ ସୁନ୍ଦରଗଡ଼ରୁ ୨ଜଣ ଲେଖାଏ, ନୟାଗଡ଼ ଓ ନୂଆପଡ଼ାରୁ ଜଣେ ଲେଖାଏ ରହିଛନ୍ତି। ଏମାନଙ୍କୁ ମିଶାଇ ରାଜ୍ୟରେ ଏବେ ମୋଟ ମୃତ୍ୟୁ ସଂଖ୍ୟା ୨,୭୫୪କୁ ବୃଦ୍ଧି ପାଇଛି। ଖୋର୍ଦ୍ଧା ଜିଲାରୁ ସର୍ବାଧିକ ୪୬୮ଜଣ ଥିବା ବେଳେ ଗଞ୍ଜାମରେ ୨୮୩ ଓ ସୁନ୍ଦରଗଡ଼ରେ ୨୬୭ ମୃତକ ରହିଛନ୍ତି। ତେବେ ଅନୁଗୋଳ ଜିଲାରେ ସଂକ୍ରମଣ ଓ ମୃତ୍ୟୁ ବୃଦ୍ଧି ପାଉଥିବା ଜଣାପଡିଛି। ୬ ଦିନରେ ୩୦ଜଣଙ୍କ ମୃତ୍ୟୁ ଘଟିବା ପରେ ଏହି ଜିଲାରେ ମୃତ୍ୟୁ ଶହେ ଟପିଛି। ସେପଟେ ରାଜ୍ୟରେ ଗତ ୨୪ଘଣ୍ଟାରେ ୬୧,୬୧୩ ନମୁନା ପରୀକ୍ଷା ହୋଇଥିଲା। ଏଥିରୁ ୮,୩୧୩ଜଣ ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ଖୋର୍ଦ୍ଧା ଜିଲାରୁ ସର୍ବାଧିକ ୧୭୪ଜଣ ଥିବାବେଳେ କଟକରୁ ୫୧୩, ମୟୂରଭଞ୍ଜ ୫୩୨, ଅନୁଗୋଳରୁ ୫୦୫, ସୁନ୍ଦରଗଡ଼ ୪୬୫, ବାଲେଶ୍ୱର ୪୫୨, ଢେଙ୍କାନାଳ ୪୦୭, ପୁରୀ ୪୦୫ଜଣ ରହିଛନ୍ତି। ବାକିସବୁ ଜିଲାରେ ୪ଶହ ତଳକୁ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ଫଳରେ ରାଜ୍ୟରେ ମୋଟ ସଂକ୍ରମଣ ୭,୬୪,୯୧୭ରେ ପହଞ୍ଚିଛି।

ଏ ନେଇ ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଡା. ନିରଞ୍ଜନ ମିଶ୍ର କହିଛନ୍ତି, ମେ ମାସ ଘାତକ ଥିଲା। ଏବେ କରୋନାର ଟ୍ରେଣ୍ଡ୍ କମୁଛି। ଆଶା କରାଯାଉଛି ଜୁନ୍ ମାସ ଆଶ୍ୱସ୍ତି ଆଣିବ। ସଂକ୍ରମଣ ପୁଣି ଲକ୍ଷେ ପାଖକୁ ଖସିଆସିବ। ହେଲେ ସଂକ୍ରମଣ ବଢ଼ିଲେ ଲକ୍‌ଡାଉନ ବଢ଼ିପାରେ। ତେଣୁ ସଜାଗ ରହିବା ଉଚିତ ବୋଲି ସେ ପରାମର୍ଶ ଦେଇଛନ୍ତି।

### ୭.୩% ଖସିଲା...

ବର୍ଷରେ ଟେକ୍ନିକାଲ ରିସେସନ ଦେଇ ଗତି କରିଥିବା ବେଳେ ଧୀରେ ଧୀରେ ଏଥିରୁ ମୁକୁଳି ଏବେ ସୁଧାର ପଥକୁ ଫେରିଛି। ଗତବର୍ଷ ଜାନୁୟାରୀ-ମାର୍ଚ୍ଚରେ ଜିଡିପି ଅଭିବୃଦ୍ଧି ୩% ସ୍ତରରେ ଥିଲା। ଗତବର୍ଷ କରୋନାଜନିତ ଲକ୍‌ଡାଉନ ପୂର୍ବରୁ ଅର୍ଥ ବ୍ୟବସ୍ଥା ମାନ୍ଦାବସ୍ଥା ଦେଇ ଗତି କରୁଥିଲା। ସାରା ଦେଶରେ ଲକ୍‌ଡାଉନ ଜାରି କରାଯିବା ଯୋଗୁ ଆର୍ଥିକ କାର୍ଯ୍ୟକଳାପ ଏବଂ ଖାଉଟି ଚାହିଦା ସମ୍ପୂର୍ଣ୍ଣ ଭାବେ କ୍ଷତିଗ୍ରସ୍ତ ହୋଇଥିଲା। ଫଳରେ ଅର୍ଥ ବ୍ୟବସ୍ଥାରେ ୪ ଦଶନ୍ଧିର ସବୁଠାରୁ ଖରାପ ସ୍ଥିତି ଦେଖିବାକୁ ମିଳିଛି।

ଶେଷ ଥର ଲାଗି ୧୯୭୯-୮୦ରେ ଜିଡିପି ୫.୨% ଖସିଯାଇଥିଲା। ସେହିଭଳି ୨୦୧୭-୧୮ରେ ଜିଡିପି ୮.୩% ରହିଥିବା ବେଳେ ୨୦୧୮-୧୯ରେ ଏହା ୬.୧%କୁ ଖସିଥିଲା। ଜାତୀୟ ପରିସଂଖ୍ୟାନ କାର୍ଯ୍ୟାଳୟ (ଏନ୍‌ଏସ୍‌ଓ) ତଥ୍ୟ ମୁତାବକ, ଆର୍ଥିକ ବର୍ଷ ୨୦୨୦-୨୧ରେ ଭାରତର ରିୟଲ ଜିଡିପି ୧୩୫ ଲକ୍ଷ କୋଟିକୁ ହ୍ରାସ ହୋଇଛି। ଏହା ମାର୍ଚ୍ଚ ୨୦୨୦ ବେଳକୁ ୧୪୫ ଲକ୍ଷ କୋଟି ଟଙ୍କା ଥିଲା। ପୂର୍ବ ସ୍ଥିତିକୁ ଫେରିବାକୁ ହେଲେ ଚଳିତ ଆର୍ଥିକ ବର୍ଷରେ ଘରୋଇ ବଜାରକୁ ୧୦ରୁ ୧୧% ଅଭିବୃଦ୍ଧି ହାସଲ କରିବାକୁ ପଡିବ। ଏପଟେ କରୋନାର ଦ୍ୱିତୀୟ ଲହର ଜନିତ ସଂକ୍ରମଣ ଚିନ୍ତା ବଢ଼ାଇଛି। ଏହାକୁ ଦେଖିଲେ ଜିଡିପି ୨ ଅଙ୍କ ବିଶିଷ୍ଟ ଅଭିବୃଦ୍ଧି ହାସଲ କରିବାକୁ ସକ୍ଷମ ହେବ ନାହିଁ ବୋଲି ଆଶଙ୍କା କରାଯାଉଛି।

ଦେଶ ମଧ୍ୟରେ କରୋନା ସଂକ୍ରମଣ ଏବେ ସୁଦ୍ଧା ନିୟନ୍ତ୍ରଣାଧୀନ ହୋଇପାରିନାହିଁ। ଅର୍ଥ ବ୍ୟବସ୍ଥାରେ ପ୍ରମୁଖ ଯୋଗଦାନ ରଖୁଥିବା ଖାଉଟି ଚାହିଦା ଏତେ ଶୀଘ୍ର ସୁଧାର ପଥକୁ ଫେରି ନ ପାରେ। ସେହିଭଳି ବେକାରି ହାର ବୃଦ୍ଧି ଘଟି ଗୋଟିଏ ବର୍ଷର ସର୍ବୋଚ୍ଚ ସ୍ତର ୧୪.୭୩% ସ୍ତରରେ ରହିଛି। ଦେଶ ମଧ୍ୟରେ ବର୍ତ୍ତମାନ ଭାକ୍ସିନ ପ୍ରଦାନ ଧାରା ଶିଥିଳ ଥିବାରୁ ଏହା ଜିଡିପି ଅଭିବୃଦ୍ଧି ଉପରେ ପ୍ରଭାବ ପକାଇବ ବୋଲି ବଜାର ବିଶେଷଜ୍ଞ କହିଛନ୍ତି। ଉଲ୍ଲେଖଯୋଗ୍ୟ, ଆର୍ଥିକ ବର୍ଷ ୨୦୨୦-୨୧ରେ ଜିଡିପି ୮% ଖସିବ ବୋଲି ପୂର୍ବରୁ ଏନ୍‌ଏସ୍‌ଓ ଅନୁମାନ କରିଥିବା ବେଳେ ୭.୫% ହ୍ରାସ ହେବା ନେଇ ଆର୍‌ବିଆଇ କହିଥିଲା। ୨୦୨୧ ଜାନୁୟାରୀ- ମାର୍ଚ୍ଚ ଅବଧିରେ ଚାଇନା ୧୮.୩% ଜିଡିପି ଅଭିବୃଦ୍ଧି ହାସଲ କରିବାକୁ ସକ୍ଷମ ହୋଇଛି।

ଉଲ୍ଲେଖଯୋଗ୍ୟ, କରୋନା ଲକ୍‌ଡାଉନ ପାଇଁ ଗତ ଆର୍ଥିକ ବର୍ଷ ଏପ୍ରିଲ-ଜୁନ୍ ଅବଧିରେ ଜିଡିପି ୨୪.୪% ହ୍ରାସ ହୋଇଥିଲା। ଏହାର ପରବର୍ତ୍ତୀ ତ୍ରୈମାସରେ ଅର୍ଥ ବ୍ୟବସ୍ଥାର ଅଭିବୃଦ୍ଧି ୭.୩% ଖସିଥିଲା। ଗତ ବର୍ଷ ମାର୍ଚ୍ଚ ୨୫ରେ ସରକାର ସାରା ଦେଶରେ ଲକ୍‌ଡାଉନ ଲଗାଇଥିଲେ। କଟକଣାକୁ ପର୍ଯ୍ୟାୟ ଭିତ୍ତିରେ କୋହଳ କରାଯାଇଥିଲା। ଫଳରେ ପ୍ରଭାବିତ ଅର୍ଥ ବ୍ୟବସ୍ଥା ଅକ୍ଟୋବର-ଡିସେମ୍ବର ବେଳକୁ ଧୀରେ ଧୀରେ ଟ୍ରାକ୍‌କୁ ଫେରୁଥିବା ଦେଖାଯାଇଥିଲା। ଏନ୍‌ଏସ୍‌ଓ ତଥ୍ୟ ମୁତାବକ, ଚତୁର୍ଥ ତ୍ରୈମାସରେ ବିନିର୍ମାଣ କ୍ଷେତ୍ରରେ ଗ୍ରସ୍ ଭାଲ୍ୟୁ ଆଡେଡ୍ ୬.୯% ରହିଛି। ସେହିଭଳି କୃଷି କ୍ଷେତ୍ର ଜିଭିଏ ୩.୧%, ନିର୍ମାଣ କ୍ଷେତ୍ର ୧୪.୫%, ଖଣି କ୍ଷେତ୍ର ୫.୭%, ବିଦ୍ୟୁତ୍, ଗ୍ୟାସ୍, ଜଳ ଯୋଗାଣ ଏବଂ ଅନ୍ୟ ଆବଶ୍ୟକ ସେବା କ୍ଷେତ୍ର ୯.୧% ବୃଦ୍ଧି ପାଇଛି। ଏହାବାଦ କାରବାର, ହୋଟେଲ, ପରିବହନ, ଯୋଗାଯୋଗ ଏବଂ ସେବା କ୍ଷେତ୍ର ୨.୩% ଖସିଥିବା ବେଳେ ଫାଇନାନ୍ସିଆଲ, ରିୟଲ ଇଷ୍ଟେଟ ଏବଂ ପ୍ରଫେଶନାଲ ସର୍ଭିସ ୫.୪% ବଢ଼ିଛି।

### ଅବସର ନେଲେ...

ଚାଲିଯାଇଥିଲେ। ଏହା ପରେ କେନ୍ଦ୍ର କାର୍ମିକ ଓ ତାଲିମ ବିଭାଗ ବନ୍ଦୋପାଧ୍ୟାୟଙ୍କୁ ନୂଆଦିଲ୍ଲୀ ଡକାଇଥିଲା। ସୋମବାର ପୂର୍ବାହ୍ନରେ ରିପୋର୍ଟିଂ କରିବାକୁ ତାଙ୍କୁ କୁହାଯାଇଥିଲା। ଅନ୍ୟପକ୍ଷରେ ମମତା ଅଭିଯୋଗ କରିଥିଲେ, ପ୍ରଧାନମନ୍ତ୍ରୀଙ୍କ ସହ ତାଙ୍କ ବୈଠକର ସମୟକୁ ବଦଳାଇ ଦିଆଯାଇଥିଲା। ବୈଠକରେ ବିରୋଧୀ ଦଳ ନେତା ଶୁଭେନ୍ଦୁ ଅଧିକାରୀଙ୍କ ଉପସ୍ଥିତିକୁ ମମତା ବିରୋଧ କରିଥିଲେ। ବନ୍ଦୋପାଧ୍ୟାୟଙ୍କୁ ଫେରାଇ ନେବା ନିଷ୍ପତ୍ତି ପ୍ରତ୍ୟାହାର କରିବା ପାଇଁ ମମତା ପ୍ରଧାନମନ୍ତ୍ରୀଙ୍କୁ ପତ୍ର ଲେଖି ଅନୁରୋଧ କରିଥିଲେ। କେନ୍ଦ୍ରର ଏଭଳି ଏକପାଖିଆ ନିର୍ଦ୍ଦେଶରେ ସେ ମର୍ମାହତ ବୋଲି ଟିଏମ୍‌ସି ସୁପ୍ରିମୋ କହିଥିଲେ। ଏହା ସତ୍ତ୍ୱେ କେନ୍ଦ୍ର ନିଜ ନିଷ୍ପତ୍ତିରେ ଅଟଳ ରହିବା ସହ ବନ୍ଦୋପାଧ୍ୟାୟ ମଙ୍ଗଳବାର ନୂଆଦିଲ୍ଲୀ ଆସି ନର୍ଥ ବ୍ଲକ୍‌ରେ ଯୋଗଦେବା ପାଇଁ ନିର୍ଦ୍ଦେଶ ଦେଇଥିଲା। ସେ ବନ୍ଦୋପାଧ୍ୟାୟଙ୍କୁ ଦିଲ୍ଲୀ ବଦଳି ହେବାକୁ ଦେବେନାହିଁ ବୋଲି ମମତା ପ୍ରଧାନମନ୍ତ୍ରୀଙ୍କୁ ରୋକ୍‌ଠୋକ୍ ଶୁଣାଇଥିଲେ। ଏହା ଏକ ଷଡ଼ଯନ୍ତ୍ର। ଏଭଳି ନିଷ୍ଠୁର ବ୍ୟବହାର କେବେ ଦେଖିନାହିଁ। ମୁଖ୍ୟମନ୍ତ୍ରୀଙ୍କୁ ଆକ୍ରମଣ କରିବା ପରିବର୍ତ୍ତେ ସେମାନେ ମୁଖ୍ୟ ସଚିବଙ୍କୁ ଆକ୍ରମଣ କରି ଅପମାନିତ କରୁଛନ୍ତି। ଆଇଏଏସ୍ ଅଫିସରମାନଙ୍କୁ କେନ୍ଦ୍ର ସରକାର ଗୋତି ଶ୍ରମିକ ଭଳି ବ୍ୟବହାର କରୁଛନ୍ତି। କୋଭିଡ୍ ପରିଚାଳନା ଲାଗି ରାଜ୍ୟ ବନ୍ଦୋପାଧ୍ୟାୟଙ୍କ ସେବା ଚାହେଁ। ସେ ରାଜ୍ୟରେ ରହି କୋଭିଡ୍ ଓ ବାତ୍ୟା ପ୍ରଭାବିତ ଲୋକଙ୍କର ଓ ରାଜ୍ୟର ସେବା କରିବେ। ବନ୍ଦୋପାଧ୍ୟାୟଙ୍କୁ ୩ ବର୍ଷ ପାଇଁ ମୁଖ୍ୟ ଉପଦେଷ୍ଟା ନିଯୁକ୍ତି ଦେବା ଅବସରରେ ମମତା ଏହା କହିଛନ୍ତି। ଅନ୍ୟପକ୍ଷରେ ବନ୍ଦୋପାଧ୍ୟାୟଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ଏବଂ ଚାର୍ଜଶିଟ୍ ଦାଏର ହେବ ବୋଲି କେନ୍ଦ୍ର ସରକାରଙ୍କ ସୂତ୍ରରୁ ଚେତାବନୀ ଦିଆଯାଇଥିବା ଜଣାପଡ଼ିଛି।

### କାଳିମେଳାରେ ପେଟ୍ରୋଲ...

ଇଣ୍ଡିଆନ ଅଏଲ୍ କର୍ପୋରେଶନ ଲିମିଟେଡ୍ (ଆଇଓସିଏଲ୍) ପକ୍ଷରୁ ମିଳିଥିବା ସୂଚନା ଅନୁସାରେ ସୋମବାର ନୂଆଦିଲ୍ଲୀରେ ପେଟ୍ରୋଲ ଉପରେ ୨୯ ପଇସା ଏବଂ ଡିଜେଲ ୨୬ ପଇସା ବଢ଼ିଥିବା ସୂଚନା ମିଳିଛି। ଫଳରେ ସେଠାରେ ପେଟ୍ରୋଲ ଲିଟର ପିଛା ୯୪.୨୩ ଟଙ୍କା ଏବଂ ଡିଜେଲ ୮୫.୧୫ ଟଙ୍କାରେ ପହଞ୍ଚିଛି। ସେହିଭଳି ଅନ୍ୟ ପ୍ରମୁଖ ମେଟ୍ରୋ ସହର ଚେନ୍ନାଇ, କୋଲକାତା ଏବଂ ମୁମ୍ବାଇରେ ପେଟ୍ରୋଲ ଦର ଯଥାକ୍ରମେ ୯୫.୭୬ ଟଙ୍କା,୯୪.୨୫ ଟଙ୍କା ଏବଂ ୧୦୦.୪୭ ଟଙ୍କାରେ କାରବାର ହେଉଛି।

ଏହିସବୁ ମେଟ୍ରୋ ସହରରେ ଡିଜେଲ ଲିଟର ପିଛା ୮୯.୯୦ ଟଙ୍କା, ୮୮ ଟଙ୍କା ଏବଂ ୯୨.୪୫ ଟଙ୍କାରେ ବିକ୍ରି ହେଉଥିବା ଜଣାପଡ଼ିଛି। ଦେଶରେ ଲଗାତର ତେଲ ଦର ବୃଦ୍ଧି ଯୋଗୁ ରାଜସ୍ଥାନର ଗଙ୍ଗାନଗରରେ ପେଟ୍ରୋଲ ଦର ୧୦୫ ଟପିଯାଇଥିବା ବେଳେ ଅନ୍ୟ ପ୍ରମୁଖ ରାଜ୍ୟ ମଧ୍ୟପ୍ରଦେଶ, ମହାରାଷ୍ଟ୍ରର କେତେକ ସ୍ଥାନରେ ପେଟ୍ରୋଲ ଦର ୧୦୦ ଉପରେ ରହିଥିବା ଖବର ମିଳିଛି। ସେହିଭଳି ଓଡ଼ିଶାର ମାଲକାନଗିରି ଜିଲାର ୪ ରୁ ୫ଟି ସ୍ଥାନରେ ପେଟ୍ରୋଲ ୧୦୦ ପାର କରିଥିବା ବେଳେ ଡିଜେଲ ୧୦୦ ନିକଟବର୍ତ୍ତୀରେ ବିକ୍ରି ହେଉଥିବା ତୈଳ ଡିଲରମାନେ ସୂଚନା ଦେଇଛନ୍ତି। ତେଲ ଉପରେ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ପକ୍ଷରୁ ଲାଗୁ କରାଯାଉଥିବା ଟିକସ ପରିମାଣ ଉଚ୍ଚା ରହିବା ଯୋଗୁ ପ୍ରତିଦିନ ତୈଳ ଦର ବଢୁଥିବା ତୈଳ କମ୍ପାନୀଗୁଡିକ ପକ୍ଷରୁ କୁହାଯାଇଛି। ତୈଳ ଦର ସାଙ୍ଗକୁ ମହାମାରୀର ମାନ୍ଦାବସ୍ଥା ଓ ଅତ୍ୟାବଶ୍ୟକ ସାମଗ୍ରୀର ଦର ବୃଦ୍ଧି ଅନେକାଂଶରେ ଖାଉଟିଙ୍କ ପକେଟକୁ ଭାରି ପଡୁଛି। ଅନ୍ୟପକ୍ଷରେ ତୈଳ ଦର କ୍ରମାଗତ ବୃଦ୍ଧି ସହିତ କୋଭିଡ୍ କଟକଣା ଓ ଲକ୍‌ଡାଉନ ଏବଂ ଶଟ୍‌ଡାଉନ ଭଳି ପରିସ୍ଥିତି ଯୋଗୁ ଗାଡି ଚଳାଚଳ ବ୍ୟାପକ ଭାବେ ହ୍ରାସ ପାଇଛି। ଫଳରେ ତୈଳ ବ୍ୟବହାର ଯଥେଷ୍ଟ ପରିମାଣରେ ହ୍ରାସ ପାଇଛି ବୋଲି ଓଡ଼ିଶାର ପେଟ୍ରୋଲିୟମ ଡିଲରମାନେ ମତବ୍ୟକ୍ତ କରିଛନ୍ତି।

### ଶୁଣାଣି ୩କୁ...

ଗତ ସପ୍ତାହରେ ୩ଶହରୁ ଅଧିକ ଛାତ୍ରୀଛାତ୍ର ଦ୍ୱାଦଶ ପରୀକ୍ଷା ବନ୍ଦ କରିବାକୁ ସୁପ୍ରିମକୋର୍ଟ ପ୍ରଧାନ ବିଚାରପତିଙ୍କୁ ଚିଠି ଲେଖିଥିଲେ। ଏପଟେ ସିବିଏସ୍‌ଇ ଦ୍ୱାଦଶ ପରୀକ୍ଷା ନେଇ ସୁପ୍ରିମକୋର୍ଟଙ୍କ ଶୁଣାଣି ଆଧାରରେ ଯାହା ନିର୍ଦ୍ଦେଶ ଆସିବ ସେହି ଅନୁସାରେ ରାଜ୍ୟର ଯୁକ୍ତ୨ ପରୀକ୍ଷା ପାଇଁ ପଦକ୍ଷେପ ନିଆଯିବ ବୋଲି ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ କହିଛନ୍ତି। ତଥାପି ଛାତ୍ରୀଛାତ୍ରଙ୍କ ସ୍ୱାର୍ଥ ଦୃଷ୍ଟିରୁ ଜୁନ୍ ପ୍ରଥମ ସପ୍ତାହରେ ହିଁ ନିଷ୍ପତ୍ତି ହେବ ବୋଲି ମନ୍ତ୍ରୀ କହିଛନ୍ତି।

### ସବୁଜ ବଳୟ ଉଜାଡ଼ି...

କରିବାକୁ ଅନୁମତି ଦିଆଯାଇଛି। ୮୪ଟି ଜଳସେଚନ ପ୍ରକଳ୍ପ ପାଇଁ ୯,୭୭୭.୪୬ ହେକ୍ଟର ଜଙ୍ଗଲ ଜମିକୁ ବଦଳାଯାଇଥିବାବେଳେ ୨୮ ଶିଳ୍ପ ପାଇଁ ୪୩୦୪.୪୯ ହେକ୍ଟର, ୧୮୭ ଖଣି ପାଇଁ ୨୭୨୫୯.୯୩ ହେକ୍ଟର, ୬ ଶକ୍ତି ପ୍ରକଳ୍ପ ପାଇଁ ୧୧୬.୪୫ ହେକ୍ଟର, ୪୧ ରାସ୍ତା ଓ ପୋଲ ନିର୍ମାଣ ପାଇଁ ୪୬୭.୪୯ ହେକ୍ଟର, ୧୯ ରେଳ ପ୍ରକଳ୍ପ ପାଇଁ ୨୪୧୭.୫୯ ହେକ୍ଟର, ୪ ପ୍ରତିରକ୍ଷା ପ୍ରକଳ୍ପ ପାଇଁ ୩୮୬୫.୨୫ ହେକ୍ଟର, ୩ ବିସ୍ଥାପନ ପ୍ରକଳ୍ପ ପାଇଁ ୩୨୧.୯୪ ହେକ୍ଟର, ୬୬ଟି ବିଦ୍ୟୁତ୍ ଟ୍ରାନ୍ସମିଶନ ପାଇଁ ୩୭୧୬.୮୮ ହେକ୍ଟର ଜଙ୍ଗଲ ଜମିକୁ ଅଣ ଜଙ୍ଗଲ ଜମିରେ ପରିଣତ କରାଯାଇଛି। ଏଥିସହିତ ରାଜ୍ୟ ସରକାର ମଧ୍ୟ ଜଙ୍ଗଲ ଅଧିକାର ଆଇନ-୨୦୦୬ ଅନୁଯାୟୀ ବିଭିନ୍ନ ପ୍ରକଳ୍ପ ପାଇଁ ନିଜେ ୭୮.୩୪୮ ହେକ୍ଟର ଜଙ୍ଗଲ ଜମିର କିସମକୁ ବଦଳାଇଛନ୍ତି।

ବିଗତ ବର୍ଷଗୁଡିକୁ ଅନୁଧ୍ୟାନ କଲେ ରାଜ୍ୟରେ ବିଭିନ୍ନ ପ୍ରକଳ୍ପ ପାଇଁ ବିପୁଳ ସଂଖ୍ୟକ ବୃକ୍ଷକୁ ବଳିଦେବାକୁ ପଡିଛି। ୨୦୦୬ରୁ ୨୦୧୨ ମଧ୍ୟରେ ଶିଳ୍ପ, ଖଣି, ଜଳସେଚନ, ରାସ୍ତା ନିର୍ମାଣ, ବିଦ୍ୟୁତ୍ ଆଦି ପାଇଁ ୮୮୨୦.୭୭ ହେକ୍ଟର ଜଙ୍ଗଲ ଜମିକୁ ନଷ୍ଟ କରାଯାଇଥିଲା। ସେହିପରି ୨୦୧୧-୧୨ରେ କେତେକ ପ୍ରକଳ୍ପ ପାଇଁ ୧୨.୨୭ ଲକ୍ଷ ବୃକ୍ଷ ବଳି ଦେବାକୁ ପଡ଼ିଛି। ୨୦୧୩ ଜୁନ୍ ସୁଦ୍ଧା ରାଜ୍ୟରେ ଖଣି ପାଇଁ ୧୮୦୭୭.୩୨୯ ହେକ୍ଟର ଜଙ୍ଗଲ ଜମି ନଷ୍ଟ ହୋଇଛି। ବିଭିନ୍ନ ଜିଲାରେ ରାଜ୍ୟ ସରକାର ଖଣି ଲିଜ୍‌ଧାରୀଙ୍କୁ ୫୨୦୪୦.୮୦୫ ହେକ୍ଟର ଜଙ୍ଗଲ ଜମି ଲିଜ୍ ସୂତ୍ରରେ ପ୍ରଦାନ କରିଛନ୍ତି। ସେହିପରି ୨୦୧୨-୧୩ରୁ ୨୦୧୯-୨୦ ମଧ୍ୟରେ ୨୬୬.୮ ଲକ୍ଷ ହେକ୍ଟର ଜଙ୍ଗଲ ଜମିକୁ ବିଭିନ୍ନ ପ୍ରକଳ୍ପ ପାଇଁ ନଷ୍ଟ କରାଯାଇଛି।

ଏତେ ଧ୍ୱଂସ ହେବା ପରେ ମଧ୍ୟ ରାଜ୍ୟରେ ଜଙ୍ଗଲ ପରିମାଣ ଅଧିକ ରହିଥିବା ଜଙ୍ଗଲ ଓ ପରିବେଶ ବିଭାଗ କହୁଛି। ବିଭାଗୀୟ ମନ୍ତ୍ରୀ ବିକ୍ରମ କେଶରୀ ଆରୁଖ ବିଧାନସଭାକୁ ଦେଇଥିବା ତଥ୍ୟ ଅନୁଯାୟୀ ୨୦୧୯ ସୁଦ୍ଧା ରାଜ୍ୟରେ ୫୧ ହଜାର ୬୧୯ ବର୍ଗ କି.ମି. ଜଙ୍ଗଲ ରହିଛି। ଖାଲି ସେତିକି ନୁହେଁ, ୨୦୧୭ ତୁଳନାରେ ୨୦୧୯ରେ ୨୭୪ ବର୍ଗ କି.ମି. ଜଙ୍ଗଲ ବଢ଼ିଛି। ଭାରତୀୟ ବନ ସର୍ବେକ୍ଷଣ ସଂସ୍ଥା ଦ୍ୱାରା ୨୦୧୯ ଆକଳନ ଅନୁଯାୟୀ ରାଜ୍ୟରେ ଜଙ୍ଗଲ ଆଚ୍ଛାଦନ ପରିମାଣ ୫୧ ହଜାର ୬୧୯ କ.ମି. ଏବଂ ବୃକ୍ଷ ଆଚ୍ଛାଦନ ପରିମାଣ ୪ ହଜାର ୬୪୮ ବର୍ଗ କି.ମି. ରହିଛି। ଏ ସବୁକୁ ମିଶାଇ ରାଜ୍ୟରେ ଜଙ୍ଗଲ ଓ ବୃକ୍ଷ ଆଚ୍ଛାଦନ ପରିମାଣ ୫୬ ହଜାର ୨୬୭ ବର୍ଗ କି.ମି. ରହିଥିବା ସେ କହିଛନ୍ତି। ତେବେ ୨୦୧୦-୧୧ରୁ ୨୦୨୦-୨୧ ମଧ୍ୟରେ ରାସ୍ତାଜନିତ କ୍ଷତି ଭରିବା ପାଇଁ ରାଜ୍ୟରେ ୨୯,୮୩,୫୭୩ ବୃକ୍ଷରୋପଣ କରାଯାଇଥିବାବେଳେ ବିଭିନ୍ନ ଜଙ୍ଗଲରେ ୪ ଲକ୍ଷ ୨୮ ହଜାର ୭୧ ବୃକ୍ଷରୋପଣ କରାଯାଇଛି। ଏଥିପାଇଁ ୬୬ କୋଟି ୧୭ ଲକ୍ଷ ୨ ହଜାର ୩୧୩ ଟଙ୍କା ଖର୍ଚ୍ଚ କରାଯାଇଥିବା ବିଭାଗ ପକ୍ଷରୁ କୁହାଯାଇଛି।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** – ଆଜି ଏକାଦଶସ୍ଥ ଗୁରୁଚାନ୍ଦ୍ରି ଯୋଗ ପ୍ରଭାବରେ ପ୍ରତ୍ୟେକ କାମରେ ସଫଳତା ହାସଲ କରିବେ। ଯାତ୍ରା ସମୟରେ ଅନ୍ୟ କାହାର କଥା ଶୁଣି ବ୍ୟସ୍ତ ହୁଅନ୍ତୁ ନାହିଁ। ଦୂରାଗତ ବନ୍ଧୁଙ୍କ ପାଇଁ ମନ ଛଟପଟ ହେବ, କାରଣ ତାହାଙ୍କ କେତେକ ସମସ୍ୟା ସମାଧାନ ପାଇଁ ନିଜକୁ କିଛି କରିବାକୁ ପଡ଼ିପାରେ। ରାଜନୀତି, ପ୍ରଶାସନ ଓ ପ୍ରକାଶନ କ୍ଷେତ୍ରରେ ଶୁଭଫଳ ପାଇବେ।

**ବୃଷ** – ଆଜି କର୍ମକ୍ଷେତ୍ର ଓ ପାରିବାରିକ ସ୍ଥିତି ଭଲ ରହିବ। ଭାଇବନ୍ଧୁ ଓ ନିଜ ଲୋକଙ୍କୁ ମନେଇବାରେ ସଫଳ ହେବେ, ଯାହା କି ଆଗାମୀ ସମୟ ପାଇଁ କାମରେ ଆସିବ। ଅଫିସରେ କେତେକ ଅଟକି ରହିଥିବା ଫାଇଲ୍ କାମ ସକାଶେ ବ୍ୟସ୍ତତା ବୃଦ୍ଧି ପାଇପାରେ। ସାମୟିକ ସ୍ନାୟବିକ ଦୁର୍ବଳତା ଅନୁଭବ କରିବେ, କିନ୍ତୁ କୌଣସି କାମ ଅଟକିବ ନାହିଁ।

**ମିଥୁନ** – ଆଜି ସମ୍ପର୍କୀୟଙ୍କ ସହ ମିତ୍ରତା ବନ୍ଧନରେ ଆବଦ୍ଧ ହେବେ ଓ ହାତକୁ ନେଇଥିବା କାମହାସଲରେ ସମର୍ଥ ହେବେ। ଆଗାମୀ ଆନୁଷ୍ଠାନିକ ଉତ୍ସବ ନିମନ୍ତେ ପ୍ରସ୍ତୁତି କରିପାରନ୍ତି। ଆରଦ୍ରା ନକ୍ଷତ୍ର ପାରିବାରିକ ଅସ୍ଥିରତା ଲାଗିରହିବା କାରଣରୁ ଅଧିକାଂଶ ସମୟ ଅନ୍ୟମନସ୍କ ରହିପାରନ୍ତି। ବାଣିଜ୍ୟ, ବ୍ୟବସାୟ ସଙ୍ଗକୁ ଆର୍ଥିକ ସ୍ଥିତି ପୂର୍ବପରି ରହିବ।

**କର୍କଟ** – ଭୁଲ୍ ବୁଝାମଣା ହେତୁ ଭାବପ୍ରବଣତା ବୃଦ୍ଧି ପାଇବ ଏବଂ ପରିବାରରେ ଭ୍ରାତୃବର୍ଗ ଦ୍ୱାରା ସମସ୍ୟା ସୃଷ୍ଟି ହୋଇପାରେ। ବିବାଦୀୟ ଘଟଣାରେ ନୀରବତା ଶ୍ରେୟ, ଅନ୍ୟଥା ସମସ୍ୟା ଭିତରକୁ ଯାଇପାରନ୍ତି। ଆଜିର ଯାତ୍ରାରେ ସଫଳତା ମିଳିବ କିନ୍ତୁ ଅଯଥା ବ୍ୟସ୍ତବିବ୍ରତ ହେବା ଠିକ୍ ହେବନି। କର୍ମାରମ୍ଭରେ ବ୍ୟତିକ୍ରମ ସୃଷ୍ଟି ହେବ।

**ସିଂହ** – କର୍ମକ୍ଷେତ୍ରରେ ପଛକଥା ନ ଭାବି ଏହି ସମୟର ପରିସ୍ଥିତିକୁ ସାମ୍ନା କରିବାକୁ ଚେଷ୍ଟା କରନ୍ତୁ। ସଭାସମିତିରେ ସମ୍ମାନନୀୟ ବ୍ୟକ୍ତିବିଶେଷ ସହାୟତା କରିବେ। କଠିନଶ୍ରମଜନିତ ସାମାନ୍ୟ ଶାରୀରିକ ଅସ୍ୱସ୍ତି ଅନୁଭବ କରିପାରନ୍ତି। ପରିବାରରେ ସ୍ତ୍ରୀ କିମ୍ବା ସ୍ୱାମୀଙ୍କ ସହମତିରେ କାମ କଲେ ଉପକୃତ ହେବେ।

**କନ୍ୟା** – ବନ୍ଧୁ ଗହଣରେ ହସଖୁସିର ସହ ଆଲୋଚନାରେ ସମୟ କଟାଇବେ ଓ ଯାହା ଆଶା କରୁଛନ୍ତି ତାହା ପାଇବେ। ପାରିବାରିକ କ୍ଷେତ୍ରରେ ସମସ୍ୟା ବଢିଯାଉଥିବାରୁ ଦୁର୍ଭାବନା ବଢିବ ଓ ଅନ୍ୟଙ୍କୁ ସହଜରେ ବିଶ୍ୱାସ କରିପାରିବେ ନାହିଁ। ନିଜର ଫାଇଦା ପାଇଁ ବନ୍ଧୁମାନେ ଫନ୍ଦିଫିକର କରିବେ। ଆବଶ୍ୟକତା ପୂରଣ ପାଇଁ କରଜ କରିବାକୁ ପଡିପାରେ।

**ତୁଳା** – ସହକର୍ମୀଙ୍କ ସହାୟତାରେ ପ୍ରତ୍ୟେକ କାମ ଅଳ୍ପ ପରିଶ୍ରମରେ ସାଧିତ ହୋଇପାରିବ। ଦୀର୍ଘଦିନରୁ ଚିନ୍ତା କରିଥିବା ଜମିଜମା କାରବାର କିମ୍ବା ନୂତନ ଚୁକ୍ତିପତ୍ର ସମ୍ବନ୍ଧୀୟ କାମଟି ହଠାତ୍ ହୋଇଯିବ। ଶାରୀରିକ ପୀଡ଼ା ଯୋଗୁ ମନ ବିଚଳିତ ହୋଇପାରେ। ପ୍ରକାଶନ କ୍ଷେତ୍ର, ରାଜନୈତିକ ସ୍ଥିତି, ବନ୍ଧୁଙ୍କ ସହ ଆଲୋଚନା ନିଷ୍ଫଳ ହେବ ନାହିଁ।

**ବିଛା** – ବିକଳ୍ପ ପନ୍ଥା ଗ୍ରହଣ କରି ଆର୍ଥିକ ପରିସ୍ଥିତିରେ ସୁଧାର ଆଣିବାରେ ସମର୍ଥ ହେବେ। ଆତ୍ମୀୟମାନେ କ୍ରମଶଃ ଦୂରେଇ ଯାଇପାରନ୍ତି, ଯାହା କି କେତେକ ଆକସ୍ମିକ ସମସ୍ୟା ସୃଷ୍ଟି କରିବ। ସାଧାରଣ ପରିଶ୍ରମରେ ବେଶି ସଫଳତା ପାଇବେ କିନ୍ତୁ ନିର୍ଦ୍ଦିଷ୍ଟ ସମୟ ଅତିକ୍ରାନ୍ତ ପରେ। କର୍ମକ୍ଷେତ୍ରରେ ସ୍ଥଗିତ କାମ ପାଇଁ ଅନ୍ୟକୁ କୈଫିୟତ୍ ଦେବାକୁ ପଡ଼ିପାରେ।

**ଧନୁ** – ଅଷ୍ଟମାଧିପତି ଚନ୍ଦ୍ର ଗୁରୁଯୁକ୍ତ ହେତୁ କର୍ମକ୍ଷେତ୍ରରେ ଅପ୍ରିୟ ସତ୍ୟ ଭାଷଣରୁ ନିବୃତ୍ତ ରହନ୍ତୁ। ଦୂରଯାତ୍ରା ଯୋଜନା ଶେଷ ସମୟରେ ସ୍ଥଗିତ ରଖିବାକୁ ବାଧ ହୋଇପାରନ୍ତି । କୌଣସି ଯୁକ୍ତିତର୍କ କାରଣରୁ ସକାଳୁ ସକାଳୁ ମନଟା ବିଗିଡି ଯାଇପାରେ। ସାଧାରଣ କଥାକୁ କେନ୍ଦ୍ରକରି ଘରେ ସ୍ତ୍ରୀଙ୍କ ଚିଡା ସ୍ୱଭାବ ପାଇଁ କ୍ଷୁବ୍ଧ ହୋଇପାରନ୍ତି।

**ମକର** – ଦାମ୍ପତ୍ୟ ଜୀବନରେ ସହନଶୀଳତା ଗୁଣର ଅଭାବ ଅଶାନ୍ତିର କାରଣ ହେବ। ଖଳଲୋକଙ୍କ ଦ୍ୱାରା ଗୁଜବ ମାନସିକ ସ୍ଥିତିକୁ ଦୋହଲାଇ ଦେଇପାରେ। କର୍ମକ୍ଷେତ୍ରରେ ବିଗତ ଦିନଗୁଡ଼ିକର ଘଟଣାକୁ ଅସ୍ୱାଭାବିକ ଭାବେ ଚିନ୍ତା କରିବେ। ସଭାସମିତିରେ ସମ୍ମାନ ଲାଭ ଓ ପଦମର୍ଯ୍ୟାଦା ବୃଦ୍ଧି ପାଇବ।

**କୁମ୍ଭ** – ଆଜି ବନ୍ଧୁଙ୍କ ସହ କୌଣସି ଗୁରୁତ୍ୱପୂର୍ଣ୍ଣ ବିଷୟକୁ ନେଇ ଆଳାପ ଆଲୋଚନାରେ ସମୟ କଟାଇବେ। ଭଲ ସମ୍ପର୍କ ନ ଥିବା ବ୍ୟକ୍ତିଙ୍କ ଦ୍ୱାରା ଭୁଲ୍ ଖବର ପାଇ ବିବ୍ରତ ହୋଇପାରନ୍ତି। ସ୍ୱାସ୍ଥ୍ୟରେ ଉନ୍ନତି ପରିଲକ୍ଷିତ ହେବାରୁ ଆଶ୍ୱସ୍ତି ଅନୁଭବ କରିବେ। ବ୍ୟୟ ବୃଦ୍ଧି କିମ୍ବା ପରିବହନରେ ସମସ୍ୟା ଯୋଗୁ ବ୍ୟସ୍ତ ହେବାକୁ ପଡିପାରେ।

**ମୀନ** – ଉଦ୍ୟମ ସଫଳ ଦିଗରେ ଦୁଇଜଣ ଗୌରବର୍ଣ୍ଣ ବ୍ୟକ୍ତି ସାହାଯ୍ୟ କରିପାରନ୍ତି। କଚେରି ମାମଲା, ପ୍ରଶାସନିକ ଆଲୋଚନା, ରାଜନୈତିକ ବିତର୍କ, ସାହିତ୍ୟ ସମାଲୋଚନା କ୍ଷେତ୍ରରେ ଆଶାଜନକ ଫଳ ପାଇବେ। କର୍ମକ୍ଷେତ୍ରରେ ପଦସ୍ଥ ବ୍ୟକ୍ତିଙ୍କ ସାନ୍ନିଧ୍ୟ ଲାଭ କରିପାରନ୍ତି। ଆଜି ପରିବାରର ଖର୍ଚ୍ଚ ପରିମାଣ ଦି'ଗୁଣା ହୋଇପାରେ।

ଆଜି ଜ୍ୟେଷ୍ଠ କୃଷ୍ଣ ସପ୍ତମୀ ମଙ୍ଗଳବାର, ଜୁନ୍ ୧ ତାରିଖ, ବିଶ୍ୱ ମାତାପିତା ଦିବସ, ଅନ୍ତର୍ଜାତୀୟ ଦୁଗ୍ଧଦିବସ, ରାଶିନକ୍ଷତ୍ର-ଧନିଷ୍ଠା/କୁମ୍ଭ, ମକର ରାଶିର ଘାତବାର, ସପ୍ତମୀର ଏକୋଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। ସକାଳ ଘ.୦୫.୧୦ମି. ଗତେ ଘ.୦୭.୪୮ମି. ମଧ୍ୟେ, ଘ.୦୯.୩୩ମି. ଗତେ ଘ.୧୨.୧୨ମି. ମଧ୍ୟେ, ଘ.୦୩.୪୦ମି. ଗତେ ଘ.୦୪.୩୩ମି. ମଧ୍ୟେ ଅମୃତବେଳା। ଦିବା ଘ.୦୨.୪୮ମି. ଗତେ ଘ.୦୩.୪୦ମି. ମଧ୍ୟେ, ଘ.୦୪.୩୩ମି. ଗତେ ଘ.୦୫.୨୫ମି. ମଧ୍ୟେ ମାହେନ୍ଦ୍ର ବେଳା। ଅପରାହ୍ନ ଘ.୦୩.୦୧ମି. ଗତେ ଘ.୦୪.୩୯ମି. ମଧ୍ୟେ ରାହୁକାଳ।

## ସଂକ୍ଷେପରେ

### ବିଦ୍ୟୁତ୍ ଆଘାତରେ ଇଟାଭାଟି ମାଲିକଙ୍କ ମୃତ୍ୟୁ

**କଣିହାଁ,୩୧।୫(ଡି.ଏନ.ଏ.):** କଣିହାଁ ଥାନା ପୋଲିସ ସୋମବାର ଏକ ମୃତଦେହ ଜବତ କରିଛି। ମୃତଦେହ ବ୍ୟବଚ୍ଛେଦ ପାଇଁ ତାଳଚେର ଉପଖଣ୍ଡ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଯାଇଛି। କଣିହାଁ ଥାନା ଅଧିକାରୀ ରାଜେନ୍ଦ୍ର ପଟ୍ଟନାୟକ ଓ ତଦନ୍ତକାରୀ ଅଧିକାରୀ ଏସ୍‌ଆଇ ସରୋଜ ଦାସ କହିଛନ୍ତି, ତାଳପଦା ପଞ୍ଚାୟତ ଦୁର୍ଗାପୁର ଗ୍ରାମର ଅଭୟ ଦେହୁରୀ ଗ୍ରାମଠାରୁ ୧ କିଲୋମିଟର ଦୂର ବ୍ରାହ୍ମଣୀ ନଦୀ କୂଳରେ ଇଟା ଭାଟି କରିଥିଲେ। ସେଠାରୁ କାମ ସାରି ରବିବାର ରାତିରେ ଫେରୁଥିବାବେଳେ ରାସ୍ତାରେ କେହି ବିଦ୍ୟୁତ୍ ତାର ବିଛାଇ ଥିଲେ। ଏହା ଜାଣି ନ ପାରି ସେ ତାର ସଂସ୍ପର୍ଶରେ ଆସି ପ୍ରାଣ ହରାଇଥିଲେ। ମୃତ ଅଭୟଙ୍କ ବାପାଙ୍କ ଅଭିଯୋଗକ୍ରମେ ପୋଲିସ ନଂ. ୬/୨୧ରେ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି।

### ଲୁଟ୍ ମାମଲାରେ ୩ ଗିରଫ

**ବଇଣ୍ଡା,୩୧।୫(ଡି.ଏନ.ଏ.):** କିଶୋରନଗର ଥାନା କୁଟାସିଙ୍ଗା ଗ୍ରାମରେ ଶୁକ୍ରବାର ରାତିରେ ଯାଜପୁରରୁ ନାଗପୁର ଅଞ୍ଚଳକୁ ଯାଉଥିବା ମାଲ୍ ବୋଝେଇ ଟ୍ରକ୍‌କୁ ଅଟକାଇ ପଥର ମାରି ଲୁଟ୍ ଉଦ୍ୟମ କରାଯାଇଥିଲା। ଅଭିଯୋଗ ପରେ ସୋମବାର କିଶୋରନଗର ପୋଲିସ ୩ ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ସେମାନେ ହେଲେ ଗଞ୍ଜାମ ଜିଲା ପୁରୁଷୋତ୍ତମପୁର ଥାନା ଅଞ୍ଚଳର ରାଜେଶ ସେନାପତି, କିଶୋରନଗର ଥାନା ଡାକୁଆମୁଣ୍ଡା ଗ୍ରାମର ଭରତ ଭୂଷଣ ପ୍ରଧାନ ଓ ଉତ୍ତମ ପ୍ରଧାନ। ଏ ନେଇ ନଂ. ୭୬/୨୧ ରେ ମାମଲା ରୁଜୁ ହୋଇଛି।

### ରାଜିଙ୍ଗ, ମାଳିସାହି କଣ୍ଟେନମେଣ୍ଟ



**ଆଠମଲ୍ଲିକ,୩୧।୫(ଡି.ଏନ.ଏ.):** ଆଠମଲ୍ଲିକ ବ୍ଲକ ପୁରୁଣାମାଣତ୍ରୀ ପଞ୍ଚାୟତର ରାଜିଙ୍ଗ ଓ ଜାମୁଡୋଲି ପଞ୍ଚାୟତର ମାଳିସାହି ଗ୍ରାମରେ କରୋନା ସଂକ୍ରମିତଙ୍କ ସଂଖ୍ୟା ବୃଦ୍ଧି ପାଇବାରେ ଲାଗିଛି। ସୋମବାର ସରପଞ୍ଚ ଏକ ସପ୍ତାହ ପାଇଁ ଉକ୍ତ ୨ ଗ୍ରାମକୁ ମାଇକ୍ରୋ କଣ୍ଟେନମେଣ୍ଟ ଜୋନ ଭାବେ ଘୋଷଣା କରିଛନ୍ତି। ୭ ଦିନ ପାଇଁ ଏହି କଣ୍ଟେନମେଣ୍ଟ ଘୋଷଣା ହୋଇଛି। ଏହି ସମୟ ସୀମା ଭିତରେ କୌଣସି ବ୍ୟକ୍ତି ଗ୍ରାମ ବାହାରକୁ ଯାଇପାରିବେ ନାହିଁ କି ବାହାର ଅଞ୍ଚଳର ବ୍ୟକ୍ତି ଗାଁ ମଧ୍ୟକୁ ପ୍ରବେଶ କରିପାରିବେ ନାହିଁ। ନିୟମ ଖିଲାପ କଲେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କୁହାଯାଇଛି।

### ଜରିମାନା ଆଦାୟ

**ବଇଣ୍ଡା,୩୧।୫(ଡି.ଏନ.ଏ.):** କିଶୋରନଗର ବ୍ଲକ ବଇଣ୍ଡା ଅଞ୍ଚଳରେ ସୋମବାର କିଶୋରନଗର ତହସିଲ ପ୍ରଶାସନ ଓ ବଇଣ୍ଡା ଫାଣ୍ଡି ପୋଲିସ ପକ୍ଷରୁ ଚଢାଉ କରାଯାଇ ଅମାନିଆଙ୍କଠାରୁ ଜରିମାନା ଆଦାୟ କରାଯାଇଛି। ବଇଣ୍ଡା ଅଞ୍ଚଳ ଶଟ୍‌ଡାଉନ ହୋଇଥିବାବେଳେ ଏହାକୁ ନ ମାନି କେତେଜଣ ଅମାନିଆ ବୁଲୁଥିଲେ। ଖବରପାଇ କିଶୋରନଗର ଅତିରିକ୍ତ ତହସିଲଦାର କୁଳମଣି ଦଳେଇ, ବଇଣ୍ଡା ଫାଣ୍ଡି ଅଧିକାରୀ ଅରୁଣ କୁମାର ପଣ୍ଡାଙ୍କ ସହ ଏକ ଟିମ୍ ଚଢାଉ କରି ୪ ହଜାର ୪ ଶହ ଟଙ୍କା ଜରିମାନା ଆଦାୟ କରିଥିଲେ। କେତେଜଣ ଅମାନିଆ ବ୍ୟବସାୟୀ ଦୋକାନ ଖୋଲିଥିବା ବେଳେ ସେମାନଙ୍କୁ ତାଗିଦ୍ କରିବା ସହ ଜରିମାନା ଆଦାୟ କରାଯାଇଥିଲା।

### ଡେମନଷ୍ଟ୍ରେଟରଙ୍କ ପରଲୋକ

**ଛେଣ୍ଡିପଦା,୩୧।୫(ସ୍ୱ.ପ୍ର.):** ଛେଣ୍ଡିପଦା ବାପୁଜୀ କଲେଜରେ ଡେମନଷ୍ଟ୍ରେଟର ଭାବେ କାର୍ଯ୍ୟରତ କୋଶଳା ଶିମିଳିସାହିର ରାମଚନ୍ଦ୍ର ସାହୁ(୫୪)ଙ୍କ ରବିବାର କଟକସ୍ଥିତ ଏକ ଘରୋଇ ହସ୍ପିଟାଲରେ କରୋନାରେ ପରଲୋକ ହୋଇଯାଇଛି। ଏକ ସପ୍ତାହ ପୂର୍ବରୁ ସେ ଅସୁସ୍ଥ ଅନୁଭବ କରିବାରୁ ପରିବାର ଲୋକେ ପ୍ରଥମେ ଅନୁଗୋଳ ଏବଂ ପରେ କଟକ ନେଇଯାଇଥିଲେ। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଥିଲା। ତାଙ୍କ ମୃତ୍ୟୁ ଖବର ପ୍ରଚାରିତ ହେବା ପରେ ଛେଣ୍ଡିପଦା ସମେତ କୋଶଳା ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ବାପୁଜୀ ମହାବିଦ୍ୟାଳୟ ଅଧ୍ୟକ୍ଷ ବଳରାମ ସାହୁଙ୍କ ସମେତ ଅନ୍ୟ କର୍ମଚାରୀ ଶୋକ ପ୍ରକାଶ କରି ତାଙ୍କ ଆତ୍ମାର ସଦ୍‌ଗତି କାମନା କରିଛନ୍ତି। କଟକ ମ୍ୟୁନସିପାଲଟି ପକ୍ଷରୁ କୋଭିଡ୍ ନିୟମାନୁଯାୟୀ ଶେଷକୃତ୍ୟ ସମ୍ପନ୍ନ କରାଯାଇଛି।

# ସଂକ୍ରମଣ କମ୍ ଦେଖାଇବାକୁ ଷଡ଼ଯନ୍ତ୍ର

**ବଇଣ୍ଡା,୩୧।୫(ପରିକ୍ଷିତ ସାହୁ)**


ବଇଣ୍ଡା ମେଡ଼ିକାଲ

- ଗୋଷ୍ଠୀ ସଂକ୍ରମିତ ଗାଁଗୁଡ଼ିକରେ ହେଉନି ଟେଷ୍ଟ
- ମେଡିକାଲରେ ମଧ ବନ୍ଦ କରାଯାଇଛି ସ୍ୱାବ୍ ପରୀକ୍ଷା
- କିଶୋରନଗର ବ୍ଲକରେ ଆତଙ୍କ ସୃଷ୍ଟି କଲାଣି କୋଭିଡ୍

କରୋନାକୁ କାବୁ କରିବାକୁ ହେଲେ ଅଧିକରୁ ଅଧିକ ଟେଷ୍ଟିଂ ଓ କଣ୍ଟାକ୍ଟ ଟ୍ରେସିଂ ନିମନ୍ତେ ବିଶେଷଜ୍ଞମାନେ ପରାମର୍ଶ ଦେଉଛନ୍ତି। ସରକାରଙ୍କ କୋଭିଡ୍ ଗାଇଡ୍‌ଲାଇନ୍‌ରେ ମଧ ଏହା ଉପରେ ଗୁରୁତ୍ୱ ଦିଆଯାଇଛି। କିନ୍ତୁ ଗ୍ରାମାଞ୍ଚଳରେ ପ୍ରବେଶ କରିସାରିଥିବା କୋଭିଡ୍ ଭୂତାଣୁକୁ ନିୟନ୍ତ୍ରଣରେ ରଖିବା ପରିବର୍ତ୍ତେ ଅନୁଗୋଳ ଜିଲା ସ୍ୱାସ୍ଥ୍ୟ ପ୍ରଶାସନ ଏବେ ସଂକ୍ରମିତଙ୍କ ସଂଖ୍ୟା କମ୍ ଦେଖାଇବାର ଷଡ଼ଯନ୍ତ୍ର କରୁଥିବା ଅଭିଯୋଗ ହେଉଛି। ବିଶେଷକରି କିଶୋରନଗର ବ୍ଲକର ସର୍ବାଧିକ ସଂକ୍ରମିତ ତଥା ଗୋଷ୍ଠୀ ସଂକ୍ରମଣ ହୋଇସାରିଥିବା ୮ ପଞ୍ଚାୟତରେ କଣ୍ଟାକ୍ଟ ଟ୍ରେସିଂ କରାଯାଉ ନାହିଁ କି ସ୍ୱାବ୍ ସଂଗ୍ରହ ହେଉନାହିଁ। ଏପରି କି ବଇଣ୍ଡା ମେଡିକାଲରେ ମଧ କରୋନା ପରୀକ୍ଷାକୁ ବନ୍ଦ କରିଦିଆଯାଇଛି। ଏଥିଯୋଗୁ ବ୍ଲକ ଅଞ୍ଚଳରେ କୋଭିଡ୍ ଅଧିକ କାୟା ବିସ୍ତାର କରୁଥିବାବେଳେ ପ୍ରଶାସନର ଅବହେଳାକୁ ନେଇ ଅସନ୍ତୋଷ ଦେଖାଦେଇଛି।

କିଶୋରନଗର ବ୍ଲକରୁ ବର୍ତ୍ତମାନ ସୁଦ୍ଧା ୧୮୫୭ ଜଣ ପଜିଟିଭ୍ ଚିହ୍ନଟ ହୋଇସାରିଛନ୍ତି। ବିଶେଷକରି ୧୩ନଂ. ଜିଲା ପରିଷଦ ଜୋନ୍‌ରେ ଥିବା ୮ଟି ପଞ୍ଚାୟତରେ ସର୍ବାଧିକ ସଂକ୍ରମିତ ରହିଛନ୍ତି। ନୁନୁକାପଶି ପଞ୍ଚାୟତରୁ ୨୯୮ ଜଣ, ଗାଁ ବଇଣ୍ଡା ପଞ୍ଚାୟତରୁ ୨୮୫, ହଣ୍ଡପାରୁ ୨୭୮, ଲୁହାମୁଣ୍ଡାରୁ ୮୪, କଣ୍ଟେଇକୋଳିଆରୁ ୭୭, ଜାମୁନାଳୀରୁ ୯୦, ବିଲେଇନାଳୀରୁ ୭୮, କଟରଙ୍ଗା ପଞ୍ଚାୟତରୁ ୮୨ ଜଣ କରୋନା ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ଏଥିସହ ୧୩ ଜଣଙ୍କ ମୃତ୍ୟୁ ମଧ ହୋଇସାରିଛି। ଏସବୁ ପଞ୍ଚାୟତରେ ଗୋଷ୍ଠୀ ସଂକ୍ରମଣ ବଢୁଥିବାବେଳେ ୬ ପଞ୍ଚାୟତକୁ ଶଟ୍‌ଡାଉନ କରାଯାଇଛି। ଗାଁ ବଇଣ୍ଡାରେ ଗତ ଗୁରୁବାର ୨୦୦ ଜଣଙ୍କ ସ୍ୱାବ୍ ଟେଷ୍ଟ କରାଯାଇଥିବା ବେଳେ ୧୫୧ ପଜିଟିଭ୍ ଚିହ୍ନଟ ହୋଇଥିଲେ। ସମସ୍ତ ସଂକ୍ରମିତଙ୍କୁ ଔଷଧ ଦିଆଯାଇଥିଲେ ମଧ ସେମାନଙ୍କ ପରିବାର ସଦସ୍ୟ କିମ୍ବା ସଂସ୍ପର୍ଶରେ ଆସିଥିବା ଲୋକଙ୍କ ଟେଷ୍ଟ କରାଯାଉ ନାହିଁ। ସେହିପରି ଖଣ୍ଡବର ଗ୍ରାମରୁ ସପ୍ତାହେ ତଳେ ୩୦ରୁ ଅଧିକ ପଜିଟିଭ୍ ବାହାରିଥିଲେ। ସେମାନଙ୍କ ସଂସ୍ପର୍ଶରେ ଆସିଥିବା ଲୋକଙ୍କ ସ୍ୱାବ୍ ଟେଷ୍ଟ ଏଯାଏ କରାଯାଉନାହିଁ। ବଇଣ୍ଡା ମେଡିକାଲକୁ ପ୍ରତ୍ୟେକ ଦିନ ଶତାଧିକ ଜ୍ୱର ଆକ୍ରାନ୍ତ ଟେଷ୍ଟ କରିବାକୁ ଆସୁଥିବା ବେଳେ ୨ ଦିନ ହେବ ଟେଷ୍ଟ ବନ୍ଦ କରାଯାଇଛି। ସଂକ୍ରମଣରେ ହ୍ରାସ ଦେଖାଇବାକୁ ପ୍ରଶାସନ ପକ୍ଷରୁ ଏପରି ଷଡ଼ଯନ୍ତ୍ର କରାଯାଇଥିବା ଅଭିଯୋଗ ବଢୁଥିବା ବେଳେ ସୋମବାର ବଇଣ୍ଡା ମେଡିକାଲରେ ଉତ୍ତେଜନା ଦେଖାଯାଇଥିଲା। ସେହିପରି ଟିକାକରଣରେ ମଧ ରୋକ୍ ଲଗାଯାଇଛି। ଏପ୍ରିଲ ୨୭ ତାରିଖ ସୁଦ୍ଧା ବଇଣ୍ଡା ଅଞ୍ଚଳରେ ୬୦ ବର୍ଷରୁ ଊର୍ଦ୍ଧ୍ୱ ମାତ୍ର ୬୬୨ ଜଣଙ୍କୁ ପ୍ରଥମ ଡୋଜ୍ ଟିକା ଦିଆଯାଇଛି। ୪୫ ବର୍ଷରୁ ୫୯ ବର୍ଷ ମଧ୍ୟରେ ୮୮୦ ଜଣଙ୍କୁ ପ୍ରଥମ ଡୋଜ୍ ଓ ମାତ୍ର ୩୭ଜଣଙ୍କୁ ଦ୍ୱିତୀୟ ଡୋଜ୍ ଦିଆଯାଇଛି। ବ୍ଲକର ଅନ୍ୟ ମେଡିକାଲରେ ଟିକା ଦିଆଯାଉଥିବା ବେଳେ ବଇଣ୍ଡାରେ ଟିକାକରଣ ହେଉ ନ ଥିବାରୁ ଜନ ଅସନ୍ତୋଷ ଦେଖାଦେଇଛି। ବଇଣ୍ଡା ଏକ ଜନଗହଳି ପୂର୍ଣ୍ଣ ଅଞ୍ଚଳ ହୋଇଥିବାରୁ ଏବଂ ବହୁ ପଜିଟିଭ୍ ଏଠାରୁ ଚିହ୍ନଟ ହେଉଥିବାରୁ ଅଧିକ ସ୍ୱାବ୍ ଟେଷ୍ଟ ସହ ଟିକାକରଣକୁ ପ୍ରାଧାନ୍ୟ ଦେବାକୁ ଦାବି ହେଉଛି। ଏ ନେଇ ବଇଣ୍ଡା ମେଡିକାଲର ଆୟୁଷ ଡାକ୍ତର ସରୋଜ କୁମାର ନନ୍ଦ କହିଛନ୍ତି, ଜିଲା ପ୍ରଶାସନ ପକ୍ଷରୁ ନିର୍ଦ୍ଦେଶ ଆସିଲେ ବଇଣ୍ଡା ମେଡିକାଲ ଓ ଗୋଷ୍ଠୀ ସଂକ୍ରମଣ ଗ୍ରାମରୁ ସ୍ୱାବ୍ ସଂଗ୍ରହ କରାଯିବ।

#### ଟେଷ୍ଟ କରା ନ ଗଲେ ଆନ୍ଦୋଳନ

"କିଶୋରନଗର ବ୍ଲକର ବହୁ ଗାଁ ଏବେ କରୋନା କବଳରେ। କେତେକ ଗ୍ରାମରେ ଗୋଷ୍ଠୀ ସଂକ୍ରମଣ ହୋଇସାରିଛି। କିନ୍ତୁ ସଂକ୍ରମଣ କମ୍ ଦେଖାଇବାକୁ ସେଠାକାର ଲୋକଙ୍କ ସ୍ୱାବ୍ ସଂଗ୍ରହ କରାଯାଉ ନାହିଁ। ଏହାକୁ ନେଇ ବହୁ ବୟସ୍କ ଭୟଭୀତ ଅବସ୍ଥାରେ ଅଛନ୍ତି। ତୁରନ୍ତ ସେମାନଙ୍କ ଟେଷ୍ଟ କରା ନ ଗଲେ ଆନ୍ଦୋଳନ ହେବ।

-ସ୍ୱୟଂମ୍ବର ପ୍ରଧାନ, ସରପଞ୍ଚ, ଜାମୁନାଳୀ

#### ଅଧିକରୁ ଅଧିକ ପରୀକ୍ଷା କରାଯାଉ

"ବଇଣ୍ଡା ଅଞ୍ଚଳରେ ସଂକ୍ରମିତଙ୍କ ସଂଖ୍ୟା ଦ୍ରୁତଗତିରେ ବଢୁଛି। ଅମାନିଆମାନଙ୍କ ଯୋଗୁ ଗୋଷ୍ଠୀ ସଂକ୍ରମଣ ହୋଇଥିବା ବେଳେ ମେଡିକାଲରେ ଦୈନିକ ଅଧିକରୁ ଅଧିକ ସ୍ୱାବ୍ ଟେଷ୍ଟ ଜରୁରୀ ହୋଇପଡ଼ିଛି। ତୁରନ୍ତ ଜିଲା ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେଇ ଟେଷ୍ଟ କାର୍ଯ୍ୟ ପୁନଃ ଆରମ୍ଭ ନ କଲେ ଅଧିକ ଜୀବନହାନିର ଆଶଙ୍କା ରହିଛି।

-ଗିରୀଶ ଚନ୍ଦ୍ର ସାହୁ, ବଇଣ୍ଡା

#### ୱାର୍ଡଗୁଡ଼ିକରେ କ୍ୟାମ୍ପ ହେଉ

"କରୋନା ଯେପରି ଭାବେ ବ୍ୟାପୁଛି, ତାହାକୁ ନେଇ ଗ୍ରାମାଞ୍ଚଳରେ ଭୟର ବାତାବରଣ ଦେଖାଦେଇଛି। ଏହାକୁ ଗୁରୁତ୍ୱ ଦେଇ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ୱାର୍ଡଗୁଡ଼ିକରେ ଟେଷ୍ଟ ପାଇଁ କ୍ୟାମ୍ପ କରାଯାଉ। କେବଳ ବଇଣ୍ଡା ମେଡିକାଲରେ ଟେଷ୍ଟ କରାଗଲେ ସେଠାରେ ଅଧିକ ଭିଡ଼ ହେବ ଓ ପୁଣି ଗୋଷ୍ଠୀ ସଂକ୍ରମଣ ଅଧିକ ବଢ଼ିବ।

-ଧ୍ରୁବଚରଣ ପ୍ରଧାନ, ଲୁହାମୁଣ୍ଡା

#### ମେଡିକାଲରୁ ନିରାଶରେ ଫେରୁଛନ୍ତି ଲୋକେ

"ସଚେତନତାର ଅଭାବ ସହ ଅନେକେ ଏହାକୁ ଖାମଖିଆଲରେ ନେଉଥିବାରୁ ଗ୍ରାମାଞ୍ଚଳରେ କରୋନା ସଂକ୍ରମଣ ଦ୍ରୁତଗତିରେ ବଢୁଛି। ମାସ୍କ ଓ ସାମାଜିକ ଦୂରତ୍ୱ ନିୟମକୁ ମଧ ଠିକ୍ ଭାବେ ପାଳନ କରାଯାଉ ନାହିଁ। ଟେଷ୍ଟ ଓ ଟିକା ପାଇଁ ବଇଣ୍ଡା ମେଡିକାଲ ଯାଉଥିବା ଲୋକେ ନିରାଶରେ ଫେରୁଥିବାରୁ ଅସନ୍ତୋଷ ଦେଖାଦେଇଛି।

-ଲିଙ୍ଗରାଜ ବିଶ୍ୱାଳ, ଧୁଣ୍ଡି

#### ଖୁବ୍‌ଶୀଘ୍ର ଟିକାକରଣ ଦିଗରେ ପଦକ୍ଷେପ

"ବଇଣ୍ଡା ମେଡିକାଲ ଅଧୀନରେ ଥିବା ଯେଉଁସବୁ ପଞ୍ଚାୟତରେ ଗୋଷ୍ଠୀ ସଂକ୍ରମଣ ହୋଇଛି, ସେଠାକାର ଲୋକେ ସ୍ୱାବ୍ ଟେଷ୍ଟ କରାନ୍ତୁ। ସେଠାରେ ଖୁବ୍‌ଶୀଘ୍ର ଟିକାକରଣ ଦିଗରେ ପଦକ୍ଷେପ ନିଆଯିବ। ସମସ୍ତେ ସାମାଜିକ ଦୂରତ୍ୱ ରକ୍ଷା କରିବା ସହ ମାସ୍କ ବ୍ୟବହାର କରନ୍ତୁ ଓ ଲକ୍‌ଡାଉନ୍ ନିୟମ ମାନି ଘରେ ରୁହନ୍ତୁ।

-ଲଳିତ ମୋହନ ବେହେରା, ଉପଜିଲାପାଳ, ଆଠମଲ୍ଲିକ

## ଦିନକରେ ୪୦୯ ଆକ୍ରାନ୍ତ, ୯୫୨ ସୁସ୍ଥ



**ଅନୁଗୋଳ ଅଫିସ, ୩୧।୫**

ଅନୁଗୋଳ ଜିଲାରେ କରୋନା ସଂକ୍ରମଣ ସାମାନ୍ୟ ତଳକୁ ଖସିଥିଲେ ମଧ ମୃତ୍ୟୁ ସଂଖ୍ୟା ବଢ଼ି ବଢ଼ି ଚାଲିଛି। ଲଗାତର ୫ ଦିନ ଧରି ଜିଲାରୁ ୫ ଜଣ ଲେଖାଏ କୋଭିଡ୍ ସଂକ୍ରମିତଙ୍କ ମୃତ୍ୟୁ ହେଉଥିବା ଚିନ୍ତାର ବିଷୟ ହୋଇଛି। ସେହିପରି ସୋମବାର ଜିଲାରୁ ୪୦୯ ଜଣ କରୋନା ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ଏହାକୁ ମିଶାଇ ମୋଟ୍ ପଜିଟିଭ୍ ସଂଖ୍ୟା ୩୪ ହଜାର ୧୫୧ରେ ପହଞ୍ଚିଥିବା ଜିଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ ସୂଚନା ଦେଇଛନ୍ତି। ନୂଆ ସଂକ୍ରମିତଙ୍କ ମଧ୍ୟରେ ବଆଁରପାଳ ବ୍ଲକରୁ ସର୍ବାଧିକ ୪୮ ଜଣ, କଣିହାଁ ବ୍ଲକରୁ ୬୧, ଅନୁଗୋଳ ବ୍ଲକରୁ ୫୯, ଛେଣ୍ଡିପଦା ବ୍ଲକରୁ ୪୯, ତାଳଚେର ବ୍ଲକରୁ ୩୪, କିଶୋରନଗର ବ୍ଲକରୁ ୩୨, ତାଳଚେର ପୌରାଞ୍ଚଳରୁ ୨୯, ପାଲଲହଡ଼ା ବ୍ଲକରୁ ୨୫, ଅନୁଗୋଳ ପୌରାଞ୍ଚଳରୁ ୨୪, ଆଠମଲ୍ଲିକ ବ୍ଲକରୁ ୨୩ ଓ ଆଠମଲ୍ଲିକ ଏନ୍‌ଏସିରୁ ୫ ଜଣ ରହିଛନ୍ତି। ଲକ୍ଷଣଯୁକ୍ତ ସଂକ୍ରମିତଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟର କରୋନା ୱାର୍ଡ ଓ ୧୦୦ ଜଣଙ୍କୁ ତାଳଚେରସ୍ଥିତ କୋଭିଡ୍ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଉଥିବା ପ୍ରଶାସନ ପକ୍ଷରୁ ସୂଚନା ପ୍ରଦାନ କରାଯାଇଛି। ଅନ୍ୟପକ୍ଷରେ ଜିଲାରୁ ଦିନକରେ ୯୫୨ ଜଣ କରୋନାରୁ ସୁସ୍ଥ ହୋଇଥିବା ପ୍ରଶାସନ ପକ୍ଷରୁ କୁହାଯାଇଛି। ଜିଲାରେ ମୋଟ୍ ମୃତକଙ୍କ ସଂଖ୍ୟା ୧୦୯ରେ ପହଞ୍ଚିଛି।

## ‘କୃଷକ, ଶ୍ରମିକ ଶୋଷଣର ଶିକାର’

**ଅନୁଗୋଳ ଅଫିସ,୩୧।୫**

ସିଆଇଟିୟୁର ୫୧ ତମ ପ୍ରତିଷ୍ଠା ଦିବସ ଅନୁଗୋଳ ଜିଲା କାର୍ଯ୍ୟାଳୟଠାରେ ରବିବାର ପାଳିତ ହୋଇଯାଇଛି। ଜିଲା ସାଧାରଣ ସମ୍ପାଦକ ତଥା ରାଜ୍ୟ ସମ୍ପାଦକ ଉପେନ୍ଦ୍ର ଶର୍ମା ସ୍ୱାଗତ ଭାଷଣ ଦେଇ କହିଲେ ଯେ, ଦେଶ ଉନ୍ନତିରେ ପ୍ରମୁଖ ଭୂମିକା ଗ୍ରହଣ କରିଥିବା କୃଷକ ଓ ଶ୍ରମିକ ମୋଦି ସରକାରରେ ଶୋଷଣର ଶିକାର ହୋଇଚାଲିଛନ୍ତି। ବଜେଟରେ ୩୫ ହଜାର କୋଟି ଟଙ୍କା ସ୍ୱାସ୍ଥ୍ୟ ବ୍ୟୟବରାଦ କରାଯାଇଥିଲେ ମଧ ତଦନୁଯାୟୀ ଜନସାଧାରଣଙ୍କୁ ସ୍ୱାସ୍ଥ୍ୟସେବା ମିଳୁନାହିଁ। ସମସ୍ତଙ୍କୁ ମାଗଣାରେ ଟିକା ଓ ସ୍ୱାସ୍ଥ୍ୟସେବା ଯୋଗାଇଦେବାକୁ ସରକାର ଉଦ୍ୟମ କରୁନାହାନ୍ତି। ଏହା ବିରୋଧରେ ଜନ ଆନ୍ଦୋଳନ ତୀବ୍ରତର କରିବାକୁ ପଡ଼ିବ। ସଂରକ୍ଷଣ ଅଭାବରୁ ଅନେକ ଖାଦ୍ୟ ସାମଗ୍ରୀ ନଷ୍ଟ ହୋଇଯାଉଛି। ଏଥିରୁ ମୁଣ୍ଡପିଛା ମାସିକ ୧୦ କି.ଗ୍ରା. ଚାଉଳ/ଗହମ ଲୋକଙ୍କୁ ଯୋଗାଇହେବ। ନିଯୁକ୍ତି ସୃଷ୍ଟି ପାଇଁ ବଜେଟ ବ୍ୟୟବରାଦ କମ୍ ରହିଥିଲେ ମଧ ଅର୍ଥର ସଦୁପଯୋଗ କରି କରି ଶ୍ରମିକମାନଙ୍କୁ ବାର୍ଷିକ ୨ଶହ ଦିନ ଦିଆଯାଇପାରିବ ବୋଲି ରାଜ୍ୟ ସମ୍ପାଦକ ଶର୍ମା ପ୍ରକାଶ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲା କମିଟି କାର୍ଯ୍ୟକାରୀ ସଭାପତି ବସନ୍ତ କୁମାର ପଟ୍ଟନାୟକ, ବଳରାମ ଜେନା, ମହେନ୍ଦ୍ର ସାହୁ, ରଞ୍ଜନ ନନ୍ଦ, ମହେଶ ଦେଓ, ବିଷ୍ଣୁଚରଣ ମିଶ୍ର, ଅଭିଜିତ ଦେଓ, ବି.ସୁରିଆ ପ୍ରମୁଖ ଉପସ୍ଥିତ ଥିଲେ।


ଅନୁଗୋଳ ଜିଲା କାର୍ଯ୍ୟାଳୟଠାରେ ପ୍ରତିଷ୍ଠା ଦିବସ ପାଳନ କରାଯାଉଛି।

## ଅମାନିଆଙ୍କୁ ପ୍ରଶାସନର ଚେତାବନୀ

**ଅନୁଗୋଳ ଅଫିସ, ୩୧।୫**

ଅନୁଗୋଳ ଜିଲାରେ କରୋନା ସଂକ୍ରମଣ ବଢ଼ିଚାଲିଥିବାବେଳେ ଅନେକ ଲୋକ କଟକଣା ମାନୁନାହାନ୍ତି। ପ୍ରଶାସନ ଓ ପୋଲିସ ପକ୍ଷରୁ ବାରମ୍ବାର ସେମାନଙ୍କୁ ସଚେତନ କରାଯାଉଥିଲେ ମଧ ସେମାନେ କୌଣସି କଥାକୁ ଖାତିର କରୁନାହାନ୍ତି। ବାରମ୍ବାର ମେଳି ହୋଇ ଗୁଲି ଖଟି କରିବା ସହ ମାଳମାଳ ହୋଇ ଏଣେତେଣେ ବୁଲୁଛନ୍ତି। ତେଣୁ ଏହି ଅମାନିଆମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ପ୍ରଶାସନ ପକ୍ଷରୁ ନିଷ୍ପତ୍ତି ନିଆଯାଇଛି। ସୋମବାର ସହରର ବିଭିନ୍ନ ସ୍ଥାନରେ ପ୍ରଶାସନିକ ଅଧିକାରୀମାନେ ପଇଁତରା ମାରିଛନ୍ତି। ବିଭିନ୍ନ ସ୍ଥାନରେ ଚଢ଼ାଉ କରି ପାଖିପାଖି ୧୦ ହଜାର ଟଙ୍କା ଜରିମାନା ଆଦାୟ କରିଛନ୍ତି। ମଙ୍ଗଳବାର ଠାରୁ କଟକଣାକୁ ଆହୁରି କଡ଼ାକଡ଼ି କରାଯିବ। ପୂର୍ବାହ୍ନ ୧୧ଟା ପରେ ଯେଉଁମାନେ ବିନା କାରଣରେ ଘରୁ ବାହାରିବେ ସେମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ଚେତାବନୀ ଦିଆଯାଇଛି।

## ଗ୍ରାମବାସୀଙ୍କ ଉଦ୍ୟମରେ ସଙ୍ଗରୋଧ କେନ୍ଦ୍ର


ଅସ୍ଥାୟୀ ସଙ୍ଗରୋଧ କେନ୍ଦ୍ର ଅନ୍ତେବାସୀଙ୍କ ପାଇଁ ଖାଦ୍ୟ ପ୍ରସ୍ତୁତ କରାଯାଇଛି।

**ଛେଣ୍ଡିପଦା,୩୧।୫(ସ୍ୱ.ପ୍ର.)**

ଛେଣ୍ଡିପଦା ବ୍ଲକ ମାଛକୁଟା ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ କରୋନା ସଂକ୍ରମିତଙ୍କ ନିମନ୍ତେ ଏକ ଅସ୍ଥାୟୀ ସଙ୍ଗରୋଧ କେନ୍ଦ୍ର ଖୋଲାଯାଇଛି। ଗ୍ରାମବାସୀଙ୍କ ଉଦ୍ୟମରେ ଗତ ୧୫ ତାରିଖଠାରୁ ଖୋଲାଯାଇଥିବା ଏହି କେନ୍ଦ୍ରରେ ଏଯାଏ ମୋଟ୍ ୪୪ ଜଣ ସଂକ୍ରମିତ ରହିସାରିଛନ୍ତି। ସେମାନଙ୍କ ମଧ୍ୟରୁ ୧୫ ଜଣ ସୁସ୍ଥ ହୋଇ ଘରକୁ ଫେରିଥିବା ବେଳେ ୨ ଜଣଙ୍କୁ କଟକ ଓ ଭୁବନେଶ୍ୱର ଘରୋଇ ହସ୍ପିଟାଲକୁ ପଠାଯାଇଛି। ବର୍ତ୍ତମାନ ୨୭ ଜଣ କରୋନା ପଜିଟିଭ୍ ବ୍ୟକ୍ତି ଏଠାରେ ରହୁଛନ୍ତି। ସେମାନଙ୍କ ମଧ୍ୟରେ ୧୦ ଜଣ ମହିଳା ଅଛନ୍ତି। ଅନ୍ତେବାସୀମାନଙ୍କୁ ପ୍ରତ୍ୟହ ଦୁଇ ବେଳା ରନ୍ଧା ଖାଦ୍ୟ ପ୍ରଦାନ କରାଯାଉଛି। ବିଶେଷ କରି ମାଛକୁଟା ରୁଗୁଡିସାହି ନେତାଜୀ କ୍ଲବ ପକ୍ଷରୁ ନିୟମିତ ଭାବେ ରନ୍ଧା ଖାଦ୍ୟ ଯୋଗାଇ ଦିଆଯାଉଛି। ସେହିପରି ମାସ୍କ, ସାନିଟାଇଜର, ସାବୁନ, ଶୁଖିଲା ଖାଦ୍ୟ ବଣ୍ଟନ କରାଯାଉଛି। ଏହି କାର୍ଯ୍ୟ ପାଇଁ ବହୁ ବଦାନ୍ୟ ବ୍ୟକ୍ତି ଆର୍ଥିକ ସହାୟତା ପ୍ରଦାନ କରୁଛନ୍ତି। ଗ୍ରାମବାସୀ ଓ କ୍ଲବ ସଦସ୍ୟମାନେ ପ୍ରଶାସନ ଉପରେ ନିର୍ଭର ନ କରି ଏହି କେନ୍ଦ୍ର ପରିଚାଳନା କରୁଥିବାରୁ ସାଧାରଣରେ ପ୍ରଶଂସା କରାଯାଇଛି।

## ବିହନ କିଣିବାକୁ ସମିତିରେ ଗହଳି

**ପାଲଲହଡ଼ା,୩୧।୫(ଡି.ଏନ.ଏ.)**

ପାଲଲହଡ଼ା ଉପଜିଲାପାଳ ଏବଂ ବ୍ଲକ ଅଫିସ ପାର୍ଶ୍ୱରେ ଥିବା ନିଜିଗଡ଼ ସେବା ସମବାୟ ସମିତିରେ ସୋମବାର ଚାଷୀଙ୍କ ପ୍ରବଳ ଭିଡ଼ ଲାଗିଥିଲା। କରୋନା କଟକଣାକୁ ବେଖାତିର କରି ଶତାଧିକ ଚାଷୀ ଧାନ ବିହନ କିଣିବା ପାଇଁ ଗହଳି ଜମାଇଥିଲେ। ସମିତି ପକ୍ଷରୁ ଟୋକନ ବ୍ୟବସ୍ଥା କରାଯାଇଥିଲେ ମଧ ଗେଟ୍ ବାହାରେ ଅସମ୍ଭବ ଭିଡ଼ ପରିଲକ୍ଷିତ ହୋଇଥିଲା। ଶତାଧିକ ଚାଷୀ ଆଧାର କାର୍ଡକୁ ଲାଇନରେ ଥୋଇ ରାସ୍ତା କଡରେ ଭିଡ଼ ଜମାଇଥିଲେ। ଉପଖଣ୍ଡ ପ୍ରଶାସନିକ କାର୍ଯ୍ୟାଳୟଠାରୁ ମାତ୍ର ୧୦୦ ମିଟର ଦୂରରେ ଏପରି ଭିଡ ଜମିଥିଲେ ମଧ ସେଥିପ୍ରତି କାହାରି ଦୃଷ୍ଟି ପଡି ନ ଥିଲା। କେବଳ ସମବାୟ ସମିତି ନୁହେଁ, ପାଲଲହଡ଼ା ବଜାର, ଡାକ୍ତରଖାନା ସବୁଠାରେ ଆଜି ଲୋକ ଗହଳି ଦେଖିବାକୁ ମିଳିଥିଲା। ପାଲଲହଡ଼ା ଅଞ୍ଚଳରେ ଆକ୍ରାନ୍ତଙ୍କ ସଂଖ୍ୟା ବୃଦ୍ଧି ପାଉଥିବାବେଳେ ସାଧାରଣ ଲୋକଙ୍କ ସହ ପ୍ରଶାସନ ଏଥିପ୍ରତି ଗୁରୁତ୍ୱ ନ ଦେବା ବୁଦ୍ଧିଜୀବୀ ମହଲରେ ଚର୍ଚ୍ଚାର ବିଷୟ ହେଉଛି।


ବିହନ କିଣିବାକୁ ଆସିଥିବା ଚାଷୀମାନେ ରାସ୍ତା ପାର୍ଶ୍ୱରେ ଗହଳି କରିଛନ୍ତି।

## ମହାମାରୀ ମୁକାବିଲାରେ ଏନ୍‌ଟିପିସି ସାମିଲ

**ନୂଆଦିଲ୍ଲୀ,୩୧।୫**

କରୋନା ଦ୍ୱିତୀୟ ଲହର ସମୟରେ ନିରନ୍ତର ବିଦ୍ୟୁତ୍ ଯୋଗାଣ ସହ ମହାମାରୀ ମୁକାବିଲା କାର୍ଯ୍ୟରେ ଏନ୍‌ଟିପିସି ସାମିଲ ହୋଇଛି। ଦେଶର ବିଭିନ୍ନ ପ୍ରାନ୍ତରେ କମ୍ପାନୀ ପକ୍ଷରୁ ସ୍ୱାସ୍ଥ୍ୟ ଭିତ୍ତିଭୂମି ଓ ସେବା ଯୋଗାଣ ଦିଗରେ ବହୁ କାର୍ଯ୍ୟକ୍ରମ ହାତକୁ ନିଆଯାଇଛି। ଏନ୍‌ଟିପିସି ୬ଶହ ଅକ୍ସିଜେନ ବେଡ୍ ଏବଂ ୧୨ଶହ ଆଇସୋଲେଶନ ବେଡ୍ ସପ୍ତାହେ ମଧ୍ୟରେ ଯୁଦ୍ଧକାଳୀନ ଭିତ୍ତିରେ ସ୍ଥାପନ କରିଛି। ଏଥିଲାଗି କମ୍ପାନୀ ରାଜ୍ୟ ଏବଂ ଜିଲା ପ୍ରଶାସନ ସହ ମିଳିତ ଭାବେ କାମ କରୁଛି। ଦିଲ୍ଲୀ ଓ ଏନ୍‌ସିଆର୍‌ରେ ୨ଶହ ଅକ୍ସିଜେନ ବେଡ୍, ୧୪୦ ଆଇସୋଲେଶନ ବେଡ୍ ଦ୍ୱାରା ଚିକିତ୍ସା ସେବା ଯୋଗାଯାଉଛି। ଦାଦ୍ରି, ନୋଏଡା ଏବଂ ବଦାରୋ ଭଳି ସ୍ଥାନଗୁଡ଼ିକରେ ଅକ୍ସିଜେନ ସହାୟତା, କୋଭିଡ୍ ଟେଷ୍ଟିଂ, ଗୁରୁତରଙ୍କୁ ଭେଣ୍ଟିଲେଟର ସୁବିଧା ଓ ୨୪ ଘଣ୍ଟିଆ ମେଡିକାଲ କେୟାର ପାଇଁ ପ୍ରାୟ ୩୦ କୋଟି ଟଙ୍କା ଖର୍ଚ୍ଚ କରାଯାଇଛି। କମ୍ପାନୀ ୪୦ ଡାକ୍ତର, ଶତାଧିକ ପାରାମେଡିକାଲ ଏବଂ ସହାୟକଙ୍କ ଦ୍ୱାରା ସେବା ଯୋଗାଉଛି। ଓଡ଼ିଶାର ସୁନ୍ଦରଗଡ଼ରେ ୪ଶହ କୋଟି ଟଙ୍କା ବିନିଯୋଗରେ ୫ଶହ ବେଡ୍ ବିଶିଷ୍ଟ ଷ୍ଟେଟ୍‌ଅପ୍ ଆର୍ଟ ଫାସିଲିଟି ହସ୍ପିଟାଲ ସ୍ଥାପନ ଦ୍ୱାରା ସ୍ଥାନୀୟ ଅଞ୍ଚଳର ରୋଗୀଙ୍କୁ ସେବା ଯୋଗାଇ ଦିଆଯାଉଛି। ଗୁରୁତରଙ୍କ ପାଇଁ ଅତିରିକ୍ତ ଭେଣ୍ଟିଲେଟର ସୁବିଧା ଏବଂ ଏନ୍‌ଟିପିସି ଦର୍ଲିପାଲି ପକ୍ଷରୁ ଝାରସୁଗୁଡ଼ାରେ ୩୦ ଆଇସିୟୁ ବେଡ୍ ସ୍ଥାପନ କରାଯାଇଛି। ସେହିପରି ଦେଶର ଅନ୍ୟ ପ୍ରାନ୍ତଗୁଡ଼ିକରେ ମଧ ବିଭିନ୍ନ ସୁବିଧା ସହ କୋଭିଡ୍ ଲଢ଼େଇରେ କମ୍ପାନୀ ଯୋଗଦାନ ଜାରି ରଖିଛି। ବିଶେଷକରି ଅକ୍ସିଜେନ ପ୍ଲାଣ୍ଟ ସ୍ଥାପନରେ କମ୍ପାନୀ ୧୨ କୋଟି ଟଙ୍କା ଖର୍ଚ୍ଚ କରିଥିବା ସୂଚନା ମିଳିଛି।


ଏନ୍‌ଟିପିସି ପକ୍ଷରୁ ପ୍ରସ୍ତୁତ ମେଡିକାଲ।

## ୨ ଦୋକାନ ସିଲ୍

**ଅନୁଗୋଳ ଅଫିସ, ୩୧।୫**

ଦୁଇ ଦିନିଆ ସପ୍ତାହାନ୍ତ ଶଟ୍‌ଡାଉନ ପରେ ସୋମବାର ଅନୁଗୋଳ ସହରରେ ଲୋକମାନଙ୍କ ପ୍ରବଳ ଗହଳି ଦେଖାଯାଇଥିଲା। କୌଣସି ସ୍ଥାନରେ ସାମାଜିକ ଦୂରତ୍ୱ ରକ୍ଷା କରାଯାଇ ନ ଥିଲା। ବ୍ୟବସାୟୀ ଲୋକଙ୍କୁ ରାଶନ ଦେବା ବାହାନାରେ କଟକଣାକୁ ସମ୍ପୂର୍ଣ୍ଣ ଭୁଲିଯାଇଥିବା ପରି ଲାଗୁଥିଲା। ଏ ନେଇ ପ୍ରଶାସନ ଓ ପୋଲିସ ନିକଟରେ ଖବର ପହଞ୍ଚିବା ପରେ ତୁରନ୍ତ ସହରରେ ଚଢ଼ାଉ ଆରମ୍ଭ ହୋଇଥିଲା। ପ୍ରଶାସନ ଓ ପୋଲିସ ଗାଡ଼ିକୁ ଦେଖି ଦୋକାନ ଆଗରେ ଭିଡ଼ କରିଥିବା ଅମାନିଆମାନେ ପଳାଇ ଯାଇଥିଲେ। ତେବେ କଟକଣା ଉଲ୍ଲଂଘନ ଅଭିଯୋଗରେ ମେଡିକାଲ ଛକ ସଞ୍ଜୀବନୀ ବଜାରରେ ଥିବା ଏକ ରାଶନ ଦୋକାନ ସହ ଡେଲି ମାର୍କେଟ ଆଗରେ ଥିବା ଏକ ରାଶନ ଦୋକାନକୁ ୩ ଦିନ ପାଇଁ ସିଲ୍ କରାଯାଇଥିଲା। ଏଥିସହ ୭ ହଜାର ଟଙ୍କା ଜରିମାନା ମଧ ଆଦାୟ କରାଯାଇଥିଲା। ଏହି ଚଢ଼ାଉରେ ପୌରପାଳିକାର ଆସିଷ୍ଟାଣ୍ଟ ଇଞ୍ଜିନିୟର ରବୀନ୍ଦ୍ର ଦାସ, ଅନୁଗୋଳ ଥାନା ଏସ୍‌ଆଇ ଅବଦୁଲ୍ ୱାସିମ୍ ଖାନ୍, ଏଏସ୍‌ଆଇ ପ୍ରଶାନ୍ତ ସାହୁ ପ୍ରମୁଖଙ୍କ ସହ ପୌରପାଳିକା କର୍ମଚାରୀମାନେ ଉପସ୍ଥିତ ଥିଲେ।

> "ୟୁରୋପୀୟ ସମାଜର ସୁନ୍ଦର ବାହ୍ୟ ସଭ୍ୟତା ତଳେ, ଏକ ଗଭୀର ନୈତିକ ରୋଗ ତା'ର ପ୍ରାଣକୁ ଗ୍ରାସ କରୁଛି – ଯାହାର ସହସ୍ର ସହସ୍ର ଲକ୍ଷଣ ଆମ ଆଖିରେ ପଡୁଛି। ଭାରତ ଯଦି ତା'ର ରାଜନୈତିକ ଆଦର୍ଶ, ସାମାଜିକ ପ୍ରଣାଳୀ ଓ ଆର୍ଥିକ ନିୟମକୁ ଗ୍ରହଣ କରେ– ତେବେ ସେ ମଧ୍ୟ ସେ ସବୁ ରୋଗ ଦ୍ୱାରା ଆକ୍ରାନ୍ତ ହେବ।
> –ଶ୍ରୀଅରବିନ୍ଦ



# ସହନଶୀଳତା ଆବଶ୍ୟକ

ପଶ୍ଚିମବଙ୍ଗ ନିର୍ବାଚନ ଫଳାଫଳଠାରୁ ଏବେ ସେଠାରେ କେନ୍ଦ୍ର–ରାଜ୍ୟ ମଧ୍ୟରେ ବରିଷ୍ଠ ପ୍ରଶାସନିକ ଅଧିକାରୀଙ୍କୁ ନେଇ ଚାଲିଥିବା ଟଣାଓଟରା ଏକ ରୋଚକ ସ୍ଥିତି ସୃଷ୍ଟି କରିଛି। ପଶ୍ଚିମବଙ୍ଗ ମୁଖ୍ୟ ଶାସନ ସଚିବ ଥିବା ଆଲାପନ ବନ୍ଦୋପାଧ୍ୟାୟଙ୍କୁ ରାତାରାତି କେନ୍ଦ୍ରୀୟ ଡେପୁଟେଶନରେ ଛାଡ଼ିବା ପାଇଁ ନରେନ୍ଦ୍ର ମୋଦି ସରକାର ଯେଉଁ ନିର୍ଦ୍ଦେଶ ଦେଇଥିଲେ ତାହାକୁ ମମତା ବାନାର୍ଜୀ ସରକାର ଅସ୍ୱୀକାର କରିଥିଲେ। ନିର୍ବାଚନରେ ପରାଜୟବରଣ କରିଥିବାରୁ ମୋଦି ସରକାର ପ୍ରତିଶୋଧପରାୟଣ ହୋଇଥିବା ମମତା ସିଧାସଳଖ ଅଭିଯୋଗ କରିଚାଲିଛନ୍ତି। ଏଠାରେ କୁହାଯାଇପାରେ ଯେ, ଏସବୁ ବିଶୃଙ୍ଖଳା ଘଟିବାର ଏକ ବଡ଼ କାରଣ ରହିଛି। ନିକଟରେ ବାତ୍ୟା 'ୟାସ୍' ଦ୍ୱାରା ପ୍ରଭାବିତ ରାଜ୍ୟ ପଶ୍ଚିମବଙ୍ଗକୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କ୍ଷୟକ୍ଷତିର ସମୀକ୍ଷା କରିବାକୁ ଯାଇଥିଲେ। ସେହି ବୈଠକକୁ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ଓ ତାଙ୍କ ମୁଖ୍ୟ ଶାସନ ସଚିବ ଆଲାପନ ପ୍ରାୟ ୩୦ ମିନିଟ୍ ବିଳମ୍ବରେ ପହଞ୍ଚିଥିଲେ। ସେଠାରେ ମମତା ଅଳ୍ପ ସମୟ ରହି ପ୍ରଧାନମନ୍ତ୍ରୀଙ୍କୁ କ୍ଷୟକ୍ଷତି ରିପୋର୍ଟ ଦେବା ପରେ ସ୍ଥାନ ଛାଡ଼ି ଦେଇଥିଲେ। ଏଥିରେ ଉତ୍କ୍ଷିପ୍ତ ହୋଇ ମୋଦି ସେହିଦିନ ରାତିରେ ପଶ୍ଚିମବଙ୍ଗ ମୁଖ୍ୟ ଶାସନ ସଚିବଙ୍କୁ କେନ୍ଦ୍ରୀୟ ଡେପୁଟେଶନରେ ଯିବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ମମତା କେନ୍ଦ୍ରକୁ ଅନୁରୋଧ କରିଥିଲେ ଯେ, ତାଙ୍କ ରାଜ୍ୟରୁ ଅଭିଜ୍ଞ ଅଫିସରମାନଙ୍କୁ ନିଆ ନ ଯାଉ। କେନ୍ଦ୍ର ଓ ରାଜ୍ୟ ମଧ୍ୟରେ ଏଭଳି ବାଦବିବାଦ ଲାଗିଥିବା ବେଳେ ୩୧ ମେ'ରେ ଆଲାପନ ଚାକିରିରୁ ଅବସର ନେବା ପରେ ମମତା ତାଙ୍କୁ ମୁଖ୍ୟମନ୍ତ୍ରୀଙ୍କ ମୁଖ୍ୟ ଉପଦେଷ୍ଟା ଭାବେ ନିଯୁକ୍ତ କରିଛନ୍ତି। ୧ ଜୁନ୍‌ରୁ ସେ ୩ ବର୍ଷ ପାଇଁ ଏହି ପଦବୀରେ ରହିବେ। ଉଲ୍ଲେଖଯୋଗ୍ୟ ଯେ, ୧୯୮୭ ବ୍ୟାଚ୍‌ର ଆଇଏଏସ୍ ଅଫିସର ଆଲାପନ ୩୧ ମେ'ରେ ଅବସର ନେବାର ଥିଲା। ଏହା ପୂର୍ବରୁ ତାଙ୍କ କାର୍ଯ୍ୟକାଳ ୬ ମାସ ବଢ଼ାଇବା ସକାଶେ ମୁଖ୍ୟମନ୍ତ୍ରୀ କେନ୍ଦ୍ରକୁ ଜଣାଇଥିଲେ। କେନ୍ଦ୍ରର କାର୍ମିକ ଓ ପ୍ରଶିକ୍ଷଣ ବିଭାଗ ଚଳିତ ମାସ ୨୪ ତାରିଖରେ ଆଲାପନଙ୍କ କାର୍ଯ୍ୟକାଳକୁ ୩ ମାସ ବଢ଼ାଇଥିଲେ। ଯେତେବେଳେ କେନ୍ଦ୍ର–ରାଜ୍ୟ ସମ୍ପର୍କ ବିଗିଡ଼ିବାରେ ଲାଗିଲା ସେତେବେଳେ ଆଲାପନ ଅବସର ନେଇଯିବା ସମଗ୍ର ଘଟଣାକ୍ରମକୁ ଭିନ୍ନ ମୋଡ଼ ଦେଇଛି।

ସଦ୍ୟ ବିବାଦର ମୂଳକୁ ଗଲେ ଜଣାପଡୁଛି ଯେ, ମୋଦିଙ୍କ ବୈଠକରେ ପଶ୍ଚିମବଙ୍ଗ ବିଧାନସଭାର ବିରୋଧୀ ଦଳ ନେତା ତଥା ଭାଜପାର ଶୁଭେନ୍ଦୁ ଅଧିକାରୀ ଉପସ୍ଥିତ ଥିଲେ। ପ୍ରୋଟୋକଲ ଦୃଷ୍ଟିରୁ ସେ ସେଠାରେ ରହିବାର ନ ଥିଲା ବୋଲି ସମୀକ୍ଷକମାନେ କହୁଛନ୍ତି। ସମ୍ଭବତଃ ଶୁଭେନ୍ଦୁଙ୍କ ଉପସ୍ଥିତି ଯୋଗୁ ମମତା ବିରକ୍ତି ପ୍ରକାଶ କରିବାକୁ ଯାଇ ପ୍ରାୟ ୩୦ ମିନିଟ୍ ବିଳମ୍ବରେ ପହଞ୍ଚିଥିଲେ। ତତ୍‌କ୍ଷଣାତ୍ ବାତ୍ୟା କ୍ଷୟକ୍ଷତି ପରିମାଣ ସଂକ୍ରାନ୍ତ ରିପୋର୍ଟ ମୋଦିଙ୍କୁ ଦେଇ ମୁଖ୍ୟ ଶାସନ ସଚିବଙ୍କ ସହ ସେ ବୈଠକରୁ ଚାଲିଯାଇଥିଲେ। ଫଳରେ ଅନନ୍ୟୋପାୟ ହୋଇ ମୋଦି ମୁଖ୍ୟ ଶାସନ ସଚିବ ଆଲାପନଙ୍କ ଉପରେ ରାଗ ଶୁଝାଇବାକୁ ଯାଇ ପଦକ୍ଷେପ ନେଇଛନ୍ତି ବୋଲି ସାଧାରଣରେ ଧାରଣା ସୃଷ୍ଟି ହୋଇଛି। କିନ୍ତୁ ଯଦି ସର୍ବଭାରତୀୟ ସେବା (ଶୃଙ୍ଖଳା ଓ ନିବେଦନ) ନିୟମ ୧୯୬୯ର ରୁଲ୍ ୭କୁ ଦେଖାଯାଏ, ସେଥିରେ ଉଲ୍ଲେଖ ରହିଛି, ଯେଉଁ ଅଧିକାରୀ ରାଜ୍ୟ ସରକାରଙ୍କ ଅଧୀନରେ ନିଯୁକ୍ତ ହୋଇଛନ୍ତି ତାଙ୍କ ବିରୋଧରେ କେନ୍ଦ୍ର କୌଣସି କାର୍ଯ୍ୟାନୁଷ୍ଠାନ ନେଇପାରିବ ନାହିଁ। ରାଜ୍ୟରେ କାର୍ଯ୍ୟ କରୁଥିବା ଏଭଳି ସର୍ବଭାରତୀୟ ସ୍ତରର ଅଧିକାରୀଙ୍କ ବିରୋଧରେ ରାଜ୍ୟ କାର୍ଯ୍ୟାନୁଷ୍ଠାନ ନେବ ଏବଂ ସ୍ଥଳବିଶେଷରେ ଉଭୟ ସରକାର ରାଜି ହେବା ଆବଶ୍ୟକ। ହେଲେ ମୋଦି ସରକାର ସିଧାସଳଖ ନିଜ କ୍ଷମତା ବିସ୍ତାର କରିବାକୁ ଚାହିଁଥିବାରୁ ମମତା ଏହାକୁ ପ୍ରତିରୋଧ କରିଛନ୍ତି।

କୋଅପରେଟିଭ୍ ଫେଡେରାଲିଜମ୍ ବା ସହଯୋଗୀ ସଂଘୀୟ ବ୍ୟବସ୍ଥାରେ କେନ୍ଦ୍ର–ରାଜ୍ୟ ସମ୍ପର୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାଏ। କିନ୍ତୁ ମୋଦି ସରକାର କ୍ଷମତାକୁ ଆସିବା ପରେ ଏହି ସମ୍ପର୍କ ନିଜ ଦଳ ଦ୍ୱାରା ଶାସିତ ରାଜ୍ୟ ପାଇଁ ଗୋଟିଏ ରହୁଥିବା ବେଳେ ଅନ୍ୟମାନଙ୍କ ପାଇଁ ଭିନ୍ନ ରହୁଛି ବୋଲି ଅଭିଯୋଗ ହେଉଛି। ସଦ୍ୟ ଘଟଣା ଦେଖିଲେ ଟିକାକରଣ କ୍ଷେତ୍ରରେ ଅଧିକ ଅଭିଯୋଗ ଆସୁଛି। ଅନ୍ୟପକ୍ଷରେ ମମତା ବାନାର୍ଜୀ ମଧ୍ୟ କେନ୍ଦ୍ର ସହ ସର୍ବଦା ମୁକାବିଲାମୂଳକ ମନୋଭାବ ନେଇ ଲଢ଼ିବାରୁ କ୍ଷାନ୍ତ ହେବା ଦରକାର। ଏକ ସଂଘୀୟ ବ୍ୟବସ୍ଥାରେ କେନ୍ଦ୍ର–ରାଜ୍ୟ ସମ୍ପର୍କ ବିଗିଡ଼ିଗଲେ ନାଗରିକମାନେ ଅସୁବିଧା ଭୋଗିଥାଆନ୍ତି। ତେଣୁ ଉଭୟ ସରକାର ନୀଚ ସ୍ତରକୁ ନ ଯାଇ ସାମ୍ବିଧାନିକ ମର୍ଯ୍ୟାଦାକୁ ବଜାୟ ରଖିବା ଉଚିତ।

## ୨୫ ବର୍ଷ ତଳର ଧରିତ୍ରୀ

୧ ଜୁନ୍ ୧୯୯୬

- ପେଶଓ୍ୱାରଠାରେ ଏକ ବସ ଗଭୀର ଗାତ ମଧ୍ୟକୁ ଖସିପଡ଼ିବା ଫଳରେ ୨୦ ଜଣ ଲୋକଙ୍କ ପ୍ରାଣହାନୀ।
- ବାଂଲାଦେଶର କେତୋଟି ଜିଲାରେ ପ୍ରବଳ ଘୂର୍ଣ୍ଣିବାତ୍ୟା ଯୋଗୁ ୧୨ ମୃତ।
- ସୋର ବିଧାନସଭା ନିର୍ବାଚନମଣ୍ଡଳୀର ବିଧାୟକ ତଥା ରାଜ୍ୟ ରାଜସ୍ୱ ବିଭାଗର ରାଷ୍ଟ୍ରମନ୍ତ୍ରୀ କାର୍ତ୍ତିକ ମହାପାତ୍ରଙ୍କ ବିଧାନସଭା ସଭ୍ୟ ପଦରୁ ଇସ୍ତଫା ପ୍ରଦାନ।

## su | do | ku
Puzzles by Srikant Ghosh

## ସୁ–ଡୋ–କୁ

| | | | | | | | | |
|---|---|---|---|---|---|---|---|---|
| | | | 4 | | | 1 | 8 | |
| | | 5 | | | | | | |
| | | | 2 | | 5 | | | |
| | 4 | | | | | | | |
| | 2 | | | | 1 | 9 | 5 | |
| 3 | | | 8 | 2 | | 6 | 1 | |
| | 1 | | 3 | | 4 | 8 | 6 | |
| | 3 | | | 6 | | | | |
| 8 | | | 7 | | | | 4 | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 1 | 5 | 9 | 2 | 3 | 4 | 7 | 8 | 6 |
| 7 | 6 | 2 | 5 | 8 | 9 | 1 | 4 | 3 |
| 3 | 4 | 8 | 6 | 1 | 7 | 9 | 5 | 2 |
| 8 | 3 | 4 | 1 | 5 | 2 | 6 | 7 | 9 |
| 6 | 7 | 1 | 9 | 4 | 3 | 5 | 2 | 8 |
| 9 | 2 | 5 | 8 | 7 | 6 | 3 | 1 | 4 |
| 4 | 8 | 3 | 7 | 9 | 5 | 2 | 6 | 1 |
| 2 | 1 | 7 | 3 | 6 | 8 | 4 | 9 | 5 |
| 5 | 9 | 6 | 4 | 2 | 1 | 8 | 3 | 7 |

ଗତକାଲିର ଉତ୍ତର

# ସମସ୍ୟା ସମାଧାନ କରାଯାଉ

ଡ. ସନ୍ତୋଷ କୁମାର ମହାପାତ୍ର

ନିକଟରେ କରୋନା ମହାମାରୀଜନିତ ଲକ୍ଷଲକ୍ଷ ଲୋକ ଜୀବନ ଓ ଜୀବିକା ହରାଇବାର ଦୃଶ୍ୟରେ ବ୍ୟସ୍ତହୋଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କାନ୍ଦି ପକାଇବାର ଦୃଶ୍ୟ ଟିଭିରେ ଦେଖିବାକୁ ମିଳିଛି। ଅନେକେ ଏହାକୁ କୁମ୍ଭୀରକାନ୍ଦଣା ବୋଲି କହିଲାବେଳେ ଆମେ ତାହା ନ କହି ପ୍ରଧାନମନ୍ତ୍ରୀ କାନ୍ଦିଲେ କ'ଣ ସମସ୍ୟା ସମାଧାନ ହୋଇଯିବ ବୋଲି ପ୍ରଶ୍ନ କରୁଛୁ। ସେ ତ ଦେଶର ଭାଗ୍ୟନିୟନ୍ତା। କାନ୍ଦିବା ଅପେକ୍ଷା ଲୋକ ତାଙ୍କଠାରୁ ଧୈର୍ଯ୍ୟ ଓ କାର୍ଯ୍ୟ ଖୋଜନ୍ତି। ସେ ଚାହିଁଲେ ଜୀବିକା ଦେଇପାରିବେ, ଥଇଥାନ କରିପାରିବେ, କ୍ଷତିଗ୍ରସ୍ତ ଲୋକଙ୍କୁ ପ୍ରଚୁର ଆର୍ଥିକ ସହାୟତା ବା ନିଯୁକ୍ତି ଦେଇପାରିବେ। ଭଲଶିକ୍ଷା, ସ୍ୱାସ୍ଥ୍ୟସେବା ଦେଶବାସୀଙ୍କୁ ଦେଇପାରିବେ। କିନ୍ତୁ ତାହା ନ କରି କାନ୍ଦିଲେ କାହାର ଲାଭ ହେବନି ବରଂ ଲୋକେ ହତୋତ୍ସାହ ହୋଇପଡ଼ିବେ।

ବାସ୍ତବରେ ଆଗରୁ ସତର୍କ ହୋଇଥିଲେ, ଏପରି ଭୟଙ୍କର ପରିସ୍ଥିତିକୁ ରୋକାଯାଇ ପାରିଥାନ୍ତା। ବିଭିନ୍ନ ଅନ୍ତର୍ଜାତୀୟ ଗଣମାଧ୍ୟମ ମହାମାରୀ ଉଗ୍ରରୂପ ଧାରଣକରିବା ପାଇଁ ସରକାରଙ୍କୁ ଦାୟୀ କରିଛନ୍ତି। ବିଶ୍ୱବିଖ୍ୟାତ ମେଡିକାଲ ଜର୍ନାଲ୍ 'ଦି ଲାନସେଟ୍'ର ସମ୍ପାଦକୀୟ ମନ୍ତବ୍ୟ କରୋନା ମହାମାରୀକୁ 'ଆତ୍ମଘାତୀ ଜାତୀୟ ବିପର୍ଯ୍ୟୟ' ଭାବେ ଅଭିହିତ କରିବା ସହିତ, ନିୟନ୍ତ୍ରଣ କରିବାରେ ଭାରତ ଯେଉଁ ପ୍ରାରମ୍ଭିକ ସଫଳତା ପାଇଥିଲା ତାହା ନଷ୍ଟ କରିଦେଇଛି ବୋଲି ମତ ଦେଇଛି। ଫାଇନାନ୍ସିଆଲ ଟାଇମ୍ସର ଏକ ନିବନ୍ଧରେ କୁହାଯାଇଛି ଯେ, ଭାରତର କୋଭିଡ୍–୧୯ ସଙ୍କଟ ନରେନ୍ଦ୍ର ମୋଦିଙ୍କ ଗୁରୁତ୍ୱ ହ୍ରାସକରିଛି। ଅନେକ ଭାରତୀୟ ଅନୁଭବ କରୁଛନ୍ତି ଯେ, ସେମାନେ ତାଙ୍କ ନେତୃତ୍ୱ ଦ୍ୱାରା ପରିତ୍ୟକ୍ତ। 'ଦି ଗାର୍ଡିଅନ' ଲେଖିଛି ସିଷ୍ଟମ ଭୁଶୁଡ଼ି ପଡ଼ିଛି ଏବଂ କୋଭିଡ୍ ନର୍କରେ ଭାରତ ଅବତରଣ କରିଛି। ନିର୍ବାଚନ ପ୍ରଚାର ଓ କୁମ୍ଭମେଳାରେ ଲକ୍ଷଲକ୍ଷ ଲୋକ ବୁଡ଼ପକାଇବା ପାଇଁ ଭିଡ଼କରିବା ଯୋଗୁ ମହାମାରୀ ଅଧିକ ବ୍ୟାପିଛି ବୋଲି ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ କହିଛି। ଲଣ୍ଡନର 'ଦି ଟାଇମ୍ସ' ଲେଖିଛି, ଭାରତରେ କରୋନା ମହାମାରୀର ବିଶାଳ ଦ୍ୱିତୀୟ ତରଙ୍ଗକୁ ସମ୍ମୁଖୀନ ହେବାରେ ମୋଦି ଝୁଣ୍ଟି ପଡ଼ିଛନ୍ତି।

କିନ୍ତୁ ପ୍ରଧାନମନ୍ତ୍ରୀ ରାଷ୍ଟ୍ର ମୁଖ୍ୟଭାବେ ନିଜକୁ ଦାୟୀ ନ କରି ଏକ ଅଦୃଶ୍ୟ ଶତ୍ରୁକୁ ଦାୟୀ କରୁଛନ୍ତି। ପୂର୍ବରୁ ଅର୍ଥମନ୍ତ୍ରୀ ଭଗବାନଙ୍କୁ ଦାୟୀ କରିଥିଲେ। ଭଲ ହେଲେ ସେ ପ୍ରଶଂସା ନେବେ, ଖରାପ ହେଲେ ଅନ୍ୟକୁ ଦାୟୀ କରିବେ। ଯଦି ସବୁ ଅଦୃଶ୍ୟ ଶତ୍ରୁକରୁଛି, ତେବେ ସାଂସଦ, ମନ୍ତ୍ରିମଣ୍ଡଳ, ପ୍ରଶାସକ, ନ୍ୟାୟପାଳିକାର କ'ଣ ଆବଶ୍ୟକତା ରହିଛି? ବାସ୍ତବରେ ଆତ୍ମସନ୍ତୋଷ, ଅହଂକାର, କ୍ଷମତା ପ୍ରତି ଲୋଭ ଏବଂ ଗରିବଙ୍କ ପ୍ରତି ଉଦାସୀନତା ଶାସକ ଶ୍ରେଣୀକୁ ଆଗାମୀ ବିପଦକୁ ଦେଖିବାରେ ବାଧା ଦେଇଥିଲା। ତାହା ଯୋଗୁ ଆଜି ଏହି ଭୟାନକ ପରିସ୍ଥିତି ଉପୁଜିଛି। ଏହା ମାନବଜାତି ଏବଂ ସଭ୍ୟତା ବିରୋଧରେ ଏକ ଅପରାଧ। ବିମୁଦ୍ରୀକରଣ ପରି କ୍ରୁର ସିଦ୍ଧାନ୍ତ, ତ୍ରୁଟିପୂର୍ଣ୍ଣ ଓ ଜଟିଳ ଜିଏସ୍‌ଟି ତରବରିଆ ଭାବେ ପ୍ରଚଳନ, ଭୁଲ୍ ଆର୍ଥିକନୀତି ସହିତ ଖରାପ ଶାସନ ପଦ୍ଧତି ଆମ ଅର୍ଥନୀତିକୁ ନିମ୍ନଗାମୀ କରିଥିଲା। କରୋନା ମହାମାରୀ ଜୀବନ ଏବଂ ଜୀବିକାକୁ ଅଧିକ କ୍ଷତି ପହଞ୍ଚାଇଛି ଏବଂ ଆମ ଶାସନ ବ୍ୟବସ୍ଥା ଓ ସ୍ୱାସ୍ଥ୍ୟକ୍ଷେତ୍ର କେତେ ଦୁର୍ବଳ ତାହା ପଦାରେ ପକାଇ ଦେଇଛି।

ଏଠାରେ ସ୍ୱତଃ ପ୍ରଶ୍ନଉଠେ, ମହାମାରୀ ଯୋଗୁ ଆମ ଦେଶ କାହିଁକି ସର୍ବାଧିକ କ୍ଷତିଗ୍ରସ୍ତ ହେଲା? ଆମ ଦେଶରେ ଟିକାକରଣ ହାର କାହିଁକି ଅତି ନିମ୍ନରେ? ଆମର ସ୍ୱାସ୍ଥ୍ୟ ବ୍ୟୟ ଜିଡିପି ଅନୁସାରେ ବିଶ୍ୱରେ ସର୍ବନିମ୍ନ ଏବଂ ସ୍ୱାସ୍ଥ୍ୟ ଭିତ୍ତିଭୂମି କାହିଁକି ଅତିଦୁର୍ବଳ? ଆମର କୋଭିଡ୍ ରିଲିଫ ନଗଦ ଅର୍ଥ ହସ୍ତାନ୍ତର କାହିଁକି କମ୍? ମୋଦିଙ୍କ ଶାସନ ବ୍ୟବସ୍ଥାର ବଡ଼ ତ୍ରୁଟି ହେଉଛି ଏହା ଅନ୍ୟ ଦେଶର ବା ପୂର୍ବ ସରକାରଙ୍କ ଭଲ କାର୍ଯ୍ୟ ସବୁ ଅନୁସରଣ କରି ସେହି ସ୍ତରକୁ ଦେଶକୁ ନେବା ପରିବର୍ତ୍ତେ ନିଜର ବିଫଳତା ଘୋଡ଼ାଇବା ପାଇଁ ଅନ୍ୟ ଦେଶର ଖରାପ ବା ପୂର୍ବ ସରକାରଙ୍କର କୌଣସି ସମୟର ଖରାପ ସ୍ଥିତି ସହିତ ତୁଳନା କରିବା ଏବଂ ସର୍ବଦା ପ୍ରଚାର କରିବା। ଗଣମାଧ୍ୟମକୁ ମଧ୍ୟ ନିଜ ଇଚ୍ଛାନୁଯାୟୀ ବ୍ୟବହାର କରିବା ଏବଂ ଗଣମାଧ୍ୟମ ସରକାରଙ୍କ ଦୋଷ ଦେଖାଇବା ପରିବର୍ତ୍ତେ ବିରୋଧୀ ଦଳକୁ ଟାର୍ଗେଟ କରିବା, ଯାହା ଭାରତୀୟ ଗଣତନ୍ତ୍ରରେ ପ୍ରଥମ ଘଟଣା। ବିଗତ ସାତ ବର୍ଷରେ ସବୁଠାରୁ ବେଶି ଯଦି ଦେଶର କ୍ଷତି ହୋଇଥାଏ, ତାହା ହେଉଛି ସ୍ୱାଧୀନଭାବେ ଚିନ୍ତାକରିବାର କ୍ଷମତା ଅନେକ ଭାରତୀୟ ହରାଇବା। ଯେଉଁମାନେ ଶାସକ ଶ୍ରେଣୀର ଭୁଲ୍ ଦେଖାଇଲେ ତାଙ୍କ ବିରୋଧରେ ଘୃଣା ସୃଷ୍ଟି କରାଗଲା। ଏହାଦ୍ୱାରା ନିରୀହ ଭୋଟରଙ୍କୁ ସିନା ବୁଝେଇ ବା ଭୁଲେଇ ହେଲା, କିନ୍ତୁ ବିଦ୍ୟାଳୟରେ ଗଧ ଛାତ୍ରୀଛାତ୍ରଙ୍କ ସହିତ ପ୍ରତିଯୋଗିତା କଲେ ଯାହାହୁଏ, ଆମ ଶାସନ ବ୍ୟବସ୍ଥା ଓ ଅର୍ଥନୀତିର ଅବସ୍ଥା ତାହା ହୋଇଛି।

ପୁନଶ୍ଚ ଜନସାଧାରଣଙ୍କଠାରୁ ଆଦାୟ ହେଉଥିବା ଟିକସ ଅର୍ଥ ଖର୍ଚ୍ଚକରିଲା ବେଳେ, ପ୍ରତି ଟଙ୍କା ଖର୍ଚ୍ଚରୁ ରାଜନୈତିକ ଫାଇଦାନେବା, ରାଜ୍ୟମାନଙ୍କୁ ଦେଉଥିବା ସହାୟତାକୁ କେନ୍ଦ୍ର ଦେଉଛି ବୋଲି ବାହାବା ନେବାପାଇଁ ଚେଷ୍ଟା କରାଯାଉଛି। ଧନିକ ଶ୍ରେଣୀ, କର୍ପୋରେଟମାନଙ୍କୁ ଅଧିକ ରିହାତିଦେବା ଏବଂ ତାଙ୍କଠାରୁ କମ୍ ଟିକସ ଆଦାୟ କରିବା ପ୍ରକ୍ରିୟା ସମ୍ବଳ ଅଭାବଜନିତ ସମସ୍ୟା ସୃଷ୍ଟିକରିଛି। ସରକାର ୨୦୧୯ ସେପ୍ଟେମ୍ବରରେ କର୍ପୋରେଟ ଟିକସ ଅହେତୁକ ହ୍ରାସକରି ବିଶ୍ୱରେ ସର୍ବନିମ୍ନ ସ୍ତରକୁ ଆଣିବା ଯୋଗୁ ଦେଶ ସେତେବେଳେ ବାର୍ଷିକ ୧.୪୫ଲକ୍ଷ କୋଟି ରାଜସ୍ୱ ହରାଇଲା ଏବଂ ତାହା ପ୍ରତିବର୍ଷ ବୃଦ୍ଧିପାଉଛି। ଯଦି ଟିକସ ହ୍ରାସ ନ କରି ସେହି ଅର୍ଥକୁ ସ୍ୱାସ୍ଥ୍ୟ କ୍ଷେତ୍ରରେ ପ୍ରତିବର୍ଷ ବିନିଯୋଗ କରାଯାଉଥାନ୍ତା ତେବେ ଆମ ସ୍ୱାସ୍ଥ୍ୟ କ୍ଷେତ୍ର ଏତେ ଶକ୍ତିଶାଳୀ ହୋଇଥାନ୍ତା ଯେ ଲୋକ ବେଡ୍, ଅମ୍ଳଜାନ, ଭେଣ୍ଟିଲେଟର, ଔଷଧ ଏବଂ ଅନ୍ୟାନ୍ୟ ଅର୍ଥ ଅଭାବଜନିତ ଚିକିତ୍ସା ଅଭାବରୁ ମରି ନ ଥାନ୍ତେ। ଆମ ଦେଶ ମହାମାରୀ ଦ୍ୱାରା ଏତେମାତ୍ରାରେ କ୍ଷତିଗ୍ରସ୍ତ ହୋଇ ନ ଥା'ନ୍ତା।

ଅପରପକ୍ଷରେ, ରାଷ୍ଟ୍ରାୟତ୍ତ ଶିଳ୍ପରୁ ପୁଞ୍ଜି ପ୍ରତ୍ୟାହାର, ଘରୋଇକରଣ ଏବଂ ରାଷ୍ଟ୍ରର ସମ୍ପତ୍ତି ବିକ୍ରିକରି ସମ୍ବଳ ସଂଗ୍ରହ କରିବା ଓ ବିଭିନ୍ନ ସେବାର ବ୍ୟାପକ ଘରୋଇକରଣ କରିବା ଯୋଗୁ ରାଷ୍ଟ୍ରର କ୍ଷମତା ସଙ୍କୁଚିତ ହୋଇଛି ଏବଂ ଲୋକମାନେ ଶସ୍ତାରେ ବିଭିନ୍ନ ସେବା ପାଇବାରୁ ବଞ୍ଚିତ ହୋଇଛନ୍ତି। ଲୋକଙ୍କଠାରୁ ପରୋକ୍ଷ କର ମାଧ୍ୟମରେ ଅଧିକ ସମ୍ବଳ ସଂଗ୍ରହକରିବା ଯୋଗୁ ଲୋକଙ୍କ ଜୀବନ ଧାରଣର ମାନ ହ୍ରାସଘଟିଛି। ଉଲ୍ଲେଖଯୋଗ୍ୟ ଯେ, ପରୋକ୍ଷ କର ପ୍ରତିଗାମୀ ଏବଂ ସାଧାରଣ ଜନତାକୁ ବେଶି ବାଧିଥାଏ। ଆବଶ୍ୟକ ଟିକସ ଆଦାୟ ନ ହେବା ଯୋଗୁ ଉନ୍ନୟନ କାର୍ଯ୍ୟ ବାଧାପ୍ରାପ୍ତ ହୋଇଛି। ଏହା ହୋଇ ନ ଥିଲେ ସାମାନ୍ୟ ଟିକାଜନିତ ବ୍ୟୟ ପାଇଁ ସରକାର କୁଣ୍ଠାବୋଧ କରି ନ ଥାନ୍ତେ ଏବଂ ପେଟ୍ରୋଲ ଡିଜେଲ ଉପରେ ସରକାର ଏପରି ଦୁର୍ଦ୍ଦିନରେ ଅଧିକ ଟିକସ ଧାର୍ଯ୍ୟ କରନ୍ତେ ନାହିଁ। ବାସ୍ତବରେ ଜନହିତକର, ସାମାଜିକ କ୍ଷେତ୍ରରେ ଅଧିକ ବ୍ୟୟ ନ କରି ଶାସକଶ୍ରେଣୀ ସର୍ବଦା ଭାବାବେଗ ପ୍ରସଙ୍ଗ ଉଠାଇ ଜନପ୍ରିୟତା ହାସଲ କରିବାକୁ ଚେଷ୍ଟା କରିଛି। ଏଥିପାଇଁ ଶାସକଶ୍ରେଣୀ କିଛି ଯୋଜନାକରି ଦେଇ ତାହାର ଅହରହ ପ୍ରଚାର କରିଲା ବେଳେ, ଅନ୍ୟ ସବୁକ୍ଷେତ୍ରରେ ବ୍ୟୟ ହ୍ରାସପାଇଛି; ଯାହାଫଳରେ ଦେଶର ଆର୍ଥିକ ବ୍ୟବସ୍ଥା ଭୁଶୁଡ଼ିପଡ଼ିବା ସହିତ ସବୁ ଅନ୍ତର୍ଜାତୀୟ ସୂଚକାଙ୍କରେ ଭାରତ ଆଗରୁ ନିମ୍ନରେ ଥିଲା ଏବଂ ଗତ କିଛି ବର୍ଷରେ ଆହୁରି ଅଧିକ ନିମ୍ନଗାମୀ ହୋଇଛି। ଦାରିଦ୍ର୍ୟ, ବେକାରି, ଭୋକ ଓ ବୈଷମ୍ୟ ଭୟଙ୍କର ହୋଇଛି।

ଯେତେବେଳେ କରୋନା ମହାମାରୀ ସଙ୍କଟ ହେତୁ ଲୋକମାନେ ଜୀବନ ଏବଂ ଜୀବିକା ହରାଉଛନ୍ତି, ସେତେବେଳେ ବିଲିୟନେୟାର ସଂଖ୍ୟା ଏବଂ ତାଙ୍କ ସମ୍ପଦ ଅହେତୁକ ବୃଦ୍ଧିପାଇଛି। ଅକ୍ସଫାମର ଗତ ଜାନୁୟାରୀରେ ପ୍ରକାଶିତ 'ଅସମାନତା ଭାଇରସ୍' ଶୀର୍ଷକ ରିପୋର୍ଟ ୨୦୨୧ ଅନୁଯାୟୀ, ଭାରତୀୟ ବିଲିୟନେୟାରଙ୍କ ସମ୍ପଦ ତାଲାବନ୍ଦ ସମୟରେ ୩୫% ବୃଦ୍ଧିପାଇଛି। ଗତବର୍ଷ ଭାରତର ୧୦୦ ଶ୍ରେଷ୍ଠ ବିଲିୟନେୟାରଙ୍କ ସମ୍ପଦ ୧୨,୯୭,୮୨୨କୋଟି ଟଙ୍କା ବୃଦ୍ଧିପାଇଥିଲା; ଯାହା ଭାରତର ୧୩.୮ କୋଟି ଗରିବ ଭାରତୀୟଙ୍କୁ ପ୍ରତ୍ୟେକ ୯୪, ୦୪୫ ଟଙ୍କାର ଚେକ୍ ଦେବା ପାଇଁ ଯଥେଷ୍ଟ। ଏପ୍ରିଲ ୨୦୨୧ରେ ପ୍ରକାଶିତ ଫୋର୍ବସର ୩୫ତମ ବାର୍ଷିକ ବିଲିୟନେୟାରଙ୍କ ତାଲିକା ଅନୁଯାୟୀ, ଭାରତୀୟ ବିଲିୟନେୟାରଙ୍କ ସଂଖ୍ୟା ଗତବର୍ଷ ୧୦୨ ଥିଲା। ତାହା ୧୪୦କୁ ବୃଦ୍ଧିପାଇଛି। ସେମାନଙ୍କର ମିଳିତ ସମ୍ପଦ ପ୍ରାୟ ଦ୍ୱିଗୁଣିତ ହୋଇ ୫୯୬ ବିଲିୟନ ଡଲାରରେ ପହଞ୍ଚିଛି। କେବଳ ତିନି ଧନୀ ଭାରତୀୟ ଗୋଟିଏ ବର୍ଷରେ ୧୦୦ ବିଲିୟନ ଡଲାରରୁ ଅଧିକ ସମ୍ପଦ ଯୋଡ଼ିଛନ୍ତି।

କୋଭିଡ୍ ଯେତେବେଳେ ପୂରା ଶୀର୍ଷରେ ରହିଛି, ୨୦୨୧, ମେ ୨୩ ସୁଦ୍ଧା ୧୪୨ଦିନରେ ଆଦାନୀ ନିଜ ସମ୍ପତ୍ତିରେ ୩୫.୨ ବିଲିୟନ ଡଲାର ବା ୨.୫୬ଲକ୍ଷ କୋଟି ଟଙ୍କା ଯୋଡ଼ିଛନ୍ତି। ବ୍ଲୁମବର୍ଗ ବିଲିୟନେୟାର ଇଣ୍ଡେକ୍ସ ଅନୁଯାୟୀ ଫ୍ରାନ୍ସର ବିଳାସପୂର୍ଣ୍ଣ ଟାଇକନ୍ ବର୍ନାର୍ଡ ଆର୍ନାଉଟ ପରେ ଅଧିକ ଧନ ଯୋଗକରିବାରେ ସେ ଦ୍ୱିତୀୟ ସ୍ଥାନରେ ଅଛନ୍ତି। ମୁକେଶ ଅମ୍ବାନୀ ଘଣ୍ଟାକୁ ୯୦କୋଟି ଟଙ୍କା ତାଙ୍କ ସମ୍ପଦରେ ଯୋଡୁଥିଲେ ବୋଲି ଆମେ ଜାଣିଛୁ, କିନ୍ତୁ ଆଦାନୀ ମଧ୍ୟ ଘଣ୍ଟାକୁ ୭୫କୋଟି ଟଙ୍କା ଯୋଡୁଛନ୍ତି । ବ୍ୟାଙ୍କରେ ଠକାମି ଜାଲିଆତି ପରିମାଣ ୨୦୨୦–୨୧ରେ କେବଳ ୧.୮୫ଲକ୍ଷ କୋଟି ଟଙ୍କା । ଏହା ବର୍ତ୍ତମାନ ଆହୁରି ଅଧିକ ହେବ। ଅନାଦେୟ ଟିକସ ପରିମାଣ ୮ଲକ୍ଷ କୋଟି ଟଙ୍କା ହେବ। ୨୦୨୦–୨୧ରେ ପ୍ରଥମ ୬ମାସରେ ୩୦୦୦ରୁ ଅଧିକ କମ୍ପାନୀର ମୋଟ ନିଟ୍ ଲାଭ ରେକର୍ଡ ୧.୪୫ଲକ୍ଷ କୋଟି ଟଙ୍କାରେ ପହଞ୍ଚିଛି। ଏଣୁ ପ୍ରଧାନମନ୍ତ୍ରୀ ସେହି ଧନୀ ଓ କର୍ପୋରେଟଙ୍କଠାରୁ ସମ୍ପଦ କର ବା ଅନ୍ୟାନ୍ୟ କର ଧାର୍ଯ୍ୟକରି ଅଧିକ ସମ୍ବଳ ସଂଗ୍ରହ କରିବା ସହିତ ମହାମାରୀ ଦ୍ୱାରା କ୍ଷତିଗ୍ରସ୍ତ ହୋଇଥିବା ପରିବାରଗୁଡ଼ିକୁ ଥଇଥାନ କରିବା ଉଚିତ ଏବଂ ସ୍ୱାସ୍ଥ୍ୟକ୍ଷେତ୍ରକୁ ଅଧିକ ଶକ୍ତିଶାଳୀ କରିବା ଉଚିତ।

skmohapatra67@gmail.com.
ମୋ: ୯୪୩୭୨୦୮୭୬୨

# ପେଟେଣ୍ଟମୁକ୍ତ ଟିକା

ଡ. ନରେନ୍ଦ୍ର ସେଠୀ

ଟିକାକରଣ ଏକମାତ୍ର ଉପାୟ ଯାହା କରୋନା ମହାମାରୀ ସଙ୍କଟରୁ ଉଦ୍ଧାର କରିପାରିବ। ଯଦି ଦ୍ରୁତ ଗତିରେ ଟିକାକରଣ ନ ହୁଏ, ତା'ହଲେ କେତେ ମାନବ ଜୀବନ ହାନି ହେବ ତାହା କଳ୍ପନା ବାହାରେ। ସୂଚନାଯୋଗ୍ୟ, ଏହି ମହାମାରୀ ସାରା ବିଶ୍ୱରେ ଏପର୍ଯ୍ୟନ୍ତ ତିରିଶ ଲକ୍ଷରୁ ଅଧିକ ଲୋକଙ୍କ ଜୀବନ ନେଇସାରିଲାଣି। ଏଭଳି ପରିସ୍ଥିତିରେ ଦ୍ରୁତ ଟିକାକରଣରେ ବାଧା ଉପୁଜିଛି। ଟିକାର ଅଭାବ ଦେଖାଦେଇଛି। ଆବଶ୍ୟକ ପରିମାଣର ଟିକା ତିଆରି ହୋଇ ଲୋକମାନଙ୍କ ପାଖରେ ପହଞ୍ଚି ପାରୁନାହିଁ। ଏହାର ଏକମାତ୍ର କାରଣ ହେଲା କିଛି ହାତଗଣତି ଲୋକଙ୍କ ପାଖରେ ଟିକା ତିଆରି କରିବାର ଗୁପ୍ତ ଜ୍ଞାନ କୌଶଳ ଅଛି। ତେଣୁ ଯୋଉ କେତୋଟି ଟିକା ତିଆରି କରିବା କମ୍ପାନୀ ଟିକା ପ୍ରସ୍ତୁତ କରୁଛନ୍ତି, ତାହା ଯଥେଷ୍ଟ ହେଉ ନାହିଁ। ଏହି କାରଣ ଯୋଗୁ ଉଭୟ ଭାରତ ଓ ଦକ୍ଷିଣ ଆମେରିକା ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ପାଖରେ ଟିକାର ଜ୍ଞାନ କୌଶଳକୁ ପେଟେଣ୍ଟମୁକ୍ତ କରିବାକୁ ଆଗ୍ରହ କରିଥିଲେ। ଏହାକୁ ଷାଠିଏରୁ ଅଧିକ ରାଷ୍ଟ୍ର ସମର୍ଥନ କରିଥିଲେ। ମାତ୍ର ୟୁରୋପୀୟାନ ୟୁନିୟନ ଏହାର ଘୋର ବିରୋଧ କରିଥିଲା। ସୂଚନାଯୋଗ୍ୟ, ବର୍ତ୍ତମାନ ଆମେରିକା ପ୍ରଶାସନ ଭାରତର ଏହି ଦାବିକୁ ସମର୍ଥନ କରି ଏକ ଐତିହାସିକ ନିର୍ଣ୍ଣୟ ନେଇଛି। ଯଦି ଏହା କାର୍ଯ୍ୟକାରୀ ହୁଏ, ତାହାଲେ ଅନେକ କମ୍ପାନୀ ଟିକା ତିଆରି କରିବେ ଓ ଏହା ଅତି ଶସ୍ତା ଓ ଦ୍ରୁତ ଗତିରେ ଲୋକମାନଙ୍କ ପାଖରେ ପହଞ୍ଚିବ। ଫଳରେ ମାନବ ସଭ୍ୟତା ଉପରେ ଦେଖାଦେଇଥିବା ଏହି ମହାସଙ୍କଟକୁ ନିଶ୍ଚିତ ସାମ୍ନା କରିବାକୁ ସହଜ ହେବ।

ପେଟେଣ୍ଟ ବା ବୌଦ୍ଧିକ ସମ୍ପଦ ଅଧିକାର ଉଠେଇନେଲେ ଏହା କିପରି ମାନବ କଲ୍ୟାଣରେ ଲାଗେ, ତାହାର ଏକ ବଳିଷ୍ଠ ଉଦାହରଣ ଅତୀତରେ ବହୁରାଷ୍ଟ୍ରୀୟ ଭାରତୀୟ ଔଷଧ ତିଆରି କମ୍ପାନୀ ସିପ୍‌ଲା ପ୍ରଦର୍ଶନ କରିଥିଲା। ନବେ ଦଶକରେ ଦୁରାରୋଗ୍ୟ ଏଡ୍‌ସ ପାଇଁ ଔଷଧ ୟୁରୋପୀୟ କମ୍ପାନୀଗୁଡ଼ିକ ଚଢ଼ା ଦରରେ ବିକ୍ରି କରୁଥିବା ବେଳେ ଭାରତୀୟ କମ୍ପାନୀ ସିପ୍‌ଲା ଆନ୍ତର୍ଜାତିକ ନିୟମ ଭଙ୍ଗ ନ କରି ଅତି ଶସ୍ତାରେ ଏଡ୍‌ସ ପାଇଁ ଔଷଧ ଉପଲବ୍ଧ କରି ଚହଳ ସୃଷ୍ଟି କରିଥିଲା, ଯାହା ବହୁତ ଆଫ୍ରିକୀୟ ଗରିବ ରାଷ୍ଟ୍ରକୁ ଏଡ୍‌ସର ମୁକାବିଲା କରିବା ପାଇଁ ସାହାଯ୍ୟ କରିଥିଲା। ୨୦୦୧ରେ ଆନ୍ଥ୍ରାକ୍ସ ମହାମାରୀ ବେଳେ କାନାଡ଼ା ସରକାର ବେୟାର କମ୍ପାନୀର ପେଟେଣ୍ଟ ଛଡ଼େଇ ନେବାକୁ ଧମକ ଦେଇଥିଲେ, ଯାହା ଫଳରେ ବେୟାର କମ୍ପାନୀ ବହୁମାତ୍ରାରେ ମୁକ୍ତରେ ଔଷଧ ଦାନ କରିଥିଲା। ଏକଥା ସତ ଯେ, କୌଣସି ବିଜ୍ଞାନ ଉଦ୍ଭାବନ ପେଟେଣ୍ଟ ହୋଇଥାଏ। ଏହା ଆନ୍ତର୍ଜାତିକ ନିୟମ ଅଧୀନସ୍ଥ ସୁରକ୍ଷାପ୍ରାପ୍ତ। ଏହା ଦ୍ୱାରା ତାକୁ ଅନ୍ୟ କୌଣସି କମ୍ପାନୀ ବା ବ୍ୟକ୍ତିବିଶେଷ କପି କରି ପାରନ୍ତି ନାହିଁ। କିନ୍ତୁ ଏବେ କରୋନା ଏକ ସାମାନ୍ୟ ସମସ୍ୟା ନୁହେଁ। କରୋନା ଭଳି ବୈଶ୍ୱିକ ମହାମାରୀ ବିରୋଧରେ ସାରା ମାନବ ସମାଜ ଲଢ଼େଇ କରୁଥିବା ବେଳେ ଏହି ପେଟେଣ୍ଟ ନିୟମକୁ ଡଷ୍ଟବିନରେ ଫିଙ୍ଗିଦେବା ଉଚିତ। ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ଏଥିରେ ମୁଖ୍ୟ ଭୂମିକା ନେଇ ଆଗେଇ ଆସିବା ଉଚିତ। ତେବେ ବର୍ତ୍ତମାନ ଆମେରିକାର ଏହି ଘୋଷଣା ପରେ ସାରା ବିଶ୍ୱରେ ଆଲୋଡ଼ନ ଖେଳିଯାଇଛି। ଏହାର କାରଣ ହେଲା ବ୍ୟବହାର ନ କରି ଅନେକ ଟିକା ଆମେରିକା ଠୁଳ କରି ରଖିଚି ଓ ଏହି ଟିକାକୁ ତୁରନ୍ତ ଅନ୍ୟ ଦେଶକୁ ଦେବା ପାଇଁ ଆମେରିକା ଉପରେ ଚାପ ପଡୁଛି। କିନ୍ତୁ ଜର୍ମାନୀ ଓ ବ୍ରାଜିଲ ଭଳି ଦେଶ ଟିକାକୁ ପେଟେଣ୍ଟମୁକ୍ତ କରିବାର ବିରୋଧ କରିଛନ୍ତି। ଏପରିକି ଆମେରିକାର ପୂର୍ବତନ ରାଷ୍ଟ୍ରପତି କ୍ଲିଣ୍ଟନ ମଧ୍ୟ ଭାରତକୁ ଟିକା ପେଟେଣ୍ଟମୁକ୍ତ କରି ଦେବାକୁ ବିରୋଧ କରୁଛନ୍ତି। ତେବେ ବିଶ୍ୱ ବାଣିଜ୍ୟ ସଙ୍ଗଠନରେ ଏହା ଉପରେ ଆଲୋଚନା ହେବ। ଯେହେତୁ ବିଶ୍ୱ ବାଣିଜ୍ୟ ସଙ୍ଗଠନରେ ସବୁ ନିଷ୍ପତ୍ତି ସର୍ବସମ୍ମତିରେ ହେଇଥାଏ, ଏଥିପାଇଁ ସମୟ ଲାଗିପାରେ। କିନ୍ତୁ ପ୍ରଶ୍ନ ଉଠୁଛି ଯେ, ଏଥିମଧ୍ୟରେ ଅନେକ ଜୀବନ ହାନି ପାଇଁ କିଏ ଦାୟୀ ହେବ?

ଖୁସିର କଥା ହେଲା, ବିଶ୍ୱ ବାଣିଜ୍ୟ ସଙ୍ଗଠନର ୧୬୪ ଦେଶ ମଧ୍ୟରୁ ୧୨୦ ଦେଶ ଟିକାକୁ ପେଟେଣ୍ଟମୁକ୍ତ କରିବା ପାଇଁ ସମର୍ଥନ କରି ସାରିଲେଣି। ଏହା ମଧ୍ୟ ଉଲ୍ଲେଖଯୋଗ୍ୟ ଯେ, ବିଶ୍ୱର ସର୍ବମୋଟ ଟିକା ଉତ୍ପାଦନର ଷାଠିଏ ଭାଗରୁ ଅଧିକ ଧନୀ ଦେଶ ନିଜ ପାଖରେ ଠୁଳ କରି ରଖିଛନ୍ତି, ଯାହାଙ୍କ ଲୋକସଂଖ୍ୟା ବିଶ୍ୱର ମାତ୍ର ଶତକଡ଼ା ଷୋହଳଭାଗ। ଯଦି ଜଣକୁ ଦୁଇଟି ଟିକା ଦିଆଯାଏ, ବିଶ୍ୱର ସତୁରି ପ୍ରତିଶତ ଲୋକଙ୍କ ଟିକାକରଣ ପାଇଁ ୧୧ ଶହ କୋଟି ଟିକା ଆବଶ୍ୟକ। ଏପର୍ଯ୍ୟନ୍ତ ୮୬୦ କୋଟି ଟିକା ପ୍ରସ୍ତୁତ ସରିଥିଲେ ମଧ୍ୟ ଏଥିମଧ୍ୟରୁ ୬ ଶହ କୋଟି ଟିକା ଧନୀ ରାଷ୍ଟ୍ରମାନେ ନେଇଯିବେ। ଅବଶିଷ୍ଟ ଟିକା ଗରିବ ରାଷ୍ଟ୍ରମାନେ, ଯିଏ କି ବିଶ୍ୱର ଅଶୀଭାଗ ଜନସଂଖ୍ୟା ଅଟନ୍ତି ପାଇବେ। ଏଭଳି ଅସନ୍ତୁଳିତ ଅବସ୍ଥାରେ ଟିକାକୁ ପେଟେଣ୍ଟମୁକ୍ତ କରିବା ଛଡ଼ା ଅନ୍ୟ ଉପାୟ ନାହିଁ। ଏହି କାରଣ ଯୋଗୁ ଶହେରୁ ଅଧିକ ଦେଶ ଭାରତ ନେତୃତ୍ୱରେ ଟିକାର ପେଟେଣ୍ଟମୁକ୍ତ ନିର୍ମାଣ ପାଇଁ ବିଶ୍ୱ ବାଣିଜ୍ୟ ସଂଗଠନ ପାଖରେ ଦାବି ଜଣେଇଛନ୍ତି।

ଉଲ୍ଲେଖଯୋଗ୍ୟ, ଦ୍ୱିତୀୟ ବିଶ୍ୱଯୁଦ୍ଧ ସମୟରେ ଅନେକ ଦୁରାରୋଗ୍ୟରୁ ରକ୍ଷା ପାଇଁ ପେନ୍‌ସିଲିନର ଉତ୍ପାଦନ ପାଇଁ ଏହିଭଳି ପେଟେଣ୍ଟ ଉଠେଇ ଦିଆଯାଇଥିଲା। ଯଦିଓ ସବୁବେଳେ ପ୍ରତିଦ୍ୱନ୍ଦ୍ୱିତା ଗବେଷଣା ଓ ନୂତନ ଆବିଷ୍କାର ପାଇଁ ସହାୟକ ହେଇଥାଏ। କିନ୍ତୁ ଏମିତି ବି ସମୟ ଥାଏ, ଯେତେବେଳେ ବୃହତ୍ ମାନବ କଲ୍ୟାଣ ପାଇଁ ଏହାକୁ ପଛ କରି ଦିଆଯାଇପାରେ। ତେଣୁ କରୋନା ଟିକା ନିର୍ମାଣ ଜ୍ଞାନ କୌଶଳକୁ ତୁରନ୍ତ ପେଟେଣ୍ଟମୁକ୍ତ କରାଯାଇ ମାନବ ଅସ୍ତିତ୍ୱକୁ ରକ୍ଷା କରାଯାଉ। ଫଳରେ ଟିକା ନିର୍ମାଣ ଯୁଦ୍ଧକାଳୀନ ଭିତ୍ତିରେ ଅନେକ ଦେଶରେ ତିଆରି ହେବ ଓ କରୋନା ମହାମାରୀ କବଳରୁ ସାରା ବିଶ୍ୱ ରକ୍ଷାପାଇବ, ଏଥିରେ ସନ୍ଦେହ ନାହିଁ। ଭାରତ ଛଡ଼ା ଫିଲିପାଇନ୍ସ, ଇଣ୍ଡୋନେସିଆ ଓ ତାଇଓ୍ୱାନ ପ୍ରଭୃତି ଅନେକ ଦେଶ ପାଖରେ ଟିକା ତିଆରି କରିବା ପାଇଁ ଯଥେଷ୍ଟ ଆନୁଷଙ୍ଗିକ ଭିତ୍ତିଭୂମି ଅଛି, ଯାହା ଏଥିପାଇଁ ସହାୟକ ହେବ । ସାରା ବିଶ୍ୱ ବର୍ତ୍ତମାନ ପରିସ୍ଥିତିରେ ଏକଜୁଟ ହୋଇ ଏଥିପାଇଁ ଆଗେଇ ଆସିବା ଉଚିତ। ତେବେ ଭାରତ ଏହାକୁ ଅପେକ୍ଷା ନ କରି ନିଜର ବୃହତ୍ ମାନବ ସମ୍ବଳକୁ ରକ୍ଷା କରିବା ପାଇଁ ଦ୍ରୁତ ଟିକାକରଣ ପ୍ରକ୍ରିୟାକୁ ଆହୁରି ଦ୍ରୁତ କରିବା ଉଚିତ।

ଯାଦୁଗୁଡା, ପଶ୍ଚିମ ସିଂହଭୂମ, ଝାଡ଼ଖଣ୍ଡ
ମୋ: ୭୦୦୪୦୬୮୧୧୦

## ଏଇ ଭାରତରେ

ଅଭାବ ସମୟରେ ବସ୍ତିବାସିନ୍ଦା, ଦିନମଜୁରିଆ, ଟ୍ୟାକ୍ସିଚାଳକ ଏବଂ ଗୃହହୀନମାନେ ଦିନକର ରୋଜଗାର ବନ୍ଦ କରିବାକୁ ଚାହୁଁ ନ ଥିବାରୁ କୋଭିଡ୍ ଟିକାକରଣରେ ବେଶି ସାମିଲ ହୋଇପାରୁ ନାହାନ୍ତି। ଏହାକୁ ଲକ୍ଷ୍ୟ କରି ବେଙ୍ଗାଲୁରୁର ଡ. ଶ୍ୱେତା ଅଗ୍ରୱାଲ 'ମାଇଁ ଭ୍ୟାକ୍' ଷ୍ଟାର୍ଟଅପ୍ ମାଧ୍ୟମରେ ସହରର ବିଭିନ୍ନ ସ୍ଥାନରେ ଶିବିର ଆୟୋଜନ କରି ଏମାନଙ୍କୁ ମାଗଣାରେ କୋଭିଡ୍ ଟିକା ଦେଉଛନ୍ତି। ଏଥିରେ ବୃହତ୍ ବେଙ୍ଗାଲୁରୁ ମହାନଗର ପାଳିକା (ବିବିଏମ୍‌ପି) ସହଯୋଗ କରୁଛି। ଡିସେମ୍ବର ୨୦୨୦ରେ ଡ. ଅଗ୍ରୱାଲ ତାଙ୍କର ଦୁଇ ବନ୍ଧୁଙ୍କ ସହ ମାଇଁ ଭ୍ୟାକ୍ ଷ୍ଟାର୍ଟଅପ୍ ଆରମ୍ଭ କରି ଘରେ ବୟସ୍କ ଏବଂ ପିଲାମାନଙ୍କୁ ପୋଲିଓ, ହେପାଟାଇଟିସ୍– ଏ ଆଣ୍ଡ୍ ବି ଏବଂ ଫ୍ଲୁ ଭାଇରସ୍ ଆଦି ଟିକା ଦେବା ଆରମ୍ଭ କରିବା ପରେ ଏବେ ଏହା ମାଧ୍ୟମରେ କୋଭିଡ୍ ଟିକାକରଣ ଅଭିଯାନ ଚଳାଇଛନ୍ତି। ଏଥିପାଇଁ ନର୍ସ, ଡାକ୍ତର ଏବଂ ଟେକ୍‌ନିସିଆନଙ୍କ ସମେତ ୧୦୦ ଜଣଙ୍କୁ ପ୍ରଶିକ୍ଷଣ ଦିଆଯାଇଛି। ବେଙ୍ଗାଲୁରୁ ବ୍ୟତୀତ ଟିକାକରଣ ଅଭିଯାନକୁ ମୁମ୍ବାଇ ଏବଂ ପୁଣେକୁ ସମ୍ପ୍ରସାରଣ କରାଯାଇଛି ଓ ୩ଟି ସହରରେ ୪୦ଟି କ୍ୟାମ୍ପ ଆୟୋଜନ କରାଯାଇ ଏବେ ସୁଦ୍ଧା ୬,୦୦୦ ଲୋକଙ୍କୁ ମାଗଣାରେ ଟିକା ଦିଆଯାଇଛି। ଅଧିକ ଟିକା ଉପଲବ୍ଧ ହେଲେ ଦୈନିକ ୩୦୦୦ ଲୋକଙ୍କୁ ଟିକା ଦେବାର ଲକ୍ଷ୍ୟ ରଖାଯାଇଛି ଓ ହାଇଦ୍ରାବାଦ ଏବଂ ଚେନ୍ନାଇରେଏହି ଅଭିଯାନକୁ ଆରମ୍ଭ କରାଯିବାର ଯୋଜନା କରାଯାଇଛି ବୋଲି କୁହନ୍ତି ଡ. ଅଗ୍ରୱାଲ।

## ଚିରନ୍ତନୀ

ନାମଟା ଖାଲି ରହିଲା ସିନା
କାହିଁଛି ଆଉ କବି
ସତ୍ତା ତାର ମିଳିବ ଅବା କାହିଁ?
ଶିଳ୍ପୀ ନାମ ଗଲାଣି ଲୁଚି
ରହିଚି ଖାଲି ଛବି
ରହିଚି ଜଡ଼, ଜୀବନ ଆଉ ନାହିଁ।
–(ଅମର ଆଶା)
–କାଳିନ୍ଦୀ ଚରଣ ପାଣିଗ୍ରାହୀ

## ପାଠକ ଶ୍ରେଷ୍ଠ ବିଚାରକ

### ମାନବିକତାର ନିଦର୍ଶନ

ମହାଶୟ,

କିଛି ସଂକୀର୍ଣ୍ଣମନା ଲୋକ ଜାତିଜାତି ବୋଲି ବଡ଼ିମା ପଣ ଦେଖାଇ ବିଶ୍ୱବାସୀ ମନରେ ଭେଦଭାବ ସୃଷ୍ଟି କରିବାରେ ଲାଗିଛନ୍ତି। ମାତ୍ର ଭାରତ ଏକ ସର୍ବଧର୍ମ ସମନ୍ୱିତ ରାଷ୍ଟ୍ର ଭାବେ ବିଶ୍ୱବିଦିତ । ଏହି ଦେବ ଭୂମିରେ ହିନ୍ଦୁ, ମୁସଲମାନ ଓ ଖ୍ରୀଷ୍ଟିୟାନ ସମସ୍ତେ ମିଳିମିଶି ସହାବସ୍ଥାନ କରୁଛନ୍ତି। ଏପରି ଭାଇଚାରା ସମ୍ପର୍କ ଅନ୍ୟ ରାଷ୍ଟ୍ରରେ ଦେଖିବାକୁ ମିଳେନାହିଁ। ଜାତି ଧର୍ମ ନିର୍ବିଶେଷରେ ଭାରତର ଅଧିବାସୀଗଣ ସବୁ ଜାତି ଧାର୍ମିକ ପର୍ବରେ ସମ୍ମିଳିତ ହୋଇ ଆନନ୍ଦ ଉଲ୍ଲାସରେ ଖୁସି ମନାଇଥାନ୍ତି। ଏହାଦ୍ୱାରା ଧାର୍ମିକ ପର୍ବ ଅତ୍ୟନ୍ତ ଆବେଗପୂର୍ଣ୍ଣ ଓ ସଦ୍‌ଭାବ ସୃଷ୍ଟି କରିଥାଏ। ଏ ଦେଶରେ ଜଣେ ମୁସଲମାନ ସଂସ୍କୃତ ଭାଷାରେ ପିଏଚ୍.ଡି. କରି କୃତକାର୍ଯ୍ୟ ହୋଇ ଏକ ସ୍ଥାନରେ ସ୍ଥାନୀତ ହେବାକୁ ସକ୍ଷମ ହୋଇପାରେ। ଏଠି ଜଣେ କମ୍ ବୟସର ମୁସଲମାନ ଝିଅ ପରମଶାସ୍ତ୍ର 'ଗୀତା' ପ୍ରତିଯୋଗିତାରେ ପ୍ରଥମ ସ୍ଥାନ ଗ୍ରହଣ କରିଥାଏ। ସମ୍ପ୍ରତି ଧର୍ମରେ ଏକ ଚମତ୍କୃତ ଘଟଣା ସାରା ମାନବ ସମାଜ ପାଇଁ ଉଦାହରଣ ହୋଇଯାଇଛି। କଥାଟି ହେଲା– ଜଣେ ହିନ୍ଦୁଙ୍କ ମୃତଦେହକୁ ଆତ୍ମୀୟମାନେ ଛୁଇଁବାକୁ ପଛଘୁଞ୍ଚା ଦେଲେ। ସୁନ୍ଦରଗଡ଼ର ବନ୍ଧପାଲି ଗ୍ରାମର ରହମତ ଅଲ୍ଲୀ ନିଜର ସେହି ହିନ୍ଦୁ ବନ୍ଧୁଙ୍କ ଅନ୍ତିମ ସଂସ୍କାରରେ ମୁଖ୍ୟ ଭୂମିକା ନିଭାଇଛନ୍ତି। ମୃତଦେହର କୋକେଇ ରହମତ କାନ୍ଧରେ ଧରି ମଶାଣିରେ ପହଞ୍ଚିଛନ୍ତି। ତୁଣ୍ଡରେ ତାଙ୍କର ରାମ ନାମ ସତ୍ୟ ହେ ... ଗୁଞ୍ଜରିତ ହୋଇଛି। ଶବଦାହ କରି ବନ୍ଧୁତ୍ୱର ପରାକାଷ୍ଠା ପ୍ରଦର୍ଶନ କରିଛନ୍ତି।

–ନାମାଚାରୀ ମହେଶ୍ୱର ନାୟକ,
ଦୋବନ୍ଧା, ଗୋଗୁଆ, କେନ୍ଦ୍ରାପଡ଼ା

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ସଂକ୍ଷେପରେ

### ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ଯୁକ୍ତ ୩ ପ୍ରଥମ ସେମିଷ୍ଟର ପରୀକ୍ଷା ଫଳ ପ୍ରକାଶିତ

**ବ୍ରହ୍ମପୁର ଅଫିସ,୩୧।୫:** ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ପକ୍ଷରୁ ସୋମବାର +୩ ପ୍ରଥମ ସେମିଷ୍ଟର ପରୀକ୍ଷା ଫଳ ପ୍ରକାଶ ପାଇଛି। ଏହି ପରୀକ୍ଷା ଚଳିତ ବର୍ଷ ଜାନୁଆରୀରେ ଅନୁଷ୍ଠିତ ହୋଇଥିଲା। ଏଥିରେ କଳାରେ ୧୫୯୫୨, ବାଣିଜ୍ୟରେ ୧୦୮୬ ଓ ବିଜ୍ଞାନରେ ୫୬୩୯ ଛାତ୍ରୀଛାତ୍ର ପରୀକ୍ଷା ଦେଇଥିଲେ। ସେଥିରୁ କଳାରେ ୧୩୧୯୭ (୮୨.୭୩%), ବାଣିଜ୍ୟରେ ୬୧୯ (୫୭%) ଓ ବିଜ୍ଞାନରେ ୪୨୫୫ (୭୫.୪୬%) ଛାତ୍ରୀଛାତ୍ର କୃତକାର୍ଯ୍ୟ ହୋଇଥିବା ପରୀକ୍ଷା ନିୟନ୍ତ୍ରକ ଡ.ସୁରେନ୍ଦ୍ର ସେଠୀ କହିଛନ୍ତି। ଯୁକ୍ତ ୩ ୪ର୍ଥ ସେମିଷ୍ଟର, ବ୍ୟାକ୍ ପେପର ଓ ଅନ୍ୟ ପରୀକ୍ଷା ଫଳ ଜୁନ୍ ଶେଷ ସୁଦ୍ଧା ପ୍ରକାଶ ପାଇବ।

ବିଜୁ ଛାତ୍ର ଜନତା ଦଳର ଜୀବନ ବିନ୍ଦୁ କାର୍ଯ୍ୟକ୍ରମ

### ୨ ସପ୍ତାହରେ ୧୭୦ ୟୁନିଟ୍ ରକ୍ତ ସଂଗ୍ରହ

**ଭୁବନେଶ୍ୱର,୩୧।୫(ବ୍ୟୁରୋ):** କରୋନା ମହାମାରୀ ସମୟରେ ବିଜୁ ଛାତ୍ର ଜନତା ଦଳ ପକ୍ଷରୁ ଭୁବନେଶ୍ୱରରେ ରକ୍ତ ଅଭାବକୁ ଦୂର କରିବା ନିମନ୍ତେ ଦୁଇ ସପ୍ତାହବ୍ୟାପୀ ଜୀବନ ବିନ୍ଦୁ କାର୍ଯ୍ୟକ୍ରମ କରାଯାଇଥିଲା। ଏହି ଶିବିର ମେ ୧୭ରୁ ଆରମ୍ଭ ହୋଇ ୩୦ରେ ଶେଷ ହୋଇଛି। ଏହା ମାଧ୍ୟମରେ ୧୭୦ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଛି। ରକ୍ତ ଅଭାବକୁ ଦୂର କରିବା ନିମନ୍ତେ ରାଜ୍ୟବ୍ୟାପୀ ରକ୍ତଦାନ ଶିବିର ଆୟୋଜନ କରାଯାଉଛି। ଏହି କାର୍ଯ୍ୟକ୍ରମକୁ ବିଜୁ ଜନତା ଦଳର ସାଙ୍ଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ଓଡ଼ିଶା ମୋ ପରିବାରର ଆବାହକ ଅରୂପ ପଟ୍ଟନାୟକ, ସହ ଆବାହକ ଦେବୀ ପ୍ରସାଦ ମିଶ୍ର ଓ ଅତନୁ ସବ୍ୟସାଚୀ ନାୟକ, ବିଜୁ ଜନତା ଦଳ ସାଧାରଣ ସମ୍ପାଦକ (ଯୁବ ଓ ଛାତ୍ର ବ୍ୟାପାର) ପ୍ରଣବ ବଳବନ୍ତରାୟ, ଭୁବନେଶ୍ୱର ଏକାମ୍ର ବିଧାୟକ ଅଶୋକ ଚନ୍ଦ୍ର ପଣ୍ଡା, ଭୁବନେଶ୍ୱର ଉତ୍ତର ବିଧାୟକ ସୁଶାନ୍ତ କୁମାର ରାଉତ ଏବଂ ବିଜୁ ଛାତ୍ର ଜନତା ଦଳ ରାଜ୍ୟ ସଭାପତି ଦେବୀ ରଞ୍ଜନ ତ୍ରିପାଠୀ ପ୍ରମୁଖ ଉପସ୍ଥିତ ରହି ରକ୍ତଦାତାଙ୍କୁ ଉତ୍ସାହିତ କରିଥିଲେ। ଏହି ଅବସରରେ ବିଜୁ ଛାତ୍ର ଜନତା ଦଳ ରାଜ୍ୟ ସଭାପତି ଦେବୀ ରଞ୍ଜନ ତ୍ରିପାଠୀ ସମସ୍ତ ରକ୍ତଦାତାଙ୍କୁ ଧନ୍ୟବାଦ ଜଣାଇବା ସହ କରୋନା ମହାମାରୀ ସମୟରେ ଓଡ଼ିଶାକୁ ରକ୍ତ ଅଭାବ ମୁକ୍ତ ରାଜ୍ୟରେ ପରିଣତ କରିବା ପାଇଁ ବିଜୁ ଛାତ୍ର ଜନତା ଦଳର ପ୍ରତ୍ୟେକ କର୍ମୀ ଜାଗ୍ରତ ପ୍ରହରୀ ରୂପେ କାର୍ଯ୍ୟ କରିବାକୁ ଆହ୍ୱାନ ଦେଇଛନ୍ତି।

### ତାଲାବନ୍ଦ ସମୟରେ ସରକାର ଦୁଗ୍ଧଚାଷୀଙ୍କ ପ୍ରତି ସ୍ୱତନ୍ତ୍ର ଧ୍ୟାନ ଦିଅନ୍ତୁ: କିଷାନ କଂଗ୍ରେସ

**ଭୁବନେଶ୍ୱର,୩୧।୫(ବ୍ୟୁରୋ):** ବର୍ତ୍ତମାନ ସାରା ରାଜ୍ୟରେ ଲକ୍‌ଡାଉନ ଯୋଗୁ ଦୁଗ୍ଧ ଓ ଦୁଗ୍ଧଜାତ ସାମଗ୍ରୀ ବିକ୍ରି କରିବାରେ ଚାଷୀମାନେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଓମ୍‌ଫେଡ ସଂସ୍ଥା ମଧ୍ୟ ବର୍ତ୍ତମାନ ଦୁଗ୍ଧଚାଷୀଙ୍କ ଠାରୁ ୨ ଲକ୍ଷ ଲିଟରରୁ ଅଧିକ କ୍ରୟ କରୁନାହିଁ। ଉପକୂଳବର୍ତ୍ତୀ କେତୋଟି ଜିଲାରେ ବାତ୍ୟା ଓ ବର୍ଷା ଦ୍ୱାରା ଚାଷୀ କ୍ଷତିଗ୍ରସ୍ତ ହୋଇଛନ୍ତି। ଏହି ସମୟରେ ଗୋଖାଦ୍ୟର ଅହେତୁକ ଦରବୃଦ୍ଧି ଚାଷୀଙ୍କ ପାଇଁ ଚିନ୍ତାର ବିଷୟ ହୋଇଛି। ବସ୍ତା ପିଛା ଅଧିକ ୧୦୦ରୁ ୧୫୦ ଟଙ୍କା ଦେଇ କିଣିବାକୁ ବାଧ ହେଉଛନ୍ତି। ଫଳରେ ଏହାଦ୍ୱାରା ଦୁଗ୍ଧ ଚାଷୀମାନେ ସବୁଠାରୁ ଅଧିକ କ୍ଷତି ସହୁଛନ୍ତି ବୋଲି ପ୍ରଦେଶ କଂଗ୍ରେସ କମିଟି କୃଷକ ସେଲ୍ ଅଧ୍ୟକ୍ଷ ଅମିୟ ପଟ୍ଟନାୟକ ଏକ ପ୍ରେସ୍ ବିଜ୍ଞପ୍ତିରେ ଜଣାଇଛନ୍ତି। ସରକାର ତୁରନ୍ତ ଗୋଖାଦ୍ୟ ଦରବୃଦ୍ଧିର ନିୟନ୍ତ୍ରଣ, ସମସ୍ତ ଗୋପାଳକଙ୍କୁ ଅନ୍ତତଃ ଦୁଇମାସ ପାଇଁ ମାଗଣାରେ ଗୋଖାଦ୍ୟ ଯୋଗାଇ ଦେବା ଏବଂ ସରକାର ନିଜେ ଦୁଗ୍ଧଚାଷୀଙ୍କ ଠାରୁ ବଳକା ଦୁଗ୍ଧ କ୍ରୟ କରି ବିଭିନ୍ନ ଚିକିତ୍ସାଳୟର ରୋଗୀଙ୍କୁ ମାଗଣାରେ ପ୍ରଦାନ କରିବା ସହିତ ଗୋଚର ଜମିର ସୁରକ୍ଷା, ପ୍ରତି ପଞ୍ଚାୟତସ୍ତରରେ ଘାସ ଚାଷ ପାଇଁ ବ୍ୟାପକ ସୁଯୋଗ ସୃଷ୍ଟି କରିବାକୁ ପିସିସି କିଷାନ କଂଗ୍ରେସ ପକ୍ଷରୁ ଚାଷୀନେତା ଶଶିଭୂଷଣ ପାତ୍ର, ଉମେଶ ସାହୁ, ପ୍ରେମାନନ୍ଦ ସ୍ୱାଇଁ, ବୃନ୍ଦାବନ ଖଟେଇ, ମହେନ୍ଦ୍ର ପରିଡ଼ା, ଅରବିନ୍ଦ ସାମଲ, ଯଶୋଦା ନନ୍ଦନ ସିଂହ, ଦିଲୀପ ବେହେରା, ସନ୍ତୋଷ ସାହୁ, ଭବାନୀ ଶଙ୍କର ରଥ, ଉପେନ୍ଦ୍ର ସାହୁ, ନରେନ୍ଦ୍ର କୁମାର ପଣ୍ଡା, ନିମାଇଁ ଚରଣ ଜେନା, ବଂଶୀଧର ନାୟକ ପ୍ରମୁଖ ଦାବି କରିଛନ୍ତି।

# ଅତ୍ୟାଧୁନିକ ଜ୍ଞାନକୌଶଳରେ ପ୍ରକଳ୍ପ ପ୍ରସ୍ତୁତ ଲାଗି ପ୍ରସ୍ତାବ

**ବାଲେଶ୍ୱର ଅଫିସ, ୩୧।୫**

### ଉପକୂଳ ଅଞ୍ଚଳ ସୁରକ୍ଷା ଉପରେ ଗୁରୁତ୍ୱ ଦେଲେ ଧର୍ମେନ୍ଦ୍ର

କେନ୍ଦ୍ର ପେଟ୍ରୋଲିୟମ୍ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ସୋମବାର ବାଲେଶ୍ୱର ଜିଲାର ବାତ୍ୟା ପ୍ରଭାବିତ ଅଞ୍ଚଳକୁ ଗସ୍ତ କରି ସ୍ଥିତି ସମୀକ୍ଷା କରିଛନ୍ତି। ସେ ପୂର୍ବାହ୍ନ ୧୦ଟା ବେଳେ ଚାନ୍ଦିପୁର ହେଲିପ୍ୟାଡ୍‌ରେ ଅବତରଣ କରି ସମୁଦ୍ର ଉପକୂଳବର୍ତ୍ତୀ ଶ୍ରୀକୋଣା ପଞ୍ଚାୟତର ଚାରିଗୋଛିଆ, ସାର୍ଥା ପଞ୍ଚାୟତର ସାର୍ଥାମୁହାଣ ଓ ବୁଧିଆମାରି ଅଞ୍ଚଳ ବୁଲି ଦେଖିଥିଲେ। ସେ କେତେକ ଅଞ୍ଚଳକୁ ବାଇକ୍‌ରେ ବସିଯିବା ସହ ପାଣିଘେରରେ ଥିବା ଗାଁଗୁଡ଼ିକୁ ଚାଲି ଚାଲି ଯାଇ ସେଠାରେ ବିପନ୍ନଙ୍କ ସହ ଆଲୋଚନା କରିଥିଲେ। ପ୍ରଶାସନିକ ଅଧିକାରୀମାନଙ୍କ ସହଯୋଗ କିପରି ରହିଥିଲା ସେ ସମ୍ପର୍କରେ ବିପନ୍ନଙ୍କୁ ପଚାରି ବୁଝିଥିଲେ।

ବାତ୍ୟା ଅଞ୍ଚଳ ପରିଦର୍ଶନ ପରେ କେନ୍ଦ୍ରମନ୍ତ୍ରୀ ପ୍ରଧାନ କହିଥିଲେ, ବାଲେଶ୍ୱର ଜିଲା ଚାରିଗୋଛିଆ ଅଞ୍ଚଳରେ ସାମାନ୍ୟ ଜୁଆର ହେଲେ ଲୁଣା ପାଣି ମାଡ଼ିଯାଉଛି।



ସାର୍ଥା ଗ୍ରାମରେ ଭାଙ୍ଗିଯାଇଥିବା କେନାଲ ବନ୍ଧ ପରିଦର୍ଶନ କରୁଛନ୍ତି କେନ୍ଦ୍ରମନ୍ତ୍ରୀ ଓ ଅନ୍ୟମାନେ।

ବାତ୍ୟାରେ ବୁଢ଼ାବଳଙ୍ଗ କୂଳରେ ଘାଇ ହୋଇ ଲୁଣାପାଣି ମାଡ଼ିଯାଇ ଅନେକ ଚାଷ ନଷ୍ଟ ହୋଇଛି। ବାତ୍ୟା ଯୋଗୁ ଅଧିକ ଚିଙ୍ଗୁଡ଼ିଘେରି ନଷ୍ଟ ହୋଇଯାଇଥିବା ବେଳେ ଚାଷ ମଧ୍ୟ ପ୍ରଭାବିତ ହୋଇଛି। କିଛିଦିନ ତଳେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓଡ଼ିଶା ଗସ୍ତରେ ଆସି ଆକାଶମାର୍ଗରୁ ବାଲେଶ୍ୱର ଅଞ୍ଚଳ ପରିଦର୍ଶନ କରିବା ସହ ସ୍ଥିତି ସମୀକ୍ଷା କରିଥିଲେ। ସ୍ଥାୟୀ ଭାବେ ଉପକୂଳ ଅଞ୍ଚଳକୁ କିପରି ସୁରକ୍ଷିତ କରାଯାଇପାରିବ ସେଥିପାଇଁ ପଦକ୍ଷେପ ନେବାକୁ ପ୍ରଧାନମନ୍ତ୍ରୀ ରାଜ୍ୟ ସରକାରଙ୍କୁ ପରାମର୍ଶ ଦେଇଥିଲେ। ବିଶେଷ ଭାବେ ପରିବେଶକୁ ଧ୍ୟାନରେ ରଖି ବୈଷୟିକ ଜ୍ଞାନକୌଶଳ ଉପଯୋଗ କରି ଉପକୂଳ ଅଞ୍ଚଳର ଜନବସତି ଏବଂ ଜୀବନଜୀବିକାର ସୁରକ୍ଷା କିପରି ହୋଇପାରିବ ସେନେଇ ରାଜ୍ୟ ସରକାର ଆବଶ୍ୟକ ଖସଡ଼ା ପ୍ରସ୍ତୁତ କରି କେନ୍ଦ୍ର ସରକାରଙ୍କୁ ପ୍ରସ୍ତାବ ଦେଲେ ଏଥିରେ ଭାରତ ସରକାର ସମ୍ପୂର୍ଣ୍ଣ ସହଯୋଗ କରିବେ। ବାତ୍ୟା ଓ ବନ୍ୟାକୁ ପ୍ରତିରୋଧ କରିବା ପାଇଁ ଆଶ୍ରୟସ୍ଥଳଠାରୁ ଆରମ୍ଭ କରି ସମସ୍ତ ଆନୁଷଙ୍ଗିକ ବ୍ୟବସ୍ଥା ମଜଭୁତ୍ କରିବାକୁ ପଡ଼ିବ ବୋଲି କେନ୍ଦ୍ରମନ୍ତ୍ରୀ ପ୍ରଧାନ କହିଛନ୍ତି। ଗସ୍ତ ସମୟରେ କେନ୍ଦ୍ରମନ୍ତ୍ରୀ ତଥା ବାଲେଶ୍ୱର ଏମ୍‌ପି ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ, ନୀଳଗିରି ବିଧାୟକ ଇଂ. ସୁକାନ୍ତ କୁମାର ନାୟକ, ରାଜ୍ୟ ଭାଜପା ଯୁବମୋର୍ଚ୍ଚା ଉପସଭାପତି ମାନସ ଦତ୍ତ, ଜିଲା ଭାଜପା ସଭାପତି ଉମାକାନ୍ତ ମହାପାତ୍ର, ରାଜ୍ୟ ଭାଜପା ସମ୍ପାଦିକା ସିପ୍ରା ବାଜପେୟୀ ପ୍ରମୁଖ ଉପସ୍ଥିତ ଥିଲେ।

# ୫ ସିଲିଣ୍ଡର ଠାବ, ସାନିଟାଇଜର ନମୁନା ସଂଗ୍ରହ

**ବ୍ରହ୍ମପୁର ଅଫିସ,୩୧।୫**

### ଅମ୍ଳଜାନ ସିଲିଣ୍ଡର କଳାବଜାର ରୋକିବାକୁ ଚଢ଼ାଉ

ବ୍ରହ୍ମପୁର ସହରରେ ସ୍ୱାସ୍ଥ୍ୟ ବିଭାଗ ଓ ପୋଲିସ ପକ୍ଷରୁ ଅମ୍ଳଜାନ ସିଲିଣ୍ଡର କଳାବଜାର ରୋକିବାକୁ ଚଢ଼ାଉ ଜୋରଦାର କରାଯାଇଛି। ରବିବାର ନୂଆ ବସ୍‌ଷ୍ଟାଣ୍ଡ ରୋଡରେ ଥିବା ଗୋଟିଏ ଦୋକାନରୁ ୧୦ ସିଲିଣ୍ଡର ଜବତ ହେବା ପରେ ସୋମବାର ଆଉ ୨ଟି ସର୍ଜିକାଲ ଦୋକାନରେ ଚଢ଼ାଉ କରାଯାଇଛି। ୨ ଦୋକାନ ଓ ଏହାର ମାଲିକଙ୍କ ଘରୁ ମୋଟ ୫ ଅମ୍ଳଜାନ ସିଲିଣ୍ଡର ଠାବ ହୋଇଛି। ବ୍ରହ୍ମପୁର ଔଷଧ ନିରୀକ୍ଷକ ଦେବାଶିଷ କାଲୋଙ୍କ ଠାରୁ ମିଳିଥିବା ସୂଚନା ପ୍ରକାରେ, ସୋମବାର ନୂଆବସ୍‌ଷ୍ଟାଣ୍ଡ ରୋଡରେ ଥିବା ଈଶ୍ୱର ସର୍ଜିକାଲ୍‌ସ ଓ ଗାୟତ୍ରୀ ସର୍ଜିକାଲ୍‌ସରେ ଚଢ଼ାଉ କରାଯାଇଥିଲା। ଈଶ୍ୱର ସର୍ଜିକାଲ୍‌ସରେ ଚଢ଼ାଉ ବେଳେ ୪ ଅମ୍ଳଜାନ ସିଲିଣ୍ଡର ଠାବ ହୋଇଥିଲା। ଦୋକାନୀ ନିକଟ ଅତୀତରେ ୧୦ ସିଲିଣ୍ଡର ମଗାଇଥିବା ବେଳେ ସେଥିରୁ ୬ଟି ବିକ୍ରି କରି ଦେଇଛନ୍ତି। ତେବେ ସେ କେତେ ଦରରେ ଓ କାହାକୁ ବିକ୍ରି କରିଛନ୍ତି ତା'ର ସବିଶେଷ ତଥ୍ୟ ଦେବାକୁ ଅଧିକାରୀମାନେ କହିଥିଲେ। ଦୋକାନୀ ଜଣଙ୍କ ବିକ୍ରି ରସିଦ ଦାଖଲ କରିବାକୁ ଗୋଟିଏ ଦିନ ସମୟ ମାଗିଛନ୍ତି। ଏହାପରେ ଗାୟତ୍ରୀ ସର୍ଜିକାଲ୍‌ସରେ ଚଢ଼ାଉ କରାଯାଇଥିଲା। ହେଲେ ସେଠାରୁ କୌଣସି ସିଲିଣ୍ଡର ମିଳି ନ ଥିଲା। ଫଳରେ ଔଷଧ ନିରୀକ୍ଷକ ଓ ପୋଲିସ ଟିମ୍ ଲାଞ୍ଜିପଲ୍ଲୀ ସ୍ଥିତ ଦୋକାନ ମାଲିକଙ୍କ ଘରକୁ ଯାଇ ସେଠାରେ ଖୋଜାଖୋଜି କରିଥିଲେ। ମାଲିକଙ୍କ ଘର ଭିତରୁ ଗୋଟିଏ ସିଲିଣ୍ଡର ମିଳିଥିଲା। ହେଲେ ସେହି ସିଲିଣ୍ଡରଟି ବ୍ୟକ୍ତିଗତ ବ୍ୟବହାର ପାଇଁ ରଖିଛନ୍ତି ବୋଲି ସେ ଅଧିକାରୀଙ୍କୁ କହିଥିଲେ। ପୋଲିସ ଓ ସ୍ୱାସ୍ଥ୍ୟ ବିଭାଗ ଅଧିକାରୀମାନେ ଗାୟତ୍ରୀ ସର୍ଜିକାଲ୍‌ସ ଭିତରେ ବିକ୍ରି ପାଇଁ ରଖାଯାଇଥିବା ସାନିଟାଇଜରଗୁଡ଼ିକ ଯାଞ୍ଚ କରିଥିଲେ। କିଛି ସାନିଟାଇଜର ନମୁନା ମଧ୍ୟ ସଂଗ୍ରହ କରିଥିଲେ। ଚଢ଼ାଉରେ ଅନ୍ୟମାନଙ୍କ ମଧ୍ୟରେ ଗଞ୍ଜାମ ଜିଲା ଔଷଧ ନିରୀକ୍ଷକ ଲଳିତ କୁମାର ସାହୁ ମଧ୍ୟ ସାମିଲ ଥିଲେ।

# 'ଗୃହ ସଙ୍ଗରୋଧ ସହ ଡାକ୍ତରଙ୍କ ପରାମର୍ଶ ଜରୁରୀ'

**ଭୁବନେଶ୍ୱର, ୩୧।୫**

### କୋଭିଡ୍-୧୯ ଓ ଗୃହ ସଙ୍ଗରୋଧ ସଂକ୍ରାନ୍ତ ୱେବିନାର

ଚିକିତ୍ସକଙ୍କ ପରାମର୍ଶ ଅନୁସାରେ କୋଭିଡ୍-୧୯ ରୋଗୀ ଗୃହ ସଙ୍ଗରୋଧରେ ରହିଲେ ସୁସ୍ଥ ରହିବା ସହ ଶୀଘ୍ର ଆରୋଗ୍ୟ ଲାଭ କରିଥାନ୍ତି ବୋଲି ବିଶିଷ୍ଟ ବକ୍ତାମାନେ ମତବ୍ୟକ୍ତ କରିଛନ୍ତି। ସୋମବାର ଭୁବନେଶ୍ୱରସ୍ଥିତ ପତ୍ର ସୂଚନା କାର୍ଯ୍ୟାଳୟ ଓ କ୍ଷେତ୍ର ପ୍ରଚାର ବ୍ୟୁରୋ ପକ୍ଷରୁ ଆୟୋଜିତ 'କୋଭିଡ-୧୯ ବିରୋଧରେ ସଂଗ୍ରାମ ଓ ଗୃହ ସଙ୍ଗରୋଧ' ସଂକ୍ରାନ୍ତ ୱେବିନାରରେ ଯୋଗଦେଇ ବିଶିଷ୍ଟ ଚିକିତ୍ସକ ଓ ବୁଦ୍ଧିଜୀବୀମାନେ ଏହି ମତ ପୋଷଣ କରିଛନ୍ତି।

ଏଥିରେ ଭିମ୍‌ସାରର ସହକାରୀ ଅଧ୍ୟାପକ ଡ. ବିଶ୍ୱରଞ୍ଜନ ରାଉତରାଏ ଯୋଗ ଦେଇ କୋଭିଡ୍-୧୯ ରୋଗୀ ଆଦୌ ହତୋତ୍ସାହିତ ନ ହୋଇ ଘରୋଇ ସଙ୍ଗରୋଧ ନିୟମ ମାନିବା ସହ ଚିକିତ୍ସକଙ୍କ ପରାମର୍ଶରେ ଉପଚାର କଲେ ଶୀଘ୍ର ଆରୋଗ୍ୟ ହୋଇପାରିବେ ବୋଲି କହିଥିଲେ। ସେହିପରି ଡ. ସନ୍ଦୀପ ମିତ୍ତଲ କହିଥିଲେ ଯେ, ଗୃହ ସଙ୍ଗରୋଧରୋଗୀ ଦିନକୁ ଛଅ ମିନିଟ୍ ଲେଖାଏ ଦୁଇଥର ଚାଲିବା ସହ ଅମ୍ଳଜାନ ମାତ୍ରା ସମୟ ଅନୁଯାୟୀ ମାପିବା ଆବଶ୍ୟକ। ଅମ୍ଳଜାନ ମାତ୍ରା ୯୪ରୁ କମ୍ ହେଲେ ବା ଜ୍ୱର ନିରବଚ୍ଛିନ୍ନ ଭାବେ ଅଧିକ ରହିଲେ ଚିକିତ୍ସକଙ୍କ ପରାମର୍ଶ ଅନୁସାରେ ହସ୍‌ପିଟାଲରେ ଭର୍ତ୍ତି ହେବା ଦରକାର। ସ୍ୱାସ୍ଥ୍ୟ ସୁଧାର ପ୍ରଶିକ୍ଷକ ସୁସ୍ମିତା ପାତ୍ର କହିଥିଲେ, ଜୀବନ ଶୈଳୀ ଠିକ୍ ରଖି ସନ୍ତୁଳିତ ଖାଦ୍ୟ, ଶାରୀରିକ ଦକ୍ଷତା, ମାନସିକ ଚାପ, ବିଶ୍ରାମ ଓ ଜଳ ଶୁଷ୍କତାରୁ ନିଜକୁ ମୁକ୍ତ ରଖିଲେ ରୋଗ ପ୍ରତିରୋଧକ ଶକ୍ତିର ବିକାଶ ସହ କୋଭିଡ୍ ସଂକ୍ରମଣରୁ ରକ୍ଷା ପାଇହେବ। ଯୁବ ଚିକିତ୍ସାବିତ୍ ଡା. ସିଦ୍ଧାର୍ଥ ପଣ୍ଡା କହିଥିଲେ, ଗୃହ ସଙ୍ଗରୋଧରେ ଥିବା କୋଭିଡ୍ ସଂକ୍ରମିତ ରୋଗୀ ସକାରାତ୍ମକ ଭାବନା ସହ ରଖିବା ସହ ମନଇଚ୍ଛା ଔଷଧ ସେବନ ନ କରି ଚିକିତ୍ସକଙ୍କ ପରାମର୍ଶ ନେବା ଆବଶ୍ୟକ।

ଏହି ୱେବିନାରରେ ଭୁବନେଶ୍ୱରସ୍ଥିତ ପତ୍ର ସୂଚନା କାର୍ଯ୍ୟାଳୟର ଅତିରିକ୍ତ ମହାନିର୍ଦ୍ଦେଶକ ରାଜିନ୍ଦର ଚୌଧୁରୀ ଅଧ୍ୟକ୍ଷତା କରି କହିଥିଲେ, ଗୃହ ସଙ୍ଗରୋଧରେ ରହିଥିବା କୋଭିଡ୍ ରୋଗୀ ମନସ୍ତାତ୍ତ୍ୱିକ ସ୍ତରରେ ଯେପରି ଆଘାତ ନ ପାଏ ସେଥିପ୍ରତି ଦୃଷ୍ଟି ଦେବା ଉଚିତ। ପରିବାରର ଅନ୍ୟମାନେ ତା'ଠାରୁ ଦୂରତା ରକ୍ଷା କଲେ ମଧ୍ୟ ଉତ୍ତମ ଆଚରଣ ପ୍ରଦର୍ଶନ କରିବା ଦରକାର। ଶତକଡ଼ା ୯୦ ଭାଗ ରୋଗୀ ସାମାନ୍ୟରୁ ମଧ୍ୟମ ଧରଣର ହୋଇଥିବାରୁ କେହି ଆତଙ୍କିତ ନ ହେବାକୁ ସେ ପରାମର୍ଶ ଦେଇଥିଲେ। କ୍ଷେତ୍ର ପ୍ରଚାର ବ୍ୟୁରୋ ନିର୍ଦ୍ଦେଶକ ଅଖିଳ କୁମାର ମିଶ୍ରଙ୍କ ସଂଯୋଜନାରେ ଆୟୋଜିତ ଏହି ୱେବିନାରକୁ ଭୁବନେଶ୍ୱରସ୍ଥିତ ପତ୍ର ସୂଚନା କାର୍ଯ୍ୟାଳୟର ଗଣମାଧ୍ୟମ ଯୋଗାଯୋଗ ଅଧିକାରୀ ଡ. ପ୍ରଦୀପ କୁମାର ଚୌଧୁରୀ ପରିଚାଳନା କରିଥିଲେ। ଜୀବନ କୁମାର ସାମନ୍ତସିଂହାର ଧନ୍ୟବାଦ ଦେଇଥିଲେ।

# ବନ ବିଭାଗ ନର୍ସରି ଜାଳିଦେଲେ

**ମାଥିଲି,୩୧।୫(ଡି.ଏନ୍.ଏ.)**

ମାଲକାନଗିରି ଜିଲା ମାଥିଲି ଥାନା କୁରୁଣୀପାଲି ପଞ୍ଚାୟତ ଅଧୀନ କୁଲାବେଡ଼ା ଗାଁରେ ରବିବାର ରାତିରେ ଦୁର୍ବୃତ୍ତଙ୍କ ଉନ୍ମତ୍ତକାଣ୍ଡ ଦେଖିବାକୁ ମିଳିଛି। ଗାଁରେ ହୋଇଥିବା ମେଗା ନର୍ସରିକୁ ଜାଳି ପାଉଁଶ କରିଦେଇଛନ୍ତି। ତେବେ ଘଟଣାରେ ମାଓବାଦୀଙ୍କ ସମ୍ପୃକ୍ତି ରହିଥିବା ନେଇ ନର୍ସରି ପାଖରୁ ଏକ ପୋଷ୍ଟର ମିଳିଥିବାରୁ ଘଟଣା ପଛରେ ମାଓବାଦୀଙ୍କ ହାତ ରହିଥିବା ସନ୍ଦେହ କରାଯାଇଛି।

ସୂଚନାଯୋଗ୍ୟ, କିଛି ମାସ ତଳେ ଜିଲାର ଗୋବିନ୍ଦପାଲି ବନ ବିଭାଗ ଅଧୀନରେ ୨୦ ହଜାର ଚାରା ଆଣି କୁଲାବେଡ଼ାଠାରେ ନର୍ସରି କରାଯାଇଥିଲା। ଏଠାରୁ ଚାରା ନେଇ ବିଭାଗ ପକ୍ଷରୁ ବିଭିନ୍ନ ସ୍ଥାନରେ ରୋପଣ କରାଯାଉଥିଲା। ହେଲେ ରାତିରେ ଦୁର୍ବୃତ୍ତମାନେ ନର୍ସରିକୁ ସମ୍ପୂର୍ଣ୍ଣ ନଷ୍ଟ କରିଦେଇଛନ୍ତି। ନର୍ସରି ପାଖରୁ ମିଳିଥିବା ପୋଷ୍ଟରରେ ନର୍ସରି ଜମିରେ ଗାତ ଖୋଳିବା ଏବଂ ଚାରାରୋପଣକୁ ବିରୋଧ କରାଯାଇଛି। ଏହାକୁ ନ ମାନିଲେ ଆଗାମୀ ଦିନରେ ମାଓବାଦୀ ସଙ୍ଗଠନ କାର୍ଯ୍ୟାନୁଷ୍ଠାନ ନେବ ବୋଲି ପୋଷ୍ଟର ମାଧ୍ୟମରେ ଚେତାବନୀ ଦିଆଯାଇଛି। ତେବେ ଉକ୍ତ ପୋଷ୍ଟର ପଛର ରହସ୍ୟ ଜଣାପଡ଼ିନାହିଁ। ବନ ବିଭାଗ ନିର୍ଦ୍ଦିଷ୍ଟ କେତେଜଣ ଲୋକଙ୍କୁ ସନ୍ଦେହ କରୁଥିବା ଜଣାପଡ଼ିଛି।



ଜଳିଯାଇଥିବା ଚାରା।

### ମାଓବାଦୀଙ୍କ ସମ୍ପୃକ୍ତି ଉଲ୍ଲେଖ ରହିଥିବା ପୋଷ୍ଟର ଜବତ

ଅନ୍ୟପକ୍ଷରେ ମାଥିଲି ଥାନା ପୋଲିସ ଘଟଣାର ତଦନ୍ତ ଚଳାଇଥିବାବେଳେ ଏହା ମାଓବଦୀ ପୋଷ୍ଟର କିମ୍ବା କୌଣସି ଦୁର୍ବୃତ୍ତଙ୍କ କାଣ୍ଡ ତାହା ତଦନ୍ତ ପରେ ଜଣାପଡ଼ିବ ବୋଲି ପୋଲିସ କହିଛି।


GOVERNMENT OF ODISHA — No. O-284

**OFFICE OF THE EXECUTIVE ENGINEER KALAHANDI RWS&S DIVISION, BHAWANIPATNA**

e-mail: eerwsskld@gmail.com, eerwss_kld@nic.in, Phone No. 06670-230784

**INVITATION OF BID THROUGH e-TENDERING**

**Bid Identification No. 15/EE/RWSS/2021-22/Bpt Dated: 28.05.2021**

01. Name of the Work : As per ANNEXURE - A

| Procurement Officer | Bid Identification No. | Availability of Tender Online for Bidding on office hour only | | Date of Opening (Technical Bid) |
|---|---|---|---|---|
| | | From | To | |
| 1 | 2 | 3 | 4 | 5 |
| Executive Engineer, Kalahandi RWS&S Division, Bhawanipatna | 15/EE/RWSS/2021-22/ Bpt Dated: 28.05.2021 | 03.06.2021 10.00 A.M. | 17.06.2021 05.30 P.M. | 18.06.2021 10.00 A.M. Onwards |

Cost of tender paper to be made online payment system.
Further details can be seen from the e-procurement portal **http://tenderodisha.gov.in**.
The original documents should be scanned and uploaded.

**Sd./- Executive Engineer, Kalahandi RWS&S Division, Bhawanipatna**
**OIPR-25005/11/0010/2122**

GOVERNMENT OF ODISHA — No. O-285

**OFFICE OF THE SUPERINTENDING ENGINEER SOUTHERN CIRCLE, RURAL WORKS, SUNABEDA**

email: serwsbd2003@yahoo.com

**RFP Identification No. SERWSCSBD Online - 01/2021-22 Dt.27.05.2021**

**No. 2823** **Date: 27.05.2021**

1. Type of the Work : Consultancy services for Engagement of a consultant for preparation of Detailed Project Report (DPR) including alignment finalisation, hydraulic particulars, geotechnical investigation, preparation of G.A.D., preparation of G.F.C. drawing with detailed component structural design, detailed estimate with rate analysis location wise, BOQ & BID documents for construction of the bridge works under BSY scheme.
2. Total No. of works : 19 Nos. of work (As per Annexure)
3. Cost of Document : The bidder shall transfer online through e-tendering process the cost of the RFP document for Rs.10,000/- (Non-refundable) the receipt of which should be uploaded along with the technical proposal.
4. Security Deposit : Earnest Money Deposit (EMD) declaration should be given as per RFP format annexed at Annexure-III in accordance with Finance Department O.M. No. 8943 Dtd.18.03.2021 and Works Department O.M. No. 5984 Dtd.27.04.2021.
5. Other details :

| Procurement Officer | RFP Identification No. | Availability of Tender online for bidding | | Pre-proposal Queries | Technical Bid Opening |
|---|---|---|---|---|---|
| | | From | To | | |
| 1 | 2 | 3 | 4 | 5 | 6 |
| Superintending Engineer, Rural Works, Southern Circle, Sunabeda | SERWSCSBD-Online RFP-01/2021-22 | 02.06.2021 at 10.00 A.M. | 23.06.2021 upto 5.00 P.M. | 09.06.2021 at 5.30 P.M. | 28.06.2021 at 11.30 A.M. |

6. Further details can be seen from the website **www.tendersodisha.gov.in**.
7. Any Corrigendum/Addendum will be displayed in the above e-tender websites.

**Sd./- Superintending Engineer, Southern Circle RW, Sunabeda**
**OIPR-25045/11/0007/2122**

**PANCHAYAT RAJ & DRINKING WATER DEPARTMENT, GOVERNMENT OF ODISHA**
**OFFICE OF THE EXECUTIVE ENGINEER, RWS&S DIVISION, NABARANGPUR**
Tel-(06858)222643, E-Mail: eerwss_ngp@rediffmail.com/eerwssngp@gmail.com

**INVITATION FOR BIDS No: RWSS_NGP_ONLINE_03/ 2021-22 DATED: - 28/05/2021**

**No. O-286:-** The Executive Engineer RWS&S Division Nabarangpur on behalf of Govt. Of Odisha invites item rate/ percentage bid through e-procurement in double cover system according to norm of e- procurement system in on-line mode.

1. Name of Works : As mentioned in Table "A" which includes Construction of different capacity ESR/OGR, laying of pipe line , FHTC and its ancillary work in commissioned Pipe water supply scheme of different Block in the Nabarangpur District (Clubbed up projects)
2. No.of Works : **04 (Four) Nos** (Detailed in Tender Call Notice available in the website)
3. Estimated Cost : As mentioned in Table "A"
4. Tender Paper Cost : As mentioned in Table "A"
5. Class of Contractor : As mentioned in Table "A"
6. Period of Completion : 365 Days
7. Critical Dates : *Further details can be seen in the bidding documents, which is available in the e-procurement portal https://www.tendersorissa.gov.in.
*Subsequent corrigendum if required shall be appeared in the website.
*Authority reserves the right to reject any or all tenders without assigning any reason thereof.

| Procurement Officer | Bid Identification No. | Availability of Tender online for Bidding | | Last Date of seeking tender Clarification | Last date of receipt of confirmation letter & other documents | Date of opening of Bid |
|---|---|---|---|---|---|---|
| | | From | To | | | |
| **Executive Engineer, RWSS Division, Nabarangpur** | **RWSS_NGP_ ONLINE_01 of 2021-22** | **16.06.2021 at 11.00 AM** | **22.06.2021 at 05.00 PM** | **21.06.2021 upto 5.30 PM** | **22.06.2021 up to 03.30 P.M.** | **25.06.2021 at 11.00 A.M.** |

OIPR-25028/11/0003/2122 **Sd./- Executive Engineer, RWS&S Division, Nabarangpur**

**ବନଖଣ୍ଡ ଅଧିକାରୀ ତଥା ବନ୍ୟପ୍ରାଣୀ ତତ୍ତ୍ୱାବଧାରକଙ୍କ କାର୍ଯ୍ୟାଳୟ, ରାଉରକେଲା**
**OFFICE OF THE DIVISIONAL FOREST OFFICER CUM WILDLIVE WARDEN**
**ROURKELA FOREST DIVISION**
**ROURKELA, SUNDARGARH, ODISHA**
Phone No. 0661-2664637, Fax No. 0661-2664639
e-mail: dforourkela.od@gov.in

**ବିଜ୍ଞାପନ**

No. MM-80: ଏତଦ୍ୱାରା ଶ୍ରୀମତୀ ଯମୁନା ସିଂ, ଫରେଷ୍ଟ ଗାର୍ଡ଼, ଗ୍ରାମ: ମୂଷାପାଲି, ପୋଷ୍ଟ: ବଡ଼ଦଲକି, ଥାନା: ବ୍ରାହ୍ମଣୀତରଙ୍ଗ, ଜିଲ୍ଲା: ସୁନ୍ଦରଗଡ଼ଙ୍କୁ ଅବଗତି କରାଯାଉଅଛି, ନିମ୍ନ ସ୍ୱାକ୍ଷରକାରୀ ଅଫିସ୍‌ରୁ ଚାକିରିରେ ଯୋଗଦାନ କରିବାକୁ ବାରମ୍ବାର ଆଦେଶନାମା ଜାରି କରାଯାଇଛି। ପ୍ରକାଶ ଥାଉକି ଆପଣ ଉଦ୍ଦେଶ୍ୟମୂଳକ ଭାବେ ଅନୁପସ୍ଥିତ ରହି ସରକାରୀ ଚିଠି ପ୍ରାପ୍ତି ସ୍ୱୀକାର କରି ଉତ୍ତର ଦେଉନାହାନ୍ତି। ଏଣୁ ଉକ୍ତ ବିଷୟ ଅବଗତି ଓ ବିଭାଗୀୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ବିଜ୍ଞାପନ ମାଧ୍ୟମରେ ଜଣାଇଦିଆଗଲା।

**ବନଖଣ୍ଡ ଅଧିକାରୀ**
**ରାଉରକେଲା ବନଖଣ୍ଡ**
OIPR-08044/11/0001/2122

**ତହସିଲ କାର୍ଯ୍ୟାଳୟ, ଆନନ୍ଦପୁର, ଜିଲ୍ଲା - କେନ୍ଦୁଝର**
**ଲଘୁ ଖଣିଜ ଉତ୍ସର ଦୀର୍ଘମିଆଦୀ ଲିଜ୍ ନିମନ୍ତେ ବିଜ୍ଞାପନ**
E-mail: tahasildar_anandapur@rediffmail.com

**ପତ୍ର ସଂଖ୍ୟା 5435** **ତା. 31।05।2021**

No. f-33:- ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି ଯେ, କେନ୍ଦୁଝର ଜିଲ୍ଲା ଅନ୍ତର୍ଗତ ଆନନ୍ଦପୁର ତହସିଲ ଅଧୀନସ୍ଥ ବୈତରଣୀ ନଦୀ ବାଲି ଶଯ୍ୟା, ପଞ୍ଚୁପଲ୍ଲୀ, ବୈତରଣୀ ନଦୀ ବାଲି ଶଯ୍ୟା, ଗୌଡଡ଼ିହା ଓ କୁଶେଇ ନଦୀ ବାଲି ଶଯ୍ୟା, ବେଲାବାହାଳୀଠାରୁ ଭାଟଶିରା ଉକ୍ତ ୦୩ ଗୋଟି ସୈରାତ ଉତ୍ସର ଓଡ଼ିଶା ଲଘୁ ଖଣିଜ ଦ୍ରବ୍ୟ ରିହାତି (ସଂଶୋଧନ) ନିୟମାବଳୀ ୨୦୧୬, ୨୦୧୭ ଅନୁଯାୟୀ ଆଗାମୀ ପାଞ୍ଚବର୍ଷ ନିମନ୍ତେ ୨୦୨୧-୨୨ଠାରୁ ୨୦୨୫-୨୬ ପର୍ଯ୍ୟନ୍ତ ପାଞ୍ଚବର୍ଷୀୟ ଦୀର୍ଘମିଆଦୀ ଲିଜ୍ ସକାଶେ ଦରଖାସ୍ତ ଆହ୍ୱାନ କରାଯାଉଛି।

ଇଚ୍ଛୁକ ବ୍ୟକ୍ତି ବିଶେଷ ଓଡ଼ିଶା ଲଘୁ ଖଣିଜ ଦ୍ରବ୍ୟ ରିହାତି (ସଂଶୋଧନ) ନିୟମାବଳୀ ୨୦୧୬ ଅନୁଯାୟୀ FORM-M ପୂରଣ କରି ଏହାର ତିନିକିତା କପି ସହିତ ଆବଶ୍ୟକୀୟ ଦସ୍ତାବିଜ ସଂଲଗ୍ନ କରି sealed cover ରେ ତହସିଲଦାର, ଆନନ୍ଦପୁରଙ୍କ କାର୍ଯ୍ୟାଳୟରେ ଥିବା drop boxରେ ବିଜ୍ଞାପନରେ ପ୍ରକାଶ ଦିନଠାରୁ ତା୨୪.୦୬.୨୦୨୧ରିଖ ଅପରାହ୍ନ ଘ୫.୩୦ଟିକା ମଧ୍ୟରେ ପକାଇପାରିବେ (ଛୁଟିଦିନ ବ୍ୟତୀତ)। ଲଫାପା ଉପରେ ସୈରାତ ଉତ୍ସର ନାମ ଲେଖା ଥିବା ଆବଶ୍ୟକ। ତା୨୫.୬.୨୦୨୧ରିଖ ସକାଳ ଘ୧୧.୦୦ ଟିକା ସମୟରେ ଲିଜ୍ ଦରଖାସ୍ତକାରୀ କିମ୍ବା ତାଙ୍କର ପ୍ରତିନିଧିଙ୍କ ଉପସ୍ଥିତିରେ ଦରଖାସ୍ତଗୁଡ଼ିକ ତନଖି କରାଯିବ ଏବଂ ଯୋଗ୍ୟ ଲିଜ୍‌ଧାରୀ ଚୟନ କରାଯିବ। ସୈରାତ ଉତ୍ସଗୁଡ଼ିକ ପ୍ରଥମ ତାରିଖରେ ଚୂଡ଼ାନ୍ତ ହୋଇ ନ ପାରିଲେ ସେହି ଉତ୍ସ ପାଇଁ ଦ୍ୱିତୀୟ ଏବଂ ତୃତୀୟ ପର୍ଯ୍ୟାୟରେ ଧାର୍ଯ୍ୟ ସମୟରେ ପୂର୍ବପରି ଲିଜ୍ ଦରଖାସ୍ତକାରୀ କିମ୍ବା ତାଙ୍କର ପ୍ରତିନିଧିଙ୍କ ଉପସ୍ଥିତିରେ ତହସିଲଦାରଙ୍କ କାର୍ଯ୍ୟାଳୟ ପ୍ରକୋଷ୍ଠରେ ତନଖି କରାଯାଇ ଯୋଗ୍ୟ ଲିଜ୍‌ଧାରୀ ଚୟନ କରାଯିବ। ଧାର୍ଯ୍ୟ ତାରିଖ ଅତିବାହିତ ପରେ କୌଣସି ଦରଖାସ୍ତ ଗ୍ରହଣୀୟ ନୁହେଁ। କୌଣସି କାରଣ ନ ଦର୍ଶାଇ ନିଲାମକୁ ଖାରଜ କିମ୍ବା ସ୍ଥଗିତ କରିବାର କ୍ଷମତା, କ୍ଷମତାପ୍ରାପ୍ତ ଅଧିକାରୀ ଓ ଜିଲ୍ଲାପାଳ, କେନ୍ଦୁଝରଙ୍କର ରହିଅଛି। ଉକ୍ତ ବିଜ୍ଞାପନର ସବିଶେଷ ବିବରଣୀ ତଥା ସୈରାତ ଉତ୍ସଟିର ଲିଜ୍ ସମ୍ବନ୍ଧୀୟ ସମସ୍ତ ତଥ୍ୟ କେନ୍ଦୁଝର ଜିଲ୍ଲା website **http://kendujhara.nic.in/** ଜିଲ୍ଲାପାଳ କେନ୍ଦୁଝରଙ୍କ କାର୍ଯ୍ୟାଳୟ ନୋଟିସ ବୋର୍ଡ/ ଉପଜିଲ୍ଲାପାଳ, ଆନନ୍ଦପୁର କାର୍ଯ୍ୟାଳୟ ନୋଟିସ ବୋର୍ଡ/ ନିର୍ବାହୀ ଯନ୍ତ୍ରୀ, ରାସ୍ତା ଓ ଗୃହ ନିର୍ମାଣ ବିଭାଗ, ଆନନ୍ଦପୁରଙ୍କ ନୋଟିସ ବୋର୍ଡ/ ନିର୍ବାହୀ ଯନ୍ତ୍ରୀ, ବୈତରଣୀ ବ୍ୟାରେଜ ପ୍ରକଳ୍ପ, ଆନନ୍ଦପୁରଙ୍କ ନୋଟିସ ବୋର୍ଡ/ ନିର୍ବାହୀ ଯନ୍ତ୍ରୀ, କ୍ଷୁଦ୍ର ଜଳସେଚନ ପ୍ରକଳ୍ପ, ଆନନ୍ଦପୁରଙ୍କ ନୋଟିସ ବୋର୍ଡ/ ନିର୍ବାହୀ ଅଧିକାରୀ, ଆନନ୍ଦପୁର ପୌର ପରିଷଦଙ୍କ ନୋଟିସ ବୋର୍ଡ/ ତହସିଲଦାର, ଘଷିପୁରା/ ହାଟଡ଼ିହିଙ୍କ ନୋଟିସ ବୋର୍ଡ/ ଗୋଷ୍ଠୀ ଉନ୍ନୟନ ଅଧିକାରୀ, ଆନନ୍ଦପୁର/ ଘଷିପୁରା/ ହାଟଡ଼ିହିଙ୍କ ନୋଟିସ ବୋର୍ଡରେ ଉପଲବ୍ଧ ହେବ।

ଯଦି ଉକ୍ତ ଇସ୍ତାହାରରେ କୌଣସି ତ୍ରୁଟି ପରିଲକ୍ଷିତ ହୁଏ, ତେବେ ତାହା ସଂଶୋଧନ କରିବାର କ୍ଷମତା, କ୍ଷମତାପ୍ରାପ୍ତ ଅଧିକାରୀଙ୍କର ଅଛି।

**ନିଲାମ ସ୍ଥାନ** - **ତହସିଲ କାର୍ଯ୍ୟାଳୟ, ଆନନ୍ଦପୁର**
**ନିଲାମ ତାରିଖ ଓ ସମୟ** - **ପ୍ରଥମ ପର୍ଯ୍ୟାୟ - ତା୨୫.୦୬.୨୦୨୧ରିଖ ଦିବା ୧୧.୦୦ ଘଟିକା**
**ଦ୍ୱିତୀୟ ପର୍ଯ୍ୟାୟ - ତା୨୮.୦୬.୨୦୨୧ରିଖ ଦିବା ୧୧.୦୦ ଘଟିକା**
**ତୃତୀୟ ପର୍ଯ୍ୟାୟ - ତା୩୦.୦୬.୨୦୨୧ରିଖ ଦିବା ୧୧.୦୦ ଘଟିକା**

**ସ୍ୱା./- ତହସିଲଦାର ତଥା କ୍ଷମତାପ୍ରାପ୍ତ ଅଧିକାରୀ, ଆନନ୍ଦପୁର**
OIPR-24201/11/0001/2122

**OFFICE OF THE MUNICIPAL COUNCIL, SUNDARGARH**
No. 3040/Date. 31.05.21

**QUOTATION CALL NOTICE**

No. C-329:- Sealed quotations are invited from the Intending firms/Experience/Reputed Agro Farm/Horticulturists for "**Plantation and Beautification of different areas of Sundargarh Municipality**". The Detail Quotation documents will be available in the District website of Sundargarh i.e. **www.sundargarh.nic.in** from dt.01.06.2021 to dt.16.06.2021. The quotation document must be submitted to the office of the Executive Officer, Sundargarh Municipality, Sundargarh through Regd. Post/Speed Post/by Hand only. The bidder should subscribe **Quotation for "Plantation and Beautification of different areas of Sundargarh Municipality"** on the top of the envelope.
Last date of receipt of Quotation: 16.06.2021 up to 12.00 P.M.
Date of opening of Quotation: 17.06.2021 at 11.30 A.M.
The authority reserves the right to accept or reject any proposals without assigning any reason thereof.

**Sd./- Executive Officer, Sundargarh Municipality**
OIPR-13130/11/0016/2122

No. D-29

**ଦୁର୍ଗପତିଙ୍କ କାର୍ଯ୍ୟାଳୟ, ୮ମ ସ୍ୱତନ୍ତ୍ର ଭାରତୀୟ ସଂରକ୍ଷିତ ବାହିନୀ, ତନରଡା, ଭଞ୍ଜନଗର**

ପ୍ରାପ୍ତେଷୁ:
ନାମ :- କନଷ୍ଟେବଲ/୧୭୯ ନିରଞ୍ଜନ ସେଠୀ
ପିତା :- ନିର୍ମଳ ଚନ୍ଦ୍ର ସେଠୀ
ଗ୍ରାମ :- ଶଙ୍କରପୁର
ପୋ :- ବାନସିଙ୍ଘ
ଥାନା :- ସଦର
ଜିଲ୍ଲା :- ଢେଙ୍କାନାଳ

ଏତଦ୍ୱାରା ଆପଣଙ୍କୁ ଅବଗତ ନିମନ୍ତେ ଜଣାଇ ଦିଆଯାଉଅଛି କି ଯେ, ଆପଣ ୮ମ ସ୍ୱତନ୍ତ୍ର ଭାରତୀୟ ସଂରକ୍ଷିତ ବାହିନୀ କନ୍ଧମାଳ (ବର୍ତ୍ତମାନ ତନରଡା, ଭଞ୍ଜନଗର) ଅବସ୍ଥାପିତରେ କାର୍ଯ୍ୟରତ ଥିଲେ। ଆପଣ ଗତ ତା06.07.2019 ଅପରାହ୍ନ ଠାରୁ ତା09.07.2019 ଅପରାହ୍ନ ପର୍ଯ୍ୟନ୍ତ ସମୁଦାୟ 03 ଦିନ (02 ଦିନ ସି.ଏଲ୍. ଏବଂ 01 ଦିନ ପି.ଏଲ୍) ଯାଇଥିଲେ। ଆପଣଙ୍କର ତା10.07.2019 ପୂର୍ବାହ୍ନରେ କାର୍ଯ୍ୟରେ ଯୋଗଦାନ କରିବାର ଥିଲା, କିନ୍ତୁ ଆପଣ ଉପରିସ୍ଥ ଅଧିକାରୀଙ୍କୁ କିଛି ନ ଜଣାଇ ନିଜର ମନମୁତାବକ ଅନଧିକାର ଅଧିକ କାଳ ଛୁଟିରେ ରହି ଆଜି ପର୍ଯ୍ୟନ୍ତ କାର୍ଯ୍ୟରେ ଯୋଗଦାନ କରିନାହାନ୍ତି। ଆପଣଙ୍କର ଏହି ଅଧିକ କାଳ ଛୁଟିରୁ କାର୍ଯ୍ୟରେ ଯୋଗଦାନ କରିବା ପାଇଁ ଦୁର୍ଗପତି ୮ମ ସ୍ୱତନ୍ତ୍ର ଭାରତୀୟ ସଂରକ୍ଷିତ ବାହିନୀ, ତନରଡା, ଭଞ୍ଜନଗର କାର୍ଯ୍ୟାଳୟଠାରୁ ବିଭିନ୍ନ ସମୟରେ ଆପଣଙ୍କୁ କାର୍ଯ୍ୟରେ ଯୋଗଦାନ କରିବା ନିମନ୍ତେ ସ୍ୱତନ୍ତ୍ର ଡାକ ଏବଂ ସ୍ୱତନ୍ତ୍ର ଡାକବାହକ ମାଧ୍ୟମରେ ପ୍ରେରଣ ପତ୍ର ସଂଖ୍ୟା 1404/R.O., Dt. 19.07.2019, ସଂଖ୍ୟା 1564/R.O., Dt.07.08.2019, ସଂଖ୍ୟା 1683/R.O., Dt.30.08.2019, ସଂଖ୍ୟା 1867/R.O., Dt. 26.09.2019 ଏବଂ ସଂଖ୍ୟା 2016/R.O., Dt. 23.10.2019 ପ୍ରେରଣ କରାଯାଇଥିଲେ ମଧ୍ୟ ଆପଣ କାର୍ଯ୍ୟରେ ଯୋଗଦାନ କରୁନାହାନ୍ତି ଏବଂ ଆପଣଙ୍କର ଖୋଜଖବର ମିଳୁନାହିଁ। ଏହା ମଧ୍ୟରେ ଆପଣ ସଦର ଥାନା, ଫୁଲବାଣୀ କେସ ନଂ. 61, dt.11.08.2019 U/S 376/(2)(n)/417/294/313 IPC ଅନୁଯାୟୀ ଆପରାଧିକ ମାମଲାରେ ଜଡ଼ିତ ଥିବାର ଦୁର୍ଗପତି ଅବଗତ ଅଛନ୍ତି। ଏହି ଅସଦାଚରଣ, ଆଦେଶର ଅବମାନନା, ଆପରାଧିକ ମାମଲାରେ ଜଡ଼ିତ ଥିବା ନିମନ୍ତେ ଆପଣଙ୍କ ବିରୁଦ୍ଧରେ ବିଭାଗୀୟ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଆପଣଙ୍କୁ ସୂଚିତ କରିଦିଆଯାଇଛି। କିନ୍ତୁ ଆପଣ ବିଭାଗୀୟ ତଦନ୍ତରେ ସହଯୋଗ କରି ନ ଥିବାରୁ ତଦନ୍ତକୁ ଏକତରଫା ଭାବରେ ବିଚାରକୁ ନିଆଯାଇଅଛି। ଦୀର୍ଘ 689 ଦିନ ବିତିଯାଇଥିଲେ ବି ଆପଣ କାର୍ଯ୍ୟରେ ଯୋଗଦାନ କରିନାହାନ୍ତି କିମ୍ବା କାର୍ଯ୍ୟରେ ଯୋଗଦାନ ନ କରିବା ବିଷୟରେ ସଠିକ କିଛି ଜଣାଇ ନାହାନ୍ତି। ଏମିତି କି ଆପଣ କେଉଁଠାରେ କ'ଣ କରୁଛନ୍ତି ତାହାର ଖୋଜଖବର ଅଫିସ ପାଖରେ ରହୁନାହିଁ।

ଏଣୁ ବିଜ୍ଞାପନ ଦ୍ୱାରା ଆପଣଙ୍କୁ ଏହି ଖବରକାଗଜ ମାଧ୍ୟମରେ ସୂଚିତ କରାଯାଉଅଛି କି ଆପଣ ଖବର ପ୍ରକାଶିତ ହେବାର ୦୭ ଦିନ ମଧ୍ୟରେ ନିମ୍ନ ସ୍ୱାକ୍ଷରକାରୀଙ୍କ କାର୍ଯ୍ୟାଳୟରେ ଯୋଗଦାନ କରନ୍ତୁ। ଯଦି ୦୭ ଦିନ ମଧ୍ୟରେ ଆପଣ ଯୋଗଦାନ କରି ସହଯୋଗ ନ କରନ୍ତି, ତେବେ ଏ ବିଷୟରେ ଆପଣଙ୍କର କିଛି କହିବାର ନାହିଁ ଧରାଯାଇ କେବଳ ଏକତରଫା ଭାବରେ ବିଭାଗୀୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

**ସ୍ୱା./- ଦୁର୍ଗପତି, ୮ମ ସ୍ୱତନ୍ତ୍ର ଭାରତୀୟ ସଂରକ୍ଷିତ ବାହିନୀ, ଭଞ୍ଜନଗର**
OIPR-12029/11/0010/2122

ଧରିତ୍ରୀ
DHARITRI
ମଙ୍ଗଳବାର, ୧ ଜୁନ୍, ୨୦୨୧



## ସଂକ୍ଷେପରେ

### ଉନ୍ନୟନ କାର୍ଯ୍ୟର ସମୀକ୍ଷା

**ଢେଙ୍କାନାଳ ଅଫିସ,୩୧।୫:** ଢେଙ୍କାନାଳ ସର୍କିଟ ହାଉସଠାରେ ସୋମବାର ଏମ୍‌ପି ମହେଶ ସାହୁ ଜିଲାରେ କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ବିଭାଗର ଉନ୍ନୟନମୂଳକ କାର୍ଯ୍ୟର ସମୀକ୍ଷା କରିଛନ୍ତି। ଏସବୁ କାର୍ଯ୍ୟକ୍ରମର ଅଗ୍ରଗତି ସମ୍ପର୍କରେ ପ୍ରତି ମାସରେ ସବିଶେଷ ରିପୋର୍ଟ ଦେବାକୁ ସେ ଉପସ୍ଥିତ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ପୌରାଞ୍ଚଳରେ ବିଦ୍ୟୁତ୍ ସରବରାହକୁ ବ୍ୟବସ୍ଥିତ କରି ନିରବଚ୍ଛିନ୍ନ ବିଦ୍ୟୁତ୍ ଯୋଗାଣ ଉପରେ ଗୁରୁତ୍ୱ ପ୍ରଦାନ କରାଯାଇଥିଲା। ବର୍ଷା ଋତୁରେ ଟାଉନ ପ୍ଲାନିଂ ଅଞ୍ଚଳରେ ପାଣି ଜମାହୋଇ ଅସ୍ୱାସ୍ଥ୍ୟକର ପରିବେଶ ସୃଷ୍ଟି ହେଉଥିବାରୁ ତୁରନ୍ତ ନାଳ, ନର୍ଦ୍ଦମା ସଫା କରି ଜଳ ନିଷ୍କାସନ ବ୍ୟବସ୍ଥା କରିବାକୁ ପୌର ନିର୍ବାହୀ ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା। ସର୍ବସାଧାରଣ ରାସ୍ତା ଓ ନାଳକୁ ଅବରୋଧ କରୁଥିବା ବ୍ୟକ୍ତିଙ୍କ ବିରୋଧରେ ମଧ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ପରାମର୍ଶ ଦିଆଯାଇଥିଲା। ଏହି ସମୀକ୍ଷା ବୈଠକରେ ଜିଲାପାଳ ଭୂମେଶ ଚନ୍ଦ୍ର ବେହେରା ଉପସ୍ଥିତ ରହି ଜିଲାରେ ହେଉଥିବା ପ୍ରମୁଖ ଉନ୍ନୟନ କାର୍ଯ୍ୟକ୍ରମ ସମ୍ପର୍କରେ ଏମ୍‌ପିଙ୍କୁ ଅବଗତ କରାଇଥିଲେ। ବୈଠକରେ ବିଭିନ୍ନ ବିଭାଗର ଅଧିକାରୀମାନେ ଯୋଗ ଦେଇଥିଲେ।

### ଗାଡ଼ି ଧକ୍କାରେ ହରିଣ ମୃତ



**ଢେଙ୍କାନାଳ ଅଫିସ,୩୧।୫:** ଢେଙ୍କାନାଳ ଜିଲା ଷଡଙ୍ଗୀ ବନାଞ୍ଚଳ ଧନିଆନାଳି ଜଙ୍ଗଲ ନିକଟସ୍ଥ ରାସ୍ତାରେ ରବିବାର ଅପରାହ୍ନରେ ଗାଡି ଧକ୍କାରେ ଏକ ହରିଣର ମୃତ୍ୟୁ ହୋଇଛି। ହରିଣଟି ରାସ୍ତା ପାର ହେଉଥିବାବେଳେ ଉକ୍ତ ଗାଡି ଧକ୍କା ଦେଇଥିଲା। ଖବରପାଇ ଷଡଙ୍ଗୀ ବନପାଳ ଚିନ୍ମୟ କୁମାର ସାହୁ, ବନାଞ୍ଚଳ ଅଧିକାରୀ ଚନ୍ଦ୍ରମଣି ବେହେରା ପ୍ରମୁଖ ପହଞ୍ଚି ହରିଣର ମୃତଦେହ ବ୍ୟବଚ୍ଛେଦ ବ୍ୟବସ୍ଥା କରିଥିଲେ। ହରିଣର ଆନୁମାନିକ ବୟସ ୧୦ବର୍ଷ ହେବ ବୋଲି ଜଣାପଡିଛି।

### ମରଣାନ୍ତକ ଆକ୍ରମଣ, ୪ ଆହତ

**ପରଜଙ୍ଗ,୩୧।୫(ଡି.ଏନ.ଏ.):** ପରଜଙ୍ଗ ଥାନା ସାଆନ୍ଦା ଫାଣ୍ଡି ପାଣିଗେଙ୍ଗୁଟିଆ ଗ୍ରାମରେ ଘର ଭାଗବଣ୍ଟାକୁ କେନ୍ଦ୍ରକରି ଗଣ୍ଡଗୋଳ ହୋଇଛି। ଏଥିରେ ୪ ଜଣ ଆହତ ହୋଇଛନ୍ତି। ଘଟଣାରୁ ଜଣାପଡ଼ିଛି, ଭଜମନ ନାୟକ (୫୫) ଓ ତାଙ୍କ ସ୍ତ୍ରୀ ଦୁହିତା ନାୟକ (୫୦) ପୁଅ ବୋହୂଙ୍କଠାରୁ ଅଲଗା ରହୁଥିଲେ। ସୋମବାର ସକାଳେ ସାନ ପୁଅ ଅନ୍ତର୍ଯ୍ୟାମୀ ତାଙ୍କ ସ୍ତ୍ରୀ ରୋଜାଲିନ ଘର ଭାଗବଣ୍ଟାକୁ ନେଇ ବାପା ଭଜମନଙ୍କ ସହିତ ବଚସା କରିଥିଲେ। ଏ ସମ୍ପର୍କରେ ଭଜମନ ଓ ତାଙ୍କ ସ୍ତ୍ରୀ ସାଆନ୍ଦା ଫାଣ୍ଡିରେ ଅଭିଯୋଗ କରିଥିଲେ। ପରେ ସାନ ପୁଅ ଓ ତାଙ୍କ ଶଶୁର ଘର ଲୋକେ ଭଜମନଙ୍କ ସହ ଗଣ୍ଡଗୋଳ କରିଥିଲେ। ଏଥିରେ ଉଭୟ ପକ୍ଷରୁ ୪ ଜଣ ଆହତ ହୋଇଥିଲେ। ଦୁହିତାଙ୍କ ମୁଣ୍ଡରେ ଆଘାତ ଲାଗିଥିବାରୁ ତାଙ୍କୁ ଅନୁଗୋଳ ଜିଲା ମୁଖ୍ୟ ଚିକିତ୍ସାଳୟ ପଠାଯାଇଛି। ଏ ନେଇ ଉଭୟ ପକ୍ଷ ସାଆନ୍ଦା ଫାଣ୍ଡିକୁ ଅବଗତ କରିଛନ୍ତି। ଫାଣ୍ଡି ଅଧିକାରୀ ଘଟଣାର ତଦନ୍ତ ଚଳାଇଛନ୍ତି।

### ନାଳରେ ପଡ଼ିଛି ମୃତଦେହ

**ପରଜଙ୍ଗ,୩୧।୫(ଡି.ଏନ.ଏ.):** ପରଜଙ୍ଗ ଥାନା ୫୩ନଂ ଜାତୀୟ ରାଜପଥର ବଡଝରା ଓ ମୁକ୍ତାପଶି ମଧଭାଗରେ ଥିବା ଏକ ନାଳରେ ଜଣେ ଅଜଣା ବ୍ୟକ୍ତିଙ୍କ ମୃତଦେହ ପଡ଼ିଥିବା ସୋମବାର ଦେଖିବାକୁ ମିଳିଛି। ମୃତଦେହ ପାଣିରେ ଭାସୁଥିବା ଦେଖି ସ୍ଥାନୀୟ ଲୋକେ ପୋଲିସକୁ ଖବର ଦେଇଥିଲେ। ମୃତ ବ୍ୟକ୍ତିଙ୍କ ପରିଚୟ ଜଣାପଡ଼ି ନାହିଁ।

### ୨ ଗାଁ କଣ୍ଟେନମେଣ୍ଟ ଜୋନ

**କାମାକ୍ଷାନଗର,୩୧।୫(ଡି.ଏନ.ଏ.):** ଢେଙ୍କାନାଳ ଜିଲା କାମାକ୍ଷାନଗର ବ୍ଲକ ବାଲିଗୋରଡ ଏବଂ ଖଟଖୁରା ଗ୍ରାମକୁ ଆସନ୍ତା ୭ ତାରିଖ ସକାଳ ୭ଟା ପର୍ଯ୍ୟନ୍ତ କଣ୍ଟେନମେଣ୍ଟ ଜୋନ ଭାବେ ଘୋଷଣା କରାଯାଇଛି। ଜିଲାପାଳଙ୍କ ନିର୍ଦ୍ଦେଶକ୍ରମେ ଏପରି ପଦକ୍ଷେପ ନିଆଯାଇଛି। ରବିବାର କାମାକ୍ଷାନଗର ବ୍ଲକରୁ ୯୪ ଓ ଏନ୍‌ଏସିରୁ ୧୦ ଜଣ କରୋନା ସଂକ୍ରମିତ ଚିହ୍ନଟ ହୋଇଥିଲେ। ଚିହ୍ନଟଙ୍କ ମଧ୍ୟରୁ ବାଲିଗୋରଡ ଗ୍ରାମରୁ ୩୯ ଜଣ ଓ ଖଟଖୁରା ଗ୍ରାମରୁ ୧୧ ଜଣ ରହିଛନ୍ତି।

# କଟକଣା କଡ଼ାକଡ଼ି ଉପରେ ଗୁରୁତ୍ୱ

**କୋଭିଡ୍ ସମୀକ୍ଷା ବୈଠକ**

**ଢେଙ୍କାନାଳ ଅଫିସ,୩୧।୫**



କୋଭିଡ୍ ସମୀକ୍ଷା ବୈଠକରେ ଜିଲାପାଳଙ୍କ ସହ ଉପସ୍ଥିତ ଅନ୍ୟ ଅଧିକାରୀମାନେ।

ଢେଙ୍କାନାଳ ଜିଲା କାର୍ଯ୍ୟାଳୟ ଓସୱାନ ହଲଠାରେ ସୋମବାର ଜିଲାପାଳ ଭୂମେଶ ଚନ୍ଦ୍ର ବେହେରା କୋଭିଡ୍ ସ୍ଥିତି ସମ୍ପର୍କରେ ଭିଡିଓ କନଫରେନ୍ସରେ ସମୀକ୍ଷା କରିଛନ୍ତି। ଏଥିରେ ସମସ୍ତ ଉପଜିଲାପାଳ, ଉପଖଣ୍ଡ ଚିକିତ୍ସାଧିକାରୀ, ବିଡିଓ, ତହସିଲଦାର, ନିର୍ବାହୀ ଅଧିକାରୀ, ସମାଜ ମଙ୍ଗଳ ଅଧିକାରୀ ଓ ସିଡିପିଓମାନେ ଯୋଗ ଦେଇଥିଲେ।

ଜିଲାର ଗ୍ରାମାଞ୍ଚଳରେ କରୋନା ସଂକ୍ରମଣ ବଢୁଥିବାରୁ ଚଳିତ ସପ୍ତାହରେ ଆଶା, ଅଙ୍ଗନୱାଡି, ସ୍ୱାସ୍ଥ୍ୟକର୍ମୀ ଓ ସରପଞ୍ଚମାନେ ସଜାଗ ରହି ଲୋକମାନଙ୍କୁ ଅଧିକ ସଚେତନ କରିବାକୁ ଜିଲାପାଳ ପରାମର୍ଶ ଦେଇଥିଲେ। ବିବାହ, ବ୍ରତ କାର୍ଯ୍ୟକ୍ରମ ଆଦିରେ ସର୍ବାଧିକ ୨୫ଜଣ ଓ ଶୁଦ୍ଧିକ୍ରିୟାରେ ୨୦ଜଣ ସାମିଲ ହେବା ସହିତ କୌଣସି ପ୍ରକାର ଭୋଜିଭାତକୁ ବାରଣ କରାଯାଇଛି। ଗ୍ରାମାଞ୍ଚଳରେ ଖେଳକୁଦ ଓ ଜନ ସମାଗମକୁ ମଧ ବାରଣ କରାଯାଇଛି। ଏଥିରେ ଖିଲାପ ହେଲେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଜିଲାପାଳ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଦ୍ୱିତୀୟ ଲହରରେ ସଂକ୍ରମଣ ହାର ଅଧିକ ରହୁବାରୁ କୋଭିଡ୍ ପ୍ରୋଟୋକଲ କଡାକଡି ଭାବେ ପାଳନ କରିବାକୁ ଜିଲାପାଳ ନିର୍ଦ୍ଦେଶ ଦେଇଥିଲେ। ସ୍ୱାସ୍ଥ୍ୟ କର୍ମୀମାନେ ଘର ଘର ବୁଲି ସନ୍ଦେହ ଥିବା ଲୋକଙ୍କ ଟେଷ୍ଟିଂ କରିବାକୁ ପରାମର୍ଶ ଦେଇଥିଲେ। ହୋମ୍ ଆଇସୋଲେଶନରେ ଥିବା କରୋନା ରୋଗୀଙ୍କ ସହ ଯୋଗାଯୋଗ ରଖିବା ଓ ଅଧିକ ଗୁରୁତର ହେଲେ ସେମାନଙ୍କୁ କୋଭିଡ୍ କେୟାର ସେଣ୍ଟର ଏବଂ କୋଭିଡ୍ ହସ୍ପିଟାଲକୁ ତୁରନ୍ତ ସ୍ଥାନାନ୍ତର କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଏହାର ସଫଳ ମୁକାବିଲା ନିମନ୍ତେ ତହସିଲଦାର, ବିଡିଓ, ସିଡିପିଓମାନଙ୍କ ସମନ୍ୱୟକୁ ଅଧିକ କ୍ରିୟାଶୀଳ କରିବାକୁ ଜିଲାପାଳ ପରାମର୍ଶ ଦେଇଥିଲେ। ଏହି ସମୀକ୍ଷା ବୈଠକରେ ଅତିରିକ୍ତ ଜିଲାପାଳ ଶଶାଙ୍କଶେଖର ଦାଶ, ପିଡି ଡିଆରଡିଏ ନରୋତ୍ତମ ବେହେରା, ସଦର ଉପଜିଲାପାଳ ସାଫଲ୍ୟ ମଣ୍ଡିତ ପ୍ରଧାନ, ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ସୁଜାତାରାଣୀ ମିଶ୍ର, ଅତିରିକ୍ତ ଜିଲା ଚିକିତ୍ସାଧିକାରୀ ଡା. ଜ୍ୟୋତିଷ ଚନ୍ଦ୍ର ମହାପାତ୍ର, ଆପାତକାଳୀନ ଅଧିକାରୀ ଶଶାଙ୍କ ଶେଖର ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।

# ପୋଲିସ କଲା ରାଜପଥ ମରାମତି

**କାମାକ୍ଷାନଗର,୩୧।୫(ଡି.ଏନ.ଏ.)**

ମହାମାରୀ ସମୟରେ ଆଗଧାଡ଼ିର ଯୋଦ୍ଧା ଭାବେ ଦିନରାତି କାର୍ଯ୍ୟ କରୁଥିବା ପୋଲିସ ରାଜପଥ ମରାମତି ପରି କାର୍ଯ୍ୟ କରି ବେଶ୍ ପ୍ରଶଂସା ସାଉଣ୍ଟିଛି। ଏହି ପ୍ରଶଂସନୀୟ କାର୍ଯ୍ୟ କରିଛନ୍ତି ଢେଙ୍କାନାଳ ଜିଲା କାମାକ୍ଷାନଗର ଥାନାର କର୍ମଚାରୀମାନେ।

ପ୍ରକାଶ ଯେ, କାମାକ୍ଷାନଗର ସହର ଦେଇ ଯାଇଥିବା ୫୩ ନଂ ଜାତୀୟ ରାଜପଥରେ ଦୀର୍ଘଦିନ ହେବ ବଡ଼ ବଡ଼ ଖାଲଖମା ସୃଷ୍ଟି ହୋଇଥିଲା। ବିଭାଗୀୟ କର୍ତ୍ତୃପକ୍ଷ ଏହାର ମରାମତି କରୁ ନ ଥିବାରୁ ଯାତାୟାତ କରୁଥିବା ଲୋକେ ଅସୁବିଧାର ସମ୍ମୁଖୀନ ହେଉଥିଲେ। ଅନେକ ସମୟରେ ଏଠାରେ ଦୁର୍ଘଟଣା ମଧ ଘଟୁଥିଲା। ତେଣୁ ଜନସାଧାରଣଙ୍କ ଏହି ଅସୁବିଧା ଦୂର କରିବାକୁ ଥାନା ଅଧିକାରୀଙ୍କ ସହ କର୍ମଚାରୀମାନେ ମନ ବଳାଇଥିଲେ। ସେମାନେ ଏକ କମ୍ପାନୀଠାରୁ ମରାମତିରେ ବ୍ୟବହୃତ ସାମଗ୍ରୀ ସଂଗ୍ରହ କରି ସହର ରାସ୍ତାରେ ଥିବା ଖାଲଖମା ମରାମତି କରିଥିଲେ। କାମାକ୍ଷାନଗର ଥାନା ଅଧିକାରୀ ଅଭିନବ ଡାଲୁଆଙ୍କ ସହ କର୍ମଚାରୀ ଅରବିନ୍ଦ ମଲ୍ଲିକ, ପ୍ରମୋଦ ଖୁଣ୍ଟିଆ, ବିଭୂତି ପ୍ରଧାନ, ସଞ୍ଜୟ ଦେହୁରୀ, ନିରାକାର ନାୟକ, ଭୀମସେନ ସିଂହ, ସୁଦାମ ସାହୁ, ହର ଗୋବିନ୍ଦ ପାଳ ପ୍ରମୁଖ ଏହି କାର୍ଯ୍ୟରେ ସହଯୋଗ କରିଥିଲେ। ଏ ସମ୍ପର୍କରେ ଥାନା ଅଧିକାରୀ ଡାଲୁଆ କହିଛନ୍ତି, ରାସ୍ତା ମରାମତି ନିମନ୍ତେ ବିଭାଗୀୟ କର୍ତ୍ତୃପକ୍ଷଙ୍କ ବାରମ୍ବାର ଦୃଷ୍ଟି ଆକର୍ଷଣ ସତ୍ତ୍ୱେ ପଦକ୍ଷେପ ନିଆଗଲା ନାହିଁ। ତେଣୁ ଲୋକଙ୍କ ହିତକୁ ଦୃଷ୍ଟିରେ ରଖି ଥାନା କର୍ମଚାରୀମାନେ ଖାଲଖମା ମରାମତି କରିଥିଲେ।



କାମାକ୍ଷାନଗର ଥାନା କର୍ମଚାରୀମାନେ ହନୁମାନ ମନ୍ଦିର ସମ୍ମୁଖ ରାସ୍ତା ମରାମତି କରୁଛନ୍ତି।

# ଢେଙ୍କାନାଳରୁ ୪୦୭ ଚିହ୍ନଟ

**ଢେଙ୍କାନାଳ ଅଫିସ,୩୧।୫**

ଢେଙ୍କାନାଳ ଜିଲାରୁ ସୋମବାର ୪୦୭ ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଥିବାବେଳେ ଦିନକରେ ଜିଲାରୁ ୧୨୦ ଜଣ କୋଭିଡ୍‌ରୁ ସୁସ୍ଥ ହୋଇଛନ୍ତି। ନୂଆ ସଂକ୍ରମିତଙ୍କ ମଧ୍ୟରୁ କାମାକ୍ଷାନଗର ବ୍ଲକରୁ ୯୩, ଭୁବନ ବ୍ଲକରୁ ୮୧, ଓଡାପଡା ବ୍ଲକରୁ ୭୦, ଢେଙ୍କାନାଳ ପୌରାଞ୍ଚଳରୁ ୫୭, ସଦର ବ୍ଲକରୁ ୪୮, ହିନ୍ଦୋଳ ବ୍ଲକରୁ ୧୪, କାମାକ୍ଷାନଗର ଏନଏସିରୁ ୧୨, ଗଁଦିଆ ବ୍ଲକରୁ ୧୧, ହିନ୍ଦୋଳ ଏନ୍‌ଏସିରୁ ୯, ପରଜଙ୍ଗ ବ୍ଲକରୁ ୪, କଙ୍କଡାହାଡ ବ୍ଲକରୁ ୪ ଏବଂ ଅନ୍ୟ ଚିକିତ୍ସାଳୟରୁ ୪ଜଣ ଚିହ୍ନଟ ହୋଇଛନ୍ତି। ଏ ପର୍ଯ୍ୟନ୍ତ ଜିଲାରେ ମୋଟ୍ ୨ ଲକ୍ଷ ୯୦ ହଜାର ୪୮୫ ଜଣଙ୍କ ଟେଷ୍ଟିଂ କରାଯାଇ ୧୨ ହଜାର ୮୮୨ ପଜିଟିଭ୍‌ଙ୍କୁ ଚିହ୍ନଟ କରାଯାଇଛି। ସେହିପରି ଜିଲାରୁ ମୋଟ୍ ୯ ହଜାର ୨୨୮ ଜଣ କରୋନାରୁ ସୁସ୍ଥ ହୋଇସାରିଛନ୍ତି। ବର୍ତ୍ତମାନ ସୁଦ୍ଧା ୩୬୧୮ ଜଣ ଚିକିତ୍ସାଧୀନ ଅଛନ୍ତି। ୩୬ଜଣଙ୍କ ମୃତ୍ୟୁ ହୋଇଥିବା ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି।

ଅନ୍ୟପକ୍ଷରେ ଜିଲାପାଳ ଭୂମେଶ ଚନ୍ଦ୍ର ବେହେରାଙ୍କ ନିର୍ଦ୍ଦେଶରେ ପ୍ରଶାସନ ପକ୍ଷରୁ ଢେଙ୍କାନାଳ ପୌରାଞ୍ଚଳ ୱାର୍ଡ ନଂ. ୭ ୱାର୍ଡ ଦେଉଳସାହି ଅଞ୍ଚଳ, ଭୁବନ ବ୍ଲକର ମୁରୁଗା ଗ୍ରାମ, ଓଡାପଡା ବ୍ଲକର ଘଟିପିରି, ଓସ୍ତପାଳ ଓ ବୃନ୍ଦାବନପୁର ଗ୍ରାମକୁ ୩୧ ତାରିଖରୁ ଜୁନ ୭ ପର୍ଯ୍ୟନ୍ତ ଏବଂ ହିନ୍ଦୋଳ ବ୍ଲକ ଗାଲପଡା ପଞ୍ଚାୟତ ନିମବାହାଲୀ ଗ୍ରାମକୁ ମେ ୨୯ରୁ ଜୁନ୍ ୫ ପର୍ଯ୍ୟନ୍ତ ମାଇକ୍ରୋ କଣ୍ଟେନମେଣ୍ଟ ଜୋନ୍ ଘୋଷଣା କରାଯାଇଛି । ଏହି ସମୟ ମଧରେ ଅତ୍ୟାବଶ୍ୟକ ସେବା ଯୋଗାଣ ଜାରି ରହିବା ସହିତ କୋଭିଡ୍ କଟକଣାକୁ କଡାକଡି ଭାବେ ପାଳନ କରାଯିବ ବୋଲି ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି।

# ସ୍ୱାସ୍ଥ୍ୟବୀମା ପାଇଁ ଦରଖାସ୍ତ ଆହ୍ୱାନ

**ଢେଙ୍କାନାଳ ଅଫିସ,୩୧।୫**

ରାଜ୍ୟ ସରକାରଙ୍କ ଗୋପବନ୍ଧୁ ସ୍ୱାସ୍ଥ୍ୟବୀମା ଯୋଜନାରେ ୨୦୨୧-୨୨ ବର୍ଷ ନିମନ୍ତେ ଅନ୍ତର୍ଭୁକ୍ତ ହେବା ପାଇଁ କାର୍ଯ୍ୟରତ ଖବରଦାତାମାନଙ୍କଠାରୁ ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ସୋମବାର ଦରଖାସ୍ତ ଆହ୍ୱାନ କରାଯାଇଛି। ଏହି ବୀମା ଯୋଜନାରେ ଅନ୍ତର୍ଭୁକ୍ତ ହେବା ପାଇଁ ସ୍ୱୀକୃତିପ୍ରାପ୍ତ ଛାପା, ବୈଦ୍ୟୁତିକ ଏବଂ ୱେବ୍ ଗଣମାଧ୍ୟମର ପ୍ରତିନିଧିମାନେ ନିର୍ଦ୍ଧାରିତ ଫର୍ମରେ ସମସ୍ତ ତଥ୍ୟ ଉପଯୁକ୍ତ ଭାବେ ପୂରଣ କରିବା ସହ ନିଜ ନିଯୁକ୍ତିପତ୍ର, ପ୍ରେସ୍ ପରିଚୟପତ୍ର ଏବଂ ପତ୍ନୀ ଓ ସନ୍ତାନମାନଙ୍କ ବୟସ ସମ୍ପର୍କିତ ପ୍ରମାଣପତ୍ର ସଲଗ୍ନ କରି ସୂଚନା ଓ ଲୋକ ସମ୍ପର୍କ କାର୍ଯ୍ୟାଳୟରେ ଆସନ୍ତା ୭ ତାରିଖ ସୁଦ୍ଧା ଦାଖଲ କରିବା ପାଇଁ ବିଭାଗ ପକ୍ଷରୁ ପ୍ରେସ୍ ବିଜ୍ଞପ୍ତି ମାଧ୍ୟମରେ ଜଣାଇ ଦିଆଯାଇଛି ।

# ଅଗଷ୍ଟ ୨୩ ଯାଏ କରୋନା ଯାଞ୍ଚ ଅଭିଯାନ



କରୋନା ଯାଞ୍ଚରେ ସାମିଲ କର୍ମଚାରୀମାନେ।

**ଢେଙ୍କାନାଳ ଅଫିସ,୩୧।୫**

ଢେଙ୍କାନାଳ ଜିଲା ଗଁଦିଆ ବ୍ଲକରେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ କରୋନା ଯାଞ୍ଚ ଅଭିଯାନ କାର୍ଯ୍ୟକ୍ରମ ମେ ୨୪ରୁ ଆରମ୍ଭ ହୋଇଛି। ଏହି ଅଭିଯାନ ଅଗଷ୍ଟ ୨୩ ତାରିଖ ପର୍ଯ୍ୟନ୍ତ ଚାଲିବ। କରୋନା ମୁକାବିଲା ପାଇଁ ଘରେ ରହୁଥିବା ରୋଗୀଙ୍କ ସ୍ୱାସ୍ଥ୍ୟାବସ୍ଥା ଯାଞ୍ଚ, ଜ୍ୱର ପରୀକ୍ଷା, କୋଭିଡ୍ ରୋଗୀଙ୍କୁ ଚିହ୍ନଟ, ଔଷଧ ପ୍ରଦାନ ଏବଂ ଆବଶ୍ୟକ ପଡିଲେ ଡାକ୍ତରଖାନା ପଠାଇବା, ଠିକ୍ ସମୟରେ କୋଭିଡ୍ ଟିକାର ଦ୍ୱିତୀୟ ମାତ୍ରା ନେଇ ସୂଚନା ଓ ସହାୟତା ପ୍ରଦାନ କରିବା ସମ୍ପର୍କରେ ମଧ ସଚେତନ କରାଯାଉଛି। ଆଶା ଏବଂ ଅଙ୍ଗନୱାଡି କର୍ମୀମାନେ ଏହି ଅଭିଯାନରେ ସାମିଲ ହୋଇ ଘରକୁ ଘର ବୁଲି ଯାଞ୍ଚ କରୁଛନ୍ତି। ବ୍ଲକର ୫ଟି ସେକ୍ଟରରେ ସୁପରଭାଇଜର ସନ୍ତୋଷ କୁମାର ବିହାରୀ, ଶ୍ରୀକାନ୍ତ କୁମାର ସାହୁ, ବିପିନ ବିହାରୀ ସେଠୀ ଓ ପ୍ରିୟମ୍ବଦା ମିଶ୍ରଙ୍କ ସମେତ ୧୪୯ଜଣ ଆଶା ଏବଂ ୨୬୭ ଅଙ୍ଗନୱାଡି କର୍ମୀ, ଏଏନ୍‌ଏମ୍ ସାମିଲ ହୋଇଛନ୍ତି। ସ୍ୱାସ୍ଥ୍ୟ ଅଧିକାରୀ ସ୍ଥିତପ୍ରଜ୍ଞ ମହାନ୍ତି ଓ ବ୍ଲକ ପ୍ରୋଗ୍ରାମ ମ୍ୟାନେଜର ପ୍ରିୟଦର୍ଶନୀ ସାହୁଙ୍କ ନେତୃତ୍ୱରେ ଏହି ଅଭିଯାନରେ ସିଡିପିଓ ଊର୍ମିଳା ଦେହୁରୀ, ବିଭାଗୀୟ ଅଧିକାରୀମାନେ ସହଯୋଗ କରୁଛନ୍ତି। ଏ ସମ୍ପର୍କରେ ଗଁଦିଆ ସ୍ୱାସ୍ଥ୍ୟ ଅଧିକାରୀ ସ୍ଥିତପ୍ରଜ୍ଞ ମହାନ୍ତି କୁହନ୍ତି, ଆଶା ଓ ଅଙ୍ଗନୱାଡି କର୍ମୀମାନେ ଏହି ଅଭିଯାନରେ ସାମିଲ ହୋଇ ଘରକୁ ଘର ବୁଲି ଲୋକମାନଙ୍କ ସ୍ୱାସ୍ଥ୍ୟାବସ୍ଥା ଯାଞ୍ଚ କରୁଛନ୍ତି। କୌଣସି ପ୍ରକାର ଦ୍ୱିଧା ନ କରି ଜନସାଧାରଣ ସହଯୋଗ କରିବାକୁ ଅନୁରୋଧ କରୁଛୁ।

# ଶିକାରୀ ଗିରଫ, ବନ୍ଧୁକ ଜବତ



ଗିରଫ ଶିକାରୀଙ୍କ ସହ ବନ ବିଭାଗ କର୍ମଚାରୀମାନେ।

**କଣିହାଁ,୩୧।୫(ଡି.ଏନ.ଏ.)**

ଅନୁଗୋଳ ଜିଲା କଣିହାଁ ବନାଞ୍ଚଳ ତରଫରୁ ସୋମବାର ଜଣେ ଶିକାରୀଙ୍କୁ ଗିରଫ କରାଯାଇ କୋର୍ଟଚାଲାଣ କରାଯାଇଛି। ରେଞ୍ଜ ଅଫିସର ନୀଳମଣି ଦେହୁରି କହିଛନ୍ତି, କଣିହାଁ ଥାନା ବଡତ୍ରିବିଡା ପଞ୍ଚାୟତ ବରିହାପୁର ଗ୍ରାମର ସୁଦାମ ସାହୁ(୪୫)ଙ୍କ ନାମରେ ପୂର୍ବରୁ ବନ୍ୟପ୍ରାଣୀ ଶିକାର କରିବା ନେଇ ମାମଲା ରହିଥିଲା। ସେ ରବିବାର ରାତିରେ ଦେଶୀ ବନ୍ଧୁକ ଧରି ଶିକାର ପାଇଁ ବଡ଼କାଠିଆ ସଂରକ୍ଷିତ ଜଙ୍ଗଲକୁ ଯାଇଥିବା ଖବର ମିଳିଥିଲା। ସୋମବାର ସେ ଫେରୁଥିବାବେଳେ ପୂର୍ବରୁ ଜଗି ରହିଥିବା ବନ କର୍ମଚାରୀମାନେ ତାଙ୍କୁ କାବୁ କରିଥିଲେ। ତାଙ୍କଠାରୁ ଗୁଳି ଭର୍ତ୍ତି ବନ୍ଧୁକ ଜବତ କରାଯାଇଛି। ଏ ନେଇ ଏକ ମାମଲା ରୁଜୁ ହୋଇଛି।

# ଭାଗୀରଥି ସାଗର ସଫେଇ

**ଢେଙ୍କାନାଳ ଅଫିସ,୩୧।୫**

ଢେଙ୍କାନାଳ ସହର ସ୍ୱେଚ୍ଛାସେବୀ ଅନୁଷ୍ଠାନ ଗୁରୁଦେବଜୀ ଫାଉଣ୍ଡେଶନ ପକ୍ଷରୁ ଭାଗୀରଥି ସାଗର ନୂଆ ପୋଖରୀ ସଫେଇ କାର୍ଯ୍ୟକ୍ରମ ସୋମବାର ହାତକୁ ନିଆଯାଇଥିଲା। ଦଳ, ଅଳିଆ ଆବର୍ଜନା ଯୋଗୁ ପୋଖରୀର ସୌନ୍ଦର୍ଯ୍ୟ ନଷ୍ଟ ହେବାକୁ ବସିଲାଣି। ଏହାର ରକ୍ଷଣାବେକ୍ଷଣ ହେଉ ନ ଥିବାରୁ ଏହି ଐତିହାସିକ ପୋଖରୀଟି ପୋତିହୋଇ ପଡୁଛି। ଗୁରୁଦେବଜୀ ଫାଉଣ୍ଡେଶନ ଅଧକ୍ଷ ସୌମ୍ୟବ୍ରତ ସାହୁ, ସଦସ୍ୟ ଇନ୍ଦ୍ରଜିତ ସାହୁ, ଅମିତାଭ ପ୍ରଧାନ ଓ ସଦସ୍ୟମାନେ ଏକାଠି ହୋଇ ପୋଖରୀର ମଙ୍ଗଳା ମନ୍ଦିର ପାର୍ଶ୍ୱରେ ପଡି ରହିଥିବା ଅଳିଆ, ଆବର୍ଜନା, ପଲିଥିନ, ଜରି, ବସ୍ତା, କାଚ, ବୋତଲ, ଆଦି ସଫା କରିଥିଲେ। ପୋଖରୀକୁ ସମ୍ପୂର୍ଣ୍ଣ ଭାବେ ସଫା କରି ଏହାର ସୌନ୍ଦର୍ଯ୍ୟ ବୃଦ୍ଧି କରିବାକୁ ଆହ୍ୱାନ ଦେବା ସହିତ ଅଳିଆ ଆବର୍ଜନା ନ ପକାଇବା ପାଇଁ ଅଞ୍ଚଳବାସୀଙ୍କୁ ନିବେଦନ କରାଯାଇଥିବା ଅନୁଷ୍ଠାନ ପକ୍ଷରୁ ସୂଚନା ଦିଆଯାଇଛି।

# ୧୧ ଅସହାୟ ଶିଶୁଙ୍କୁ ଥଇଥାନ

**ପାଲଲହଡ଼ା,୩୧।୫(ଡି.ଏନ.ଏ.)**

ଅନୁଗୋଳ ଜିଲା ଶିଶୁ ସୁରକ୍ଷା ଅଧିକାରୀ ଗୌରୀଶଙ୍କର ବେହେରା ରବିବାର ପାଲଲହଡ଼ା ବ୍ଲକର କୁଞ୍ଚାମ, କ୍ଷେମଳା ଓ ବଡିସୁଆ ପଞ୍ଚାୟତ ଗସ୍ତରେ ଆସି ମା'ବାପାଙ୍କୁ ହରାଇଥିବା ୧୧ ଶିଶୁଙ୍କ ଥଇଥାନ ବ୍ୟବସ୍ଥା କରିଥିଲେ। ଏଥିସହିତ ସମ୍ପୃକ୍ତ ଅସହାୟ ପରିବାର ନିକଟକୁ ଯାଇ ସେମାନଙ୍କୁ ସରକାରଙ୍କ ବିଭିନ୍ନ ଜନକଲ୍ୟାଣ ଯୋଜନାରେ ସାମିଲ କରିବାକୁ ପଦକ୍ଷେପ ନେଇଥିଲେ। ଅସହାୟ ପରିବାରଗୁଡ଼ିକର ହିତାଧିକାରୀଙ୍କୁ ଶୀଘ୍ର ବିଧବା ଭତ୍ତା, ଜାତିଗତ ପ୍ରମାଣପତ୍ର, ରାଶନକାର୍ଡ ଯୋଗାଇ ଦିଆଯିବ। ଏଥିସହ ଅନୁସୂଚିତ ଜାତି ଓ ଜନଜାତି ଶିଶୁମାନେ କିପରି ଆବାସିକ ବିଦ୍ୟାଳୟରେ ନାମ ଲେଖାଇ ପାରିବେ ସେ ନେଇ ପାଲଲହଡ଼ା ଉପଜିଲାପାଳ ଅଜିତ କୁମାର ପ୍ରଧାନଙ୍କ ସହିତ ଆଲୋଚନା କରିଥିଲେ। ଏହି ପରିଦର୍ଶନ ସମୟରେ ବିଭିନ୍ନ ପଞ୍ଚାୟତର ସରପଞ୍ଚ, ୱାର୍ଡ ମେମ୍ବର, ଅଙ୍ଗନୱାଡି କର୍ମୀମାନେ ଉପସ୍ଥିତ ଥିଲେ। ଅସହାୟ ଶିଶୁମାନଙ୍କ ଥଇଥାନ ପାଇଁ ସମାଜମଙ୍ଗଳ, ଶିକ୍ଷା ତଥା ସ୍ୱାସ୍ଥ୍ୟ ଅଧିକାରୀ ଏବଂ ପଞ୍ଚାୟତ ଅଧିକାରୀଙ୍କ ସହଯୋଗ ନିତାନ୍ତ ଆବଶ୍ୟକ ବୋଲି ବେହେରା ପ୍ରକାଶ କରିଥିଲେ।



ଏକ ଅସହାୟ ପରିବାର ନିକଟରେ ପହଞ୍ଚିଛନ୍ତି ଜିଲା ଶିଶୁ ସୁରକ୍ଷା ଅଧିକାରୀ।

# ଅକ୍ସିଜେନ ସିଲିଣ୍ଡର ପ୍ରଦାନ

**ବଇଣ୍ଡା,୩୧।୫(ଡି.ଏନ.ଏ.)**

କିଶୋରନଗର ବ୍ଲକ ବଇଣ୍ଡା ମେଡିକାଲକୁ ସୋମବାର ସାମାଜିକ କର୍ମୀ ରାମଗୋପାଲ ସାହା ୪ ଅକ୍ସିଜେନ ସିଲିଣ୍ଡର ପ୍ରଦାନ କରିଛନ୍ତି। ଅକ୍ସିଜେନ ଅଭାବରୁ ଅନେକେ କୋଭିଡ୍ ସଂକ୍ରମିତଙ୍କ ମୃତ୍ୟୁ ହେଉଛି। ତେଣୁ ବଇଣ୍ଡା ଅଞ୍ଚଳର ସଂକ୍ରମିତ ଯେପରି ଅକ୍ସିଜେନ ଅଭାବରୁ ବଞ୍ଚିତ ନ ହେବେ ତାହାକୁ ଦୃଷ୍ଟିରେ ରଖି ଏହି ଅକ୍ସିଜେନ ସିଲିଣ୍ଡର ପ୍ରଦାନ କରାଯାଇଛି। ବଇଣ୍ଡା ମେଡିକାଲରେ ଆୟୁଷ ଡାକ୍ତର ସରୋଜ କୁମାର ନନ୍ଦ, ବଇଣ୍ଡା ଫାଣ୍ଡି ଅଧିକାରୀ ଅରୁଣ କୁମାର ପଣ୍ଡା, ସରକାରୀ ଓକିଲ ପ୍ରତାପ କୁମାର ପ୍ରଧାନ, ଉଗ୍ରସେନ ସେଠୀ, ଦୁଷ୍ମନ୍ତ ଦେହୁରି, ମନୋଜ କୁମାର ପ୍ରଧାନଙ୍କ ଉପସ୍ଥିତିରେ ରାମଗୋପାଳଙ୍କ ପୁଅ ମହେଶ ସାହା ସିଲିଣ୍ଡରଗୁଡ଼ିକ ପ୍ରଦାନ କରିଥିଲେ।



ମେଡିକାଲକୁ ଅକ୍ସିଜେନ ସିଲିଣ୍ଡର ପ୍ରଦାନ କରାଯାଉଛି।

# ବିଦ୍ୟୁତ୍ କାଟ ନେଇ ପ୍ରତିବାଦ

**ଢେଙ୍କାନାଳ ଅଫିସ,୩୧।୫**

ଢେଙ୍କାନାଳ ଜିଲାରେ ବିଦ୍ୟୁତ୍ କାଟକୁ ନେଇ ଥିଙ୍କର୍ସ ଫୋରମ ପକ୍ଷରୁ ସୋମବାର ଟାଟା ପାୱାର କର୍ତ୍ତୃପକ୍ଷଙ୍କ ନିକଟରେ ପ୍ରତିବାଦ କରାଯାଇଛି। କିଛିଦିନ ହେବ କୌଣସି ସୂଚନା ନ ଦେଇ ବିନା କାରଣରେ ବାରମ୍ବାର ବିଜୁଳି କାଟ କରାଯିବା ଦ୍ୱାରା ଜନସାଧାରଣ ଅକଥନୀୟ ଦୁର୍ଦ୍ଦଶା ଭୋଗୁଛନ୍ତି। ଏହାକୁ ନେଇ ଜନଅସନ୍ତୋଷ ଦେଖାଦେଇଛି। ଏ ସମ୍ପର୍କରେ ବାରମ୍ବାର ଅଭିଯୋଗ ସତ୍ତ୍ୱେ ବିଭାଗୀୟ ଅଧିକାରୀମାନେ କର୍ଣ୍ଣପାତ କରୁନାହାନ୍ତି। ଟାଟା କମ୍ପାନୀର ଏହି ଅଘୋଷିତ ଏବଂ ମନମୁଖି କାର୍ଯ୍ୟକୁ ନେଇ ଜନସାଧାରଣ ଜିଲା ପ୍ରଶାସନକୁ ଅବଗତ କରାଉଥିଲେ ବି ପ୍ରଶାସନ ପଦକ୍ଷେପ ନ ହେବା ବୁଦ୍ଧିଜୀବୀ ମହଲରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଏହି ଅସୁବିଧାକୁ ନେଇ ଢେଙ୍କାନାଳ ଥିଙ୍କର୍ସ ଫୋରମ୍‌ର ବରିଷ୍ଠ ସଦସ୍ୟ ଆଇନ୍‌ଜୀବୀ ଦୀପକ ପ୍ରସାଦ ପଟ୍ଟନାୟକଙ୍କ ନେତୃତ୍ୱରେ ସଦସ୍ୟ ପ୍ରକାଶ ଚନ୍ଦ୍ର ରାଉତ, ପ୍ରତାପ ପଣ୍ଡା, ଭୋଜରାଜ ସାହୁ, ଦେବୀ ପ୍ରସାଦ ପାଣି, ବିନୋଦ ବିହାରୀ ମଲ୍ଲିକ, ବୈକୁଣ୍ଠ ନାଥ ଦ୍ୱିବେଦୀ ପ୍ରମୁଖ ଟାଟା ପାୱାର ନିର୍ବାହୀ ଅଧିକାରୀ ସତ୍ୟବ୍ରତ ମହାନ୍ତିଙ୍କୁ ସାକ୍ଷାତ କରି ଏହି ବିଦ୍ୟୁତ୍ କାଟର ପ୍ରତିବାଦ ଜଣାଇବା ସହିତ ତୁରନ୍ତ ସମାଧାନ ପାଇଁ ଦାବିପତ୍ର ପ୍ରଦାନ କରିଛନ୍ତି। ଆଗାମୀ ଦିନରେ ଯଦି ଏହି ସମସ୍ୟା ଦୂରୀଭୂତ କରା ନ ଯାଏ, ତେବେ ଥିଙ୍କର୍ସ ଫୋରମ୍ ପକ୍ଷରୁ ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରାଯିବ ବୋଲି ଫୋରମ ପକ୍ଷରୁ ଜଣାଇ ଦିଆଯାଇଛି।



ଥିଙ୍କର୍ସ ଫୋରମ ପକ୍ଷରୁ ଦାବିପତ୍ର ପ୍ରଦାନ ସହ ଆଲୋଚନା କରାଯାଉଛି।

## ଅର୍ଥ ବ୍ୟବସ୍ଥା ବେଶି କ୍ଷତିଗ୍ରସ୍ତ ହେବନି: ସିଇଏ

କରୋନାର ଦ୍ୱିତୀୟ ଲହର ଦେଶର ଅର୍ଥ ବ୍ୟବସ୍ଥା ଉପରେ ବେଶି ପ୍ରଭାବ ପକାଇବ ନାହିଁ ବୋଲି ସରକାରଙ୍କ ମୁଖ୍ୟ ଆର୍ଥିକ ପରାମର୍ଶଦାତା(ସିଇଏ) କେ.ଭି. ସୁବ୍ରମଣ୍ୟନ ସୋମବାର କହିଛନ୍ତି। ବର୍ତ୍ତମାନ ଔଦ୍ୟୋଗିକ ଉତ୍ପାଦନ ଏବଂ ଗ୍ରାମାଞ୍ଚଳ ଚାହିଦା କ୍ଷେତ୍ରରେ ଅଭିବୃଦ୍ଧି ଦେଖାଯାଇଥିବା ସେ ମତ ପ୍ରକାଶ କରିଛନ୍ତି।



## ଇପିଏଫ୍‌ଓର ଅଗ୍ରିମ ଉଠାଣ ସୁବିଧା

ନୂଆଦିଲ୍ଲୀ, ୩୧।୫: କୋଭିଡ ଦ୍ୱିତୀୟ ଲହରକୁ ନଜରରେ ରଖି କର୍ମଚାରୀ ଭବିଷ୍ୟନିଧି ପାଣ୍ଠି ସଙ୍ଗଠନ (ଇପିଏଫ୍‌ଓ) ପକ୍ଷରୁ ଏହାର ୫ କୋଟି ସଦସ୍ୟଙ୍କ ଲାଗି ଅଗ୍ରିମ ଉଠାଣ ସୁବିଧା କରାଯାଇଛି। ଏହା ଦ୍ୱିତୀୟ କୋଭିଡ ଆଡଭାନ୍ସ ବୋଲି ଜଣାପଡିଛି। ଲୋକମାନେ ବର୍ତ୍ତମାନ ବିଭିନ୍ନ ସମସ୍ୟା ଦେଇ ଗତି କରୁଥିବାରୁ ଏହାକୁ ଧ୍ୟାନରେ ରଖି ଭବିଷ୍ୟନିଧି ସଙ୍ଗଠନ ଏଭଳି ପଦକ୍ଷେପ ଗ୍ରହଣ କରିଛି। ସଦସ୍ୟ ମାନେ ଏହାକୁ ଆଉ ଫେରସ୍ତ କରିବାକୁ ପଡିବ ନାହିଁ। ଗତ ବର୍ଷ ଗରିବ କଲ୍ୟାଣ ଘୋଷଣା ସହ ଲୋକଙ୍କୁ ଇପିଏଫ୍‌ଓରୁ ଅଗ୍ରିମ ଉଠାଣ ସୁବିଧା କରାଯାଇଥିଲା। ୩ ମାସର ମୂଳ ବେତନ କିମ୍ବା ମହଙ୍ଗା ଭତ୍ତା ବା ଖାତାରେ ଜମା ଥିବା ରାଶିର ୩ ଚତୁର୍ଥାଂଶରୁ ଯାହା କମ୍ ହେବ ତାର ଉଠାଣ କରାଯାଇପାରିବ।

# ୯.୩% ସ୍ତରରେ ବିତ୍ତୀୟ ନିଅଣ୍ଟ

ନୂଆଦିଲ୍ଲୀ,୩୧।୫

ଆର୍ଥିକ ବର୍ଷ ୨୦୨୦-୨୧ରେ ବିତ୍ତୀୟ ନିଅଣ୍ଟ (ସରକାରଙ୍କ ଆୟ ଏବଂ ବ୍ୟୟ ମଧ୍ୟରେ ପାର୍ଥକ୍ୟ) ଦେଶର ମୋଟ ଘରୋଇ ଉତ୍ପାଦ(ଜିଡିପି)ର ୯.୩% ସ୍ତରରେ ରହିଛି। ବଜେଟ ସମୟରେ ଅର୍ଥ ମନ୍ତ୍ରଣାଳୟ କରିଥିବା ଧାର୍ଯ୍ୟ ଲକ୍ଷ୍ୟ ୯.୫% ଠାରୁ ଏହା ନିମ୍ନରେ ରହିଛି ବୋଲି ସିଜିଏ ଡାଟାରୁ ସାମ୍ନାକୁ ଆସିଛି। ୨୦୨୦-୨୧ ଲାଗି କେନ୍ଦ୍ର ସରକାରଙ୍କ ରାଜସ୍ୱ ବ୍ୟୟ ଡାଟାକୁ ଉନ୍ମୋଚନ କରି ସୋମବାର କଣ୍ଟ୍ରୋଲର ଜେନେରାଲ ଅଫ୍ ଆକାଉଣ୍ଟାଣ୍ଟସ(ସିଜିଏ) କହିଛନ୍ତି, ଆର୍ଥିକ ବର୍ଷ ଶେଷ ସୁଦ୍ଧା ରାଜସ୍ୱ ନିଅଣ୍ଟ ୭.୪୨% ସ୍ତରରେ ରହିଛି। ମୋଟାମୋଟି ଭାବେ କହିବାକୁ ଗଲେ ବିତ୍ତୀୟ ନିଅଣ୍ଟ ପରିମାଣ ୧୮.୨୧ ଲକ୍ଷ କୋଟି ଟଙ୍କା ରହିଛି।



ଚଳିତ ଆର୍ଥିକ ବର୍ଷରେ ବିତ୍ତୀୟ ନିଅଣ୍ଟ ଜିଡିପିର ୩.୫% ବା ୭.୯୬ ଲକ୍ଷ କୋଟି ଟଙ୍କା ରହିବ ବୋଲି ସରକାର ୨୦୨୦ ବଜେଟ ଉପସ୍ଥାପନ ସମୟରେ କହିଥିଲେ। ୨୦୨୧-୨୨ରେ ପରିବର୍ତ୍ତିତ ଧାର୍ଯ୍ୟ ଲକ୍ଷ୍ୟ ଅନୁସାରେ ଏହା ବିତ୍ତୀୟ ନିଅଣ୍ଟ ଅଧିକ ରହିବା ସହ ଜିଡିପିର ୯.୫% ବା ୧୮.୪୮ ଲକ୍ଷ କୋଟି ରହିବ ବୋଲି କୁହାଯାଇଥିଲା। କୋଭିଡ୍ ବ୍ୟାପିବା ଯୋଗୁ ସରକାରଙ୍କୁ ଅଧିକ ଖର୍ଚ୍ଚ କରିବାକୁ ପଡ଼ିଛି। ୨୦୧୯-୨୦ରେ ବିତ୍ତୀୟ ନିଅଣ୍ଟ ଜିଡିପିର ୪.୬%କୁ ବୃଦ୍ଧି ଘଟିଛି।

ରାଜସ୍ୱ ଉନ୍ନତି ନ ହେବାକୁ ଏଭଳି ସ୍ଥିତି ଉପୁଜିଛି। ହେଲେ ସରକାରଙ୍କ ଟିକସ ସଂଗ୍ରହରେ ଉନ୍ନତି ଆସିବାରୁ ବିତ୍ତୀୟ ନିଅଣ୍ଟ ୯.୩% ରହିଛି। ଏହା ୯.୫% ରହିବ ବୋଲି ଆକଳନ କରାଯାଇଥିଲା। ଫେବୃୟାରୀ ୨୦୨୦ ବଜେଟରେ ସରକାର ଘୋଷଣା କରିଥିଲେ ଯେ, ବିତ୍ତୀୟ ନିଅଣ୍ଟ ୩.୫% ସ୍ତରରେ ରହିବ। କରୋନା ପୂର୍ବରୁ ବିତ୍ତୀୟ ନିଅଣ୍ଟ ୪.୬%କୁ ବୃଦ୍ଧି ଘଟିଥିଲା। ରାଜସ୍ୱ ସଂଗ୍ରହ ପ୍ରଭାବିତ ହୋଇ ରହିବାରୁ ଏଭଳି ସ୍ଥିତି ଉପୁଜିଥିଲା। ଆର୍ଥିକ ବର୍ଷ ୨୦୨୧-୨୨ରେ ବିତ୍ତୀୟ ନିଅଣ୍ଟକୁ ୬.୮%ରେ ରଖିବା ନେଇ ସରକାର ଲକ୍ଷ୍ୟ ଧାର୍ଯ୍ୟ କରିଛନ୍ତି।

## ମାସିକ ଜିଏସ୍‌ଟି ରିଟର୍ନ ଫାଇଲିଂ ଅବଧି ଜୁନ ୨୬ ଯାଏ ବୃଦ୍ଧି

ନୂଆଦିଲ୍ଲୀ,୩୧।୫

ସାମଗ୍ରୀ ଓ ସେବା ଟିକସ (ଜିଏସ୍‌ଟି)ର ମାସିକ ରିଟର୍ନ ଫାଇଲିଂ ଅବଧିକୁ ସରକାର ସୋମବାର ଜୁନ ୨୬ ଯାଏ ବୃଦ୍ଧି କରିଛନ୍ତି। ଟିକସଦାତାଙ୍କ ସୁବିଧା ପାଇଁ ମେ ମାସର ସେଲସ ରିଟର୍ନ ଫାଇଲିଂକୁ ଆଉ ୧୫ ଦିନ ବୃଦ୍ଧି କରାଯାଇଛି। କୋଭିଡକୁ ନଜରରେ ରଖି କେତେକ କୋହଳ ପଦକ୍ଷେପ ଗ୍ରହଣ କରିବାକୁ ନିକଟରେ ବସିଥିବା ଜିଏସ୍‌ଟି ପରିଷଦ ବୈଠକରେ ନିଷ୍ପତ୍ତି ଗ୍ରହଣ କରାଯାଇଛି। ନୂଆ ପଦକ୍ଷେପ ଉପରେ କେନ୍ଦ୍ରୀୟ ପରୋକ୍ଷ ଟିକସ ଏବଂ ସୀମା ଶୁଳ୍କ ବୋର୍ଡ(ସିବିଆଇସି) ପକ୍ଷରୁ ଟୁଇଟ କରି ସୂଚନା ଦିଆଯାଇଛି। ୨୦୨୧ ମେ ମାସର ଜିଏସ୍‌ଟିଆର୍-୧ ଲାଗି ଅବଧିକଟ ଆଉ ୧୫ ଦିନ ବଢାଯାଇଛି। ଜିଏସ୍‌ଟି ଆର୍-୧ ଫାଇଲ କରୁଥିବା ବିଜନେସ ସେହି ମାସର ସପ୍ଲାଇ ସମ୍ପର୍କିତ ସବିଶେଷ ତଥ୍ୟ ପରମାସର ୧୧ ତମ ଦିନରେ ପ୍ରଦାନ କରିପାରିବେ। ସେହିଭଳି ଜିଏସ୍‌ଟି ଆର୍-



୩ବି ଫାଇଲ କ୍ଷେତ୍ରରେ ପରବର୍ତ୍ତୀ ମାସ ବିଜନେସ ୨୦ରୁ ୨୪ ତମ ଦିନରେ ଫାଇଲ କରିପାରିବେ। କମ୍ପୋଜିସନ ଡିଲରଙ୍କ ଲାଗି ୨୦୨୦-୨୧ର ବାର୍ଷିକ ରିଟର୍ନ ଫାଇଲ କରିବା ଅବଧିକୁ ୩ ମାସ ବଢାଯାଇ ଜୁଲାଇ ୩୧ କରାଯାଇଛି। ସେହିଭଳି କମ୍ପାନୀ ଆଇନରେ ପଞ୍ଜୀକୃତ ହୋଇଥିବା ଟିକସଦାତା ସେମାନଙ୍କ ଜିଏସ୍‌ଟି ରିଟର୍ନ ଇଲେକ୍ଟ୍ରୋନିକ ଭେରିଫିକେସନ କୋଡ୍ ବ୍ୟବହାର ଦ୍ୱାରା କରିପାରିବେ। ଏଥିଲାଗି ଅବଧି ଅଗଷ୍ଟ ୩୧ ରଖାଯାଇଛି।

## ଓଏସ୍‌ଏଲ୍‌ର କୋଭିଡ୍ ଲଢ଼େଇ ଜାରି

ଭୁବନେଶ୍ୱର,୩୧।୫

ଓଡ଼ିଶା ଷ୍ଟିଭେଡୋର୍ସ ଲିମିଟେଡ୍ (ଓଏସ୍‌ଏଲ୍) ପକ୍ଷରୁ ଓଡ଼ିଶା ସରକାରଙ୍କୁ ସମ୍ପୂର୍ଣ୍ଣ ଲଜିଷ୍ଟିକ୍ ସହାୟତା ସୁନିଶ୍ଚିତ କରିବା ଦିଗରେ ପଦକ୍ଷେପ ଗ୍ରହଣ କରାଯାଉଛି। ନିକଟରେ ୧୩୦୦ ମେଡିକାଲ୍ ଗ୍ରେଡ୍ ଅକ୍ସିଜେନ୍ ସିଲିଣ୍ଡର ଏବଂ ଅନ୍ୟାନ୍ୟ ମେଡିକାଲ୍ ଉପଯୋଗୀ ସାମଗ୍ରୀଗୁଡ଼ିକ ବିଜୁ ପଟ୍ଟନାୟକ ଅନ୍ତଃରାଷ୍ଟ୍ରୀୟ ବିମାନବନ୍ଦରରେ ଅବତରଣ କରିଥିବା ବେଳେ ଏକ ସ୍ୱତନ୍ତ୍ର କାର୍ଗୋ ବିମାନର କଷ୍ଟମ ଏବଂ ଏୟାରପୋର୍ଟ କ୍ଲିୟରାନ୍ସ କାର୍ଯ୍ୟ ଓସିଏଲ୍ ସମ୍ପାଦନ କରିଛି। ଓଏସ୍‌ଏଲ୍ ଗ୍ରୁପ ବିନା କୌଣସି ସେବା ଦେୟରେ ସରକାରଙ୍କୁ ଏହି ସହାୟତା ପ୍ରଦାନ କରିଛି। ଚଳିତ ମାସରେ ଦ୍ୱିତୀୟ ଥର ପାଇଁ କମ୍ପାନୀ ଏଭଳି ଲଜିଷ୍ଟିକ୍ ସହାୟତା ପ୍ରଦାନ କରିଛି। ସଂସ୍ଥାର କର୍ପୋରେଟ୍ ସାମାଜିକ ଦାୟିତ୍ୱ (ସିଏସ୍‌ଆର୍) କାର୍ଯ୍ୟକ୍ରମର ଅଂଶ ଭାବେ ଏହି ସହାୟତା ଯୋଗାଇ



ଦେଉଛି। ଓଏସ୍‌ଏଲ୍ ଗ୍ରୁପ୍ ସରକାର ଏବଂ ରାଜ୍ୟର ଜନସାଧାରଣଙ୍କୁ ଆବଶ୍ୟକ ସମ୍ବଳ ବଣ୍ଟନ, ଟିକାକରଣ ପ୍ରକ୍ରିୟାରେ ସହଯୋଗ ଏବଂ କର୍ମଚାରୀ କଲ୍ୟାଣକୁ ଗୁରୁତ୍ୱ ଭଳି ଅନେକ ପ୍ରକାର ସହାୟତା ପ୍ରଦାନ କରୁଥିବା ସୂଚନା ଦେଇଛି। ଏ ସମ୍ପର୍କରେ ଓଏସ୍‌ଏଲ୍ ଗ୍ରୁପ୍‌ର ପରିଚାଳନା ନିର୍ଦ୍ଦେଶକ ମହିମାନନ୍ଦ ମିଶ୍ର କହିଛନ୍ତି, ଲୋକଙ୍କ ଜୀବନ ବଞ୍ଚାଇବା ପାଇଁ ଗୁରୁତର ସ୍ୱାସ୍ଥ୍ୟସେବା ଯୋଗାଣ ଏବଂ ଉପକରଣ ଉପଲବ୍ଧ କରାଇବା ହେଉଛି ବର୍ତ୍ତମାନ ସମୟର ବଡ କାର୍ଯ୍ୟ।

## କୋର୍ ସେକ୍ଟର ୫୬.୧% ବଢ଼ିଲା

ନୂଆଦିଲ୍ଲୀ,୩୧।୫

ଚଳିତ ବର୍ଷ ଏପ୍ରିଲ ମାସରେ ଦେଶର ୮ କୋର୍ ସେକ୍ଟର କ୍ଷେତ୍ରର ଅଭିବୃଦ୍ଧି ୫୬.୧% ବୃଦ୍ଧି ପାଇଛି। ନ୍ୟୁନ ବେସ୍ ଇଫେକ୍ଟ, ପ୍ରାକୃତିକ ବାଷ୍ପ ଉତ୍ପାଦନ, ରିଫାଇନେରୀ ପ୍ରଡକ୍ଟ, ଷ୍ଟିଲ, ସିମେଣ୍ଟ ଏବଂ ବିଦ୍ୟୁତ ଉତ୍ପାଦନ ବଢିବା ଯୋଗୁ ଏଭଳି ସ୍ଥିତି ଦେଖିବାକୁ ମିଳିଛି ବୋଲି ସରକାର ସୋମବାର ଜାରି କରିଥିବା ଡାଟାରେ କହିଛନ୍ତି। ଗତ ବର୍ଷ ଏପ୍ରିଲରେ କୋଇଲା, ଅଶୋଧିତ ତୈଳ, ପ୍ରାକୃତିକ ବାଷ୍ପ, ରିଫାଇନେରୀ ପ୍ରଡକ୍ଟ, ସାର, ଇସ୍ପାତ, ସିମେଣ୍ଟ ଏବଂ ବିଦ୍ୟୁତ ଭଳି କ୍ଷେତ୍ରରେ ୩୭.୯% ହ୍ରାସ ପରିଲକ୍ଷିତ ହୋଇଥିଲା। କରୋନା ମହାମାରୀକୁ ନିୟନ୍ତ୍ରଣ କରିବା ଲାଗି ଗତ ବର୍ଷ ମାର୍ଚ୍ଚରେ ସାରା ଦେଶରେ ଲାଗୁ କରାଯାଇଥିବା ଲକଡାଉନ ଯୋଗୁ କୋର୍ ସେକ୍ଟର ଗଭୀର ଭାବେ ପ୍ରଭାବିତ ହୋଇଥିଲା। ଚଳିତ ବର୍ଷ ମାର୍ଚ୍ଚରେ କୋର୍ ସେକ୍ଟରରେ ୧୧.୪% ବୃଦ୍ଧି ପରିଲକ୍ଷିତ ହୋଇଛି।

ବାଣିଜ୍ୟ ଏବଂ ଉଦ୍ୟୋଗ ମନ୍ତ୍ରଣାଳୟ



ଡାଟା ମୁତାବକ, ପ୍ରାକୃତିକ ବାଷ୍ପ, ରିଫାଇନେରୀ ଉତ୍ପାଦ, ଇସ୍ପାତ, ସିମେଣ୍ଟ ଏବଂ ବିଦ୍ୟୁତ ଯଥାକ୍ରମେ ୨୫%, ୩୦.୯%, ୪୦୦%, ୫୪୮.୮%, ୩୮.୭ ବଢିଛି। ଏହି କ୍ଷେତ୍ରଗୁଡିକ ୨୦୨୦ ଏପ୍ରିଲରେ ଯଥାକ୍ରମେ - ୧୯.୯%, -୨୪.୨%, ୮୨.୮%, ୮୫.୨%, ୨୨.୨% ନିମ୍ନରେ ରହିଥିଲା। ଚଳିତ ବର୍ଷ ଏପ୍ରିଲରେ କୋଇଲା ଏବଂ ସାର ଭଳି କ୍ଷେତ୍ରଗୁଡିକ ବେସ ଭଲ ପ୍ରଦର୍ଶନ କରିଥିବା ନଜରକୁ ଆସିଛି। ଅପରପକ୍ଷରେ ଅଶୋଧିତ ତୈଳ କ୍ଷେତ୍ରରେ ଉତ୍ପାଦନ ୨.୧% ନିମ୍ନରେ ରହିଛି। ଏହା ଗତ ବର୍ଷ ସାମନମାସରେ ୬.୪% ହ୍ରାସ ହୋଇଥିଲା। ଏହି ପରିପ୍ରେକ୍ଷୀରେ ଇକ୍ରା ଅର୍ଥନୀତିଜ୍ଞ, ଆଦିତି ନାୟାର କହିଛନ୍ତି, ଔଦ୍ୟୋଗିକ ଉତ୍ପାଦନ ସୂଚକାଙ୍କ ୧୩୦-୧୫୦% ବୃଦ୍ଧି ଘଟିବ ବୋଲି ଆଶା କରାଯାଉଛି।

## ରାଷ୍ଟ୍ରାୟତ୍ତ ଉଦ୍ୟୋଗ ମହଙ୍ଗା ଭତ୍ତା୧୭୩.୪୨%

ଭୁବନେଶ୍ୱର,୩୧।୫

ଦେଶର ଶିଳ୍ପ ଶ୍ରମିକଙ୍କ ପାଇଁ ସର୍ବଭାରତୀୟ ଖାଉଟି ମୂଲ୍ୟସୂଚୀ ଏଇ ନିକଟରେ ପ୍ରକାଶ ପାଇଛି। ଉକ୍ତ ସୂଚୀ ଅନୁସାରେ ୨୦୨୧ ମାର୍ଚ୍ଚରେ ଏହା ୧୧୯.୬ ପଏଣ୍ଟ ରହିଥିଲା, ଯାହା ୨୦୨୧ ଏପ୍ରିଲରେ ୦.୫ ପଏଣ୍ଟ ବଢ଼ି ୧୨୦.୧ ପଏଣ୍ଟରେ ପହଞ୍ଚିଛି।

ସେହିଭଳି ତାଳଚେର ଓ ଅନୁଗୋଳରେ ମଧ୍ୟ ଏହା ୧୨୬.୪ ପଏଣ୍ଟରେ ରହିଥିବା ବେଳେ ଏପ୍ରିଲରେ ଏହା ୦.୯ ପଏଣ୍ଟ ବୃଦ୍ଧି ଘଟି ୧୨୭.୩ ପଏଣ୍ଟ ହୋଇଛି। ସେହିପରି କଟକରେ ଏହା ୧୨୬.୪ ଥିଲା ବେଳେ ବର୍ତ୍ତମାନ ଏହା ୦.୬ ପଏଣ୍ଟ ବଢ଼ି ଏପ୍ରିଲରେ ୧୨୭ ପଏଣ୍ଟରେ ରହିଛି। ଅନ୍ୟପକ୍ଷରେ କେନ୍ଦୁଝରରେ ମଧ୍ୟ ଏହା ୧୨୪.୧ ପଏଣ୍ଟରେ ରହିଥିଲା। ଏପ୍ରିଲରେ ଏହା ୧.୪ ପଏଣ୍ଟ ବଢ଼ି ୧୨୫.୫ ପଏଣ୍ଟକୁ ଛୁଇଁଛି।

ରାଷ୍ଟ୍ରାୟତ୍ତ ଉଦ୍ୟୋଗର କର୍ମଚାରୀମାନେ ବର୍ତ୍ତମାନ ୧୭୦.୫୩% ଭତ୍ତା ପାଉଛନ୍ତି। ବର୍ତ୍ତମାନ ଏହା ୨.୮୯% ବୃଦ୍ଧି ପାଇ ୧୭୩.୪୨% ରେ ରହିଥିବା



ସୂଚନା ମିଳିଛି। ଏହା ଜୁଲାଇ ପହିଲାରୁ ସେମାନଙ୍କୁ ମିଳିବ ବୋଲି ଜଣାପଡ଼ିଛି। ସେହିଭଳି ସରକାରୀ କର୍ମଚାରୀମାନେ ବର୍ତ୍ତମାନ ୧୭% ଭତ୍ତା ପାଉଛନ୍ତି। ଏବେ ଏହା ୧୪% ବୃଦ୍ଧି ପାଇଛି। ଏହି ବୃଦ୍ଧି ରାଶି ସେମାନଙ୍କୁ ୨୦୨୦ ଜାନୁୟାରୀରେ ୪%, ୨୦୨୦ ଜୁଲାଇରୁ ୩% ଏବଂ ୨୦୨୧ ଜାନୁୟାରୀରେ ୪% ଏବଂ ଅବଶିଷ୍ଟ ୩% ଜୁଲାଇରେ ମିଳିବ ବୋଲି ଜଣାପଡ଼ିଛି। ସେହିପରି ବ୍ୟାଙ୍କ ଓ ବୀମା କର୍ମଚାରୀମାନେ ସେମାନଙ୍କର ବର୍ଦ୍ଧିତ ଭତ୍ତା ଅଗଷ୍ଟ ପହିଲାରୁ ପାଇବେ ବୋଲି ସୂଚନା ମିଳିଛି।

# ଖେଳ ଖବର



ଇଂଲଣ୍ଡ ବିପକ୍ଷ ଟେଷ୍ଟ ସିରିଜ ପୂର୍ବରୁ ସୋମବାର ଲଣ୍ଡନର ଲର୍ଡ୍ସ ଗ୍ରାଉଣ୍ଡରେ ଡ୍ୟୁକ୍ ବଲ୍‌ରେ ଅଭ୍ୟାସରତ ନ୍ୟୁଜିଲାଣ୍ଡ ଦ୍ରୁତ ବୋଲର କାଏଲ ଜେମିସନ।

## ଟି୨୦ ବିଶ୍ୱକପ ନିଷ୍ପତ୍ତି ପାଇଁ ସମୟ ମାଗିବ ବିସିସିଆଇ

ନୂଆଦିଲ୍ଲୀ,୩୧।୫ (ପି.ଟି.)

ବିଶ୍ୱ କ୍ରିକେଟର ସବୁଠାରୁ କ୍ଷମତାଶାଳୀ କୁହାଯାଉଥିବା ଅନ୍ତର୍ଜାତୀୟ କ୍ରିକେଟ ପରିଷଦ (ଆଇସିସି)ର ବୋର୍ଡ ବୈଠକ ମଙ୍ଗଳବାର ହେବ। ଭର୍ଚୁଆଲରେ ହେବାକୁଥିବା ଏହି ବୈଠକରେ ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ଭାରତ ଟି୨୦ ବିଶ୍ୱ କପ୍ ଆୟୋଜନ କରିବ କି ନା ସେ ସମ୍ପର୍କରେ ନିଷ୍ପତ୍ତି ଚୂଡ଼ାନ୍ତ କରିବା ଲାଗି ଆହୁରି ଏକମାସ ସମୟ ନେବ। ଏଥିରେ ଫ୍ୟୁଚର ଟୁର୍ ପ୍ରୋଗ୍ରାମ୍ (ଏଫ୍‌ଟିପି)ସମେତ ଅନ୍ୟ କେତେକ ବିଷୟରେ ମଧ୍ୟ ଆଲୋଚନା ହେବ। ଏହି ବୈଠକରେ ବିସିସିଆଇ ସଭାପତି ସୌରଭ ଗାଙ୍ଗୁଲି ବ୍ୟକ୍ତିଗତ ଭାବେ ହାଜର ହେବେ ବୋଲି ପୂର୍ବରୁ ସ୍ଥିର ହୋଇଥିଲା। ମାତ୍ର ସେ ଏଥିରେ ଭର୍ଚୁଆଲରେ ଯୋଗ ଦେବେ। ବୁଧବାର ସେ ସଂଯୁକ୍ତ ଆରବ ଏମିରେଟ୍ସ (ୟୁଏଇ) ଯିବେ। ସେ ଦେଶରେ ଆଇପିଏଲ୍ ଆୟୋଜନ ନେଇ ଏମିରେଟ୍ସ କ୍ରିକେଟ ବୋର୍ଡ ସହ ଆଲୋଚନା କରିବେ। ଆଇସିସି ବୋର୍ଡ ବୈଠକରେ କୌଣସି ନିର୍ଯାସ ମିଳିବ ନାହିଁ ବୋଲି ଆଶା କରାଯାଉଛି। ଜୁଲାଇ୧ ପରେ ବିସିସିଆଇ ଆଉ ଏକ ସ୍ୱତନ୍ତ୍ର ସାଧାରଣ ବୈଠକ (ଏସ୍‌ଜିଏମ୍) ଡକାଇବ ବୋଲି ଆଶା କରାଯାଉଛି। ଜୁଲାଇ ୧୮ରେ ଆଇସିସିର ବାର୍ଷିକ ଅଧିବେଶନ ବସିବ। ଏଥିରେ ଆଇସିସି ଏହାର ଚୂଡ଼ାନ୍ତ ନିଷ୍ପତ୍ତି ଘୋଷଣା କରିବ ବୋଲି ଆଶା କରାଯାଉଛି। କୋଭିଡ୍ ଯୋଗୁ ସସ୍‌ପେଣ୍ଡ

### ଆଇସିସି ବୋର୍ଡ ବୈଠକ ଆଜି

ଥିବା ଆଇପିଏଲ୍‌ର ଅବଶିଷ୍ଟାଂଶ ୟୁଏଇକୁ ସ୍ଥାନାନ୍ତର ହୋଇଛି। ଏହା ସେପ୍ଟେମ୍ବର ୧୫ରୁ ଅକ୍ଟୋବର ୧୫ ମଧ୍ୟରେ ହେବ। ଭାରତ ଗ୍ଲୋବାଲ ଟି୨୦ ଇଭେଣ୍ଟ ଆୟୋଜନ ହାତଛଡ଼ା କରିବାକୁ ଚାହୁଁନି। ଏପରିକି ବିକଳ୍ପ ବ୍ୟବସ୍ଥା ସ୍ୱରୂପ ଏମିରେଟ୍ସକୁ ପ୍ରସ୍ତୁତ ରଖାଯାଇଛି। ଭାରତରେ କୋଭିଡ୍ ସଂକ୍ରମଣ ସଂଖ୍ୟା ହ୍ରାସ ପାଇବାରେ ଲାଗିଛି। ଏହାସତ୍ତ୍ୱେ ଟି୨୦ ବିଶ୍ୱକପ୍ ଆୟୋଜନ ପାଇଁ ଅନୁକୂଳ ପରିବେଶ ସୃଷ୍ଟି ହୋଇନାହିଁ। ଗାଙ୍ଗୁଲି ଓ ସମ୍ପାଦକ ଜୟ ଶାହା ନିଷ୍ପତ୍ତି ନେବା ପାଇଁ ଏକମାସ ସମୟ ନେବା ସ୍ୱାଭାବିକ ବୋଲି ବିସିସିଆଇର ଜଣେ ବରିଷ୍ଠ ଅଧିକାରୀଙ୍କ ସୂତ୍ରରୁ ପ୍ରକାଶ। ବର୍ତ୍ତମାନ ପରିସ୍ଥିତିରେ ଭାରତରେ ଟି୨୦ ବିଶ୍ୱକପ୍ ଆୟୋଜନ କରିବା ଉଚିତ ହେବ କି ନା ସେ ସମ୍ପର୍କରେ ସେ ନେଇ ବିସିସିଆଇ ସରକାରଙ୍କଠାରୁ ଫିଡ୍‌ବ୍ୟାକ୍ ନେବ। ବର୍ତ୍ତମାନ ଦେଶର ବିଭିନ୍ନ ଅଞ୍ଚଳରେ ଲକ୍‌ଡାଉନ୍ ଫଳପ୍ରଦ ହେଉଛି। ହେଲେ ଆଇପିଏଲ୍ ଯଦି ହୁଏ ତେବେ ସେତେବେଳେ ପୁଣି ଯେ, ସଂକ୍ରମଣ ହାର ବୃଦ୍ଧି ନ ପାଇବ ସେ ନେଇ ଦୃଢ଼ ଭାବେ କିଛି କହି ହେବ ନାହିଁ। କିନ୍ତୁ ବିସିସିଆଇ ଯଦି ଅକ୍ଟୋବର ତୃତୀୟ ସପ୍ତାହ ଓ ନଭେମ୍ବର ଦ୍ୱିତୀୟ ସପ୍ତାହ ମଧ୍ୟରେ ଟୁର୍ନାମେଣ୍ଟ ଆୟୋଜନ କରେ ତେବେ ଗେମ୍ ଆୟୋଜନ ପାଇଁ ୬ଟି ସହରର ଆବଶ୍ୟକତା ଅନୁଭବ କରାଯିବ ନାହିଁ। ବର୍ତ୍ତମାନ ପରିସ୍ଥିତିରେ ଅକ୍ଟୋବର-ନଭେମ୍ବର ଟୁର୍ନାମେଣ୍ଟ ଆୟୋଜନ ୫୦ ପ୍ରତିଶତ ସମ୍ଭାବନା ରହିଛି। ଯଦି ହୁଏ ତେବେ ଗୋଟିଏ ସହର ମୁମ୍ବାଇର ତିନୋଟି ଭେନ୍ୟୁରେ ଆୟୋଜନ କରାଯାଇପାରେ। ପୁଣେ ଅବା ଅହମଦାବାଦରେ ଫାଇନାଲ ଖେଳାଯାଇପାରେ।

## କୋଡ୍ରାଙ୍କୁ ପ୍ରଥମ ଏଟିପି ଟାଇଟଲ

ପର୍ମା (ଇଟାଲୀ), ୩୧।୫(ଏପି)

ଆମେରିକୀୟ ଯୁବ ଟେନିସ ଖେଳାଳି ସେବାଷ୍ଟିଆନ କୋଡ୍ରା କ୍ୟାରିୟରର ପ୍ରଥମ ଏଟିପି ଟାଇଟଲ ହାସଲ କରିଛନ୍ତି। ଏଠାରେ ଖେଳାଯାଇଥିବା ଏମିଲିଆ- ରୋମାଗ୍ନା ଓପନ୍ ଟେନିସ ଟୁର୍ନାମେଣ୍ଟରେ ୨୦ ବର୍ଷୀୟ କୋଡ୍ରା ଇଟାଲୀୟ ୱାଇଲ୍ଡ କାର୍ଡ ଖେଳାଳି ମାର୍କୋ ସେକହିନାଟୋଙ୍କୁ ସିଧାସଳଖ ସେଟ୍‌ରେ ପରାସ୍ତ କରି ଚାମ୍ପିୟନ ହୋଇଛନ୍ତି। ଏହି ଟୁର୍ନାମେଣ୍ଟରେ କୋଡ୍ରା ଗୋଟିଏ ହେଲେ ବି ସେଟ୍ ଡ୍ରପ୍ କରି ନ ଥିଲେ। ବିଶ୍ୱର ୬୩ ନମ୍ବର ଖେଳାଳି କୋଡ୍ରା ଶନିବାର ଅନୁଷ୍ଠିତ ଫାଇନାଲ ମ୍ୟାଚ୍‌ରେ ୧୦୪ତମ ର‍୍ୟାଙ୍କର ଖେଳାଳି ସେକହିନାଟୋଙ୍କୁ ମାତ୍ର ୭୫ ମିନିଟ୍‌ରେ ୬-୨, ୬-୪ ସେଟ୍‌ରେ ହରାଇ ଟାଇଟଲ ହାସଲ କରିଛନ୍ତି।

ଦୀର୍ଘ ୧୧ ବର୍ଷ ପରେ ଆମେରିକାର ପ୍ରଥମ ଖେଳାଳିଭାବେ କୋଡ୍ରା ୟୁରୋପିଆନ କ୍ଲେ କୋର୍ଟରେ ଟ୍ରଫି ହାସଲ କରିଛନ୍ତି। ପୂର୍ବରୁ ୨୦୧୦ରେ ସାମ କ୍ୟୁରେ ବେଲଗ୍ରେଡ୍‌ରେ ଟ୍ରଫି ହାସଲ କରିଥିଲେ। ତେବେ ଗତ ଜାନୁୟାରୀରେ କୋଡ୍ରା ଡେଲ୍‌ରେ ବିଚ୍ ଓପନ୍‌ରେ ଫାଇନାଲରେ ହୁବେର୍ଟ ହୁରକାଜଙ୍କଠାରୁ ପରାସ୍ତ ହୋଇ ରନର୍ସଅପ୍‌ରେ ସନ୍ତୁଷ୍ଟ ହୋଇଥିଲେ।



ଟ୍ରଫି ସହ ସେବାଷ୍ଟିଆନ କୋଡ୍ରା।

କ୍ୟାରିୟରର ପ୍ରଥମ ଏଟିପି ଟାଇଟଲ ଜିତିଥିବାରୁ କୋଡ୍ରା ଖୁସି ଜାହିର କରିଛନ୍ତି।

ଓପନ ଏରାରେ ତୃତୀୟ ବାପା- ପୁଅ ଯୋଡିଭାବେ କ୍ରୋଡା ଓ ତାଙ୍କ ପିତା ପେଟର କୋଡ୍ରା ଟୁର୍ ଲିଭେଲ ସିଙ୍ଗଲ୍ସ ଟାଇଟଲ ଜିତିଛନ୍ତି। ପୂର୍ବରୁ ଭାରତର ରାମନାଥନ କ୍ରିଷ୍ଣନ ଓ ରମେଶ କ୍ରିଷ୍ଣନ, ଫିଲ୍ ଡେଣ୍ଟ ଓ ଟେଲର ଡେଣ୍ଟ ବାପା- ପୁଅ ଯୋଡି ଏହି ସଫଳତା ହାସଲ କରିଥିଲେ। ପୂର୍ବରୁ କୋଡ୍ରା କ୍ରମାଗତ ଭାବେ ଏଟିପି ଟୁର୍‌ରେ ଦୁଇଟି ଟାଇଟଲ ହାସଲ କରି ନ ଥିଲେ। ତେବେ ଏହି ଟୁର୍ନାମେଣ୍ଟରେ ସେ ଐତିହାସିକ ପ୍ରଦର୍ଶନ କରିବାରେ ସଫଳ ହୋଇଛନ୍ତି।

## ପରିବାର ସହ ମିଶିଲେ ଅଷ୍ଟ୍ରେଲୀୟ ଆଇପିଏଲ୍ ଖେଳାଳି

ସିଡ୍‌ନୀ, ୩୧।୫ (ପି.ଟି.)

ଭାରତରେ ଆଇପିଏଲ୍‌ରେ ଭାଗନେବା ଲାଗି ଆସିଥିବା ଅଷ୍ଟ୍ରେଲୀୟ କ୍ରିକେଟର, ସପୋର୍ଟ ଷ୍ଟାଫ୍ ଏବଂ କମେଣ୍ଟେଟରଙ୍କ କ୍ୱାରାଣ୍ଟାଇନ୍ ଅବଧି ଶେଷ ହେବାପରେ ସୋମବାର ସେମାନେ ପରିବାର ସହ ଯୋଗ ଦେଇଛନ୍ତି। ପରିବାରରେ ନାହିଁ ନ ଥିବା ଖୁସି ଓ ଆନନ୍ଦର ପରିବେଶ ଦେଖିବାକୁ ମିଳିଥିଲା। ଭାରତରୁ ଫେରିବା ପରେ ୩୮ ଅଷ୍ଟ୍ରେଲୀୟଙ୍କୁ ସ୍ଥାନୀୟ ଏକ ହୋଟେଲରେ ୧୪ ଦିନ କ୍ୱାରାଣ୍ଟାଇନରେ ରହିବାକୁ ପଡ଼ିଥିଲା। ସଂକ୍ରମଣ ବୃଦ୍ଧି ପାଇଁ ଅଷ୍ଟ୍ରେଲିଆ ସାମୟିକ ଭାରତରୁ ବିମାନ ଚଳାଚଳ ଉପରେ କଟକଣା ଜାରି କରିଛି। ଆଇପିଏଲ୍‌ରେ କରୋନା ସଂକ୍ରମଣ ଦେଖା ଦେବାରୁ ଇଭେଣ୍ଟକୁ ଅଧାରୁ ସସ୍‌ପେଣ୍ଡ କରାଯିବା ପରେ ଏଥିସହିତ ସମ୍ପୃକ୍ତ ଅଷ୍ଟ୍ରେଲୀୟଙ୍କୁ ମାଳଦ୍ୱୀପ ଦେଇ ସ୍ୱଦେଶ ଫେରିବାକୁ ହୋଇଥିଲା। ଆଇପିଏଲ୍ ପାଇଁ ଏମାନଙ୍କ ମଧ୍ୟରୁ ଅଧିକାଂଶ ଏପ୍ରିଲ ପ୍ରଥମ ଭାଗରୁ ସେମାନଙ୍କ ପରିବାରଠାରୁ ଦୂରରେ ରହିଥିଲେ। ସସ୍‌ପେଣ୍ଡ ଥିବା ବ୍ୟୟବହୁଳ ଆଇପିଏଲ୍ ୟୁଏଇରେ



ସ୍ତ୍ରୀ ବେକି ବୋଷ୍ଟନଙ୍କ ସହ ପ୍ୟାଟ୍ କୁମିନ୍ସ।

ସେପ୍ଟେମ୍ବର ମଧ୍ୟଭାଗରେ ଆରମ୍ଭ ହେବ। ଫାଷ୍ଟ ବୋଲର ପ୍ୟାଟ୍ କୁମିନ୍ସ ୮ ସପ୍ତାହ ବ୍ୟବଧାନରେ ତାଙ୍କ ଗର୍ଭବତୀ ସ୍ତ୍ରୀ ବେକି ବୋଷ୍ଟନଙ୍କ ସହ ମିଶିଛନ୍ତି। ଏହାର ଏକ ଫଟୋ ସେ ଟୁଇଟରରେ ଅପ୍‌ଲୋଡ୍ କରିଛନ୍ତି। କୁମିନ୍ସଙ୍କ ବ୍ୟତୀତ ବ୍ୟାଟିଂ ମାଷ୍ଟର ଷ୍ଟିଭ୍ ସ୍ମିଥ୍, ଅଲରାଉଣ୍ଡର ଗ୍ଲେନ ମ୍ୟାକ୍ସୱେଲ ଏବଂ ବିସ୍ଫୋରକ ଓପନର ଡେଭ୍ ୱାର୍ନର ପ୍ରମୁଖ ବହୁଦିନ ବ୍ୟବଧାନରେ ସେମାନଙ୍କ ପ୍ରିୟତମାଙ୍କୁ ଭେଟିଛନ୍ତି। ଅଷ୍ଟ୍ରେଲୀୟମାନଙ୍କୁ ପଠାଇବା ଲାଗି ବିସିସିଆଇ ତରଫରୁ ସ୍ୱତନ୍ତ୍ର ବିମାନର ବ୍ୟବସ୍ଥା କରାଯାଇଥିଲା। ଏହି କାର୍ଯ୍ୟପାଇଁ କ୍ରିକେଟ ଅଷ୍ଟ୍ରେଲିଆର ନବନିଯୁକ୍ତ ମୁଖ୍ୟ କାର୍ଯ୍ୟନିର୍ବାହୀ ନିକ୍ ହକ୍‌ଲେ ଭାରତୀୟ ବୋର୍ଡକୁ ଧନ୍ୟବାଦ ଦେଇଛନ୍ତି।

# ଚାପମୁକ୍ତ ହେଲେ ବଞ୍ଚିହେବ ଦେଢ଼ଶହ ବର୍ଷ



**ନୂଆଦିଲ୍ଲୀ:** କରୋନା ମହାମାରୀ ବୁଝାଇ ଦେଇଛି ଜୀବନର ସଂଜ୍ଞା। ପାଖାପାଖି ଦେଢ଼ ବର୍ଷ ହେଲା ଅଦୃଶ୍ୟ ଭୂତାଣୁ ସହିତ ଚାଲିଥିବା ଯୁଦ୍ଧରେ ଆଧୁନିକ ମଣିଷ ସ୍ୱାସ୍ଥ୍ୟକୁ ନେଇ ହୋଇଉଠିଛି ଅଧିକ ସତର୍କ। କେମିତି ଏକ ସୁସ୍ଥ ତଥା ନିରାମୟ ଜୀବନ ବିତାଯାଇପାରିବ ତାହାକୁ ନେଇ ବିଶେଷଜ୍ଞମାନେ ଗବେଷଣା ଚଳାଇଥିବାବେଳେ ବ୍ୟକ୍ତିଗତସ୍ତରରେ ମଧ୍ୟ ଏଥିଲାଗି ଉଦ୍ୟମ ଆରମ୍ଭ ହୋଇଛି। ଭୂତାଣୁର ଭୟାବହତା ଭିତରେ ଏକ ରୋଚକ ତଥ୍ୟ ପଦାକୁ ଆସିଛି। ଚାପମୁକ୍ତ ଜୀବନ ଶୈଳୀ ମଣିଷର ଆୟୁକୁ ବହୁଗୁଣିତ କରିଦେବାର କ୍ଷମତା ରଖେ ବୋଲି ସିଙ୍ଗାପୁରଭିତ୍ତିକ କମ୍ପାନୀ ଜେରୋ ଏବଂ ନ୍ୟୁୟର୍କସ୍ଥିତ ରୋଜୱେଲ ପାର୍କ କମ୍ପ୍ରେହେନ୍ସିଭ୍ କ୍ୟାନ୍ସର ସେଣ୍ଟର ପକ୍ଷରୁ ହୋଇଥିବା ମିଳିତ ଗବେଷଣାରୁ ସ୍ପଷ୍ଟ ହୋଇଛି।

ଆଧୁନିକ ଜୀବନଶୈଳୀ ଏବଂ ଅଭ୍ୟାସ ମଣିଷର ଆୟୁକୁ କମାଇ ଚାଲିଛି। ମନୁଷ୍ୟର ହାରାହାରି ଆୟୁ ୬୦ ବର୍ଷ ତଳକୁ ଖସି ଆସିଲାଣି। ତେବେ ଚାପରୁ ମୁକ୍ତ ହୋଇଗଲେ ଜଣେ ପାଖାପାଖି ୧୫୦ ବର୍ଷ ଯାଏ ଅତି ସହଜରେ ବଞ୍ଚିପାରିବ ବୋଲି 'ନେଚର କମ୍ୟୁନିକେଶନ'ରେ ପ୍ରକାଶିତ ରିପୋର୍ଟରେ କୁହାଯାଇଛି। ଏଥିରେ ଉଲ୍ଲେଖ କରାଯାଇଛି ହତ୍ୟା, କ୍ୟାନ୍ସର ଏବଂ ଭୟଙ୍କର ଦୁର୍ଘଟଣା ବ୍ୟତୀତ ଲୋକଙ୍କ ମୃତ୍ୟୁର ଅନ୍ୟତମ ବଡ଼ କାରଣ ହେଉଛି ସମସ୍ୟାରୁ ମୁକୁଳିବାର କ୍ଷମତା କମିଯିବା। ଅଧ୍ୟୟନରେ ଆମେରିକା, ୟୁକେ, ରୁଷିଆର ଏକ ବଡ଼ ଗୋଷ୍ଠୀ ସାମିଲ ହୋଇଥିଲେ। ସେମାନଙ୍କ ବୟସ ବୃଦ୍ଧି ହାରକୁ ବିଶ୍ଳେଷଣ କରାଯାଇଥିଲା। 'ସାଇଣ୍ଟିଫିକ୍ ଆମେରିକାନ୍'ର ରିପୋର୍ଟ ଅନୁଯାୟୀ, ଜଣେ ୮୦ ବର୍ଷୀୟ ବ୍ୟକ୍ତି ୪୦ ବର୍ଷ ବୟସ୍କଙ୍କ ଅପେକ୍ଷା ଚାପରୁ ବାହାରିବାକୁ ୩ ଗୁଣା ଅଧିକ ସମୟ ନେଇଥାଆନ୍ତି। ବୟସ ବଢ଼ିବା ସହିତ ଶରୀର ଅସୁସ୍ଥ ହେଲେ କିମ୍ବା ଦୁର୍ଘଟଣାର ଶିକାର ହେଲେ ଏଥିରୁ ମୁକୁଳିବାକୁ ଅଧିକ ସମୟ ଲାଗିଥାଏ। ଯଦି ଏ କ୍ଷେତ୍ରରେ ଜଣେ ୪୦ ବର୍ଷୀୟ ବ୍ୟକ୍ତି ୨ ସପ୍ତାହ ନିଅନ୍ତି, ସମାନ ଘଟଣା ଲାଗି ଜଣେ ୮୦ ବର୍ଷୀୟ ବୟସ୍କ ଅନ୍ୟୂନ ୬ମାସ ନେଇଥାଆନ୍ତି।

'ସିନେଟ୍' ପକ୍ଷରୁ ଅନ୍ୟ ଏକ ରିପୋର୍ଟରେ କୁହାଯାଇଛି ଯେ, ୧୨୦ ବର୍ଷ ପରେ ମନୁଷ୍ୟ ଶାରୀରିକ ଏବଂ ମାନସିକ ଚାପରୁ ମୁକ୍ତ ହେବା କ୍ଷମତା ସମ୍ପୂର୍ଣ୍ଣ ରୂପେ ହରାଇ ବସେ। କୌଣସି ଜଟିଳ ବେମାର ନ ଥିଲେ ମଧ୍ୟ ଏହା ଏକ ସ୍ୱାଭାବିକ ପ୍ରକ୍ରିୟା। ବୟସ ବଢ଼ିବା ଏବଂ ବଞ୍ଚିବାର ଅଭିଳାଷ ସହିତ ଚାପମୁକ୍ତ ରହିବାର କ୍ଷମତାକୁ ବଢ଼ାଇ ଦିଆଯାଇପାରିଲେ ମଣିଷ ଦୀର୍ଘାୟୁ ହୋଇପାରିବ। ଏ ସଂକ୍ରାନ୍ତରେ ଜେରୋର କାର୍ଯ୍ୟକାରୀ ପ୍ରମୁଖ ପିଟର ଫେଦିଚେଭ୍ କୁହନ୍ତି, ପରିଣତ ବୟସରେ ଜଟିଳ ତନ୍ତ୍ରିକାସମୂହରେ ଚାପ ପ୍ରତିଫଳିତ ହୋଇଥାଏ। ଏହାକୁ ଜାଣିବା ଲାଗି ବିଶେଷଜ୍ଞମାନେ ଡାଇନାମିକ ଅର୍ଗାନିଜମ୍ ଷ୍ଟେଟ୍ ଇଣ୍ଡିକେଟର (ଡିଓଏସ୍ଆଇ) ମଡେଲ ପ୍ରସ୍ତୁତ କରିଥିଲେ। ଏଥିରୁ ଜଣାପଡ଼ିଲା ଯେ, ଚାପରୁ ମୁକୁଳିବାର ସମୟ ବୟସ ବଢ଼ିବା ସହିତ ଦୀର୍ଘ ହୋଇଥାଏ। ଏହି ଅଧ୍ୟୟନ ଜୀବନ ସୀମାକୁ ବୁଝିବା, ଆଣ୍ଟିଏଜିଂ ଲାଗି ଔଷଧ ପ୍ରସ୍ତୁତ କରିବାକୁ ମାର୍ଗ ଦେଖାଇବ ବୋଲି ବିଶେଷଜ୍ଞମାନେ ଆଶା ବ୍ୟକ୍ତ କରିଛନ୍ତି।

**ସମସ୍ତେ ଚାହାନ୍ତି ଏକ ଚାପମୁକ୍ତ ନୀରୋଗ ଜୀବନ। ଏଭଳି ଚିନ୍ତା କରିବା ବହୁତ ସହଜ। ହେଲେ ଏହାକୁ କାର୍ଯ୍ୟରେ ପରିଣତ କରିବା କଷ୍ଟକର ବ୍ୟାପାର। ନିକଟରେ ଚିନ୍ତାମୁକ୍ତ ଜୀବନଶୈଳୀକୁ ନେଇ ଏକ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ପଦାକୁ ଆସିଛି। ଚାପମୁକ୍ତ ରହିଲେ ଜଣେ ଅତି ସହଜରେ ୧୫୦ ବର୍ଷ ଯାଏ ବଞ୍ଚିପାରିବ। ଏଥିଲାଗି ସକାରାତ୍ମକ ଜୀବନଶୈଳୀ ଆପଣାଇବାକୁ ପଡ଼ିବ ବୋଲି ଏକ ରିପୋର୍ଟରେ କୁହାଯାଇଛି।**

# ଦୁଗ୍ଧ ଉତ୍ପାଦନ ପାଇଁ ନୂଆ ଆହ୍ୱାନ

ଡା. ସାରଦା ପ୍ରସନ୍ନ ସାହୁ




ସେ ମଣିଷ ହେଉ ବା ପ୍ରାଣୀ, ସମସ୍ତଙ୍କର ପ୍ରଥମ ଖାଦ୍ୟ ହେଉଛି ଦୁଗ୍ଧ। ତେଣୁ ଦୁଗ୍ଧକୁ ଅମୃତ ବିନ୍ଦୁ ବୋଲି କୁହାଯାଇଥାଏ। ବହୁ ପୁରାତନ କାଳରୁ ଦୁଗ୍ଧକୁ ଏକ ପରିପୂର୍ଣ୍ଣ ଖାଦ୍ୟର ମାନ୍ୟତା ମିଳିସାରିଛି। ଛୋଟରୁ ବୟସ୍କ ତଥା ରୋଗୀ ତଥା ଗର୍ଭବତୀ ମହିଳା ଆଦି ସମସ୍ତଙ୍କର ଖାଦ୍ୟ ତାଲିକାରେ ଏହା ଶୀର୍ଷରେ ରହିଆସିଅଛି। ତେଣୁ ସାମ୍ପ୍ରତିକ ପରିସ୍ଥିତିରେ ବଦଳୁଥିବା ଖାଦ୍ୟାଭ୍ୟାସ, ବର୍ଦ୍ଧିଷ୍ଣୁ ଜନସଂଖ୍ୟା, ତଥା ଅଣପାରମ୍ପରିକ ଆବଶ୍ୟକତା ଦୁଗ୍ଧର ଚାହିଦାକୁ ବହୁଗୁଣିତ କରୁଛି। ଏହି ଚାହିଦାକୁ ଆଖି ଆଗରେ ରଖି ସମସ୍ତ ଦେଶରେ ଗୋପାଳନ ବହୁ ସଂଖ୍ୟାରେ ବଢ଼ିବାରେ ଲାଗିଛି। ଆଜିର ସମୟରେ ଗୋପାଳନ ପାରମ୍ପରିକ କ୍ଷେତ୍ରରେ ସୀମିତ ନ ରହି ଏହା ଆଧୁନିକ ତଥା ବ୍ୟବସାୟିକ ପରିଧି ମଧ୍ୟରେ ପ୍ରବେଶ କରି ସାରିଛି। ବ୍ୟବସାୟିକ ଗୋପାଳନରେ କେବଳ ଆର୍ଥିକ ଅଭିବୃଦ୍ଧି ସାଧନ ହେଉଛି ତା' ନୁହେଁ ବରଂ ସ୍ଥଳ ବିଶେଷରେ ଗ୍ରାମାଞ୍ଚଳରେ ସୁଷମ ଖାଦ୍ୟ, ନିଯୁକ୍ତି, ପରିବେଶ ସୁରକ୍ଷା ଆଦି ଦିଗ ପ୍ରତି ମଧ୍ୟ ବିଶେଷ ଭାବରେ ଲାଭ ପହଞ୍ଚି ପାରୁଛି। ତେଣୁ ଗୋପାଳନର ପରିସର ଓ କଳେବର ଦିନକୁ ଦିନ ବଢ଼ିବାରେ ଲାଗିଛି। ଏ ସବୁ ଭିତରେ ଦୁଗ୍ଧ ଉତ୍ପାଦନ ଓ ଗୋପାଳନ ପାଇଁ ନୂଆ ଆହ୍ୱାନ ଆସି ଛିଡ଼ା ହୋଇସାରିଛି, ତାହା ହେଉଛି ଗୁଣାତ୍ମକ ଦୁଗ୍ଧ ଉତ୍ପାଦନ, ଉତ୍ପାଦନ ଖର୍ଚ୍ଚ ହ୍ରାସ, ମୁଣ୍ଡ ପିଛା ଉପଲବ୍ଧତା ବୃଦ୍ଧି, ସହଜ ତଥା ଲାଭଦାୟକ ପ୍ରକ୍ରିୟାକରଣ ଓ ସାମଗ୍ରିକ ଭାବରେ ସ୍ୱଚ୍ଛ ଦୁଗ୍ଧ ଉତ୍ପାଦନ ପାଇଁ ସଚେତନତା ସୃଷ୍ଟି କରିବା ଆଦି। ଏତଦ୍ ବ୍ୟତୀତ ବିଶ୍ୱର ସମସ୍ତ ରାଷ୍ଟ୍ର ଦୁଗ୍ଧର ଗୁଣାତ୍ମକ ମାନ ବୃଦ୍ଧି ପାଇଁ ସମ୍ପୂର୍ଣ୍ଣ ଭାବରେ ଜୋର୍ ଦେଉଛନ୍ତି। ତେଣୁ ଏହି ବାର୍ତ୍ତାକୁ ପ୍ରଚାର ପ୍ରସାର କରିବା ପାଇଁ ପ୍ରତିବର୍ଷ ଜୁନ୍‌ମାସର ପ୍ରଥମ ଦିବସଟିକୁ ବିଶ୍ୱ ଦୁଗ୍ଧ ଦିବସ ଭାବରେ ପାଳନ କରାଯାଉଛି।

ଓଡ଼ିଶା ପରିପ୍ରେକ୍ଷୀରେ ଗୋପାଳନ ତଥା ଦୁଗ୍ଧ ଉତ୍ପାଦନରେ ଲିଟର ପିଛା ଉତ୍ପାଦନ ଖର୍ଚ୍ଚ ଦିନକୁ ଦିନ ବଢ଼ି ଚାଲିଛି। ଉତ୍ପାଦନ ଖର୍ଚ୍ଚକୁ ବିଶ୍ଳେଷଣ କଲେ କେତେକ ପ୍ରମୁଖ ଦିଗ ଯଥା – ଶ୍ରମ ଖର୍ଚ୍ଚ, ଦାନା ଖର୍ଚ୍ଚ ଓ ଚିକିତ୍ସା ଖର୍ଚ୍ଚ ସର୍ବାଗ୍ରେ ରହିବ। ତେଣୁ ଆଜିର ସମୟରେ ଏହି ତିନିଗୋଟି ମୁଖ୍ୟ ସମସ୍ୟାର ସମାଧାନର ସୂତ୍ର ବାହାର କରିବାକୁ ପଡ଼ିବ। ଘରୋଇ ଭାବରେ ଦାନା ପ୍ରସ୍ତୁତିରେ କେତେକ ଅସୁବିଧା ରହୁଥିଲାବେଳେ ସମ୍ପୂର୍ଣ୍ଣ ଜ୍ଞାନକୌଶଳ, ତାଲିମ ଓ ପ୍ରତ୍ୟକ୍ଷ ଅନୁଭବ ମାଧ୍ୟମରେ ଏହାର ସରଳୀକରଣ ସମ୍ଭବ ହୋଇପାରିବ। ଏସବୁ ଭିତରେ ଆମ ରାଜ୍ୟରେ ବିନା ସରକାରୀ ସହାୟତାରେ ମଧ୍ୟ ବିଭିନ୍ନ ଉଦ୍ୟୋଗୀ ଗୋପାଳନ ମାଧ୍ୟମରେ ଦୁଗ୍ଧ ଶିଳ୍ପରେ ସ୍ୱରୋଜଗାରକ୍ଷମ ହୋଇପାରିଛନ୍ତି। ତଥାପି ସରକାରୀ ସ୍ତରରେ ପ୍ରାଥମିକ ସହଯୋଗର ଲାଭ ନେବା ଉଚିତ୍। ସାମ୍ପ୍ରତିକ ସମୟରେ ଦୁଗ୍ଧର ଚାହିଦା ଓ ଲାଭଜନକ ଦିଗକୁ ବିଚାରକୁ ନେଇ ଯୁବଉଦ୍ୟୋକ୍ତାମାନେ ଦୁଗ୍ଧଶିଳ୍ପର ବିକାଶରେ ଭାଗୀଦାର ହେବାକୁ ଇଚ୍ଛା ପ୍ରକାଶ କରୁଛନ୍ତି। ସେହିପରି ଦୁଗ୍ଧଶିଳ୍ପର ବିକାଶ ବର୍ତ୍ତମାନ ସମୟର ଆବଶ୍ୟକତା ଯଥା ଖାଉଟିମାନଙ୍କର ରୁଚିଭିତ୍ତିକ ଦୁଗ୍ଧ ପ୍ରକ୍ରିୟାକରଣ, ମୂଲ୍ୟଯୁକ୍ତ ପଦାର୍ଥ ପ୍ରସ୍ତୁତି, ସାମୂହିକ ଦୁଗ୍ଧଜାତ ଦ୍ରବ୍ୟର ବ୍ୟବସାୟୀକରଣ, ଗ୍ରାମାଞ୍ଚଳରୁ ଦୁଗ୍ଧ ସଂଗ୍ରହ ତଥା ଜଳବାୟୁ ପରିବର୍ତ୍ତନ ସହ ଖାପ ଖୁଆଇ ଉତ୍ପାଦନ କ୍ଷମତାର ତାଳେ ତାଳେ ଗୁଣାତ୍ମକମାନ ବୃଦ୍ଧି ପ୍ରଭୃତି ଦିଗଗୁଡ଼ିକୁ ବିଚାରକୁ ନେଲେ ଦୁଗ୍ଧ ଶିଳ୍ପର ବିକାଶ ହେବା ସଙ୍ଗେ ସଙ୍ଗେ ଦେଶ ଏବଂ ଜାତି ମଧ୍ୟ ସ୍ୱାବଲମ୍ବନଶୀଳ ହୋଇପାରିବ।

ନିର୍ଦ୍ଦେଶକ, ଭାରତ ସରକାର, କେନ୍ଦ୍ରୀୟ ଗୋ-ପ୍ରଜନନ ଫାର୍ମ, ଚିପିଲିମା, ସମ୍ବଲପୁର



# ଦାନ ପାଇଁ ଚାପ ପଡ଼ୁଛି

**ମୁମ୍ବାଇ:** କୋଭିଡ୍ କାଳରେ ଅନେକ ସେଲିବ୍ରିଟି ଲୋକଙ୍କୁ ସହାୟତା କରୁଛନ୍ତି। ରୋଗୀଙ୍କୁ ହସ୍ପିଟାଲ ବେଡ୍, ଅକ୍ସିଜେନ୍ ଆଦି ସମେତ ଆର୍ଥିକ ସହାୟତା ମଧ୍ୟ ପ୍ରଦାନ କରୁଛନ୍ତି। ଏହା ସତ୍ତ୍ୱେ କିଛି ଲୋକ ଭାବୁଛନ୍ତି ଯେ, ସେଲିବ୍ରିଟିମାନେ ଯେତିକି ସାହାଯ୍ୟ କରିବା କଥା ତାହା କରୁନାହାନ୍ତି। କଳାକାରଙ୍କ ଉପରେ ସେମାନେ ବିଭିନ୍ନ ମାଧ୍ୟମରେ ଚାପ ପକାଉଛନ୍ତି ବୋଲି କହିଛନ୍ତି ଅଭିନେତ୍ରୀ ତମନ୍ନା ଭାଟିଆ। ସେ କହିଛନ୍ତି ଯେ, ଯଦି କେହି ଅନ୍ୟକୁ ସାହାଯ୍ୟ କରୁଛନ୍ତି ତେବେ ତାହା ଦେଖେଇହେବାର ଆବଶ୍ୟକତା ନାହିଁ। ଏପରି କାମରେ ସେ ବିଶ୍ୱାସ କରନ୍ତି ନାହିଁ। କୌଣସି ପ୍ରକାର ଦାନ କିମ୍ବା ଲୋକଙ୍କୁ ସାହାଯ୍ୟ କରିବା ବିଷୟରେ ପ୍ରଚାର କରିବାକୁ ସେ ପସନ୍ଦ କରନ୍ତି ନାହିଁ। କୌଣସି ଦାତବ୍ୟ ସଂସ୍ଥାକୁ ଦାନ କିମ୍ବା ସହାୟତା ବାବଦରେ ସମସ୍ତଙ୍କୁ ଜଣାଇବା ପାଇଁ ତାଙ୍କ ଉପରେ ଚାପ ପକାଯାଉଥିବା ତମନ୍ନା କହିଛନ୍ତି। ଏବେ ତମନ୍ନାଙ୍କ ହାତରେ ୫ଟି ଫିଲ୍ମ ରହିଛି। ସେଥିରୁ ୪ଟି ତେଲୁଗୁ ଓ ଗୋଟିଏ ବଲିଉଡ୍ ଚଳଚ୍ଚିତ୍ର ରହିଛି।

# ରୋଗ ପ୍ରତିରୋଧ ଶକ୍ତି ବଢ଼ାଏ ସାରୁ

**ନୂଆଦିଲ୍ଲୀ:** ସାରୁ ଖାଇଲେ ଶରୀରର ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି ପାଇଥାଏ। ଡାଏଟିସିଆନଙ୍କ ମତରେ ସାରୁରେ ଥିବା ପୋଷକ ତତ୍ତ୍ୱ ଇମ୍ୟୁନୋ ସିଷ୍ଟମକୁ ଅଧିକ ମଜଭୁତ କରିଥାଏ। ଏଥିରେ ଗ୍ଲାଇକୋସାଇଡ୍‌ସ ନାମକ ଏକ ପ୍ରକାର ତତ୍ତ୍ୱ ରହିଛି, ଯାହା ଇମ୍ୟୁନିଟି ବଢାଇବାରେ ସାହାଯ୍ୟ କରେ। ସାରୁରେ କ୍ୟାଲସିୟମ, ପୋଟାସିୟମ, ଫାଇବର, ଭିଟାମିନ୍-ଇ, କାର୍ବୋହାଇଡ୍ରେଟ୍, ମ୍ୟାଗ୍ନେସିୟମ, ଭିଟାମିନ୍-ଏ ଓ ଭିଟାମିନ୍-ସି ଭଳି ତତ୍ତ୍ୱ ରହିଛି। ଏଥିରେ ଫାଇବରର ମାତ୍ରା ଅଧିକ ଥିବାରୁ ବିଳମ୍ବରେ ହଜମ ହୋଇଥାଏ।



ତେଣୁ ବିଳମ୍ବରେ ଭୋକ ହୋଇଥାଏ। ଏଥିରେ ଆଣ୍ଟି ଇନଫ୍ଲାମେଟୋରି ଗୁଣ ମଧ୍ୟ ରହିଛି। ତେଣୁ ସାରୁ ଏବଂ ଏହାର ପତ୍ରକୁ ବିଭିନ୍ନ ପ୍ରକାରରେ ବ୍ୟବହାର କରି ଅନେକ ସମସ୍ୟାରୁ ମୁକ୍ତି ମିଳିପାରିବ। ମାତ୍ର ଖାଦ୍ୟରେ ଏହାର ଅତ୍ୟଧିକ ବ୍ୟବହାର ଶରୀର ପାଇଁ କ୍ଷତିକାରକ ହୋଇପାରେ।

# ସଂକ୍ରମଣ ରୋକିବାକୁ ସିସିଟିଭି

**ଲକ୍ଷ୍ନୌ:** କରୋନା ସଂକ୍ରମଣ ରୋକିବାରେ ସହାୟକ ହୋଇଛି ସିସିଟିଭି କ୍ୟାମେରା। ଏଭଳି ଅଭିନବ ବ୍ୟବସ୍ଥା ଉତ୍ତରପ୍ରଦେଶ ଗାଜିଆବାଦର ରଜାପୁର ବ୍ଲକରେ ଥିବା ଅଟୋର ଗାଁରେ କରାଯାଇଛି। ସଂକ୍ରମଣ ରୋକିବା ନିମନ୍ତେ ଗାଁର ବିଭିନ୍ନ ସ୍ଥାନରେ ଲାଗିଛି ୨୫ଟି ସିସିଟିଭି କ୍ୟାମେରା। ଏହା ମାଧ୍ୟମରେ ପଞ୍ଚାୟତ ଅଫିସ ଏବଂ ଗାଁର ମୁଖିଆଙ୍କ କାର୍ଯ୍ୟାଳୟରେ ସିସିଟିଭିର ସ୍କ୍ରିନ୍ ଲଗାଯାଇଛି। ଏହି ସ୍କ୍ରିନରେ ପଞ୍ଚାୟତ ଅଫିସରେ ବସି ଗାଁର ସବୁ ଅଞ୍ଚଳ ଉପରେ ନଜର ରଖି ହେବ। କୌଣସି ସ୍ଥାନରେ କେହି ବୁଲୁଥିବାର ଦେଖିବାକୁ ମିଳନ୍ତି ତେବେ କାର୍ଯ୍ୟାଳୟରୁ ହିଁ ଗାଁର ବିଭିନ୍ନ ସ୍ଥାନରେ ଲାଗିଥିବା ମାଇକ୍ ମାଧ୍ୟମରେ ସଚେତନ କରିହେବ। ଗାଁ ମୁଖିଆ ମାଇକ୍ ଯୋଗେ ସମ୍ପୃକ୍ତ ବ୍ୟକ୍ତିଙ୍କୁ ନିଜ ଘରକୁ ଯିବା ପାଇଁ ନିର୍ଦ୍ଦେଶ ଦେଉଛନ୍ତି। ଯଦି ଗାଁରେ କୌଣସି ବାହାର ବ୍ୟକ୍ତିଙ୍କୁ ଦେଖିବାକୁ ମିଳିଥାଏ ତେବେ ତୁରନ୍ତ ତାଙ୍କୁ ଗାଁ ବାହାରକୁ ଯିବା ପାଇଁ ମାଇକରେ କୁହାଯାଇଥାଏ। ଏହାବାଦ୍ ବ୍ୟାପକମାତ୍ରାରେ ଚାରା ରୋପଣ କରି ଗାଁକୁ ସବୁଜ ସୁନ୍ଦର ରଖିବା ସହ କରୋନାଠାରୁ ଦୂରେଇ ରହିବା ନିମନ୍ତେ ଲୋକେ ଏକାଠି ଉଦ୍ୟମ ଚଳାଇଛନ୍ତି।




# CLASSIFIED DISPLAY

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

ଖର୍ଚ୍ଚ ଋଣ ମଞ୍ଜୁର ହେବା ପରେ
Registration No.3367
Balaji Finance Ltd.
1941ଠାରୁ ଆପଣଙ୍କ ସେବାରେ
ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ
BPL, ଇଟାଭାଟି, କୁକୁଡ଼ାପାଳନ
ଏବଂ ସବୁ ଋଣ ମାତ୍ର 24 ଘଣ୍ଟାରେ
ଘରେ ବସି ପାଆନ୍ତୁ।
2% ସୁଧ 40% ଛାଡ଼
(ଠକମାନଙ୍କ ପ୍ରତି ସାବଧାନ)
ଠକାମିର ଶିକାର ବ୍ୟକ୍ତି ନିଶ୍ଚୟ କଲ୍ କରନ୍ତୁ
8004740343

ଆଡଭାନ୍ସ ନେଉନୁ, ଧୋକା ଦେଉନୁ
ହିନ୍ଦୁସ୍ଥାନ ଫାଇନାନ୍ସ
ଆଧାରକାର୍ଡ, ଗ୍ରୁପ୍
ମାର୍କଶିଟ୍, ପ୍ରପର୍ଟି,
ପର୍ସନାଲ, ଏଗ୍ରିକଲ୍ଚର୍,
ସବୁ ଋଣ ମାତ୍ର 24 ଘଣ୍ଟାରେ
ସୁଧ 2% ଛାଡ଼ 50%
ଠକାମିର ଶିକାର ବ୍ୟକ୍ତି ନିଶ୍ଚୟ ଯୋଗାଯୋଗ କରନ୍ତୁ
08765087341
09473641974
Sasane Nagar, Pune

BIKASHA FINANCE
BIKASHA FINANCE
ସମସ୍ତ ପ୍ରକାର LOAN
ଯୋଗାଇ ଦେଉଛି। ମାର୍କଶିଟ,
ପର୍ସନାଲ, ସମ୍ପତ୍ତି, ଗୃହ,
ବ୍ୟବସାୟ, କୃଷି, ଶିକ୍ଷା,
କୁକୁଡ଼ା ଓ ଗୋପାଳନ ଇତ୍ୟାଦି
ସମସ୍ତ ପ୍ରକାର LOAN
ଘରେ ବସି ପାଆନ୍ତୁ।
ସୁଧ = 2%
Mob.: 8280503279
7656825022
Retamunda, Bhatigaon, Baragarh


**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

# କେମିତି ରହିବ ଆଜିର ପାଗ

**ରାଜ୍ୟ-** ଆଗାମୀ ୨୪ ଘଣ୍ଟା ମଧ୍ୟରେ କୋରାପୁଟ, ନବରଙ୍ଗପୁର, ମାଲକାନଗିରି, ନୂଆପଡ଼ା, କଳାହାଣ୍ଡି, ରାୟଗଡ଼ା, ଗଜପତି, ଗଞ୍ଜାମ, କନ୍ଧମାଳ ଜିଲାର କେତେକ ସ୍ଥାନରେ ସାମାନ୍ୟରୁ ମଧ୍ୟମ ଧରଣର ବର୍ଷା କିମ୍ବା ଘଡ଼ଘଡ଼ି ସହ ବର୍ଷା ହୋଇପାରେ।

**ସ୍ଥାନୀୟ ଅଞ୍ଚଳ-** ଭୁବନେଶ୍ୱର ଓ ଆଖପାଖ ଅଞ୍ଚଳରେ ଆକାଶ ଆଂଶିକ ମେଘୁଆ ରହିବା ସହ କେତେକ ସ୍ଥାନରେ ସାମାନ୍ୟରୁ ମଧ୍ୟମ ଧରଣର ବର୍ଷା ହୋଇପାରେ। ମଙ୍ଗଳବାର ଦିନର ସର୍ବାଧିକ ତାପମାତ୍ରା ୩୭ ଡିଗ୍ରୀ ସେଲ୍‌ସିୟସ୍ ଏବଂ ସର୍ବନିମ୍ନ ତାପମାତ୍ରା ୨୯ ଡିଗ୍ରୀ ସେଲ୍‌ସିୟସ ରହିବ ବୋଲି ପୂର୍ବାନୁମାନ କରାଯାଇଛି। ସୋମବାର ରାଜ୍ୟର ବିଭିନ୍ନ ସ୍ଥାନରେ ରେକର୍ଡ କରାଯାଇଥିବା ତାପମାତ୍ରା ପାର୍ଶ୍ୱରେ ଦିଆଗଲା।



ସୋମବାର ଅପରାହ୍ନ ୫ଟାରେ ମହାକାଶରୁ ନିଆଯାଇଥିବା ପାଣିପାଗ ଚିତ୍ର।

| ସ୍ଥାନ | ସର୍ବୋଚ୍ଚ ତାପମାତ୍ରା | ସର୍ବନିମ୍ନ ତାପମାତ୍ରା |
|---|---|---|
| ବାଲେଶ୍ୱର | ୩୫.୨ | ୨୬.୭ |
| ଚାନ୍ଦବାଲି | ୩୬.୪ | ୨୭.୩ |
| କଟକ | ୩୬.୫ | ୨୮.୦ |
| ପାରାଦୀପ | ୩୨.୬ | ୨୯.୪ |
| ଭୁବନେଶ୍ୱର | ୩୭.୧ | ୨୯.୦ |
| ଗୋପାଳପୁର | ୩୩.୩ | ୨୯.୩ |
| ପୁରୀ | ୩୪.୦ | ୨୯.୬ |
| ଅନୁଗୋଳ | ୩୮.୭ | ୨୮.୦ |
| ବାରିପଦା | ୩୫.୦ | ୨୩.୪ |
| ଝାରସୁଗୁଡ଼ା | ୩୯.୪ | ୨୬.୮ |
| କେନ୍ଦୁଝର | ୩୫.୮ | ୨୬.୦ |
| ସମ୍ବଲପୁର | ୪୦.୪ | ୨୮.୦ |
| ସୁନ୍ଦରଗଡ଼ | ୩୬.୦ | ୨୪.୦ |
| ହୀରାକୁଦ | ୩୯.୪ | ୨୬.୮ |
| ତାଳଚେର | ୩୯.୫ | ୨୭.୪ |
| ଭବାନୀପାଟଣା | ୪୧.୦ | ୨୬.୫ |
| ବଲାଙ୍ଗୀର | ୪୦.୪ | – |
| କୋରାପୁଟ | ୩୬.୦ | ୨୪.୪ |
| ଫୁଲବାଣୀ | ୩୮.୫ | ୨୩.୦ |
| ଟିଟିଲାଗଡ଼ | ୪୧.୨ | ୨୭.୩ |
| ମାଲକାନଗିରି | ୪୦.୫ | ୨୬.୫ |
| ସୋନପୁର | ୪୧.୦ | ୨୬.୪ |
| ଦାରିଙ୍ଗିବାଡ଼ି | ୩୪.୦ | ୨୩.୦ |
| ନୟାଗଡ଼ | ୩୮.୨ | ୨୮.୦ |
| ବୌଦ୍ଧ | ୪୦.୦ | ୨୫.୦ |
| ଛତ୍ରପୁର | ୩୩.୮ | ୨୮.୪ |
| ପାରଳାଖେମୁଣ୍ଡି | ୩୬.୫ | ୨୬.୫ |
| ରାୟଗଡ଼ା | ୩୯.୫ | – |

ଡିଗ୍ରୀ ସେଲ୍‌ସିୟସ୍


# ମନେ ପଡ଼ନ୍ତି

ଶ୍ରଦ୍ଧାଞ୍ଜଳି



ସ୍ୱ ବିଦ୍ୟୁତଲତା ବହିଦାର
ସ୍ୱାମୀ: ସ୍ୱ ଦୁର୍ଗା ପ୍ରସାଦ ବହିଦାର
ଝାଡୁଆପଡ଼ା, ସମ୍ବଲପୁର
୧୯୧୯ - ୨୦୧୪
ସପ୍ତମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ, ତୁମର ଅମର ଆତ୍ମାର ସଦ୍‌ଗତି ପାଇଁ ଈଶ୍ୱରଙ୍କୁ ପ୍ରାର୍ଥନା କରୁଅଛୁ।
ପରିବାରବର୍ଗ ଓ ବନ୍ଧୁସ୍ୱଜନ
ଧ-୫୯୯୩

ଏକାଦଶାହ ଉପଲକ୍ଷେ



ସ୍ୱ ନିକୁଞ୍ଜ ବିହାରୀ ଦାଶ
ସା: ତୁଳାପଡ଼ା, ନର୍ଲା, ଜିଲ୍ଲା: କଳାହାଣ୍ଡି
ଆବିର୍ଭାବ: ଭାଦ୍ରବ ପୂର୍ଣ୍ଣମୀ ଇଂ ତା୨୯।୦୧।୧୯୫୧
ତିରୋଧାନ: ବୈଶାଖ ଶୁକ୍ଳ ଏକାଦଶୀ ଇଂ ତା୨୨।୦୫।୨୧
ତୁମର ଅତୁଳନୀୟ, ଅନାବିଳ ସ୍ନେହ, ଶ୍ରଦ୍ଧା, ଭଲପାଇବା ଆମ୍ଭମାନଙ୍କ ପାଇଁ ଅଭୁଲା ସ୍ମୃତି। ଜଗତର ନାଥ ଶ୍ରୀଜଗନ୍ନାଥଙ୍କ ଅପାର କରୁଣାରେ ତୁମ ମହାନ୍ ଆତ୍ମା ପ୍ରଭୁ ପରମବ୍ରହ୍ମଙ୍କଠାରେ ଲୀନ ହେଉ । -:ପ୍ରାର୍ଥନା ସହ:- ଧର୍ମପତ୍ନୀ: ସୁବାସିନୀ, ମୌସୁମୀ, ବର୍ଷା, ଶ୍ରାବଣୀ ଆଦି କନ୍ୟା ସନ୍ତାନ, ପୁତ୍ର: ସତ୍ୟବ୍ରତ, ନାତୁଣୀ: ସିଦ୍ଧି, ଜାମାତା: ଆଲୋକ ଓ ଶୋକସନ୍ତପ୍ତ ବନ୍ଧୁ ଓ ପରିବାରବର୍ଗ ।
ଧ-୨୦୮୧୪

ଶ୍ରଦ୍ଧାଞ୍ଜଳି



ସ୍ୱ କୁମାରୀ ବନ୍ଦନା ମିଶ୍ର
ଆଦିମାତା କଲୋନୀ, ମିଶ୍ରନିବାସ, ଭୁବନେଶ୍ୱର-୧୭
ଆବିର୍ଭାବ: ୧୩।୦୫।୧୯୮୩
ତିରୋଧାନ: ୨୨।୦୫।୨୦୨୧
ମା, ଆମ୍ଭମାନଙ୍କୁ ଦେଖିବା ପାଇଁ ସୁଦୂର ବାଙ୍ଗାଲୋରରୁ ତୁ ଘରକୁ ଆସିଥିଲୁ। ହସ ଖୁସିରେ କିଛିଦିନ ବିତାଇଲୁ, କାଳର କରାଳ ଗତିରେ ବେଶିଦିନ ତିଷ୍ଠି ପାରିଲୁ ନାହିଁ। ଆମ୍ଭମାନଙ୍କୁ ଛାଡ଼ି ସବୁଦିନ ପାଇଁ ସଂସାରରୁ ବିଦାୟ ନେଲୁ । ଆଜି ଏକାଦଶାହ ତିଥିରେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ପାଖରେ ଏତିକି ପ୍ରାର୍ଥନା ଯେ ତୋ ଅମର ଆତ୍ମା ନିତ୍ୟ ସୁଖ ଓ ଶାନ୍ତିରେ ରହିଥାଉ। ଶୋକସନ୍ତପ୍ତ ପରିବାର ବୃନ୍ଦ: ତୋ ଆଦରର ନନା, ବୋଉ, ବଡ଼ ଭାଇନା: ଶ୍ରୀରାମ, ସାନ ଭାଇନା: ଶ୍ରୀକୃଷ୍ଣ, ନିବେଦିତା ଭାଉଜ, ଭିଣୋଇ: ଦୀପକ ମହାପାତ୍ର ଓ ବଡ଼ ଭଉଣୀ ନନ୍ଦିନୀ, ସାଇ, ଶ୍ରଦ୍ଧା, ବନ୍ଧୁ ବାନ୍ଧବ ଓ ଅନ୍ୟାନ୍ୟ ପରିବାରବର୍ଗ ।
ଧ-୭୦୭୦୮

ପ୍ରଥମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ



ସ୍ୱ ସାକ୍ଷୀଗୋପାଳ ଭଞ୍ଜ
ଆବିର୍ଭାବ: ୧୪।୧୦।୧୯୪୨
ତିରୋଧାନ: ୧୩।୦୫।୨୦୨୦
ଆପଣ ଛାଡ଼ି ଚାଲି ଯିବାର ବର୍ଷଟିଏ ବିତିଗଲା। ଆପଣଙ୍କର ସ୍ନେହ, ଶ୍ରଦ୍ଧା ଓ କର୍ତ୍ତବ୍ୟନିଷ୍ଠା ସଦା ସର୍ବଦା ମନେ ରହିବ। ପ୍ରଥମ ଶ୍ରାଦ୍ଧ ଦିବସରେ ବିନମ୍ର ଶ୍ରଦ୍ଧା ସୁମନ ଅର୍ପଣ କରୁଛୁ।
ଶୋକସନ୍ତପ୍ତ: ପରିବାରବର୍ଗ
ଧ-୨୦୮୧୫

ସୌନ୍ଦର୍ଯ୍ୟ

# ରହିବନି ଷ୍ଟ୍ରେଚ୍‌ମାର୍କ



ଅନେକ ମହିଳା ଶିଶୁ ଜନ୍ମ ପରେ ପେଟ ଏବଂ ଶରୀରର ଅନ୍ୟ କେତେକ ସ୍ଥାନରେ ହୋଇଥିବା ଷ୍ଟ୍ରେଚ୍‌ମାର୍କ କମ୍ କରିବାକୁ ନେଇ ବ୍ୟସ୍ତ ହୋଇପଡନ୍ତି। ହେଲେ ଏହା ଏକ ପ୍ରାକୃତିକ ପରିବର୍ତ୍ତନ ହୋଇଥିବାରୁ ଏଥିପାଇଁ ସମୟ ଲାଗିଥାଏ। ତଥାପି ଅପେକ୍ଷାକୃତ ଶୀଘ୍ର ଷ୍ଟ୍ରେଚ୍‌ମାର୍କ ଦୂରେଇବା ଲାଗି କେତୋଟି ଉପାୟ ଆପଣାଇ ପାରିବେ...

➤ ଷ୍ଟ୍ରେଚ୍‌ମାର୍କ କମ୍ କରିବା ଲାଗି ଶରୀରର ଜଳୀୟାଂଶ ଠିକ୍ ରହିବା ସବୁଠୁ ଗୁରୁତ୍ୱପୂର୍ଣ୍ଣ। ତେଣୁ ଦିନକୁ ଅତି କମ୍‌ରେ ୩-୪ ଲିଟର ପାଣି ପିଅନ୍ତୁ।

➤ଉଷୁମ ପାଣିରେ ଗାଧେଇବା ପରେ ଷ୍ଟ୍ରେଚ୍‌ମାର୍କ ହୋଇଥିବା ସ୍ଥାନରେ ଧୀରେ ଧୀରେ ପ୍ରାୟ ୨ ମିନିଟ୍ ପର୍ଯ୍ୟନ୍ତ ଅଏଲ୍ ମସାଜ କରିବା ଦ୍ୱାରା ତାହା ନରମ ହେବା ସହ ମାର୍କ ଦୂର ହେବାରେ ସାହାଯ୍ୟ କରିଥାଏ। ଏଥିପାଇଁ ବାୟୋ ଅଏଲ୍ କିମ୍ବା ନଡିଆ ତେଲ ସବୁଠୁ ଭଲ। ଆପଣ ଚାହିଁଲେ ଏଥିପାଇଁ ଅନ୍ୟ ମସାଜ ଅଏଲ୍ ମଧ୍ୟ ବ୍ୟବହାର କରିପାରିବେ।

➤ବର୍ତ୍ତମାନ ଷ୍ଟ୍ରେଚ୍‌ମାର୍କ ଦୂର କରିବା ଲାଗି ବିଭିନ୍ନ ପ୍ରକାର କ୍ରିମ୍ ମାର୍କେଟ୍‌ରେ ଉପଲବ୍ଧ। ଡାକ୍ତରଙ୍କ ପରାମର୍ଶକ୍ରମେ କୌଣସି ଏକ ଭଲ ସ୍ପେଶିଆଲାଇଜ୍‌ଡ କ୍ରିମ୍, ଷ୍ଟ୍ରେଚ୍‌ମାର୍କ ରିକୋଭରି ସିରମ, ବଡି ଫର୍ମିଙ୍ଗ୍ ଜେଲ୍ ଆଦି ସକାଳେ ଏବଂ ସଂଧ୍ୟାରେ ଲଗାନ୍ତୁ ଉପକୃତ ହେବେ। ଏସବୁ କେମିକାଲ୍ ଫ୍ରି ହୋଇଥିଲେ ଭଲ।

➤ଲେମ୍ବୁରେ ଥିବା ପ୍ରାକୃତିକ ଏସିଡ୍ ଷ୍ଟ୍ରେଚ୍ ମାର୍କ ଦୂର କରିବାରେ ସାହାଯ୍ୟ କରିଥାଏ। ଏଥିପାଇଁ ଏକ କଟନ ସାହାଯ୍ୟରେ ଲେମ୍ବୁ ରସ ନେଇ ଷ୍ଟ୍ରେଚ୍‌ମାର୍କ ଥିବା ସ୍ଥାନରେ ଲଗାଇ ଦଶ ମିନିଟ୍ ପର୍ଯ୍ୟନ୍ତ ରଖିବା ପରେ ନଖ ଉଷୁମ ପାଣିରେ ଗାଧୋଇ ପଡନ୍ତୁ।

➤ଆଲୋଭେରାରୁ ଜେଲ୍ ବାହାର କରି ଷ୍ଟ୍ରେଚ୍‌ମାର୍କ ହୋଇଥିବା ସ୍ଥାନ ଉପରେ ଧୀରେ ଧୀରେ ଘଷନ୍ତୁ। ୧୫ମିନିଟ୍ ରଖିବା ପରେ ଅଳ୍ପ ଉଷୁମ ପାଣିରେ ଧୋଇଦିଅନ୍ତୁ।

➤ଶୀଘ୍ର ସ୍କିନ୍ ରିପେୟାର୍ କରିବାରେ ଏକ୍ସରସାଇଜ୍ ବେଶ୍ ସାହାଯ୍ୟ କରିଥାଏ। ଯାହା ଗର୍ଭଧାରଣ ଯୋଗୁ ଫୁଲିଯାଇଥିବା ଏବଂ ଷ୍ଟ୍ରେଚ୍‌ମାର୍କ ହୋଇଥିବା ସ୍ଥାନକୁ ଧୀରେ ଧୀରେ ରିପେୟାର୍ କରି ପୂର୍ବ ଭଳି ସୁନ୍ଦର କରିଥାଏ।



# ପିଲାଙ୍କ ସାଥୀ ଇଣ୍ଟରନେଟ୍

ପୁଣି ବଢ଼ିଲା ଲକ୍‌ଡାଉନ୍। ନା ସ୍କୁଲ୍ ନା କଲେଜ୍, ନା ସମ୍ଭବ ହେଉଛି ବାହାରେ ଖେଳିବା ବୁଲିବା। ଏମିତିରେ ଇଣ୍ଟରନେଟ୍ ପାଲଟିଯାଇଛି ପିଲାମାନଙ୍କ ସାଥୀ। ହେଲେ ଅପରପକ୍ଷେ ଏହାର ଅଧିକ ବ୍ୟବହାର ପିଲାଙ୍କ ସ୍ୱାସ୍ଥ୍ୟ ଉପରେ ପକାଉଛି ନକାରାତ୍ମକ ପ୍ରଭାବ। ତେଣୁ ଏ ସମୟରେ ପିଲାମାନେ କିପରି ସ୍ୱାସ୍ଥ୍ୟ ସୁରକ୍ଷା ଦୃଷ୍ଟିରୁ କମ୍ ଇଣ୍ଟରନେଟ୍ ବ୍ୟବହାର କରି ଅଧିକ ଉପକୃତ ହେବେ ସେ ଦିଗରେ ଅଭିଭାବକମାନେ ସଚେତନ ହେବା ଆବଶ୍ୟକ...

ଦୀର୍ଘଦିନ ଧରି କରୋନା ସଂକ୍ରମଣ ଭୟରେ ପିଲାମାନେ ଘରେ ରହୁଛନ୍ତି। ତେଣୁ ଅଭିଭାବକମାନେ ପିଲାଙ୍କୁ ଇଣ୍ଟରନେଟ୍ ଜରିଆରେ ଅନ୍‌ଲାଇନ୍ କ୍ଲାସ୍ କରିବା, ଦୁନିଆ ବିଷୟରେ ଅପ୍‌ଡେଟ୍ ହେବା ସହ ପଢ଼ାଠାରୁ ଆରମ୍ଭ କରି କିଛି ନୂଆ ଶିଖିବା, ଖେଳିବା ଏବଂ ମନୋରଞ୍ଜନ କରିବା ଆଳରେ ଯୋଗାଇ ଦେଉଛନ୍ତି ମୋବାଇଲ୍, କମ୍ପ୍ୟୁଟର ଆଦି ଭଳି ଇଲେକ୍ଟ୍ରୋନିକ୍ ଗ୍ୟାଜେଟ୍। ହେଲେ ଏହା ଅପରପକ୍ଷେ ପିଲାଙ୍କଠାରେ ବିଭିନ୍ନ ସ୍ୱାସ୍ଥ୍ୟ ସମସ୍ୟା ଉପୁଜାଉଛି। ତେଣୁ ପିଲା ଇଣ୍ଟରନେଟ୍ ବ୍ୟବହାର କରୁଥିଲେ ସ୍ୱାସ୍ଥ୍ୟ ସୁରକ୍ଷା ଦୃଷ୍ଟିରୁ ଅଭିଭାବକମାନେ କେତୋଟି ଦିଗ ପ୍ରତି ଧ୍ୟାନଦେବା ଆବଶ୍ୟକ...

- ପିଲା ଯେପରି ଦୀର୍ଘ ସମୟ ଗୋଟିଏ ସ୍ଥାନରେ ବସି ରହି ଇଣ୍ଟରନେଟ୍ ନ ଦେଖେ କିମ୍ବା ଭିଡିଓ ଗେମ୍ ନ ଖେଳେ ସେଥିପ୍ରତି ଧ୍ୟାନ ଦିଅନ୍ତୁ। କାରଣ ଏହା ଦ୍ୱାରା କାନ୍ଧ, ଆଣ୍ଠୁ, ଅଣ୍ଟା ଓ ପିଠି ଜାକିହୋଇ ରହୁଥିବାରୁ ପିଲାବେଳୁ ଗଣ୍ଠି ଯନ୍ତ୍ରଣା ଦେଖାଦେଉଛି। ତା'ଛଡା ଶାରୀରିକ ପରିଶ୍ରମ ନ ହେବା ଏବଂ ଖେଳିବା ବେଳେ ଖାଇବା ଦ୍ୱାରା ମେଦବହୁଳତା ଦେଖାଦେଉଛି।
- ଅଧିକ ସମୟ ଇ-ଗ୍ୟାଜେଟ୍ ବ୍ୟବହାର ଯୋଗୁ ଅନେକେ ଖାଦ୍ୟପେୟ ସାଙ୍ଗକୁ ଶୋଇବାରେ ଅବହେଳା କରୁଛନ୍ତି। ଯାହାଫଳରେ ସେମାନଙ୍କଠାରେ ଚିଡିଚିଡା ଲାଗିବା, ଅବସାଦ, ଅଳସୁଆ ଲାଗିବା, କାର୍ଯ୍ୟ କୁଶଳତା ହ୍ରାସ, ଗ୍ୟାସ୍, ବଦହଜମୀ, ହୃଦ୍ ସମସ୍ୟା, ଆଖିତଳ କଳା ପଡିବା, ତ୍ୱଚାରେ କୁଞ୍ଚନ, ମଧୁମେହ, ମେଦବହୁଳତା, ସ୍ମରଣଶକ୍ତି, ଦୃଷ୍ଟିଶକ୍ତି ହ୍ରାସ ହେବା ଭଳି ବିଭିନ୍ନ ସମସ୍ୟା ସହିତ କେତେକ ଅସାଧ ରୋଗ ସୃଷ୍ଟି ହେଉଛି। ତେଣୁ ପିଲାଙ୍କୁ ଯଥା ସମୟରେ ଶୋଇବା ପ୍ରତି ଯତ୍ନଶୀଳ ହୁଅନ୍ତୁ।
- ବର୍ତ୍ତମାନ ଅଧିକାଂଶ ପିଲା ଏତେମାତ୍ରାରେ ଇଣ୍ଟରନେଟ୍ ବ୍ୟବହାର କରୁଛନ୍ତି ଯେ, ଅନେକେ ଇଣ୍ଟରନେଟ୍ ଆଡିକ୍ସନ ଡିସ୍‌ଅର୍ଡର ରୋଗର ଶିକାର ହେଉଛନ୍ତି । ହଠାତ୍ ସେମାନଙ୍କୁ ଏଥିରୁ ନିବୃତ୍ତ ରଖିଲେ ସେମାନଙ୍କଠାରେ ଚିଡିଚିଡା ହେବା, ବିନା କାରଣରେ ରାଗିବା କିମ୍ବା ଡିପ୍ରେସନ୍ ବା ଅବସାଦଗ୍ରସ୍ତ ହେବା ଭଳି ଲକ୍ଷଣ ଦେଖାଯାଉଛି। ତେଣୁ ଆରମ୍ଭରୁ ଏଥିପ୍ରତି ଦୃଷ୍ଟି ଦିଅନ୍ତୁ ଏବଂ ସେମାନଙ୍କ ଇଣ୍ଟରନେଟ୍ ବ୍ୟବହାର ଲାଗି ନିର୍ଦ୍ଦିଷ୍ଟ ସମୟ ଧାର୍ଯ୍ୟ କରନ୍ତୁ।
- ସର୍ବପ୍ରଥମେ ପିଲାମାନେ ଇଣ୍ଟରନେଟ୍‌ର କିଭଳି ବ୍ୟବହାର କରୁଛନ୍ତି ତଦାରଖ କରନ୍ତୁ। ପିଲା ଯଦି ଗେମ୍ ଖେଳୁଛି ତେବେ କେଉଁଭଳି ଭିଡିଓଗେମ୍ ଖେଳୁଛି ପ୍ରଥମେ ତାହା ଦେଖନ୍ତୁ। କାରଣ ଯେଉଁମାନେ ବାରମ୍ବାର ଫାଇଟିଂ, ରେସିଂ ଆଦି ଗେମ୍ ଖେଳୁଛନ୍ତି ସେମାନଙ୍କ ମାନସିକ ସ୍ତରରେ ଏହାର ନକାରାତ୍ମକ ପ୍ରଭାବ ପଡୁଛି। ଫଳସ୍ୱରୂପ ମନରେ କ୍ରୋଧ, ହିଂସା ଭଳି ଭାବନା ସୃଷ୍ଟି ହେଉଛି । ପିଲାର ସୁରକ୍ଷା ଦୃଷ୍ଟିରୁ ଏଥିପ୍ରତି ସଜାଗ ହୁଅନ୍ତୁ। କେବଳ ଏତିକି ନୁହେଁ ପିଲା ଖେଳୁଥିବା ଗେମ୍‌ର ରୁଲ୍ ଆଣ୍ଡ ରେଗୁଲେଶନ୍ ପଢିନିଅନ୍ତୁ। ଅଧିକାଂଶ ପିଲା ସ୍କୋର ବୋର୍ଡ ବଢାଇବା ଲାଗି ଅନ୍‌ଲାଇନ୍‌ରେ ହିଁ ପ୍ରତିଦ୍ୱନ୍ଦ୍ୱୀଙ୍କ ସହ କମ୍ପିଟିଶନ୍ କରିଥାନ୍ତି। ଯଦି ଆପଣଙ୍କ ପିଲା ବି ଏପରି କରୁଥାନ୍ତି ତେବେ ପ୍ରତିଦ୍ୱନ୍ଦ୍ୱୀଙ୍କ ସମ୍ପର୍କରେ ଜାଣିବାକୁ ଚେଷ୍ଟା କରନ୍ତୁ।









ଯଦି କୌଣସି ପ୍ରକାର ସନ୍ଦେହ ଉପୁଜୁଛି ତେବେ ପିଲାଙ୍କୁ ଯଥା ଶୀଘ୍ର ସେଥିରୁ ମୁକୁଳାନ୍ତୁ। ଆପଣ ଚାହିଁଲେ ପ୍ୟାରେଣ୍ଟିଙ୍ଗ୍ କଣ୍ଟ୍ରୋଲ ଜରିଆରେ ମଧ୍ୟ ଆପଣ ପିଲାଙ୍କ ଅନ୍‌ଲାଇନ୍ ଗେମ୍ ଖେଳିବାର ସମୟସୀମା କମାଇପାରିବେ।

- ମନୋରଞ୍ଜନ ହେଉ ଅବା ୱାର୍କ ଫ୍ରମ୍ ହୋମ୍ ଲାଗି ଦୀର୍ଘ ସମୟ ମୋବାଇଲ୍ ବିଶେଷ କରି କମ୍ପ୍ୟୁଟର ବ୍ୟବହାର କରିବା ଦ୍ୱାରା ଏହାର ନକାରାତ୍ମକ ପ୍ରଭାବ ଚକ୍ଷୁ ଉପରେ ପଡିଥାଏ। ଫଳରେ ଆଖି ଉପରେ ଚାପ ଲାଗିବା ସହ କ୍ଳାନ୍ତ ଲାଗିବା, ମୁଣ୍ଡ ବିନ୍ଧା ହେବା, ଝାପ୍‌ସା ଦେଖାଯିବା, ଆଖି ଶୁଖିଲା ହୋଇଯିବା ବା ଡ୍ରାଏ ଆଇଜ୍, ଡିପ୍ଲୋପିଆ ବା ଡବଲ୍ ଭିଜନ୍ (ଏକା ଥରକେ ଆଖି ଆଗରେ ଦୁଇଟି ଚିତ୍ର ଦେଖାଯିବା), ଆଖିକୁ ଆରାମ ନ ଲାଗିବା ବା କଷ୍ଟ ହୋଇ ପାଣି ବାହାରିବା ଭଳି ବିଭିନ୍ନ ସମସ୍ୟା ଦେଖା ଦେଇଥାଏ। ପିଲାଙ୍କଠାରେ ଲକ୍ଷଣ ଦେଖାଗଲେ ଡାକ୍ତରଙ୍କ ପରାମର୍ଶ ନିଅନ୍ତୁ। ଅନ୍ଧାର ବା ଅଳ୍ପ ଆଲୋକରେ ମୋବାଇଲ୍, କମ୍ପ୍ୟୁଟର ଆଦି ବ୍ୟବହାର ନ କରିବାକୁ ପରାମର୍ଶ ଦିଅନ୍ତୁ। କମ୍ପ୍ୟୁଟର୍, ଟେଲିଭିଜନ ଓ ସେଲ୍ ଫୋନ୍‌ର ବ୍ୟବହାର କରିବା ବେଳେ ସିଟିଂ ପୋଜିସନ୍ ଠିକ୍ ରହିବା ସହ ସେଲ୍‌ଫୋନ୍ ଓ ଇ-ବୁକ୍ ପାଇଁ ୩୦ ସେ.ମି. ଦୂରତ୍ୱ ଓ ଡେସ୍କଟପ୍ କମ୍ପ୍ୟୁଟର ପାଇଁ ୫୦-୧୦୦ ସେ.ମି. ଦୂରତ୍ୱ ରଖିବାକୁ କୁହନ୍ତୁ ।

**ଧ୍ୟାନ ଦିଅନ୍ତୁ...**

**ପିଲାଙ୍କ ରୁଚିକୁ ଗୁରୁତ୍ୱ ଦିଅନ୍ତୁ:** ଅନ୍‌ଲାଇନ୍ କ୍ଲାସ୍ ସରିବା ପରେ ଆପଣଙ୍କ ପିଲା ଇଣ୍ଟରନେଟ୍‌ରେ କ ' ଣ ଦେଖିବାକୁ ଭଲ ପାଉଛି ଜାଣନ୍ତୁ। ଯଦି ଆର୍ଟ ଏବଂ କ୍ରାଫ୍ଟ ଆଦି ଦେଖୁଛି ତେବେ ଇଣ୍ଟରନେଟ୍ ଦେଖି ନିଜେ କରିବାରେ ତାକୁ ପ୍ରୋତ୍ସାହନ ଦିଅନ୍ତୁ ଏବଂ ଏସବୁ କରିବାରେ ସାହାଯ୍ୟ କରନ୍ତୁ। ସେହିପରି ମ୍ୟୁଜିକ୍, ସଙ୍ଗ୍, ଡ୍ୟାନ୍ସ, ଆକ୍ଟିଙ୍ଗ୍ ଆଦିରେ ରୁଚିଥିଲେ ୟୁଟ୍ୟୁବ୍‌ରୁ ଦେଖି ଶିଖିବା ସହ ଅଭ୍ୟାସ କରିବାକୁ କୁହନ୍ତୁ। ଆପଣ ଚାହିଁଲେ ପିଲାଙ୍କୁ ଅଧିକ ଉତ୍ସାହିତ କରିବା ଲାଗି ଏସବୁର ଭିଡିଓ ମଧ୍ୟ କରିପାରିବେ ଏବଂ ୟୁଟ୍ୟୁବ୍ ଚ୍ୟାନେଲ ଖୋଲି ଅପ୍‌ଲୋଡ ମଧ୍ୟ କରିପାରିବେ। ଏହାଦ୍ୱାରା ଘରେ ଥିଲେ ସୁଦ୍ଧା ସେମାନଙ୍କ ପ୍ରତିଭାର ବିକାଶ ହୋଇପାରିବ। ତେବେ ଏ ସବୁ କାର୍ଯ୍ୟପାଇଁ ଏକ ସମୟ ସୀମା ନିର୍ଦ୍ଧାରଣ କରନ୍ତୁ।

**ପିଲାଙ୍କୁ ସମୟ ଦିଅନ୍ତୁ:** ପିଲାଙ୍କର ଦୈନିକ ଇଣ୍ଟରନେଟ୍ ଆବଶ୍ୟକତା ଯଥା ଅନ୍‌ଲାଇନ୍ କ୍ଲାସ୍ କିମ୍ବା କିଛି ଶିଖିବା ଆଦି ପରେ ଅଧିକ ସମୟ ବ୍ୟବହାର ନ କରିବା ଲାଗି ଅଭିଭାବକଙ୍କୁ ସମୟ ଦେବା ଆବଶ୍ୟକ। ପିଲାଙ୍କୁ ଛୋଟ ଛୋଟ ଘରୋଇ କାର୍ଯ୍ୟରେ ଲଗାଇବା, ସେମାନଙ୍କ ସହ ମଜାମସ୍ତି କରିବା, ଇନ୍‌ଡୋର ଗେମ୍ ଆଦି ଖେଳିବା ଦରକାର।

## କ'ଣ କରନ୍ତି ଏମାନେ...

### ଟାଇମ୍‌ପାସ୍‌ର ଏକ ଭଲ ବିକଳ୍ପ ସାଜିଛି

***କାବେରୀ ପଟ୍ଟନାୟକ****(ଶିକ୍ଷୟିତ୍ରୀ, ଫୁଲନଖରା, କଟକ)*- ଇଣ୍ଟରନେଟ୍ ସଭିଙ୍କ ପାଇଁ ଏକ ନିଶା। ବିଶେଷ କରି ୟୁଟ୍ୟୁବ୍‌ରେ ଆସୁଥିବା ବିଭିନ୍ନ ପ୍ରକାରର ଭିଡିଓ ଦେଖିଲେ ଯେ କେହି ବି ଏହାର ବଶବର୍ତ୍ତୀ ହୋଇପାରେ। ଏମିତିରେ ସ୍କୁଲ୍ ଯାଇ ନ ପାରୁଥିବାରୁ ପିଲାମାନଙ୍କ ପାଇଁ ଏବେ ଏହା ନା କେବଳ ଟାଇମ୍‌ପାସ୍‌ର ଏକ ଭଲ ବିକଳ୍ପ ସାଜିଛି ବରଂ ଏଥିରୁ ସେମାନେ ବହୁତ ନୂଆ ନୂଆ ଜିନିଷ ଶିଖିପାରୁଛନ୍ତି। ମୋ ଝିଅ ମଧ୍ୟ ଅନ୍‌ଲାଇନ୍ କ୍ଲାସ୍ ବ୍ୟତୀତ ଅନ୍ୟ ସମୟରେ ଇଣ୍ଟରନେଟ୍ ବ୍ୟବହାର କରେ। ଏଥିରୁ ନିଜ ରୁଚି ଥିବା ବିଭିନ୍ନ ଜିନିଷ ଶିଖିବା ହେଉ କିମ୍ବା ମୁଡ୍‌ଫ୍ରେଶ୍ ଲାଗି କିଛି ସମୟ ଗେମ୍ ଖେଳିବା ତଥା ଫନୀ ଭିଡିଓ ଦେଖିବାକୁ ସୁଯୋଗ ଦିଏ। ହେଲେ ଦୀର୍ଘ ସମୟ ଧରି ଯେପରି ଏହାକୁ ବ୍ୟବହାର ନ କରେ ସେଥିପ୍ରତି ସର୍ବଦା ଯତ୍ନଶୀଳ ଥାଏ।



କାବେରୀ

### ଅଭିଭାବକ ସଚେତନ ହେବା ଜରୁରୀ

***ନୀଳିମା ପାତ୍ର****(ଗୃହିଣୀ, ମହାବୀର ପଡ଼ା, ଭବାନୀପାଟଣା)*- ପ୍ରାୟ ଦେଢ ବର୍ଷ ହେବ ସ୍କୁଲ୍ ବନ୍ଦ ଥିବାରୁ ସବୁ ପିଲାଙ୍କୁ ଘରେ ରହିବାକୁ ପଡୁଛି। ତେଣୁ ବୋର୍ ନ ହେବା ଲାଗି ସେମାନେ ମୋବାଇଲ୍‌ରେ ଅଧିକ ସମୟ ବିତାଉଛନ୍ତି। ହେଲେ ଏହା ଯେପରି ସେମାନଙ୍କ ଆଡିକ୍ସନ ନ ପାଲଟେ କିମ୍ବା କୌଣସି ସ୍ୱାସ୍ଥ୍ୟ ସମସ୍ୟାର କାରଣ ସାଜେ ସେଥିପ୍ରତି ସର୍ବଦା ସଜାଗ ରହିଥାଏ। ଅନ୍‌ଲାଇନ୍ କ୍ଲାସ୍ ପରେ ଝିଅକୁ ୟୁଟ୍ୟୁବ୍‌ରୁ ପେଣ୍ଟିଂ ଶିଖିବା ଲାଗି କିଛି ସମୟ ମୋବାଇଲ୍ ଦେଇଥାଏ। ଏହା ବ୍ୟତୀତ ଅନ୍ୟ ସମୟରେ ପିଲାଙ୍କୁ ଛୋଟ ଛୋଟ ଘର କାମ କରିବାକୁ ଉତ୍ସାହିତ କରେ। ସମୟ ବାହାର କରି ସେମାନଙ୍କ ସହ ବିଭିନ୍ନ ଇନ୍‌ଡୋର୍ ଗେମ୍ ମଧ୍ୟ ଖେଳେ। ମୋ ମତରେ ଅଭିଭାବକ ସଚେତନ ହେଲେ ପିଲାମାନେ ଇଣ୍ଟରନେଟ୍‌ର ସଦୁପଯୋଗ କରିପାରିବେ ସେଥିରେ ସନ୍ଦେହ ନାହିଁ।



ନୀଳିମା

# ଘରୁ ଦୂରାନ୍ତୁ ମଶା

ଘରେ ମଶା ହେଲେ ଅଧିକାଂଶ ମଶା ମରା କଏଲ୍, ଲିକ୍ୱିଡ୍, ହିଟ୍ ଆଦିର ସାହାଯ୍ୟ ନିଅନ୍ତି । କିନ୍ତୁ ଏସବୁରୁ ନିର୍ଗତ ବିଷାକ୍ତ ଧୂଆଁ ସ୍ୱାସ୍ଥ୍ୟୋପକାରୀ ନୁହେଁ। ତେଣୁ ଆପଣ ଚାହିଁଲେ ଘରେ କେତୋଟି ଗଛ ରଖି ପାରିବେ ଯାହାକି ମଶା ଦୂର କରିବାରେ ସାହାଯ୍ୟ କରିବ...

**ତୁଳସୀ ଗଛ:** ଘରେ ଘରେ ପୂଜା ପାଉଥିବା ତୁଳସୀ ଗଛରେ ଭରି ରହିଛି ଅନେକ ଔଷଧୀୟ ଗୁଣ। ତେବେ ଏହାର ଆଉ ଏକ ଉପକାରୀ ଗୁଣ ହେଉଛି, ଏଥିରୁ ନିର୍ଗତ ସୁଗନ୍ଧରେ ମଶା ଦୂର ହୋଇଥାଏ। ତେଣୁ ଆପଣ ନିଜ ବାଲକୋନୀ କିମ୍ବା ଘର ବାହାରେ ତୁଳସୀ ଗଛ ଲଗାନ୍ତୁ।

**ଲେମନ୍ ଗ୍ରାସ୍:** ଏହା ଏକ ଲେମ୍ବୁ ସୁଗନ୍ଧଯୁକ୍ତ ବାରମାସୀ ଘାସ। ଯାହାର ମନମୋହକ ସୁଗନ୍ଧ ମୁଡ୍‌ଫ୍ରେସ୍ ରଖିବା ସହ ଅବସାଦ ମୁକ୍ତ ରଖିବାରେ ସାହାଯ୍ୟ କରେ। ଅପରପକ୍ଷେ ଏହାର ବାସ୍ନା ମଶା ଦୂର କରିବାରେ ବେଶ୍ କାମରେ ଆସିଥାଏ। ତେଣୁ ଆପଣ ନିଜ ବାଲ୍‌କୋନୀ କିମ୍ବା ଡ୍ରଇଂ ରୁମ୍‌ରେ କୁଣ୍ଡରେ ଲେମନ୍‌ଗ୍ରାସ୍ ରଖିପାରିବେ।

**ରସୁଣ ଗଛ:** ରସୁଣର ଗନ୍ଧ ମଶାଙ୍କୁ ଆଦୌ ଭଲ ଲାଗି ନ ଥାଏ। ତେଣୁ ବାଲକୋନୀ କିମ୍ବା ଘରେ ରସୁଣ ଗଛ ରଖନ୍ତୁ ନିଶ୍ଚେ ଉପକୃତ ହେବେ।

**ଗେଣ୍ଡୁ ଫୁଲ:** ଯଦିଓ ଏହି ଫୁଲ ଶୀତଦିନେ ବେଶି ଫୁଟିଥାଏ ତଥାପି ପୂଜା ହେଉ ଅବା ସାଜସଜ୍ଜା ଲାଗି ବର୍ଷ ସାରା ଏହା ମିଳିଥାଏ। ତେଣୁ ଆପଣ ଫୁଲକୁଣ୍ଡରେ ଗେଣ୍ଡୁଫୁଲ ଗଛ ଲଗାଇ ବାଲ୍‌କୋନୀ କିମ୍ବା ଡ୍ରଇଂରୁମରେ ରଖିଲେ ଘର ସୁନ୍ଦର ଲାଗିବା ସହ ଏଥିରୁ ବାହାରୁ ଥିବା ବାସ୍ନାରେ ମଶା ଆସି ନ ଥାନ୍ତି।



ଖାଦ୍ୟ ରୁଚି

# ବଟର ଚିକେନ୍

**ଆବଶ୍ୟକ ସାମଗ୍ରୀ:** ୨ ଟେବ୍‌ଲସ୍ପୁନ୍ ତେଲ, ୧ ଟେବଲ୍‌ସ୍ପୁନ୍ ବଟର, ଛୋଟ ଛୋଟ କଟା ହୋଇଥିବା ଗୋଟିଏ ପିଆଜ, ୧ ଟି ସ୍ପୁନ୍ ଅଦା ଛେଚା କିମ୍ବା ବଟା, ୨-୩ କୋଳା ରସୁଣ ଛେଚା କିମ୍ବା ବଟା, ୫୦୦ଗ୍ରାମ ବୋନ୍‌ଲେସ୍ ଚିକେନ୍, ୨୦୦ ଗ୍ରାମ୍ ଟମାଟୋ ପେଷ୍ଟ କିମ୍ବା ସସ୍, ୧ ଟେବ୍‌ଲ ସ୍ପୁନ୍ ଗରମ ମସଲା, ୧ ଟିସ୍ପୁନ୍ ଲଙ୍କା ଗୁଣ୍ଡ, ୧ ଟିସ୍ପୁନ୍ ଲେଖାଏଁ ଜିରା, ମେଥି, ଲୁଣ, ୧/୪ ଟିସ୍ପୁନ୍ ଗୋଲମରିଚ, ୧ କପ୍ କ୍ରିମ୍।

**ପ୍ରସ୍ତୁତି ପ୍ରଣାଳୀ:** ଚୁଲାରେ ଏକ ପ୍ୟାନ୍ ଗରମ କରି ସେଥିରେ ତେଲ ଓ ବଟର ପକାନ୍ତୁ। ଏହା ଗରମ ହୋଇଗଲେ ଛୋଟ ଛୋଟ କଟା ହୋଇଥିବା ପିଆଜ ପକାଇ ୨ ମିନିଟ୍ ଭାଜନ୍ତୁ। ସେଥିରେ ରସୁଣ, ଅଦା ପକାଇ ଆଉ କିଛି ସମୟ ଭାଜନ୍ତୁ। ବର୍ତ୍ତମାନ ଚିକେନ୍, ଟମାଟୋ ସସ୍ ଏବଂ ଅନ୍ୟ ମସଲାଗୁଡିକୁ ପକାଇ ଭଲ ଭାବେ ମିଶାନ୍ତୁ ଯେପରି ସବୁକିଛି ଭଲ ଭାବେ ଭାଜି ହେବ। ବର୍ତ୍ତମାନ କ୍ରିମ୍ ଢାଳି ଭଲଭାବେ ଗୋଳାଇ ଘୋଡାଇ ଦିଅନ୍ତୁ ଏବଂ ଚୁଲାକୁ ସିମ୍ କରି ୮-୧୦ ମିନିଟ୍ ପର୍ଯ୍ୟନ୍ତ ଛାଡନ୍ତୁ। ମଝିରେ ମଝିରେ ଗୋଳାଇବାକୁ ଭୁଲନ୍ତୁ ନାହିଁ ନଚେତ୍ ମସଲା ତଳେ ଲାଗି ଜଳିଯିବ। ବର୍ତ୍ତମାନ ପ୍ରସ୍ତୁତ ହୋଇଗଲା ବଟର ଚିକେନ। ଏହାକୁ ଗରମାଗରମ ସର୍ଭ କରନ୍ତୁ।



ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୨ Press Regd. No. ORIORI/2005/14846 Postal Regd. No. BN/42/21-23. Edition Phone (06762) 224254, (06764) 237556 ଢେଙ୍କାନାଳ, ମଙ୍ଗଳବାର, ଜୁନ୍ ୧/୨୦୨୧ Dhenkanal, Tuesday, June 1/ 2021

# ସିତ୍‌ସିପାସ, ଫେଡରର ବିଜୟୀ


ଫ୍ରେଞ୍ଚ୍ ଓପନ ଗ୍ରାଣ୍ଡସ୍ଲାମ ଟେନିସ ପୁରୁଷ ସିଙ୍ଗଲ୍ସ ପ୍ରଥମ ରାଉଣ୍ଡ ଅବସରରେ ରିଟର୍ନ ଶଟ୍ ଖେଳୁଛନ୍ତି ଗ୍ରୀସ୍‌ର ଷ୍ଟିଫାନୋସ ସିତ୍‌ସିପାସ।

**ପ୍ୟାରିସ, ୩୧।୫**

ଫ୍ରେଞ୍ଚ୍ ଓପନ ଗ୍ରାଣ୍ଡସ୍ଲାମ ଟେନିସ ଟୁର୍ନାମେଣ୍ଟର ସୋମବାର ଅନୁଷ୍ଠିତ ଦ୍ୱିତୀୟ ଦିବସରେ ଷ୍ଟିଫାନୋସ ସିତ୍‌ସିପାସ, ରୋଜର ଫେଡରର, ଡାନିଲ ମେଡ୍‌ଭେଡେଭ୍ ପ୍ରମୁଖ ବିଜୟ ସହ ଅଭିଯାନ ଆରମ୍ଭ କରିଛନ୍ତି। ସିତ୍‌ସିପାସ ପ୍ରଥମ ରାଉଣ୍ଡରେ ଜେରେମି ଚାର୍ଡିଙ୍କୁ ୭-୬(୮/୬), ୬-୩, ୬-୧ ସେଟ୍‌ରେ ପରାସ୍ତ କରିଛନ୍ତି। ସେହିପରି ଫେଡରର ୬-୨, ୬-୪, ୬-୩ ସେଟ୍‌ରେ ଡେନିସ ଇସ୍ତୋମିନ୍‌ଙ୍କୁ ହରାଇ ସହଜ ବିଜୟ ହାସଲ କରିଛନ୍ତି। ମେଡଭେଡେଭ ୬-୩, ୬-୩, ୭-୫ ସେଟ୍‌ରେ ଆଲେକଜାଣ୍ଡର ବୁବ୍‌ଲିକ୍‌ଙ୍କୁ ଏବଂ ସିନେର ୬-୧, ୪-୬, ୬-୭(୪/୭), ୭-୫, ୬-୪ ସେଟ୍‌ରେ ପିଏରେ ହ୍ୟୁଗ୍ସ ହର୍ବର୍ଟଙ୍କୁ ହରାଇ ଦେଇଛନ୍ତି। ଅନ୍ୟ ମ୍ୟାଚଗୁଡ଼ିକ ମଧ୍ୟରେ ଜନ୍ ଇସନେର ୭-୬(୭/୨), ୬-୩, ୬-୪ ସେଟ୍‌ରେ ସାମ୍ କ୍ୱେରି, ଷ୍ଟିଭ୍ ଜନସନ ୬-୭(୫/୭), ୩-୬, ୬-୪, ୬-୨, ୬-୧ ସେଟ୍‌ରେ ଫ୍ରାନ୍ସେସ ଟିଆଫୋଙ୍କୁ ହରାଇ ଦ୍ୱିତୀୟ ରାଉଣ୍ଡରେ ପ୍ରବେଶ କରିଛନ୍ତି। ଜିଆନଲୁକା ମାଗେର ୬-୨, ୩-୬, ୬-୪, ୭-୫ ସେଟ୍‌ରେ ପିଟର ଗୋଜୋଜିକ୍, ଫିଲିପ୍ କ୍ରାଜିନୋଭିକ୍ ୬-୪, ୬-୧, ୭-୬(୭/୩) ସେଟ୍‌ରେ ମାକ୍ସିମିଲାନ ମାର୍ଟେରେର, ଥିଆଗୋ ମୋଣ୍ଟେଇରୋ ୬-୩, ୬-୪, ୬-୩ ସେଟ୍‌ରେ ଫ୍ରାନ୍ସିସ୍କୋ ସେରୁନଡୋଲୋ, ଫେଡେରିକୋ ଡେଲବୋନିସ ୬-୧, ୨-୬, ୬-୦, ୬-୧ ସେଟ୍‌ରେ ରାଡୁ ଆଲବଟ୍‌ଙ୍କୁ ହରାଇ ଦ୍ୱିତୀୟ ରାଉଣ୍ଡରେ ପହଞ୍ଚିଛନ୍ତି। କାମେରନ ନୋରି ୭-୫, ୭-୬ (୭/୫), ୬-୨ରେ ବିଜର୍ନ ଫ୍ରାଟାଙ୍ଗେଲୋଙ୍କୁ ହରାଇଥିବାବେଳେ ରିଲେ ଓପେଲ୍‌କା ୬-୩, ୬-୨, ୬-୪ ସେଟ୍‌ରେ ଆନ୍ଦ୍ରେଜ ମାର୍ଟିନଙ୍କୁ ପରାସ୍ତ କରିଛନ୍ତି।


ମହିଳା ସିଙ୍ଗଲ୍ସ ପ୍ରଥମ ରାଉଣ୍ଡ ବିଜୟୀ ଇଗା ସ୍ୱିଟେକ।

### ସ୍ୱିଟେକ୍, କିଜ୍ ଆଗେଇଲେ

ମହିଳା ସିଙ୍ଗଲ୍ସରେ ଇଗା ସ୍ୱିଟେକ, ମାଡିସନ୍ କିଜ୍ ପ୍ରମୁଖ ବିଜୟ ହାସଲ କରିଛନ୍ତି। ସ୍ୱିଟେକ ୬-୦, ୭-୫ ସେଟ୍‌ରେ କାଜା ଜୁଭାନଙ୍କୁ ଏବଂ କିଜ୍ ୬-୩, ୩-୬, ୬-୧ ସେଟ୍‌ରେ ଓସିଆନେ ଡୋଡିନଙ୍କୁ ହରାଇ ଦେଇଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ମାର୍କେଟା ଭୋଣ୍ଡ୍ରୋଉସୋଭା ୪-୬, ୬-୩, ୬-୦, ରିବେକା ପିଟରସନ ୬-୭(୩/୭), ୭-୬ (୧୦/୮), ୬-୨ ସେଟ୍‌ରେ ଶେଲ୍‌ବି ରୋଜର୍ସ, ହାରମୋନି ଟାନ୍ ୬-୪, ୬-୪ ସେଟ୍‌ରେ ଆଲିଜେ କୋର୍ନେଟ, ପୋଲୋନା ହେରକଗ

**ଫ୍ରେଞ୍ଚ୍ ଓପନ ଟେନିସ**

୬-୧, ୩-୬, ୬-୪ ସେଟ୍‌ରେ କିକି ବେର୍ଟେନ୍ସ, ମାଡିସନ ବ୍ରେଙ୍ଗଲେ ୭-୫, ୬-୪ ସେଟ୍‌ରେ ମାରିଆ କାମିଲା ଓସୋରିଓ ସେରାନୋ, ହିଲି ବାପ୍‌ଟିଷ୍ଟେ ୬-୧, ୬-୪ ସେଟ୍‌ରେ ଆନା ବ୍ଲିଙ୍କୋଭା ଏବଂ ଜାରିନା ଡିୟାସ ୬-୪, ୭-୫ ସେଟ୍‌ରେ ହିଥର ୱାଟସନଙ୍କୁ ହରାଇ ଦ୍ୱିତୀୟ ରାଉଣ୍ଡରେ ପ୍ରବେଶ କରିଛନ୍ତି। ସେହିପରି ଟାମାରା ଜିଡାନସ୍କ ୬-୭(୧/୭), ୭-୬(୭/୨), ୯-୭ ସେଟ୍‌ରେ ବାଏଙ୍କା ଆନ୍ଦ୍ରେସ୍କୁ ଏବଂ ଏଲିସେ ମେର୍ଟେନ୍ସ ୬-୪, ୬-୧ ସେଟ୍‌ରେ ଷ୍ଟର୍ମ ସାଣ୍ଡସଙ୍କୁ ହରାଇଛନ୍ତି।

## ଦିୟା-ସ୍ୱସ୍ତିକା ରନର୍ସଅପ୍

**ନୂଆଦିଲ୍ଲୀ, ୩୧।୫ (ପି.ଟି.)**

ଟ୍ୟୁନିସିଆର ଟ୍ୟୁନିସ୍‌ଠାରେ ଚାଲିଥିବା ଡବ୍ଲ୍ୟୁଟିଟି ୟୁଥ୍ ଷ୍ଟାର କଣ୍ଟେଣ୍ଡର ଟେବୁଲ ଟେନିସ ଟୁର୍ନାମେଣ୍ଟରେ ଭାରତର ଯୁବ ଟେବୁଲ ଟେନିସ ଖେଳାଳି ଦିୟା ଚିତାଲେ ଓ ସ୍ୱସ୍ତିକା ଘୋଷ ପ୍ରଭାବୀ ପ୍ରଦର୍ଶନ ସହ ରନର୍ସ ଅପ୍ ହୋଇଛନ୍ତି। ୧୯ ବର୍ଷରୁ କମ୍ ବାଳିକା ବିଭାଗରେ ଏହି ଯୋଡ଼ି ରୁଷିଆର ନାଟାଲିଆ ମାଲିନିନା ଓ ଏଲିଜାବେଥ୍ ଆବ୍ରାମିଆନଙ୍କଠାରୁ ୩-୧୧, ୬-୧୧, ୭-୧୧ରେ ପରାଜିତ ହୋଇଛନ୍ତି। ଭାରତୀୟ ଯୋଡ଼ି ପୂର୍ବରୁ ସେମିଫାଇନାଲରେ ଚେକ୍ ରିପବ୍ଲିକର ଲିଣ୍ଡା ଜାଡେରୋଭା ଓ କ୍ରୋଏସିଆର ହାନା ଆରାପୋଭିକ୍‌ଙ୍କୁ ହରାଇ ଫାଇନାଲରେ ପ୍ରବେଶ କରିଥିଲେ। ଦିୟା ଓ ସ୍ୱସ୍ତିକା ୧୯ ବର୍ଷରୁ କମ୍ ସିଙ୍ଗଲ୍ସରେ ମଧ୍ୟ ଭଲ ପ୍ରଦର୍ଶନ କରିଥିଲେ। ଉଭୟ ସେମିଫାଇନାଲରେ ସମାନ ୨-୩ରେ ପରାଜିତ ହୋଇ ସେମାନଙ୍କ ଅଭିଯାନ ଶେଷ କରିଥିଲେ। ଦିୟା ରୁଷିଆର ଭ୍ଲାଦା ଭୋରୋନିନାଙ୍କୁ କଡ଼ା ଟକ୍କର ଦେଇଥିଲେ ଏବଂ ୮-୧୧, ୧୧-୭, ୧୧-୬, ୮-୧୧, ୭-୧୧ରେ ପରାଜିତ ହୋଇଥିଲେ। ବର୍ତ୍ତମାନର ଜାତୀୟ ଜୁନିୟର ଚାମ୍ପିୟନ ସ୍ୱସ୍ତିକା ତୁର୍କୀର ଇସି ହାରାକ୍‌ଙ୍କଠାରୁ ୧୧-୮, ୪-୧୧, ୧୧-୯, ୩-୧୧, ୬-୧୧ରେ ହାରିଯାଇଥିଲେ।

## ଓମ୍ ଆଦିତ୍ୟ ଚାମ୍ପିୟନ

**ଭୁବନେଶ୍ୱର, ୩୧।୫(କ୍ରୀଡ଼ା ପ୍ରତିନିଧି)**

ଏସ୍‌ଆର୍ ଚେସ୍ ସେଣ୍ଟର ଆନୁକୂଲ୍ୟରେ ଆୟୋଜିତ ୨୯ତମ ଅନ୍‌ଲାଇନ୍ ଚେସ୍‌ରେ ଓମ୍ ଆଦିତ୍ୟ ଖାଡଙ୍ଗା ଚାମ୍ପିୟନ ହୋଇଛନ୍ତି। ୬

**ଏସ୍‌ଆର୍ ଅନ୍‌ଲାଇନ୍ ଚେସ୍**

ରାଉଣ୍ଡ ବିଶିଷ୍ଟ ପ୍ରତିଯୋଗିତାରେ ମଦର୍ସ ପବ୍ଲିକ୍ ସ୍କୁଲ୍‌ର ଓମ୍ ଆଦିତ୍ୟ ୫.୫ ପଏଣ୍ଟ ପାଇ ପ୍ରଥମସ୍ଥାନ ଅଧିକାର କରିଛନ୍ତି। ରବୀନ୍ଦ୍ର କୁମାର ଓଝା ଓ ପି. ସାଇରୂପା ୪.୫ ପଏଣ୍ଟ ଲେଖାଏ ପାଇ ଯଥାକ୍ରମେ ଦ୍ୱିତୀୟ ଓ


ଓମ୍ ଆଦିତ୍ୟ ଖାଡଙ୍ଗା।

ତୃତୀୟ ସ୍ଥାନ ଅଧିକାର କରିଛନ୍ତି। ଏହା ବ୍ୟତୀତ ବିଭିନ୍ନ ବୟସ ବର୍ଗରେ ଶ୍ରେଷ୍ଠ ପ୍ରଦର୍ଶନ କରି ପ୍ରତୀକ ଚୌରାସିଆ, ଆରିନ ଅନ୍ୱେଷ ସ୍ୱାଇଁ, ଜ୍ୟୋତ୍ସ୍ନଭ ତାଲୁକଦାର, ଗୌରବ ମହାନ୍ତି, ସିଦ୍ଧାର୍ଥ ମିଶ୍ର, ସାଇ ସମ୍ବିଦା ମହାନ୍ତି, ଆଦିତ୍ୟ ବିକ୍ରମ ମିଶ୍ର, ଦେବପ୍ରିତ ମିଶ୍ର, ସୂର୍ଯ୍ୟାଂଶୁ ମହାକୁଡ଼, ଅଭିଷେକ ଦାଶ, ସାଇ ଶ୍ରୀହନ, ଅଦିତି ମହାରଣା ପ୍ରମୁଖ ପୁରସ୍କୃତ ହୋଇଛନ୍ତି। ଏସ୍‌ଆର୍ ଚେସ୍ ସେଣ୍ଟରର ସମ୍ପାଦକ ସତ୍ୟରଞ୍ଜନ ପଟ୍ଟନାୟକ, ଡାକ୍ତର ମାନସ ରଞ୍ଜନ ମିଶ୍ର ଓ କୋଚ୍ ସତ୍ୟଜିତ ପଟ୍ଟନାୟକଙ୍କ ତତ୍ତ୍ୱାବଧାନରେ ଏହି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା।

## ଶାକିବ, ମୁସ୍ତାଫିଜୁରଙ୍କୁ ଏନ୍‌ଓସି ମିଳିବନି

**ଢାକା, ୩୧।୫ (ପି.ଟି.):** ଇଣ୍ଡିଆନ ପ୍ରିମିୟର ଲିଗ୍‌ର ଅବଶିଷ୍ଟଭାଗ ଖେଳିବାପାଇଁ ବାଂଲାଦେଶର ତାରକା ଖେଳାଳି ଶାକିବ ଅଲ୍ ହାସନ ଓ ମୁସ୍ତାଫିଜୁର ରହମନଙ୍କୁ ଏନ୍‌ଓସି (ନୋ ଅବ୍‌ଜେକ୍ସନ ସାର୍ଟିଫିକେଟ) ମିଳିବନାହିଁ। ବାଂଲାଦେଶ କ୍ରିକେଟ ବୋର୍ଡ ସଭାପତି ନଜମୁଲ ହାସନ ସୋମବାର ଏହା ସ୍ପଷ୍ଟ କରିଛନ୍ତି। ଶାକିବ କୋଲକାତା ନାଇଟ ରାଇଡର୍ସ ଏବଂ ମୁସ୍ତାଫିଜୁର ରାଜସ୍ଥାନ ରୟାଲ୍ସ ପକ୍ଷରୁ ଖେଳିଥାନ୍ତେ। ଆଇପିଏଲର ଅବଶିଷ୍ଟ ୩୧ଟି ମ୍ୟାଚ ସେପ୍ଟେମ୍ବର ୧୯ରୁ ଅକ୍ଟୋବର ମଧ୍ୟଭାଗ ପର୍ଯ୍ୟନ୍ତ ଖେଳାଯିବା ସମ୍ଭାବନା ଅଛି। ଏହି ସମୟ ମଧ୍ୟରେ ବାଂଲାଦେଶ ୩ଟି ସୀମିତ ଓଭର ସିରିଜ ଅଷ୍ଟ୍ରେଲିଆ, ନ୍ୟୁଜିଲାଣ୍ଡ ଏବଂ ଇଂଲଣ୍ଡ ବିପକ୍ଷରେ ଖେଳିବାର ଅଛି।

## ଅମିତ ପଙ୍ଘାଲଙ୍କୁ ରୌପ୍ୟ ପଦକ

**ଦୁବାଇ, ୩୧।୫ (ପି.ଟି.)**

ଗତଥରର ଚାମ୍ପିୟନ ଅମିତ ପଙ୍ଘାଲ (୫୨କେଜି) ଚଳିତବର୍ଷର ଏସିଆନ ବକ୍ସିଂ ଚାମ୍ପିୟନଶିପ୍‌ରେ ଏକ ରୌପ୍ୟ ପଦକ ଲାଭ କରିଛନ୍ତି। ଏଠାରେ ସୋମବାର ଅନୁଷ୍ଠିତ ଫାଇନାଲରେ ସେ ଉଜ୍‌ବେକିସ୍ତାନର ଶାଖୋବିଦ୍ଦିନ ଜୋଇରୋଭଙ୍କୁ କଡ଼ା ଟକ୍କର ଦେଇଥିଲେ ହେଁ ପରାଜିତ ହୋଇଥିଲେ। ଭାରତୀୟ ବକ୍ସର ୨-୩ରେ ହାରିଯାଇଥିଲେ। ଏହା ୨୦୧୯ ବିଶ୍ୱ ଚାମ୍ପିୟନଶିପ୍ ଫାଇନାଲ ଫଳାଫଳର ପୁନରାବୃତ୍ତି ବୋଲି କୁହାଯାଉଛି। ଏହି ବାଉଟ୍‌ରେ ମଧ୍ୟ ଜୋଇରୋଭ ବିଜୟ ଲାଭ କରିଥିଲେ। ଅଲିମ୍ପିକ ଯୋଗ୍ୟତା ହାସଲ କରିସାରିଥିବା ଏହି ଦୁଇ ବକ୍ସର ଆରମ୍ଭରୁ ଆକ୍ରମଣାତ୍ମକ ରଣନୀତି ଆପଣେଇଥିଲେ। ଓପନିଂ ରାଉଣ୍ଡରେ ଜୋଇରୋଭ ବିଜୟୀ ହୋଇଥିଲେ। ପଙ୍ଘାଲ କିନ୍ତୁ ଦ୍ୱିତୀୟ ରାଉଣ୍ଡ ଜିତିଥିଲେ। ତୃତୀୟ ରାଉଣ୍ଡରେ ଆଖିରେ ଆଘାତପ୍ରାପ୍ତ ସତ୍ତ୍ୱେ ପଙ୍ଘାଲ ଭଲ ପ୍ରଦର୍ଶନ କରିଥିଲେ। କିନ୍ତୁ ଫାଇନାଲ ସ୍କୋର ଲାଇନ୍ ପାଇଁ ଏହା ଯଥେଷ୍ଟ ନ ଥିଲା।

ଅମିତ ପଙ୍ଘାଲଙ୍କ ପରାଜୟକୁ ଭାରତ ସହଜେ ନେଇ ନ ଥିଲା। ରିଭ୍ୟୁ ପାଇଁ ଆବେଦନ କରିଥିଲା। ଜୁରି କିନ୍ତୁ ଏହାକୁ ନାକଚ କରିଦେଇଥିଲେ। ସୂଚନାଯୋଗ୍ୟ, ଏହି ଟୁର୍ନାମେଣ୍ଟରେ ପୂର୍ବରୁ ପ୍ରତିଦ୍ୱନ୍ଦ୍ୱୀ ଟପ୍ ସିଡ୍ କାଜାଖ ଦିନା ଝୋଲାମନ ଫଳାଫଳକୁ ଚ୍ୟାଲେଞ୍ଜ କରିବା ଦ୍ୱାରା ଭାରତୀୟ ବକ୍ସର ସାକ୍ଷୀ ଚୌଧାରୀ (୫୪କେଜି) ଫାଇନାଲକୁ ଉନ୍ନୀତ ହେବାରୁ ବଞ୍ଚିତ ହୋଇଥିଲେ। ପଙ୍ଘାଲଙ୍କ ରୌପ୍ୟ ଯୋଗୁ ଭାରତର ମୋଟ ପଦକ ସଂଖ୍ୟା ୧୫କୁ ବୃଦ୍ଧି ପାଇଛି। ଚାମ୍ପିୟନଶିପ୍‌ରେ ଏପର୍ଯ୍ୟନ୍ତ ଭାରତର ଏହା ଥିଲା ଶ୍ରେଷ୍ଠ ପ୍ରଦର୍ଶନ। ଏହା ପୂର୍ବରୁ ୨୦୧୯ରେ ଭାରତ ୨ ସ୍ୱର୍ଣ୍ଣ ସହ ୧୩ ପଦକ ଲାଭ କରିଥିଲା। ସୋମବାର ପୂଜା ରାଣୀ (୭୫କେଜି) ଏକମାତ୍ର ମହିଳା ବକ୍ସର ଭାବେ ସ୍ୱର୍ଣ୍ଣ ଜିତିଥିଲେ। ଅନ୍ୟପକ୍ଷରେ ୬ଥର ବିଶ୍ୱ ଚାମ୍ପିୟନ ଏମ୍‌ସି ମେରୀକମ୍ (୫୧କେଜି) ଏବଂ ଟୁର୍ନାମେଣ୍ଟରେ ପ୍ରଥମ ପଦାର୍ପଣରେ ଲାଲବୁଆତ୍‌ସାହି (୬୪କେଜି) ଓ ଅନୁପମା (୮୧+କେଜି) ସେମାନଙ୍କ ଫାଇନାଲ ହାରି ରୌପ୍ୟ ଜିତିଥିଲେ। ଅନ୍ୟ ୮ଜଣ ସେମିଫାଇନାଲରେ ପରାଜିତ ହୋଇ ବ୍ରୋଞ୍ଜ ଜିତିଥିଲେ।

## ଅଷ୍ଟ୍ରେଲିଆ ସଫ୍ଟବଲ୍ ଦଳ ଜାପାନ ଗଲା

**ସିଡ୍‌ନୀ, ୩୧।୫ (ଏପି)**

ଟୋକିଓ ଗେମ୍ସ ପାଇଁ ଅଷ୍ଟ୍ରେଲିଆର ଅଲିମ୍ପିକ ସଫ୍ଟବଲ ଦଳ ଆଗୁଆ ସୋମବାର ଜାପାନ ଯାତ୍ରା କରିଛି। ଦଳ ଟୋକିଓର ଉତ୍ତରାଞ୍ଚଳରେ ରହିଥିବା ଓଟା ସହରରେ ଏକ କ୍ୟାମ୍ପରେ ଯୋଗ ଦେବ। ଉଦ୍‌ଘାଟନୀ ଉତ୍ସବର ୨ଦିନ ପୂର୍ବରୁ ଅର୍ଥାତ ଜୁଲାଇ ୨୧ରେ ଆୟୋଜକ ଜାପାନ ବିପକ୍ଷରେ ଅଲିମ୍ପିକ ଓପନିଂ ଗେମ୍ ଖେଳିବା ପୂର୍ବରୁ ଦଳର ସଂଖ୍ୟା ୨୩ରୁ ୧୫କୁ ହ୍ରାସ କରାଯିବ। ବର୍ତ୍ତମାନର କରୋନା ମହାମାରୀ ସ୍ଥିତିକୁ ନେଇ ଅଲିମ୍ପିକକୁ ପୁଣି

**ଟୋକିଓ ଅଲିମ୍ପିକ୍ସ**

ଆହୁରି କିଛିଦିନ ଘୁଞ୍ଚାଇ ଦିଆଯାଉ ବୋଲି ଅଧିକାଂଶ ଜାପାନୀ ମତ ବ୍ୟକ୍ତ କରିଥିବାବେଳେ ସଫ୍ଟ ବଲ ଦଳ ସେଠାରେ ପହଞ୍ଚିବା ଦ୍ୱାରା ଆୟୋଜକଙ୍କ ଉପରେ ଚାପର ଭାର ବୃଦ୍ଧି ପାଇବ। ବିଦେଶୀ ଖେଳପ୍ରେମୀଙ୍କୁ ବାରଣ କରାଯାଇଥିବାରୁ ବିନା ଦର୍ଶକରେ ଗେମ୍ସ ଆୟୋଜନ ଅଧିକ ସମ୍ଭାବନା ଦେଖାଦେଇଛି। କରୋନା ସଂକ୍ରମିତଙ୍କ ସଂଖ୍ୟା ବୃଦ୍ଧି ପାଉଥିବାରୁ ଇତିମଧ୍ୟରେ ଟୋକିଓ, ଓସାକା ଓ ଅନ୍ୟ କେତେକ ସହରରେ ଜରୁରିକାଳୀନ ପରିସ୍ଥିତି ଅବଧିକୁ ବୃଦ୍ଧି କରାଯାଇଛି।

## ଆଇପିଏଲ୍‌ରେ ଦର୍ଶକ ଅନୁମତି ସମ୍ଭାବନା

**ନୂଆଦିଲ୍ଲୀ, ୩୧।୫**

ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍)ର ଅବଶିଷ୍ଟାଂଶ ଆୟୋଜନ ପାଇଁ ପ୍ରକ୍ରିୟା ଆରମ୍ଭ ହୋଇ ଯାଇଛି। ବିଭିନ୍ନ ପ୍ରସଙ୍ଗରେ ଆଲୋଚନା ଲାଗି ଏକ ବିସିସିଆଇ ଅଧିକାରୀ ଦଳ ସୋମବାର ଦୁବାଇରେ ପହଞ୍ଚିଥିବା ଜଣାଯାଇଛି। ବିଧିବଦ୍ଧଭାବେ ଘୋଷଣା କରାଯାଇ ନ ଥିଲେ ହେଁ ଆଗାମୀ ଆଇପିଏଲ୍‌ରେ ଦର୍ଶକଙ୍କୁ ଅନୁମତି ମିଳିବା ସମ୍ଭାବନା ରହିଛି। କୌଣସି ସ୍ପୋର୍ଟିଂ

**ଦୁବାଇରେ ବିସିସିଆଇ ଅଧିକାରୀ**

ଇଭେଣ୍ଟରେ ଦର୍ଶକଙ୍କୁ ଅନୁମତି ସମ୍ପର୍କିତ ୟୁଏଇ ସରକାରଙ୍କ ପଲିସି ଅନୁସାରେ ସମ୍ପୂର୍ଣ୍ଣ ଟିକା ନେଇ ସାରିଥିବା କ୍ରିକେଟପ୍ରେମୀ ଷ୍ଟାଡିୟମରେ ଆଇପିଏଲ୍ ଦେଖିବା ସୁଯୋଗ ପାଇପାରନ୍ତି। ୟୁଏଇ ଜନସଂଖ୍ୟାର ଅଧିକାଂଶ ଭାଗ ଟିକା ନେଇ ସାରିଛନ୍ତି। ସ୍ଥାନୀୟ ସରକାରଙ୍କ ଏପରି ନିୟମ ପାଇଁ ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) କିମ୍ବା ଏମିରେଟ୍ସ କ୍ରିକେଟ ବୋର୍ଡ (ଇସିବି) ପାଇଁ ଦର୍ଶକଙ୍କୁ ନେଇ ଚିନ୍ତା କରିବାର ନାହିଁ। ଟିକା ନେଇ ସାରିଥିବା ବ୍ୟକ୍ତିଙ୍କୁ ଷ୍ଟାଡିୟମ କ୍ଷମତାର ୫୦ ପ୍ରତିଶତ ପାଇଁ ଅନୁମତି ମିଳିବ।

ୟୁଏଇ ସରକାର ଏବଂ ଇସିବି ସହିତ ଫ୍ରାଞ୍ଚାଇଜ୍ ସମ୍ପର୍କିତ




ଆଲୋଚନା ପାଇଁ ବିସିସିଆଇ ସମ୍ପାଦକ ଜୟ ଶାହା, କୋଷାଧ୍ୟକ୍ଷ ଅରୁଣ ସିଂ ଧୁମାଲ, ଉପସଭାପତି ରାଜୀବ ଶୁକ୍ଲା ଏବଂ ଯୁଗ୍ମ ସମ୍ପାଦକ ଜୟେଶ ଜର୍ଜ ଦୁବାଇ ଯାଇଛନ୍ତି। ଭାରତୀୟଙ୍କ ପାଇଁ ୟୁଏଇ ସରକାରଙ୍କ ଭ୍ରମଣ କଟକଣା ଯୋଗୁ ବିସିସିଆଇ ପ୍ରତିନିଧି ଦଳକୁ ସ୍ୱତନ୍ତ୍ର ଅନୁମତିର ଆବଶ୍ୟକତା ପଡ଼ିଥିଲା। ଇସିବି ଅଫିସିଆଲମାନେ ୟୁଏଇ ସରକାରଙ୍କ ସହ ଆଲୋଚନା କରି ଏପରି ବନ୍ଦୋବସ୍ତ କରିଥିବା ଜଣାଯାଇଛି। ସେଠାରେ ବିସିସିଆଇ ପ୍ରତିନିଧିମାନେ ଲିଗ୍‌ର ଅବଶିଷ୍ଟ ୩୧ ମ୍ୟାଚ ଆୟୋଜନକୁ ନେଇ ବିଭିନ୍ନ ଯୁକ୍ତିଯୁକ୍ତ ଏବଂ ପରିଚାଳନାଗତ ସମସ୍ୟା ସମ୍ପର୍କରେ ଆଲୋଚନା କରିବେ। ପ୍ରତିଯୋଗିତା ସେପ୍ଟେମ୍ବର ୧୯ରୁ ଅକ୍ଟୋବର ୧୦ ମଧ୍ୟରେ ଆୟୋଜନ ହେବା ଆଶା କରାଯାଉଛି। ଗତବର୍ଷ ସମ୍ପୂର୍ଣ୍ଣ ଆଇପିଏଲ୍ ଆୟୋଜନ ଅଭିଜ୍ଞତା ରଖିଥିବାରୁ ଇସିବି ପାଇଁ ୩୧ ମ୍ୟାଚ ଆୟୋଜନ ବିଶେଷ କଷ୍ଟକର ହେବନାହିଁ। ପାଖାପାଖି ୧୦୦ ଦିନ ବାକିଥିବାରୁ ଲିଗ୍ ଆୟୋଜନ ବ୍ୟବସ୍ଥା କରିବା ମଧ୍ୟ ସହଜ ହେବ।

## ଅଷ୍ଟ୍ରେଲିଆ ଖେଳାଳିଙ୍କ ସମ୍ପର୍କରେ ନିଷ୍ପତ୍ତି ହୋଇନାହିଁ

**ମେଲବୋର୍ନ, ୩୧।୫(ପି.ଟି.)**

ଆଗାମୀ ସେପ୍ଟେମ୍ବରରେ ୟୁଏଇରେ ହେବାକୁଥିବା ଆଇପିଏଲରେ ଅଷ୍ଟ୍ରେଲିଆ ଖେଳାଳିମାନେ ଖେଳିବେ କି ନାହିଁ ସେ ସମ୍ପର୍କରେ ଆଲୋଚନା ହୋଇନାହିଁ। ସୋମବାର ଅଷ୍ଟ୍ରେଲିଆ କ୍ରିକେଟର ସ୍ଥାୟୀ ସିଇଓଭାବେ କାର୍ଯ୍ୟ ଆରମ୍ଭ କରିଥିବା ନିକ୍ ହକ୍‌ଲେ ଏହା ସ୍ପଷ୍ଟ କରିଛନ୍ତି। ହକ୍‌ଲେ ପୂର୍ବରୁ ଏକ ବର୍ଷ ପାଇଁ ଅନ୍ତରିଣ ସିଇଓ ଦାୟିତ୍ୱ ନିର୍ବାହ କରିଥିଲେ। ୨ ସପ୍ତାହ ହୋଟେଲ କ୍ୱାରାଣ୍ଟାଇନ୍ କଟାଇବାପରେ ଖେଳାଳିମାନେ ଏବେ ସେମାନଙ୍କ ପରିବାର ସହ ମିଶିବା ସୁଯୋଗ ପାଇଛନ୍ତି। ତେଣୁ ନିଷ୍ପତ୍ତି ନେବା ବିଳମ୍ବ ହେବ ବୋଲି ହକ୍‌ଲେ କହିଛନ୍ତି। ବାୟୋ-


ନିକ୍ ହକ୍‌ଲେ

ବବ୍‌ଲ ମଧ୍ୟରେ କରୋନା ସଂକ୍ରମଣ ଯୋଗୁ ମେ ୪ରେ ସ୍ଥଗିତ ରହିଥିବା ଆଇପିଏଲରେ ପାଖାପାଖି ୪୦ ଅଷ୍ଟ୍ରେଲୀୟ ଖେଳାଳି, କୋଚ୍, ଅଫିସିଆଲ ଏବଂ ଭାଷ୍ୟକାର ଅଂଶଗ୍ରହଣ କରିଥିଲେ। ଆମେ ପୁଣି ଏକତ୍ରିତ ହେବାପରେ ଏ ସମ୍ପର୍କରେ ଆଲୋଚନା କରିବୁ ବୋଲି ହକ୍‌ଲେ କହିଛନ୍ତି। ଅଷ୍ଟ୍ରେଲିଆର ୱେଷ୍ଟଇଣ୍ଡିଜ ଟୁର୍ ପୂର୍ବରୁ ବ୍ରିସବେନ୍‌ରେ ଖେଳାଳିମାନେ ଏକାଠି ହେବେ। ସେଠାରେ ଏ ପ୍ରସଙ୍ଗରେ ଆଲୋଚନା ହୋଇପାରେ ବୋଲି ସେ ସୂଚନା ଦେଇଛନ୍ତି। ଅଷ୍ଟ୍ରେଲିଆ ଦଳ ଜୁଲାଇରେ ୱେଷ୍ଟଇଣ୍ଡିଜ ଯିବ। ପରେ ସେଠାରୁ ସିଧା ବାଂଲାଦେଶ ଯାଇ ଦ୍ୱିପାକ୍ଷିକ ସିରିଜ ଖେଳିବ।




Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, S-3/5, Industrial Estate, Angul. Published at Kunjakanta, Dhenkanal, Editor- Tathagata Satpathy, ସମ୍ପାଦକ– ତଥାଗତ ସତପଥୀ